# ଇନ୍ଦ୍ରଧନୁ

## ଚତୁର୍ଥ ଶ୍ରେଣୀ

(କଳା ଶିକ୍ଷା)

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
## ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧୀକରଣ, ଭୁବନେଶ୍ୱର

https://withteachers.in/

# ଇନ୍ଦ୍ରଧନୁ

## ଚତୁର୍ଥ ଶ୍ରେଣୀ (କଳା ଶିକ୍ଷା)

### ପରୀକ୍ଷାମୂଳକ ସଂସ୍କରଣ - ୨୦୨୬


**ସମ୍ପାଦକ ମଣ୍ଡଳୀ**

ଡ. ପଞ୍ଚାନନ ସାମଲ
ଧ୍ରୁବଚରଣ ବିହାରୀ
କୁଶ ସାହୁ
ପ୍ରଜ୍ଞାସିନୀ ମହାପାତ୍ର
ସ୍ନେହାଞ୍ଜଳୀ ବେହେରା
ଭାଗିରଥି ମହାରଣା

**ସମୀକ୍ଷକ ମଣ୍ଡଳୀ**

ଡ. ପଞ୍ଚାନନ ସାମଲ
ଡ. ନିଳାଦ୍ରୀ କଲ୍ୟାଣ ଦାସ
ଡ. ଅଜିତ୍ କୁମାର ମୁନୀ
ଡ. ସସ୍ମିତା କାମିଲା
ଧ୍ରୁବଚରଣ ବିହାରୀ

**ସଂଯୋଜକ:**

ମାନସ ଚନ୍ଦ୍ର ରାଉତ

**ମୁଖ୍ୟ ସଂଯୋଜିକା**

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ**

ଡ. ଗୋପାଳ ପ୍ରସାଦ ମହାପାତ୍ର
ଡ. ନୀଳାଦ୍ରି କଲ୍ୟାଣ ଦାସ



**ପ୍ରକାଶକ** : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର
**ମୁଦ୍ରଣ ବର୍ଷ** : ୨୦୨୬
**ପ୍ରସ୍ତୁତି** : ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
**ଡି.ଟି.ପି. ଓ ଡ଼ିଜାଇନ୍:** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର
**ମୁଦ୍ରଣ** : ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର




https://withteachers.in/

# ପ୍ରସ୍ତାବନା

ଜାତୀୟ ଶିକ୍ଷନୀତି- ୨୦୨୦ ଅନୁସାରେ ବିଦ୍ୟାଳୟ ଶିକ୍ଷାର ମୌଳିକ ପର୍ଯ୍ୟାୟଟି ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶର ଭିତ୍ତି ସ୍ଥାପନ କରେ। ଏହା ସେମାନଙ୍କୁ ଭାରତୀୟ ଲୋକନୀତି ଏବଂ ସାମ୍ବିଧାନିକ ଢ଼ାଞ୍ଚାରେ ନିହିତ ଥିବା ଅମୂଲ୍ୟ ସଂସ୍କାରଗୁଡ଼ିକୁ ଗ୍ରହଣ କରିବାରେ ସାହାଯ୍ୟ କରେ ନାହିଁ ବରଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆହରଣ କରିବାରେ ସାହାଯ୍ୟ କରେ। ଏହି ମୂଳଦୁଆ ସେମାନଙ୍କୁ ଅଧିକ ଆହ୍ୱାନମୂଳକ ପ୍ରସ୍ତୁତି ପର୍ଯ୍ୟାୟକୁ ସହଜରେ ପ୍ରବେଶ କରିବାକୁ ସକ୍ଷମ କରେ।

ତୃତୀୟ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ପ୍ରସ୍ତୁତି ପର୍ଯ୍ୟାୟଟି, ମୌଳିକ ପର୍ଯ୍ୟାୟ ଓ ମଧ୍ୟମ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟକରେ। ଏହି ପର୍ଯ୍ୟାୟରେ ଦିଆଯାଉଥିବା ଶିକ୍ଷା, ମୌଳିକ ପର୍ଯ୍ୟାୟର ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଉପରେ ପର୍ଯ୍ୟବସିତ ଅଟେ। ଖେଳ ଅନୁସନ୍ଧାନ ଏବଂ କାର୍ଯ୍ୟକଳାପ ଆଧାରିତ ଶିକ୍ଷଣ ପ୍ରଣାଳୀ ଜାରି ରହିଥିବାବେଳେ ପିଲାମାନେ ପାଠ୍ୟ ପୁସ୍ତକ ଏବଂ ଆନୁଷ୍ଠାନିକ ଶ୍ରେଣୀଗୃହ ଶିକ୍ଷା ସହିତ ପରିଚିତ ହୁଅନ୍ତି । ଏହି ପରିଚୟଟି ଅଧିକ ଆନନ୍ଦିତ ହେବା ପାଇଁ ନୁହେଁ ବରଂ ପାଠ୍ୟକ୍ରମ କ୍ଷେତ୍ରରେ ଏକ ମୂଳଦୁଆ ସ୍ଥାପନ କରିବା, ପଢ଼ିବା, ଲେଖିବା, କହିବା, ଚିତ୍ରାଙ୍କନ, ଗୀତ ଏବଂ ଖେଳିବା ମାଧ୍ୟମରେ ସାମଗ୍ରିକ ଶିକ୍ଷା ଏବଂ ଆତ୍ମଅନୁସନ୍ଧାନକୁ ପ୍ରୋତ୍ସାହିତ କରିବ । ଏହି ସୁବିସ୍ତୃତ ଆଭିମୁଖ୍ୟ ଶାରୀରିକ ଶିକ୍ଷା, କଳା ଶିକ୍ଷା, ପରିବେଶ ଶିକ୍ଷା, ଭାଷା, ଗଣିତ, ସାଧାରଣ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ଶିକ୍ଷାକୁ ସୁଦୃଢ଼ କରେ । ଏହି ଆଭିମୁଖ୍ୟ ସୁନିଶ୍ଚିତ କରେ ଯେ ପିଲାମାନେ ଉଭୟ ଜ୍ଞାନାତ୍ମକ, ଶାରୀରିକ ଓ ଆବେଗାତ୍ମକ ରୂପେ ମଧ୍ୟମ ପର୍ଯ୍ୟାୟକୁ ସ୍ଥାନାନ୍ତରିତ ପାଇଁ ଦୃଢ଼ ଭାବରେ ପ୍ରସ୍ତୁତ ଅଛନ୍ତି।

ଚତୁର୍ଥ ଶ୍ରେଣୀର ଏହି ପାଠ୍ୟ ପୁସ୍ତକ "ଇନ୍ଦ୍ରଧନୁ" ଉପରୋକ୍ତ ଉଦ୍ଦେଶ୍ୟ ଆଧାରରେ ଯତ୍ନର ସହିତ ପ୍ରସ୍ତୁତ କରାଯାଇଛି ।

ଏହା ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ଢାଞ୍ଚା- ୨୦୨୩ର ସୁପାରିଶକୁ ପାଳନ କରିଛି। ଉକ୍ତ ପାଠ୍ୟକ୍ରମରେ ଏହି ବିକାଶ ମୂଳକ ପର୍ଯ୍ୟାୟପାଇଁ ଆବଶ୍ୟକ ଧାରଣାଗତ ବୋଧଗମ୍ୟତା, ଗଭୀର ଚିନ୍ତନ, ସୃଜନଶୀଳତା, ମୂଲ୍ୟବୋଧ ଏବଂ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ପାଠ୍ୟକ୍ରମରେ ଉପଯୁକ୍ତ ସୂଚନା ଓ ପ୍ରଯୁକ୍ତ ବିଦ୍ୟା (ICT) ଓ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣକୁ ନେଇ ବିଭିନ୍ନ ନିର୍ଭରଶୀଳ ଏବଂ ସମନ୍ୱିତ ବିଷୟବସ୍ତୁ ଯଥା- ବହୁଭାଷୀ ଶିକ୍ଷା, ଲିଙ୍ଗଗତ ସମାନତା, ସାଂସ୍କୃତିକ ମୌଳିକତା ଅନ୍ତର୍ଭୁକ୍ତ ହୋଇଛି। ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବା ଏବଂ ସହପାଠୀଙ୍କ ସହ ଦଳଗତ ଶିକ୍ଷଣକୁ ଉତ୍ସାହିତ କରିବା ପାଇଁ ଆକର୍ଷଣୀୟ ବିଷୟବସ୍ତୁ ଏବଂ କାର୍ଯ୍ୟକଳାପଗୁଡ଼ିକ ପରିକଳ୍ପନା କରାଯାଇଛି । ଏହା ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଗତ ଅଭିଜ୍ଞତାକୁ ସମୃଦ୍ଧ କରିଥାଏ ।

ବୋଧଗମ୍ୟତା, ଗଭୀର ଚିନ୍ତନ, ଯୁକ୍ତି ଏବଂ ନିଷ୍ପତ୍ତି ଗ୍ରହଣ ଉପରେ ପାଠ୍ୟପୁସ୍ତକର ଶିକ୍ଷଣ ଶିକ୍ଷାଦାନ ଗୁରୁତ୍ୱ ପ୍ରଦାନ କରିଛି । ଏହି ପର୍ଯ୍ୟାୟରେ ପିଲାମାନଙ୍କର ଅନ୍ତର୍ନିହିତ କୌତୁହଳ, ସେମାନଙ୍କର ପ୍ରଶ୍ନର ସମାଧାନ କରି ଏବଂ ମୂଳ ଶିକ୍ଷଣ ନୀତି ଉପରେ କାର୍ଯ୍ୟକଳାପଗୁଡ଼ିକୁ ପ୍ରସ୍ତୁତି କରି ସେଗୁଡ଼ିକର ଅଭିବୃଦ୍ଧି କରାଯିବା ଉଚିତ୍ । ଖେଳ ମାଧ୍ୟମରେ ଶିକ୍ଷା ପଦ୍ଧତି ଜାରି ରଖିବା ସହ ଶିକ୍ଷାଦାନ ପାଇଁ ବ୍ୟବହୃତ ଖେଳଣା ଏବଂ ଖେଳର ବୈଶିଷ୍ଟ୍ୟ କେବଳ ଆକର୍ଷଣ ପରିବର୍ତ୍ତେ ଅଂଶଗ୍ରହଣକୁ ଅଧିକ ଗୁରୁତ୍ୱ ଦେଇଛି ।

ଏହି ପାଠ୍ୟପୁସ୍ତକ ଅତ୍ୟନ୍ତ ମୂଲ୍ୟବାନ ହୋଇଥିବାବେଳେ ପିଲାମାନେ ମଧ୍ୟ ଏହି ବିଷୟର ଅତିରିକ୍ତ ଉତ୍ସଗୁଡ଼ିକ ଉପରେ ଅଧିକ ଅନୁସନ୍ଧାନ କରିବା ଉଚିତ୍ । ବିଦ୍ୟାଳୟ ପାଠାଗାର ଗୁଡ଼ିକ ସେମାନଙ୍କର ଏହି ବିସ୍ତାରିତ ଶିକ୍ଷଣକୁ ସହଜ କରିବା ଉଚିତ୍ ଏବଂ ପିତାମାତା ଓ ଶିକ୍ଷକମାନେ ସେମାନଙ୍କର ପ୍ରୟାସକୁ ସମର୍ଥନ କରିବା ଉଚିତ୍ ।



https://withteachers.in/

ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରେ ଓ ସେମାନଙ୍କୁ ଶିକ୍ଷଣ କ୍ଷେତ୍ରରେ ନିୟୋଜିତ ରଖେ ଏବଂ ସେମାନଙ୍କ ମନରେ କୌତୁହଳ ବଢ଼ାଇଥାଏ । ଏହା ଶିକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଆତ୍ମବିଶ୍ୱାସର ସହିତ ମୁଁ ପ୍ରସ୍ତୁତି ପର୍ଯ୍ୟାୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଏହି ପାଠ୍ୟ ପୁସ୍ତକଟି ପ୍ରଦାନ କରୁଛି । ଏହି ପାଠ୍ୟପୁସ୍ତକର ବିକାଶରେ ଜଡିତ ଥିବା ସମ୍ପାଦକ ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ଚିତ୍ରକର, ଡିଜାଇନର୍ ଓ ପ୍ରକାଶନ ସଂସ୍ଥାକୁ ମୁଁ କୃତଜ୍ଞତା ଜଣାଉଛି ଏବଂ ଏହି ପାଠ୍ୟପୁସ୍ତକର ଉନ୍ନତି ନିମନ୍ତେ ସମସ୍ତଙ୍କ ଠାରୁ ମତାମତ ଓ ପରାମର୍ଶ ଅପେକ୍ଷାରେ ରହୁଛି ।

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର



https://withteachers.in/

# ପୁସ୍ତକ ସମ୍ବନ୍ଧରେ...

ଆମେ ଏଠାରେ ପୁଣିଥରେ ଚତୁର୍ଥ ଶ୍ରେଣୀ ପାଇଁ କଳାଶିକ୍ଷା ପାଠ୍ୟପୁସ୍ତକ "ଇନ୍ଦ୍ରଧନୁ" ତୁମକୁ ହସ୍ତାନ୍ତର କରୁଛୁ । ତୁମେ ତୃତୀୟ ଶ୍ରେଣୀର କଳାଶିକ୍ଷା ପାଠ୍ୟପୁସ୍ତକ 'ଇନ୍ଦ୍ରଧନୁ'କୁ ଦେଖିଛ ଏବଂ ସେଥିରେ ଅନେକ କାର୍ଯ୍ୟକରି ଆନନ୍ଦ ଅନୁଭବ କରିବା ସହିତ ମଜା ମଧ୍ୟ କରିଅଛ । ଏହି ବର୍ଷ ମଧ୍ୟ ତୁମକୁ ଏହି ପାଠ୍ୟ ପୁସ୍ତକଟି ବିଭିନ୍ନ କଳାର ଦକ୍ଷତା, କାର୍ଯ୍ୟକଳାପ, ଚିତ୍ରାଙ୍କନ, ହସ୍ତଶିଳ୍ପ, ଗୀତ, ଅଭିନୟ, ନୃତ୍ୟ ମାଧ୍ୟମରେ ଅଧିକ ଆନନ୍ଦ ଦାୟକ ହେବ, ଯାହାକି ତୁମକୁ ବିଭିନ୍ନ କଳା ବିଭାଗରେ ଥିବା ଦକ୍ଷତାର ପରବର୍ତ୍ତୀ ସ୍ତରକୁ ନେଇଯିବ ।

ସାମ୍ପ୍ରତିକ ଜାତୀୟ ଶିକ୍ଷା ନୀତି (NEP-2020), (ନ୍ୟାସନାଲ୍ ଏଜୁକେଶନ୍ ପଲିସି) ଏବଂ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା- ୨ ୦ ୨ ୩ (NCF-SE-2023)ଏବଂ ବିଦ୍ୟାଳୟ ଶିକ୍ଷା ପାଇଁ ଓଡ଼ିଶା ପାଠ୍ୟକ୍ରମ ଢ଼ାଞ୍ଚା- ୨ ୦ ୨ ୫ (OCF-SE- 2025) କୁ ଆଧାର କରି ଏହି ପୁସ୍ତକଟିକୁ ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ଶିକ୍ଷାର୍ଥୀ ବୟସ ଓ ଶ୍ରେଣୀ ଉପଯୋଗୀ ସମସ୍ତ ପାଠ୍ୟକ୍ରମ ଲକ୍ଷ ଓ ଦକ୍ଷତାଗୁଡ଼ିକୁ ହାସଲ କରନ୍ତୁ ବୋଲି ଏହି ଦସ୍ତାବିଜ୍‌ଗୁଡ଼ିକ ଲକ୍ଷ୍ୟ ରଖିଛି । ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ସବୁକୁ ଆଧାର କରି ଏହି ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

କଳା ଶିକ୍ଷାକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏକ ବାଧ୍ୟତାମୂଳକ ବିଷୟ ରୂପେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା- ୨ ୦ ୨ ୩ (NCF-SE- 2023) ସୁପାରିଶ କରିଛି । ଏବଂ ବିଦ୍ୟାଳୟଗୁଡ଼ିକ ଏକ ଶିକ୍ଷା ବର୍ଷ ମଧ୍ୟରେ କଳା ଶିକ୍ଷାକୁ ଅନ୍ୟୁନ ୧ ୦ ୦ ଘଣ୍ଟା ଦେବାର ମଧ୍ୟ ପ୍ରସ୍ତାବ ଦେଇଛି । ଯେଉଁ କଳା ଶିକ୍ଷାର ଦୃଶ୍ୟକଳା, ସଙ୍ଗୀତ, ନାଟକ ଓ ନୃତ୍ୟ- ଏହିପରି ୪ଟି ବିଭାଗ ରହିଛି । ଇନ୍ଦ୍ରଧନୁ ପୁସ୍ତକଟି ଏହି ୪ଗୋଟି କଳା ବିଭାଗକୁ ନେଇ ବିଭିନ୍ନ ଅଧ୍ୟାୟରେ ପ୍ରସ୍ତୁତ ହୋଇଛି । ପ୍ରତ୍ୟେକ ଅଧ୍ୟାୟରେ ଅନେକ ଗୁଡ଼ିଏ କ୍ରିୟାକଳାପ ରହିଅଛି ଯାହାକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଆପଣଙ୍କ ସହଯୋଗରେ ସହଜରେ ସଂପାଦନ କରିପାରିବେ ।

**ତୁମେ ଜାଣିଛ କି ?**

ଏହି ପାଠ୍ୟପୁସ୍ତକ କଳା ଶିକ୍ଷାର ସମସ୍ତ ବିଭାଗ ଏବଂ କାର୍ଯ୍ୟକଳାପକୁ ପରିପୁଷ୍ଟ କରେ । ପଞ୍ଚତନ୍ତ୍ର କାହାଣୀର ଗୋଟିଏ ଠେକୁଆ ଏବଂ ସିଂହ ଗଳ୍ପ ବିଷୟରେ ତୁମେ ବୋଧହୁଏ ଜାଣିଥିବ । କାହାଣୀଗୁଡ଼ିକର ଚରିତ୍ରମାନେ ବିଭିନ୍ନ ପ୍ରସଙ୍ଗରେ ତୁମ ସମ୍ମୁଖରେ ଦୃଶ୍ୟମାନ ହେବେ ।

ଶିକ୍ଷଣ ଏତେ ଆନନ୍ଦର ସହ ଆଗେଇଯିବ ଯେ ତୁମେ କେବେ ଜାଣି ପାରିବନି ବର୍ଷ କେତେବେଳେ ବିତିଗଲା ଏବଂ ତୁମେ ପରବର୍ତ୍ତୀ ଶ୍ରେଣୀ ବା ଉଚ୍ଚସ୍ତରକୁ ଯିବାକୁ ପ୍ରସ୍ତୁତ ହେବ ।

ସମଗ୍ର ପାଠ୍ୟପୁସ୍ତକଟି ଦଳଗତ ଭାବେ କାର୍ଯ୍ୟ କରିବା; ଧାରଣା ଏବଂ ଭାବନାର ଆଦାନ ପ୍ରଦାନ କରିବା; ସମସ୍ତ ସହପାଠୀଙ୍କ କଳାତ୍ମକ ଯାତ୍ରାକୁ ଗ୍ରହଣ କରିବା; ଏକ ଅନ୍ତର୍ନିବେଶୀ ପରିବେଶରେ କାର୍ଯ୍ୟ କରିବା ଏବଂ ଆମ ଭାରତର ଜାତୀୟ ଐତିହ୍ୟ ପ୍ରତି ସଚେତନ ହେବା ଓ ଏଥିସହ ସମନ୍ୱୟ ସ୍ଥାପନ କରିବାକୁ ଉତ୍ସାହିତ କରୁଛି ।



https://withteachers.in/

# ଏହି ପାଠ୍ୟପୁସ୍ତକକୁ କିପରି ବ୍ୟବହାର କରିବେ :

ଏହି ପାଠ୍ୟ ପୁସ୍ତକଟିକୁ ୪ଟି ବିଭାଗରେ ବିଭକ୍ତ କରାଯାଇଛି । ଯଥା:- ଦୃଶ୍ୟକଳା, ନାଟକ, ସଙ୍ଗୀତ ଏବଂ ନୃତ୍ୟକଳା ବିଭାଗ। ସୂଚୀପତ୍ର ଅନୁସରଣରେ ପ୍ରତ୍ୟେକ ବିଭାଗ ପାଇଁ ଦିଆଯାଇଥିବା ପାଠଗୁଡ଼ିକୁ ଆମେ ଅଧ୍ୟୟନ କରି ପାରିବା।

**ଦୃଶ୍ୟକଳା** – ହଳଦିଆ ରଙ୍ଗ

**ନାଟକ** – ବାଇଗଣୀ ରଙ୍ଗ

**ସଙ୍ଗୀତ** – ନୀଳରଙ୍ଗ

**ନୃତ୍ୟ** – ଗୋଲାପୀ ରଙ୍ଗ

ପ୍ରତ୍ୟେକ କଳାବିଭାଗ ପାଇଁ କେତୋଟି ଅଧ୍ୟାୟ ରହିଛି। ଯଦିଓ ପ୍ରତ୍ୟେକ ଅଧ୍ୟାୟ ସ୍ୱତନ୍ତ୍ର, ତଥାପି ସମସ୍ତ ପିଲାମାନଙ୍କ ପରି ସେଗୁଡ଼ିକ ମଧ୍ୟରେ ଅନେକ ଆକର୍ଷଣୀୟ ସମାନତା ଅଛି । ପ୍ରତ୍ୟେକ ଏକକ ସେହି କଳା ବିଭାଗର ଏକ ଉପକ୍ରମ ସହିତ ଆରମ୍ଭ ହୋଇଛି, ଯାହାକୁ ଶିକ୍ଷାର୍ଥୀମାନେ ଅନୁଭବ କରିବେ । କାର୍ଯ୍ୟକଳାପ ଗୁଡ଼ିକୁ ସଂଗଠିତ କରିବା ଓ ଉତ୍ସଗୁଡ଼ିକ ଖୋଜିବାକୁ ଆପଣଙ୍କ ପାଇଁ ଅନେକ ସୂଚନା ଅଛି। ଆପଣ ସ୍ଥାନୀୟ କଳାକାର ଲୋକଗୀତ ବିଶେଷଜ୍ଞ, ନୃତ୍ୟ ଶିଳ୍ପୀ ଏବଂ ଅନ୍ୟାନ୍ୟ କଳାକାରଙ୍କୁ ଯୋଗାଯୋଗ କରି ବିଦ୍ୟାଳୟକୁ ପିଲାମାନଙ୍କ ପାଇଁ ନିମନ୍ତ୍ରଣ କରିପାରିବେ କିମ୍ବା ପିଲାମାନଙ୍କୁ ସେମାନଙ୍କ ପାଖକୁ ନେଇପାରିବେ। ଅନେକ ପିତାମାତା ଏବଂ ଗୋଷ୍ଠୀର ଅନ୍ୟ ସମସ୍ତେ ଯେଉଁମାନେ ଏକ କଳାକାର ରୂପରେ ପାରଙ୍ଗମ, ସେମାନେ ପିଲାମାନଙ୍କ ପାଇଁ କାର୍ଯ୍ୟ କରିବାକୁ ରାଜି ହୋଇପାରନ୍ତି । ବିଦ୍ୟାଳୟରେ କଳାକାର ଏବଂ ପ୍ରଦର୍ଶନକାରୀମାନଙ୍କ ସହିତ ମିଳିତ ଅଧିବେଶନ ବାରମ୍ବାର ଆୟୋଜିତ ହୋଇପାରେ, ଯେଉଁଠାରେ ପିଲାମାନେ ପ୍ରଶ୍ନ ପଚାରିବାକୁ ଉତ୍ସାହିତ ହୋଇପାରନ୍ତି । ଏହା ପିଲାମାନଙ୍କ ପାଇଁ ପ୍ରେରଣାଦାୟକ ହେବ । ଆପଣ ପିଲାମାନଙ୍କୁ ଶ୍ରେଣୀଗୃହ ବାହାରକୁ ବିଦ୍ୟାଳୟ ଭିତର ଏବଂ ବାହାର ବୁଲି ଦେଖିବାକୁ, ପ୍ରକୃତିକୁ ଅନୁଭବ କରିବାକୁ ଏବଂ ସେମାନଙ୍କର ଆଖପାଖର ଲୋକଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ଦେଖିବାକୁ ନେଇପାରିନ୍ତି।

ନାଟକ, ନୃତ୍ୟ ଓ ସଙ୍ଗୀତ ପରିବେଷଣ ଏବଂ ପ୍ରଦର୍ଶନୀ ଦେଖିବା ପାଇଁ ବିଭିନ୍ନ କ୍ଷେତ୍ର ପରିଭ୍ରମଣ ଆୟୋଜନ ପିଲାମାନଙ୍କୁ ଉତ୍ସାହିତ କରିବାରେ ସାହାଯ୍ୟ କରିବ । ଏଠାରେ ଅନେକ କାର୍ଯ୍ୟକଳାପର ସୁଚନା ଦିଆଯାଇଛି । ଆପଣ ଏହିପରି ସ୍ଥାନୀୟ ସାମଗ୍ରୀ ଓ ଅନ୍ୟାନ୍ୟ ସମ୍ବଳ ଆଧାରରେ ଅଧିକ ପ୍ରାସଙ୍ଗିକ କାର୍ଯ୍ୟକଳାପ ସୃଷ୍ଟି କରିପାରିବେ । ସମୟ ସାରଣୀକୁ ଏପରି ଭାବରେ ତିଆରି କରିବା ଉଚିତ୍ ଯେ ପିଲାମାନେ ପ୍ରତି ସପ୍ତାହରେ ୪ଟି କଳା ବିଭାଗ ପାଇଁ ନିର୍ଦ୍ଦିଷ୍ଟ ଏକ ପିରିୟଡର ସୁଯୋଗ ପାଇପାରିବେ । ଯେଉଁଠାରେ ସମ୍ଭବ ସେହିଠାରେ ପିଲାମାନଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ପାଇଁ କେତୋଟି ପିରିୟଡ କିମ୍ବା ଦୁଇଟି ପିରିୟଡର ମିଳିତ



https://withteachers.in/

ସମୟ ଅବଧି ରଖାଯାଇପାରିବ ଯେହେତୁ ସମସ୍ତ କାର୍ଯ୍ୟକଳାପ ଯଥେଷ୍ଟ ଆକର୍ଷଣୀୟ ଏବଂ ଆନନ୍ଦଦାୟକ ଅଟେ ।

ତୃତୀୟ ଶ୍ରେଣୀପରି, ପ୍ରତ୍ୟେକ କଳା ଶିକ୍ଷାଶ୍ରେଣୀର ପ୍ରଥମ କିଛି ମିନିଟ୍ ମଧ୍ୟରେ ପିଲାମାନେ ଆଖି ବନ୍ଦକରି ବସିପାରିବେ ଏବଂ କ'ଣ କରିଛନ୍ତି ତାହା ମନେପକାଇ ପାରିବେ । ସେମାନଙ୍କର କାର୍ଯ୍ୟକଳାପ ଆରମ୍ଭ କରିବା ପୂର୍ବରୁ ସେମାନେ ନନ୍ଦିକେଶ୍ୱରଙ୍କ ଦ୍ୱାରା ରଚିତ "ଅଭିନୟ ଦର୍ପଣ"ରୁ ନିମ୍ନଲିଖିତ ଶ୍ଲୋକଟି ପଢ଼ିପାରିବେ । ଯାହା ଅଭିନୟ କଳା ଶିକ୍ଷା ଉପରେ ପ୍ରାଚୀନ ଭାରତୀୟ ପୁସ୍ତକ "ନାଟ୍ୟ ଶାସ୍ତ୍ର" ଉପରେ ଆଧାରିତ-

*"ଆଙ୍ଗିକଂ ଭୁବନଂ ଯସ୍ୟ  ବାଚିକଂ ସର୍ବବାଙ୍ମୟମ୍*

*ଆହାର୍ଯ୍ୟଂ ଚନ୍ଦ୍ରତାରାଦି  ତଂ ବନ୍ଦେ ସାତ୍ତ୍ୱିକଂ ଶିବମ୍"*

**ଅର୍ଥ :** ଯାହାଙ୍କର ଶରୀର ସକଳ ଭୁବନ, ଯାହାଙ୍କର ବାଣୀ ସବୁପ୍ରକାର ଧ୍ୱନି; ଚନ୍ଦ୍ର, ତାରା ଆଦି ଯାହାଙ୍କର ଅଳଙ୍କାର ଓ ଯେ ଆଧ୍ୟାତ୍ମିକ ଭାବର ଆଧାର ମୁଁ ସେହି ପରମେଶ୍ୱର ଶିବଙ୍କୁ ପ୍ରଣାମ କରୁଛି ।

"ସର୍କଲ ଟାଇମ୍" ଭାବରେ ଆଲୋଚନା ପାଇଁ ଶେଷ ୧୦ ମିନିଟ୍ ରଖାଯାଇପାରେ । ନାଟକ ବିଭାଗର ପରାମର୍ଶ ଅନୁଯାୟୀ ସମସ୍ତ ପିଲା ଶିକ୍ଷକଙ୍କ ସହିତ ଏକାଠି ବସି ମୁକ୍ତ ଭାବରେ ଭାବ ପ୍ରକାଶ କରନ୍ତି, କିନ୍ତୁ ଏହି ସମୟ କେବଳ ପିଲାମାନଙ୍କ ପାଇଁ ଅନୌପଚାରିକ ଅଟେ । ଶିକ୍ଷକ ନିଜ ପାଇଁ ସେଥିରୁ କିଛି ଟିପ୍ପଣୀ ରଖିବା ଆବଶ୍ୟକ, ଯାହା ସେମାନଙ୍କର ପରବର୍ତ୍ତୀ ପାଠ୍ୟ ଯୋଜନାରେ ପ୍ରୟୋଗ ହୋଇପାରିବ ।

ଏକ ଶିଶୁର ଦକ୍ଷତା ଏବଂ ଦକ୍ଷତା ବିକାଶର ଅଗ୍ରଗତି ଚିହ୍ନଟ କରିବାକୁ ମାନନିର୍ଦ୍ଧାରଣର ପ୍ରସ୍ତାବ ଦିଆଯାଇଛି । କଳା ଶିକ୍ଷାକ୍ଷେତ୍ରରେ କୌଣସି ସଫଳତା କିମ୍ବା ବିଫଳତା ନାହିଁ । ଏହି ପର୍ଯ୍ୟାୟରେ କିଛି ଭଲ କିମ୍ବା ମନ୍ଦ ନୁହେଁ । ଏଥିରେ ସର୍ବଦା ଉନ୍ନତିର ସୁଯୋଗ ରହିଛି । ଧାରଣାକୁ ବୁଝିବା ସହିତ କାର୍ଯ୍ୟକଳାପ ସମାପ୍ତ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରାଯିବା ଉଚିତ୍ । ପିଲାମାନଙ୍କୁ ନିରାଶ କରିବା ପରିବର୍ତ୍ତେ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ, ତା'ହେଲେ ସେମାନ ନିଶ୍ଚିତ ଉତ୍ତର ଦେବେ । ପ୍ରତ୍ୟେକ ଶିଶୁ ଅନ୍ୟଠାରୁ ଭିନ୍ନ, ସେମାନଙ୍କର ଦକ୍ଷତା ଏବଂ ଅଭିବ୍ୟକ୍ତି ମଧ୍ୟ ଭିନ୍ନ ଭିନ୍ନ ଏବଂ ଏହି ବିବିଧତା ହେଉଛି ସେମାନଙ୍କର ପିଲାଦିନର ସୌନ୍ଦର୍ଯ୍ୟ । ସେମାନେ କିମ୍ବା ସେମାନଙ୍କର କାର୍ଯ୍ୟ ଦକ୍ଷତା ଶ୍ରେଣୀଗୃହରେ କାହା ସହିତ ତୁଳନା କରାଯିବା ଉଚିତ୍ ନୁହେଁ । ଏହା ପରିବର୍ତ୍ତେ ସେମାନଙ୍କର ପ୍ରଗତିର ମାନନିର୍ଦ୍ଧାରଣ ହେବା ଆବଶ୍ୟକ । ଉନ୍ନତି କରିବାକୁ ହେଲେ ସେମାନଙ୍କୁ ନିଜ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ ।



https://withteachers.in/

## ଏକ କଳା ଶିକ୍ଷା ଶ୍ରେଣୀ ପାଇଁ କ'ଣ ଆବଶ୍ୟକ ?

ସମସ୍ତ କଳା ଶିକ୍ଷାର କାର୍ଯ୍ୟକଳାପ ପାଇଁ ଏକ ଆଲୋକିତ ସ୍ଥାନ ଆବଶ୍ୟକ, ଯାହା ଶ୍ରେଣୀ ଗୃହରେ କିମ୍ବା ବାହାରେ ମଧ୍ୟ ହୋଇପାରେ । ଯେଉଁଠାରେ ପିଲାମାନେ ମୁକ୍ତ ଭାବରେ ବୁଲାବୁଲି କରିପାରିବେ। ନାଟକ ପାଇଁ ଅତ୍ୟନ୍ତ ସରଳ / ମଞ୍ଚ ଉପକରଣ ଆପଣଙ୍କର ଆବଶ୍ୟକ ଯେପରିକି କିଛି କଳା ସାମଗ୍ରୀ ଓ ସାଧନୀ, ସାମଗ୍ରୀକୁ ସୁରକ୍ଷିତ ରଖିବା ସହିତ ପିଲାମାନଙ୍କର କଳାକର୍ମକୁ ସଂଗଠିତ ଭାବେ କରିବା ପାଇଁ କିଛି ସ୍ଥାନ; ପିଲାମାନଙ୍କର କଳାକୃତିର ପ୍ରଦର୍ଶନ ପାଇଁ ପ୍ରଦର୍ଶନୀ ଫଳକ; ଦୃଶ୍ୟ-ଶ୍ରାବ୍ୟ ସମ୍ବଳକୁ ଚଲେଇବା ପାଇଁ କମ୍ପ୍ୟୁଟର, ପ୍ରୋଜେକ୍ଟର, ସ୍ପିକର; ସରଳ ବାଦ୍ୟ ଯନ୍ତ୍ର ଇତ୍ୟାଦି। ସମସ୍ତ ସାମଗ୍ରୀ ଓ ସମ୍ବଳଗୁଡ଼ିକର ଉପଯୁକ୍ତ ବ୍ୟବହାର ଓ ସେଗୁଡ଼ିକ ନିଜ ଅଞ୍ଚଳରେ ଯେପରି ଉପଲବ୍ଧ ହୋଇପାରିବ ତାହା ଆପଣ ନିଶ୍ଚିତ କରନ୍ତୁ।

ଆମେ ଆଶା କରୁଛୁକି, ଏହି ପୁସ୍ତକଟି ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ପାଇଁ ଦରକାରୀ, ଆନନ୍ଦଦାୟୀ ସମ୍ବଳ ହେବ ଯାହାକି ପ୍ରତ୍ୟେକ କଳା ଶିକ୍ଷାକୁ ଶ୍ରେଣୀକୁ ରୋମାଞ୍ଚକର କରିବ ଓ କିଛି ଶିଖିବାରେ ସାହାଯ୍ୟ କରିବ। ଏହି ପୁସ୍ତକର ବିଷୟବସ୍ତୁ ଓ ସଂରଚନାରେ ଉନ୍ନତି ପାଇଁ ଆମେ ଆପଣଙ୍କର ମତାମତ ଆହ୍ୱାନ କରୁଛୁ। ପିଲାମାନଙ୍କର ଏହି ବୟସରେ ଦୃଶ୍ୟକଳା ଓ ଅଭିନୟ କଳାକୁ ଏକ ଅବିଚ୍ଛିନ୍ନ ଅଂଶ ଭାବରେ ରଖିବାକୁ ଏହା ଏକ ପ୍ରଚେଷ୍ଟା – ଯାହା ପିଲାମାନଙ୍କୁ ଆତ୍ମବିଶ୍ୱାସୀ, ଦୃଢ଼ମନ ଓ ଭବିଷ୍ୟତର ଜଣେ ସୁନାଗରିକ ହେବାର ଦକ୍ଷତା ବିକାଶରେ ସାହାଯ୍ୟ କରିବ।



https://withteachers.in/

## ସମୟ ଆବଣ୍ଟନ ଏବଂ ମାନ ନିର୍ଦ୍ଧାରଣ :

ଏହି କଳାଶିକ୍ଷା (Art Education) ପାଠ୍ୟ ପୁସ୍ତକରେ ଚାରୋଟି ବିଭାଗ ରହିଛି । ପ୍ରତ୍ୟେକଟି କଳା ଏକ ପୃଥକ୍ ପୃଥକ ବିଷୟ ଉପରେ ପର୍ଯ୍ୟବସିତ । ସମୟ ସାରଣୀକୁ ଏପରି ଭାବରେ ଯୋଜନା କରିବା ଜରୁରୀ ଅଟେ ଯାହାକି ବର୍ଷସାରା ସମସ୍ତ କଳା ବିଭାଗକୁ ସମାନ ଭାବରେ ବଣ୍ଟନ କରୁଥିବ ।

ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା - ୨୦୨୩ (NCF - SE - 2023) ଓ ବିଦ୍ୟାଳୟ ଶିକ୍ଷାପାଇଁ ଓଡ଼ିଶା ପାଠ୍ୟକ୍ରମ ଢ଼ାଞ୍ଚା- ୨୦୨୫ (OCF - SE - 2025)ଅନୁଯାୟୀ ସମଗ୍ର ଶିକ୍ଷାବର୍ଷର କଳା ଶିକ୍ଷାପାଇଁ ଆବଣ୍ଟିତ ସମୟ ହେଉଛି ୧୦୦ ଘଣ୍ଟା (କିମ୍ବା ପ୍ରତ୍ୟେକଟି ପିରିୟଡ୍ ୪୦ ମିନିଟ୍, ଏପରି ୧୫୦ଟି ପିରିୟଡ୍) ରହିଛି । ଏହି ସମୟ ଆବଣ୍ଟନକୁ ଦୃଷ୍ଟିରେ ରଖି ଏହି ପୁସ୍ତକଟି ଲେଖାଯାଇଛି । ସମସ୍ତ ଚାରୋଟି କଳା ବିଭାଗକୁ ସପ୍ତାହରେ ବଣ୍ଟନ କରିବା ଆବଶ୍ୟକ ଅଟେ । ଯଦ୍ଵାରା ସମସ୍ତ ବିଭାଗର ଅଗ୍ରଗତି ଏକ ସମୟରେ ହୋଇପାରିବ । ଗୋଟିଏ କଳାବିଭାଗର ସମାପ୍ତି ପରେ ଅନ୍ୟଟି ଆରମ୍ଭ କରିଯିବାର ବ୍ୟବସ୍ଥାକୁ ଦୂରେଇବା ଉଚିତ୍ ହେବ ।

**ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଅନୁଯାୟୀ**
**(ସମୟ ସାରଣୀ ବଣ୍ଟନ)**

| କଳା ବିଭାଗ | (ଦୃଶ୍ୟକଳା) (ଚିତ୍ରକଳା, ଭାସ୍କର୍ଯ୍ୟ, ବ୍ୟବହାରିକ କଳା ଏବଂ ଡିଜାଇନ୍, ପାରମ୍ପରିକ କଳା) ମୁଦ୍ରଣ କଳା | (ଅଭିନୟ କଳା) | | | ସାହିତ୍ୟ କଳା / ବହୁମୁଖୀ କଳା (ଅଭିଜ୍ଞତା ମୂଳକ କାର୍ଯ୍ୟ) |
|---|---|---|---|---|---|
| | | ନୃତ୍ୟ | ସଙ୍ଗୀତ | ନାଟକ | (କବିତା ଲିଖନ, ଗଳ୍ପ ଲିଖନ, ସୃଜନାତ୍ମକ ଲିଖନ, ଉପନ୍ୟାସ ଇତ୍ୟାଦି) |
| (ଘଣ୍ଟାରେ) ସମୟ | ୨୦ ଘଣ୍ଟା | ୨୦ଘଣ୍ଟା | ୨୦ଘଣ୍ଟା | ୨୦ ଘଣ୍ଟା | ୨୦ ଘଣ୍ଟା |
| ୪୦ ମିନିଟ୍ ଅବଧିର ପିରିୟଡ୍ | ୩୦ଟି | ୩୦ଟି | ୩୦ଟି | ୩୦ଟି | ୩୦ଟି |

**ସମୟ ସାରଣୀ :**

ବିଦ୍ୟାଳୟ ଶିକ୍ଷ ପାଇଁ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା- ୨୦୨୩ର ଉଦାହରଣମୂଳକ ସମୟ ସାରଣୀ ଅନୁଯାୟୀ, କଳା ଶିକ୍ଷାକୁ ସପ୍ତାହ ମଧ୍ୟରେ ଚାରୋଟି ପିରିୟଡ୍ ଏଠ ଶନିବାର ଗୋଟିଏ ପିରିୟଡ୍ ବଣ୍ଟନ କରାଯାଇଛି । ଏଠାରେ ମିଳିତ ପିରିୟଡ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି, ଯେଉଁଠାରେ କାର୍ଯ୍ୟ-ଭିତ୍ତିକ ଶ୍ରେଣୀ ପାଇଁ ଯଥେଷ୍ଟ ସମୟ ଦେବା ନିମନ୍ତେ ଦୁଇଟି ୪୦ ମିନିଟ୍ ପିରିୟଡ୍‌କୁ ଏକାଠି କରାଯିବ । ଏହା ୮୦ ମିନିଟ୍ (୧ ଘଣ୍ଟା ୨୦ ମିନିଟ୍) ପର୍ଯ୍ୟନ୍ତ ନିରନ୍ତର ହେବ । ଏହିପରି, ଚାରୋଟି କଳା ରୂପକୁ ସପ୍ତାହରେ ଚାରୋଟି ପିରିୟଡ୍ ମଧ୍ୟରେ ବଣ୍ଟନ କରାଯାଇପାରିବ ଏବଂ ଶନିବାରକୁ ଆନ୍ତଃଶାଖାଗତ କାର୍ଯ୍ୟ କିମ୍ବା କଳା-ଭିତ୍ତିକ ପରିଭ୍ରମଣ ପାଇଁ ବ୍ୟବହାର କରାଯାଇପାରିବ, ଯେପରି କନସର୍ଟ, ପ୍ରଦର୍ଶନ କିମ୍ବା କଳା ଗ୍ୟାଲେରୀ ପରିଦର୍ଶନ ।



https://withteachers.in/

| ସପ୍ତାହ ମଧ୍ୟରେ ପୃଥକ ପିରିୟଡ୍ ପାଇଁ ସମୟସାରଣୀ - ୪୦ ମିନିଟ୍ ପିରିୟଡ୍ | | | | | |
|---|---|---|---|---|---|
| ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
| | କଳା ଶିକ୍ଷା (ସଙ୍ଗୀତ) | | କଳା ଶିକ୍ଷା (ଦୃଶ୍ୟକଳା) | | କଳା ଶିକ୍ଷା (ଅଭ୍ୟାସ/କ୍ଷେତ୍ର ଭ୍ରମଣ) |
| କଳା ଶିକ୍ଷା (ନାଟକ) | | କଳା ଶିକ୍ଷା (ନୃତ୍ୟ) | | | |

| ମିଳିତ ପିରିୟଡ୍ ପାଇଁ ସମୟ ସାରଣୀ-୮୦ ମିନିଟ୍ ପିରିୟଡ୍ | | | | | | |
|---|---|---|---|---|---|---|
| ସପ୍ତାହ | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
| ପ୍ରଥମ ସପ୍ତାହ | | କଳା ଶିକ୍ଷା (ସଙ୍ଗୀତ) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ଦୃଶ୍ୟକଳା) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ଅଭ୍ୟାସ / କ୍ଷେତ୍ର ଭ୍ରମଣ) |
| ଦ୍ୱିତୀୟ ସପ୍ତାହ | | କଳା ଶିକ୍ଷା (ନାଟକ) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ନୃତ୍ୟ) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ଅଭ୍ୟାସ / କ୍ଷେତ୍ର ଭ୍ରମଣ) |

ପ୍ରଥମ ଯୋଜନାରେ ୪୦ ମିନିଟ୍ ସମୟ ସହିତ ପ୍ରତି ସପ୍ତାହରେ ଚାରୋଟି କଳା ବିଭାଗ ପାଇଁ ପିରିୟଡ୍ ରହିବ, ଦ୍ୱିତୀୟ ଯୋଜନାରେ ପ୍ରତି ସପ୍ତାହରେ କେବଳ ଦୁଇଟି କଳା ବିଭାଗ ରହିବ। ପ୍ରତ୍ୟେକ କଳା ବିଭାଗ ପ୍ରତି ବିକଳ୍ପ ସପ୍ତାହରେ କରାଯିବ। ଏହା ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଯେ ସମସ୍ତ କଳା ବିଭାଗ ଏକକାଳୀନ ଭାବରେ ପ୍ରଗତି କରେ, କାରଣ ଏହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମଧ୍ୟରେ ଥିବା ଆନ୍ତଃ-ସଂଯୋଗକୁ ବୁଝିବାରେ ସକ୍ଷମ କରିବ, ଯାହା ଫଳରେ ଏକ ଅଧିକ ସାମଗ୍ରିକ ବୁଝାମଣା ହୋଇପାରିବ।



https://withteachers.in/

## ମାନନିର୍ଦ୍ଧାରଣ :

ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ ଦକ୍ଷତା ଏବଂ କଳାତ୍ମକ ବିକାଶକୁ ବୁଝିବା ଏବଂ ଅଭିବୃଦ୍ଧି କରିବା ପାଇଁ କଳାଶିକ୍ଷାରେ ମାନନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅନ୍ୟାନ୍ୟ ବିଷୟ ପରି କଳା ଶିକ୍ଷାର ମାନନିର୍ଦ୍ଧାରଣ, ସୃଜନଶୀଳତା, ବିକ୍ଷିପ୍ତ ଚିନ୍ତନ, ବୈଷୟିକ ଦକ୍ଷତା ଏବଂ ଭାବ ପ୍ରବଣତା ସହିତ ବିଭିନ୍ନ ପ୍ରକାର ଦକ୍ଷତାର ମୂଲ୍ୟାଙ୍କନ ଉପରେ ଧ୍ୟାନ ଦେଇଥାଏ । ଏହି ମାନନିର୍ଦ୍ଧାରଣଗୁଡ଼ିକ କେବଳ ପ୍ରଗତି ଏବଂ ଦକ୍ଷତା ମାପିବା ପାଇଁ ନୁହେଁ ବରଂ ଅନୁସନ୍ଧାନ, ଆତ୍ମ-ଅଭିବ୍ୟକ୍ତି ଏବଂ କଳା ଶିକ୍ଷାର ମୂଲ୍ୟବୋଧକୁ ଉତ୍ସାହିତ କରିଥାଏ ।

## ମାନନିର୍ଦ୍ଧାରଣ ପଦ୍ଧତି :

ଯେହେତୁ କଳା ଶିକ୍ଷାକ୍ଷେତ୍ରରେ ମାନନିର୍ଦ୍ଧାରଣ ପ୍ରକ୍ରିୟା ମୁଖ୍ୟତଃ ଦକ୍ଷତା ଆଧାରିତ, ତାହା ପିଲାଙ୍କ "ଠିକ୍" କିମ୍ବା "ଭୁଲ୍" ଉତ୍ତର ଉପରେ ନିର୍ଭର କରେ ନାହିଁ । ତେଣୁ ପ୍ରଶ୍ନପତ୍ର ଏବଂ ଲିଖିତ ଉତ୍ତର ସହିତ "ପରୀକ୍ଷା" କରିବା ଜରୁରୀ ନୁହେଁ କାରଣ ଏହା କଳାଶିକ୍ଷା ପାଠ୍ୟକ୍ରମରେ ବ୍ୟବହୃତ ପଦ୍ଧତିର ଉଦ୍ଦେଶ୍ୟକୁ ହାସଲ କରିପାରିବ ନାହିଁ । ବିଭିନ୍ନ ମାନନିର୍ଦ୍ଧାରଣ ପଦ୍ଧତି ଯେପରିକି କୃତି ମୂଲ୍ୟାୟନ (ପୋର୍ଟଫୋଲିଓ), କାର୍ଯ୍ୟଦକ୍ଷତା ସମୀକ୍ଷା, ପ୍ରକଳ୍ପଭିତ୍ତିକ ମୂଲ୍ୟାୟନ ଏବଂ ପ୍ରତିଫଳିତ ସ୍ୱ-ମାନନିର୍ଦ୍ଧାରଣ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଅନନ୍ୟ କଳା ଶିକ୍ଷାର ଅଗ୍ରଗତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରଦାନ କରିବ ।

## ଗଠନମୂଳକ ଏବଂ ସମାପ୍ତି ସୂଚକ ମାନନିର୍ଦ୍ଧାରଣ :

- ଗଠନମୂଳକ ମାନ ନିର୍ଦ୍ଧାରଣ ପ୍ରତ୍ୟେକ ଶ୍ରେଣୀର ପର୍ଯ୍ୟବେକ୍ଷଣ ଏବଂ ପ୍ରତ୍ୟେକ କାର୍ଯ୍ୟକଳାପରେ ଶିଶୁର ଦକ୍ଷତା ଉପରେ ଆଧାରିତ । ପ୍ରତ୍ୟେକ ଅଧ୍ୟାୟରେ ଶେଷରେ ପ୍ରଦାନ କରାଯାଇଥିବା ରୁବ୍ରିକ୍ସ ବର୍ଷସାରା ମାର୍କ ଗ୍ରେଡ୍ ଉନ୍ନତିରେ ସାହାଯ୍ୟ କରିବ ।
- ସମାପ୍ତି ସୁଗଠନ ମାନନିର୍ଦ୍ଧାରଣ ପାଇଁ ଏକ ପୃଥକ ଦିନ ଆବଶ୍ୟକ । ଏହା ବର୍ଷସାରା ଶ୍ରେଣୀଗୃହରେ କରାଯାଇଥିବା କାର୍ଯ୍ୟକଳାପ ଏବଂ ଏହାର ବିଭିନ୍ନ କୌଶଳ ଏବଂ ଦକ୍ଷତାରେ ଶିଶୁର ବୋଧଗମ୍ୟତା ଦକ୍ଷତାକୁ ଆକଳନ କରିବା ପାଇଁ ବ୍ୟବହୃତ ହୋଇପାରେ । ଉତ୍ତମ ପାଠ୍ୟ ଯୋଜନା କରିବାକୁ ପ୍ରତ୍ୟେକ ବିଭାଗର ଶେଷରେ ଉଦାହରଣ ପ୍ରଦାନ କରାଯାଇଛି । ଦିଆଯାଇଥିବା କାର୍ଯ୍ୟକୁ ଆଧାର କରି ଛାତ୍ରଛାତ୍ରୀମାନେ ସ୍ୱତଃପ୍ରବୃତ୍ତ ଭାବରେ କିଛି କାର୍ଯ୍ୟ କରିବେ ।

## ଗ୍ରେଡ୍ ଏବଂ ନମ୍ବର :

ଯେହେତୁ କଳା ଶିକ୍ଷା ହେଉଛି ସୃଜନଶୀଳତା, ଅଭିବ୍ୟକ୍ତି ଏବଂ କଳ୍ପନା ଉପରେ ଆଧାରିତ, ତେଣୁ ଏହାର ଠିକ୍ କିମ୍ବା ଭୁଲ ଉତ୍ତର ନାହିଁ । ତେଣୁ କୌଶଳ ହାସଲର ସ୍ତର, ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ଦକ୍ଷତାକୁ ଆଧାରିତ କରି ନମ୍ବର ଦିଆଯାଏ । ଏକ ନିର୍ଭୁଲ୍ ମାନନିର୍ଦ୍ଧାରଣ ପାଇଁ ଶିକ୍ଷକ / ଶିକ୍ଷୟିତ୍ରୀ ନିଶ୍ଚିତ ରୂପେ ସମସ୍ତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ସହିତ ପରିଚିତ ହେବ ଦରକାର ।



https://withteachers.in/

ମାନଦଣ୍ଡ ଅନୁସାରେ ଚିହ୍ନିତ କରିବାପାଇଁ ଏକ ପାଞ୍ଚ ପଏଣ୍ଟ୍ ସ୍କେଲର ସୁପାରିଶ କରାଯାଇଛି । ଏହା ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷଣ ଅଗ୍ରଗତିର ଧାରଣା ଦେବ । ପ୍ରତ୍ୟେକ ଅଧ୍ୟାୟ ପରେ ପ୍ରଦତ୍ତ ରୁବିକ୍ସରେ ପାଞ୍ଚପଏଣ୍ଟ ସ୍କେଲକୁ ଚିହ୍ନିତ କରିବା ପାଇଁ ନିମ୍ନରେ ପ୍ରଦତ୍ତ ସାରଣୀକୁ ବ୍ୟବହାର କରାଯାଇପାରିବ ।

ଉଭୟ ପରିମାଣାତ୍ମକ ମାନନିର୍ଦ୍ଧାରଣ (ରବ୍ରିକ୍ସ ଆଧାରିତ ଗ୍ରେଡ଼ / ନମ୍ବର) ଏବଂ ଗୁଣାତ୍ମକ ମାନନିର୍ଦ୍ଧାରଣ (ଶିଶୁର ଆଚରଣ, ଆଗ୍ରହ, ପ୍ରଗତି ଏବଂ ଅନ୍ୟାନ୍ୟ ଦିଗ ଉପରେ ଶିକ୍ଷକଙ୍କ ନିରୀକ୍ଷଣ)କୁ ଏକତ୍ର କରିବା ଏକାନ୍ତ ଆବଶ୍ୟକ ।

| ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସ୍ତର | ସାଂଖ୍ୟକ ମାପ | ଗ୍ରେଡ |
|---|---|---|
| ପ୍ରାରମ୍ଭ | ୧ | ଙ |
| ବିକଶିତ | ୨ | ଘ |
| ଆଶାଜନକ | ୩ | ଗ |
| ନିପୁଣ | ୪ | ଖ |
| ଉତ୍କୃଷ୍ଟ | ୫ | କ |

ମାନନିର୍ଦ୍ଧାରଣର ମାନଦଣ୍ଡ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା- ୨୦୨୩ (NCF - SE - 2023)ର ପାଠ୍ୟକ୍ରମ ଲକ୍ଷ୍ୟ ଓ ଦକ୍ଷତା ଉପରେ ପର୍ଯ୍ୟବସିତ।



https://withteachers.in/

**ପ୍ରିୟ ଛାତ୍ରଛାତ୍ରୀ,**



କଳ୍ପନାର ଏକ ଦୁନିଆରେ ପାଦଦିଅ, ଯେଉଁଠାରେ ରଙ୍ଗ ନୃତ୍ୟ କରେ, ସଙ୍ଗୀତ କାହାଣୀ କହେ ଏବଂ ତୁମେ ଚରିତ୍ର, ଚିତ୍ର ଓ କ୍ରିୟାକଳାପ ସୃଷ୍ଟି କରୁଥିବାର ଅନୁଭବ କରିପାରିବ । ଏହି ପୁସ୍ତକରେ ତୁମେ ଠିକ୍ ସେହି ଅନୁଭବ ମଧ୍ୟ ପାଇବ, ଯାହା ସମସ୍ତ ପଞ୍ଚତନ୍ତ୍ର ଗଳ୍ପରୁ ଆରମ୍ଭ ହୁଏ। ଯେଉଁ ପଞ୍ଚତନ୍ତ୍ର ଗଳ୍ପ ଜ୍ଞାନ, ଦୁଃସାହସ ଓ କୌତୁକରେ ପରିପୂର୍ଣ୍ଣ। କିନ୍ତୁ ଏହା କୌଣସି ସାଧାରଣ ଗଳ୍ପ ନୁହେଁ। ପ୍ରତ୍ୟେକ ଅଧ୍ୟାୟରେ ତୁମେ ଏହାକୁ ଦୃଶ୍ୟକଳା, ନାଟକ, ସଙ୍ଗୀତ ଓ ନୃତ୍ୟ ଭାବରେ ଭିନ୍ନ ଭିନ୍ନ ରୂପରେ ଦେଖିବ।

ପାଠ୍ୟପୁସ୍ତକ ଅଧ୍ୟୟନ ପୂର୍ବକ ଆଗକୁ ବଢ଼ିବା ସହିତ, ତୁମେ ଜାଣିପାରିବ ଯେ ସମସ୍ତ କଳା ବିଭାଗ ପରସ୍ପର ସହିତ ସମ୍ବନ୍ଧିତ । ତୁମେ ଦେଖିବ ଯେ ଦୃଶ୍ୟ କଳା, ନାଟକ, ସଂଗୀତ ଏବଂ ନୃତ୍ୟ ପରସ୍ପର ସହିତ କିପରି ଜଡ଼ିତ । ଏକ ଚିତ୍ରକଳା ଶବ୍ଦ ବିନା ଏକ କାହାଣୀ କହିପାରେ, ଯେପରି ଏକ ନାଟକ ଭାବନାକୁ ଜୀବନ୍ତ କରିପାରେ । ଏକ ସଙ୍ଗୀତ ଆମକୁ ନାଚିବାକୁ ଇଚ୍ଛା କରାଇପାରେ, ଯେପରି ଏକ ନୃତ୍ୟ ଶବ୍ଦଦ୍ୱାରା ପ୍ରକାଶିତ ହୋଇପାରୁନଥିବା ଭାବନାକୁ ପ୍ରଦର୍ଶନ କରିପାରେ । ସମସ୍ତ କଳା ଆମ ଚାରିପାଖରେ ଅଛି ଏବଂ ଏହି ପୁସ୍ତକ ମାଧ୍ୟମରେ ତୁମେ ଏକ ସମ୍ପୂର୍ଣ୍ଣ ନୂତନ ଉପାୟରେ କିପରି ଦେଖିବ, ଶୁଣିବ, ଅନୁଭବ କରିବ ଏବଂ ଭାବ ପ୍ରକାଶ କରିବ ତାହା ଶିଖିବ ।

ପ୍ରତ୍ୟେକ ଅଧ୍ୟାୟ ତୁମକୁ ରୋମାଞ୍ଚକର କାର୍ଯ୍ୟ ମାଧ୍ୟମରେ ମାର୍ଗଦର୍ଶନ କରିବ । ତୁମେ କାହାଣୀରୁ ଏକ ଦୃଶ୍ୟ ଆଙ୍କି ପାରିବ, ତୁମ ସାଙ୍ଗମାନଙ୍କ ସହିତ ଏକ ମଜାଦାର ମୁହୂର୍ତ୍ତକୁ ଅଭିନୟ କରିପାରିବ। ତୁମେ ଚରିତ୍ରଗୁଡ଼ିକଦ୍ୱାରା ଅନୁପ୍ରାଣିତ ହୋଇ ନିଜର ଲୟ ସୃଷ୍ଟି କରିପାରିବ, କିମ୍ବା ଭାବନା ପ୍ରକାଶ ପାଇଁ ଗତିବିଧି ବ୍ୟବହାର କରିପାରିବ । ତୁମେ ଆମର ପଞ୍ଚତନ୍ତ୍ର କାହାଣୀର ପଶୁମାନଙ୍କ ପରି ଏକାଠି କାମ କରିବାର ସୁଯୋଗ ମଧ୍ୟ ପାଇବ ଏବଂ କିପରି ଦଳଗତ କାର୍ଯ୍ୟକଳାପକୁ ଆହୁରି ଶକ୍ତିଶାଳୀ କରିହେବ ତାହା ଆବିଷ୍କାର କରିପାରିବ ।



କିନ୍ତୁ ଏହି ଯାତ୍ରା କେବଳ ଯେ ନୂତନ କୌଶଳ ଶିଖାଏ ତାହା ନୁହେଁ । ଏହା ତୁମର ନିଜସ୍ୱ ଦକ୍ଷତା ବୃଦ୍ଧିକରିଥାଏ । ତୁମେ ଚିତ୍ରାଙ୍କନ, ଅଭିନୟ, ଗୀତ ଗାଇବା କିମ୍ବା ନାଚିବାକୁ ଭଲ ପାଅ କି ? ଏହି ପୁସ୍ତକ ତୁମକୁ ଏପରି ଭାବରେ ନିଜର ଭାବ ପ୍ରକାଶ କରିବାରେ ସାହାଯ୍ୟ କରିବ ଯାହା ତୁମେ କେବେ କଳ୍ପନା କରିନଥିଲ। କଳାରେ କୌଣସି ଠିକ୍ କିମ୍ବା ଭୁଲ୍ ନଥାଏ କେବଳ ସୃଷ୍ଟି କରିବାରେ ଆନନ୍ଦ ଥାଏ ଏବଂ ତାହାକୁ ଅନ୍ୟମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାକୁ ଖୁସିଲାଗେ।

ତେଣୁ, ଅନୁସନ୍ଧାନ, ପରୀକ୍ଷଣ ଏବଂ ଭାବ ପ୍ରକାଶ କରିବା ପାଇଁ ପ୍ରସ୍ତୁତ ହୁଅ। ଯେତେବେଳେ ତୁମେ ଏହି ବହିର ଶେଷ ପୃଷ୍ଠାରେ ପହଞ୍ଚିବ, ସେତେବେଳେ ତମେ କେବଳ ଯେ ଏକ କାହାଣୀ ପଢ଼ିବ ତାହା ନୁହେଁ, ତୁମେ ଏହାକୁ ଏକ ଦୃଶ୍ୟକଳା ମାଧ୍ୟମରେ ଜୀବନ୍ତ କରିପାରିବ । ଆସ ଏକାଠି ମିଶି ଏହି ଯାଦୁକରୀ ଦୁଃସାହସିକ କାର୍ଯ୍ୟ ଆରମ୍ଭ କରିବା !





https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର,<br>ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା,<br>ଏନ ଏସ ଟି ସି କାର୍ଯ୍ୟକ୍ରମ, ଏନ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି,<br>ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ,<br>ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,<br>ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ,<br>ପଦ୍ମପୁର ମହାବିଦ୍ୟାଳୟ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାୟୋଲୋଜି,<br>ସୋଆ ବିଶ୍ୱବିଦ୍ୟାଳୟ,<br>ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ<br>ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ<br>ସଚିବ |



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



https://withteachers.in/

# ବିଷୟବସ୍ତୁ


| | |
|---|---|
| ପ୍ରସ୍ତାବନା | III |
| ପୁସ୍ତକ ସମ୍ବନ୍ଧରେ | V |
| ସମୟ ଆବଣ୍ଟନ ଏବଂ ମାନ ନିର୍ଦ୍ଧାରଣ | XVI |
| ପ୍ରିୟ ଛାତ୍ରଛାତ୍ରୀ | XXI |
| **ପଞ୍ଚତନ୍ତ୍ର** | ୧୮ |
| **ଦୃଶ୍ୟକଳା** | ୨୨ |
| ଅଧ୍ୟାୟ ୧. ବସ୍ତୁଗୁଡ଼ିକୁ ସଜାଇ ଚିତ୍ର ଆଙ୍କିବା | ୨୬ |
| ଅଧ୍ୟାୟ ୨. ପ୍ରକୃତିର ଆବଡା ଖାବଡା ପୃଷ୍ଠଭାଗ | ୩୭ |
| ଅଧ୍ୟାୟ ୩. ଜଳ ଜଗତ | ୪୫ |
| ଅଧ୍ୟାୟ ୪. ଲୋକଙ୍କ କାର୍ଯ୍ୟ ପ୍ରକ୍ରିୟା | ୫୬ |
| **ନାଟକ** | ୭୦ |
| ଅଧ୍ୟାୟ ୫. ଅନୁସନ୍ଧାନ | ୭୫ |
| ଅଧ୍ୟାୟ ୬. ପରିକଳ୍ପନା | ୮୨ |
| ଅଧ୍ୟାୟ ୭. ଆସ ସର୍ଜନା କରିବା | ୯୪ |
| ଅଧ୍ୟାୟ ୮. ଚତୁଃପାର୍ଶ୍ୱକୁ ଦେଖ | ୧୦୩ |








https://withteachers.in/




**ସଙ୍ଗୀତ** ୧୧୨

ଅଧ୍ୟାୟ ୯. ଗାଇବା ଓ ଖେଳିବା ୧୧୫

ଅଧ୍ୟାୟ ୧୦. ସଙ୍ଗୀତ ପ୍ରସ୍ତୁତ କରିବା ୧୨୬

ଅଧ୍ୟାୟ ୧୧. ଗୀତ ଏବଂ କାହାଣୀ ୧୩୪

ଅଧ୍ୟାୟ ୧୨. ଭାବ, ଅନୁଭବ କର ଏବଂ ସୃଷ୍ଟି କର ୧୪୭

ଅଧ୍ୟାୟ ୧୩. ସ୍ୱର ଏବଂ ବାଦ୍ୟଯନ୍ତ୍ର ୧୫୯





**ନୃତ୍ୟ** ୧୬୯

ଅଧ୍ୟାୟ ୧୪. ନୃତ୍ୟରେ ମୋର ଶରୀର ୧୭୨

ଅଧ୍ୟାୟ ୧୫. ମୋର ନୃତ୍ୟ କାହାଣୀ କହେ ୧୮୩

ଅଧ୍ୟାୟ ୧୬. ମୋର ନୃତ୍ୟ ସଂରଚନା ୧୯୦

ଅଧ୍ୟାୟ ୧୭. ନୃତ୍ୟରେ ଭାବ ଏବଂ ଅଭିବ୍ୟକ୍ତି ୨୦୩

ଅଧ୍ୟାୟ ୧୮. ଆମ ଦେଶର ନୃତ୍ୟ ପରମ୍ପରା ୨୦୮





https://withteachers.in/

# ପଞ୍ଚତନ୍ତ୍ର

ପଞ୍ଚତନ୍ତ୍ର ହେଉଛି ଦୁଇ ହଜାର ବର୍ଷ ପୂର୍ବେ ସଂସ୍କୃତ ଭାଷାରେ ଲିଖିତ କାହାଣୀଗୁଡ଼ିକର ଏକ ସଂକଳନ । ଏହା ଜଣେ ପ୍ରସିଦ୍ଧ ସଂସ୍କୃତ ବିଦ୍ୱାନ ବିଷ୍ଣୁଶର୍ମାଙ୍କ ଦ୍ୱାରା ଲେଖାଯାଇଥିଲା । ସେ ବିଶେଷକରି ପିଲାମାନଙ୍କୁ ଆନନ୍ଦମୟ ଉପାୟରେ ନୀତି ଆଦର୍ଶ ଏବଂ ମୂଲ୍ୟବୋଧ ଉପରେ ମୂଲ୍ୟବାନ ଶିକ୍ଷା ଦେବାପାଇଁ ଏହାକୁ (କାହାଣୀ ସଂକଳନ) ଲେଖିଥିଲେ । ପଞ୍ଚ ଶବ୍ଦର ଅର୍ଥ- ପାଞ୍ଚ ଏବଂ ତନ୍ତ୍ରର ଅର୍ଥ ସଂହିତା ବା ନୀତି ।

ପଞ୍ଚତନ୍ତ୍ରର ସମସ୍ତ କାହାଣୀକୁ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି । ଏହି କାହାଣୀଗୁଡ଼ିକ ଏତେ ଲୋକପ୍ରିୟ ଯେ, ସାରା ବିଶ୍ୱରେ ପିଲାମାନେ ଏହାକୁ ବହୁ ଶତାବ୍ଦୀ ଧରି ପଢ଼ି ଆସୁଛନ୍ତି । ଏହି କାହାଣୀଗୁଡ଼ିକ ସମସ୍ତ ଭାରତୀୟ ଭାଷା ଏବଂ ଇଂରାଜୀ, ଜର୍ମାନ, ଇଟାଲୀୟ, ଆରବୀ, ଜାପାନୀ, ସ୍ପାନିସ୍ ଏବଂ ଆହୁରି ଅନେକ ବିଦେଶୀ ଭାଷାରେ ମଧ୍ୟ ଅନୁବାଦିତ ହୋଇଛି ।

ପଞ୍ଚତନ୍ତ୍ରରୁ ଆଧାରିତ ଏକ କୌତୁହଳପୂର୍ଣ୍ଣ ଓ ଆକର୍ଷଣୀୟ କାହାଣୀ ପରପୃଷ୍ଠାରେ ଦିଆଯାଇଛି-



https://withteachers.in/

# ଠେକୁଆ ଏବଂ ସିଂହ

ଏହାକୁ ତୁମ ମନ ପସନ୍ଦର ରଙ୍ଗ ଦିଅ ↓







https://withteachers.in/




https://withteachers.in/

**ତୁମେ ଏହି କାହାଣୀରୁ କ'ଣ ଶିଖିଲ ?**


ବର୍ତ୍ତମାନ ତୁମେ ଯେତେବେଳେ ଦୃଶ୍ୟ କଳା, ସଙ୍ଗୀତ, ନାଟକ ଏବଂ ନୃତ୍ୟରେ ନୂଆ କଥା ଶିଖିବା ଆରମ୍ଭ କରିବ, ତୁମେ ଅନେକ କାର୍ଯ୍ୟକଳାପ ପାଇଁ ପଞ୍ଚତନ୍ତ୍ରର ଏହି କାହାଣୀକୁ ଉଲ୍ଲେଖ କରିବ । ପଞ୍ଚତନ୍ତ୍ରର କାହାଣୀ କିପରି ସମସ୍ତ କଳାକୁ ସଂଯୋଗ କରେ ତାହା କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ କି ? ତେଣୁ ଏହି କାହାଣୀଟିକୁ ମନେ ରଖ ଏବଂ ସମସ୍ତ କାର୍ଯ୍ୟକଳାପ ଗୁଡ଼ିକ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରି ମଜା କର ।



ଯେତେବେଳେ ତୁମେ ଉପର ଚିତ୍ରକୁ ଦେଖିବ, ସେତେବେଳେ ତୁମକୁ ଠେକୁଆ ଏବଂ ସିଂହର କାହାଣୀ ମନେ ପଡ଼ିବ ।



https://withteachers.in/




## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

**କଳା :** "କଳା" ହେଉଛି ମଣିଷର ପାରିପାର୍ଶ୍ୱିକ ଓ ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟପୂର୍ଣ୍ଣ ଗଭୀର କଳାତ୍ମକ ସମ୍ବେଦନଶୀଳ ପର୍ଯ୍ୟବେକ୍ଷଣ ଏବଂ କଳ୍ପନା ଆଧାରିତ ଅର୍ଜିତ ଜ୍ଞାନର କୌଣସି ରେଖା, ଆକୃତି, ବିଭିନ୍ନ ରଙ୍ଗ, ସ୍ୱର, ଭଙ୍ଗୀ, ରୂପର ଭାବନା ଏବଂ ଚିନ୍ତାଧାରାର ସୃଜନାତ୍ମକ ପରିପ୍ରକାଶ ।

"କଳା" ଶବ୍ଦଟି ଋକ୍‌ବେଦରୁ ଆସିଅଛି । "କଳା"କୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା : ଦୃଶ୍ୟକଳା ଓ ପରିବେଷଣ କଳା ।

(୧) ଦୃଶ୍ୟକଳା (ଚିତ୍ରକଳା, ବ୍ୟବହାରିକ କଳା, ଭାସ୍କର୍ଯ୍ୟକଳା, ଏବଂ ବାସ୍ତୁକଳା, ମୁଦ୍ରଣକଳା)

(୨) ପରିବେଷଣ କଳା (କାବ୍ୟ ବା କବିତା, ନୃତ୍ୟ, ସଂଗୀତ, ନାଟକ)

https://withteachers.in/

## ପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀ,

ଆସନ୍ତୁ ଆମର ଛାତ୍ରଛାତ୍ରୀମାନଙ୍କୁ ଏକ ସ୍ଥାନକୁ ନେବା ଯେଉଁଠାରେ ସେମାନେ ଦୃଶ୍ୟକଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତାକୁ ମୁକ୍ତଭାବରେ ଅନୁସନ୍ଧାନ, କଳ୍ପନା ପ୍ରକାଶ କରିବା ସହିତ ଚିତ୍ରକଳା ଅଙ୍କନରେ ଗ୍ରହଣ କରିପାରିବେ । ପ୍ରତ୍ୟେକ ଛାତ୍ରଙ୍କ ପାଇଁ ସର୍ବୋତ୍ତମ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବାକୁ, ଏଠାରେ କିଛି ସୂଚନା ଦିଆଯାଇଛି, ଯାହାକୁ ଧ୍ୟାନଦେବା ଆବଶ୍ୟକ ।

**ଶ୍ରେଣୀ ଗୃହ ଆବଶ୍ୟକତା :**

(୧) ଛାତ୍ରଛାତ୍ରୀମାନେ ଆରାମରେ କାମ କରିବାପାଇଁ ପର୍ଯ୍ୟାପ୍ତ ସ୍ଥାନ ।

(୨) ଶ୍ରେଣୀ ଗୃହରେ ପର୍ଯ୍ୟାପ୍ତ ଆଲୋକ ଏବଂ ମୁକ୍ତପବନ ଚଳାଚଳ ।

(୩) ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା, କଳା ସାମଗ୍ରୀ, ମୌଳିକ ଉପକରଣ ଏବଂ ଅଡ଼ିଓ-ଭିଜୁଆଲ୍ (ସହଜ ଶ୍ରବଣ) ଦୃଶ୍ୟପଟ୍ଟ ସୁବିଧା ।

(୪) ପର୍ଯ୍ୟାୟକ୍ରମେ ଚିତ୍ରକଳା (ଦୃଶ୍ୟକଳା) ପ୍ରଦର୍ଶନ କରିବାକୁ ଏକ ସ୍ଥାନ ବା ପ୍ରଦର୍ଶନୀ କକ୍ଷ ।

**ଦୃଶ୍ୟକଳା (ଭିଜୁଆଲ ଆର୍ଟ) ଶିକ୍ଷାଦାନ ପଦ୍ଧତି :**

(୧) ଧାରଣା ଏବଂ ପ୍ରକ୍ରିୟାଗୁଡ଼ିକୁ ଉପସ୍ଥାପନ କରିବା ସମୟରେ କାହାଣୀ କହିବା ସହିତ ଦୈନନ୍ଦିନ ଜୀବନର ଉଦାହରଣ ବ୍ୟବହାର କରନ୍ତୁ ।

(୨) ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କଳାକୃତି ମାଧ୍ୟମରେ ସେମାନଙ୍କର ମୂଳ ଧାରଣା, କଳ୍ପନା, ଭାବନାକୁ କୌତୁହଳର ସହିତ ମୁକ୍ତଭାବରେ ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ ।

(୩) ଦୈନନ୍ଦିନ ଜୀବନର ନିଆରା ପର୍ଯ୍ୟବେକ୍ଷଣକୁ ଉତ୍ସାହିତ କରନ୍ତୁ ଏବଂ ଅନ୍ୟ ଚିତ୍ର କିମ୍ବା ଫଟୋଗ୍ରାଫ୍‌ରୁ କପି କରିବାକୁ ନିରୁତ୍ସାହିତ କରନ୍ତୁ ।

(୪) ଛାତ୍ରମାନଙ୍କୁ ଶ୍ରେଣୀଗୃହରେ ଅନୁସନ୍ଧାନ, ପରୀକ୍ଷଣ, ସହଯୋଗ ଏବଂ ଆଲୋଚନା କରିବାକୁ ଅନୁମତି ଦିଅନ୍ତୁ ।

(୫) ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଚାରିପାଖର ଜୀବନ ଏବଂ ସଂସ୍କୃତିକୁ ପର୍ଯ୍ୟବେକ୍ଷଣ କରିବାରେ ସାହାଯ୍ୟ କରିବାକୁ ବାହ୍ୟ କାର୍ଯ୍ୟକଳାପ ଏବଂ ବିଶେଷ ସ୍ଥାନକୁ ଯାତ୍ରା (ପରିଭ୍ରମଣ) କରିବା ଅନ୍ତର୍ଭୁକ୍ତ କରନ୍ତୁ ।

(୬) କ୍ଷେତ୍ର ଭ୍ରମଣ, ସଂଗ୍ରହାଳୟ ପରିଦର୍ଶନ, ଐତିହ୍ୟ ସ୍ମାରକୀ, ସ୍ଥାନୀୟ ମେଳା ଭ୍ରମଣ ଏବଂ ଛାତ୍ରମାନଙ୍କ ପାଇଁ କଳା  କର୍ମଶାଳା ଆୟୋଜନ କରନ୍ତୁ ।

(୭) ପାରସ୍ପରିକ ଅଧିବେଶନ ଏବଂ ହସ୍ତକର୍ମ କର୍ମଶାଳା ପାଇଁ ସ୍ଥାନୀୟ ଅଞ୍ଚଳର ଶିଳ୍ପୀ ଏବଂ କାରିଗରମାନଙ୍କୁ ନେଇ କଳା ଅଧିବେଶନ କରାନ୍ତୁ ।

(୮) ସହଜ, ସରଳ ଅଭ୍ୟାସ କରାନ୍ତୁ, ଯେପରିକି ପିଲାମାନେ କାମ କରିବାପରେ ସେହି ସ୍ଥାନକୁ ସଫାକରିବା, ବ୍ୟବହୃତ ସାମଗ୍ରୀକୁ ଗୋଟେଇବା ଏବଂ କଳା ସାମଗ୍ରୀକୁ ଯତ୍ନର ସହିତ ବ୍ୟବହାର କରିବା ଅଭ୍ୟାସ କରିବେ ।

(୯) ଶ୍ରେଣୀ ଗୃହ ପ୍ରଦର୍ଶନ କିମ୍ବା ଚିତ୍ର ପ୍ରଦର୍ଶନୀ ପାଇଁ ଚିତ୍ରକଳା ଚୟନରେ ଅଂଶଗ୍ରହଣ କରିବାକୁ ଏବଂ ନିଷ୍ପତ୍ତି ନେବାକୁ ଛାତ୍ରମାନଙ୍କୁ ଉତ୍ସାହିତ କରନ୍ତୁ ।

**ଦୃଶ୍ୟକଳା ମାନ ନିର୍ଦ୍ଧାରଣ :**

ଅଧିକ ବିବରଣୀ ପାଇଁ ଦୟାକରି ସମୟ ଆବଣ୍ଟନ ବିଭାଗକୁ ଅନୁସରଣ କରନ୍ତୁ ।

(୧) ମୂଲ୍ୟାଙ୍କନ ଗୁଡ଼ିକ ଶିକ୍ଷଣ ଫଳାଫଳ ଏବଂ ପ୍ରସ୍ତୁତି ପର୍ଯ୍ୟାୟ ପାଇଁ ଦକ୍ଷତା ସହିତ ସମାନ ହେବା ଉଚିତ୍ ।

(୨) ପ୍ରତ୍ୟେକ ଛାତ୍ରଛାତ୍ରୀ ସେମାନଙ୍କର କଳାକୃତିର ଏକ ପୋର୍ଟଫୋଲିଓ ତିଆରି କରିବା ଏବଂ ତାହାର ଉପଯୋଗ କରି ଶିଖିବା ଉଚିତ୍ । ଏହା ଶିକ୍ଷକଙ୍କୁ ସେମାନଙ୍କର ଶିକ୍ଷଣ ଏବଂ ସମୟ ସହିତ ଅଗ୍ରଗତି ଉପରେ ନଜର ରଖିବାରେ ସାହାଯ୍ୟ  କରିବ ।



https://withteachers.in/

## ଗଠନମୂଳକ ମାନ ନିର୍ଦ୍ଧାରଣ :

ଗଠନମୂଳକ ମୂଲ୍ୟାଙ୍କନ ଏକ ପୃଥକ ପରୀକ୍ଷା ଦିବସରେ ନ କରି ଶ୍ରେଣୀଗୃହ କାର୍ଯ୍ୟକଳାପ ମାଧ୍ୟମରେ ହେବା ଉଚିତ୍ ।

- ଶକ୍ତି ଏବଂ ଉନ୍ନତି କ୍ଷେତ୍ର ଦର୍ଶାଇ ଗୁଣାତ୍ମକ ମତାମତ ପ୍ରଦାନ ।
- ଉଭୟ ଅନୁଷ୍ଠାନିକ ଏବଂ ଅନୌପଚାରିକ କଥାବାର୍ତ୍ତାରେ କଳା ଉପରେ ଆଲୋଚନାରେ ଛାତ୍ରମାନଙ୍କ ଅଂଶଗ୍ରହଣକୁ ରେକର୍ଡ଼ିଂ କରିବା ।
- କ୍ଷେତ୍ର ଭ୍ରମଣ ସମୟରେ ସରଳ କାର୍ଯ୍ୟଗୁଡ଼ିକ ନ୍ୟସ୍ତ କରିବା ଏବଂ କଳା କାର୍ଯ୍ୟକଳାପରେ ସେମାନଙ୍କର ପର୍ଯ୍ୟବେକ୍ଷଣ ଏବଂ ଆଗ୍ରହକୁ ଆକଳନ କରିବା ।

## ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ :

ପ୍ରକଳ୍ପ କାର୍ଯ୍ୟ କିମ୍ବା ବ୍ୟବହାରିକ ଆସାଇନ୍‌ମେଣ୍ଟ୍ ମାଧ୍ୟମରେ ପ୍ରତ୍ୟେକ କାର୍ଯ୍ୟକଳାପର ଶେଷରେ ସମନ୍ୱିତ ମୂଲ୍ୟାଙ୍କନ କରାଯିବା ଉଚିତ୍ । ମୂଲ୍ୟାଙ୍କନ ପାଇଁ ପ୍ରସ୍ତାବିତ ଉଦାହରଣଗୁଡ଼ିକ ଦୃଶ୍ୟକଳା ବିଭାଗର ଶେଷରେ ପ୍ରଦାନ କରାଯାଇଛି ।

## ପ୍ରସ୍ତୁତି ପର୍ଯ୍ୟାୟ ନିମନ୍ତେ ଦକ୍ଷତା :

୧.୧ ବିଭିନ୍ନ ଚିତ୍ର ସୃଷ୍ଟି କରିବାକୁ ଉତ୍ସାହ ପ୍ରଦାନ କରେ ଯାହା ସେମାନଙ୍କର ଦୈନନ୍ଦିନ ଜୀବନର ଭାବନା ଏବଂ କଳ୍ପନା ଚିତ୍ରଣ କରିଥାଏ ।

୧.୨ ଦୃଶ୍ୟକଳାରେ ମିଳିତ ଭାବରେ କାର୍ଯ୍ୟ କରିବା ବେଳେ ବିଭିନ୍ନ ଧାରଣା ଏବଂ ପ୍ରତିକ୍ରିୟା ବିଷୟରେ ଆଲୋଚନା କରାଯାଏ ।

୨.୧ ସେମାନଙ୍କର ଦୈନନ୍ଦିନ ପର୍ଯ୍ୟବେକ୍ଷଣ, ବ୍ୟକ୍ତିଗତ ଅଭିଜ୍ଞତା ଏବଂ ଭାବନାକୁ ଚିତ୍ରଣ କରୁଥିବାବେଳେ ଦୃଶ୍ୟକଳା ଉପାଦାନଗୁଡ଼ିକର ବିଭିନ୍ନ ମିଶ୍ରଣ(ରେଖା, ଆକାର, ରଙ୍ଗ, ସ୍ଥାନ, ଗଠନ)କୁ ସୃଜନଶୀଳ ଭାବରେ ବ୍ୟବହାର କରେ ।

୨.୨ ଶ୍ରେଣୀଗୃହରେ ପ୍ରସ୍ତୁତ ହୋଇଥିବା ଚିତ୍ରକଳାର ଦୃଶ୍ୟାତ୍ମକ ଉତ୍ସ, ବିଷୟବସ୍ତୁ ଏବଂ ଅଭିବ୍ୟକ୍ତିର ତୁଳନା କରେ ।

୩.୧ ଦୃଶ୍ୟକଳାରେ ବ୍ୟବହୃତ ସାମଗ୍ରୀ, ଉପକରଣ ଏବଂ ଏହାକୁ କୌଶଳ ସହିତ କାର୍ଯ୍ୟ କରିବା ପସନ୍ଦ କରେ ।

୩.୨ ପୃଥକ୍ ଭାବରେ ଏବଂ ମିଳିତ ଭାବରେ କଳାକୃତି ସୃଷ୍ଟି କରିବା ସମୟରେ ଯୋଜନା କାର୍ଯ୍ୟକାରିତା ଏବଂ ଉପସ୍ଥାପନା ପଦକ୍ଷେପଗୁଡ଼ିକ ଅଭ୍ୟାସ କରେ ।

୪.୧ ପ୍ରକୃତିର ଦୃଶ୍ୟାତ୍ମକ ଉତ୍ସଗୁଡ଼ିକୁ ଚିହ୍ନିଥାଏ ଏବଂ ସେମାନଙ୍କର କଳାତ୍ମକ ଗୁଣ ବର୍ଣ୍ଣନା କରେ ।

୪.୨ ସ୍ଥାନୀୟ ଅଞ୍ଚଳର କଳା ରୂପ ଏବଂ ପ୍ରସ୍ତୁତି ପ୍ରତି କୌତୁହଳ ପ୍ରଦର୍ଶନ କରେ ।

https://withteachers.in/

| ଅଧ୍ୟାୟ ଗୁଡ଼ିକରେ ମାନ ନିର୍ଦ୍ଧାରଣ ହୋଇଥିବା ଶିକ୍ଷଣ ଫଳାଫଳ ସମୂହ | | | | |
|---|---|---|---|---|
| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୧ | ୧.୨ | ମିଳିତ ଭାବରେ କାର୍ଯ୍ୟକରେ ଏବଂ ସାଥୀମାନଙ୍କ ସହିତ ଧାରଣା ଆଦାନ ପ୍ରଦାନ କରେ | | |
| ୨ | ୨.୨ | ଆକାର, ରଙ୍ଗ, ପାର୍ଟନ (ଢାଞ୍ଚା) ଗଠନ, ଟେକ୍ସଚର, ସାମଗ୍ରୀ ଏବଂ ଚିତ୍ରକଳାରେ ଦେଖାଯାଇଥିବା ବିଷୟ ବସ୍ତୁର ସମାନତା ଏବଂ ପାର୍ଥକ୍ୟକୁ ଚିହ୍ନଟ କରେ । | | |
| ୩ | ୩.୧ | ଚିତ୍ରାଙ୍କନ ପାଇଁ ଉପଯୁକ୍ତ ସାମଗ୍ରୀ ଏବଂ ଉପକରଣ ଚୟନ କରି ବ୍ୟବହାର କରେ । ରଙ୍ଗ, ପ୍ରଶିକ୍ଷଣ, କୋଲାଜ୍, ଫ୍ରୋଟେଜ୍, ଅଭିଗାମୀ, ଚଟାଣ ଡିଜାଇନ୍, ପାର୍ଶ୍ୱକଳାକୃତି । | | |
| ୪ | ୪.୧ | ପ୍ରକୃତିରେ ଦେଖାଯାଇଥିବା ଢାଞ୍ଚା, ଟେକ୍ସଚର ଏବଂ ସମୃଦ୍ଧତାକୁ ଅନୁଧାନ କରେ ଏବଂ ବର୍ଣ୍ଣନା କରେ । | | |
| ୫ | ୪.୨ | କଳାକୃତିକୁ ଦେଖିବା ସମୟରେ ପ୍ରଶ୍ନ ପଚାରିଥାଏ ଏବଂ ନିଜ ଚିନ୍ତାଧାରାକୁ ପରିପ୍ରକାଶ କରିଥାଏ । କାର୍ଯ୍ୟକଳାପ ଯାହା ଏକ ତାରକା ପ୍ରତୀକ ଦ୍ୱାରା ଚିହ୍ନିତ, ଯେକୌଣସି ଶିକ୍ଷକଦ୍ୱାରା ସୀମିତ ସମ୍ବଳ ଥିବା ବିଦ୍ୟାଳୟରେ ମଧ୍ୟ ସୁବିଧା କରାଯାଇପାରିବ । | | |



https://withteachers.in/

## ଅଧ୍ୟାୟ - ୧



# ବସ୍ତୁଗୁଡ଼ିକୁ ସଜାଇ ଚିତ୍ର ଆଙ୍କିବା

ଧ୍ୟାନ ଦିଅ, ଯେତେବେଳେ ଆସବାବପତ୍ର ଏବଂ ବସ୍ତୁଗୁଡ଼ିକ କଳାତ୍ମକ ଭାବରେ ସଜେଇହୋଇ ଘରର କୋଠରୀରେ ରହିଥାଏ । ସେତେବେଳେ ଏକ କୋଠରୀ, ଘର କିମ୍ବା ଦୋକାନ କିପରି ସୁନ୍ଦର ଦେଖାଯାଏ । ବସ୍ତୁଗୁଡ଼ିକର ପୃଷ୍ଠଭୂମିରେ (ଚଟାଣରେ) କପଡ଼ା ବିଛାଇବା ଦ୍ୱାରା ତାହା ଆମ ଦୃଷ୍ଟି ଆକର୍ଷଣ କରିବାରେ ସାହାଯ୍ୟ କରେ ।

ଏହି ଅଧ୍ୟାୟରେ ତୁମେ ତୁମର ଚାରିପାଖରେ ମିଳୁଥିବା ବିଭିନ୍ନ ବସ୍ତୁ ଚୟନ କରି ସଂଗ୍ରହ କରିବ । ଯେହେତୁ ତୁମେ ଚିତ୍ର ଆଙ୍କିବ, ବସ୍ତୁର ଚାରିପାଖରେ ଥିବା ସ୍ଥାନକୁ ଭଲଭାବରେ ଦେଖ ଏବଂ ଏଥିରେ ଥିବା ବିଭିନ୍ନ ଆକାର, ଆକୃତି ଏବଂ ରଙ୍ଗକୁ ତୁଳନା କର ।

ତୁମେ କେବେ କାଗଜରେ ଲୁଚକାଳି ଖେଳିଛ କି ? ତୁମେ ଶୀଘ୍ର ଚିତ୍ରାଙ୍କନ ମାଧ୍ୟମରେ ତୁମର ଭିଜୁଆଲ (ଦୃଶ୍ୟାତ୍ମକ) ଲୁଚକାଳି ସୃଷ୍ଟି କରିବାକୁ ସକ୍ଷମ ହେବେ । ତୁମର ସାମଗ୍ରୀ ଏବଂ ଉପକରଣଗୁଡ଼ିକୁ ଏକତ୍ର କର କାରଣ ସେଗୁଡ଼ିକ ମଧ୍ୟ ଚିତ୍ର କରୁଥିବା ବସ୍ତୁର ଏକ ଅଂଶ ହେବ ।





https://withteachers.in/

## କ୍ରିୟାକଳାପ - ୧.୧

# ଚିତ୍ରଟିକୁ ସଂପୂର୍ଣ୍ଣ କର

କେତେକ ପ୍ରାଣୀ ଏକାଠି ମିଶି ଏକ ମ୍ୟୁଜିକ୍ ବ୍ୟାଣ୍ଡ ଗଠନ କରିଛନ୍ତି ।

- ତଳ ଚିତ୍ରରେ ଖାଲିସ୍ଥାନରେ ବାଦ୍ୟଯନ୍ତ୍ର ଏବଂ ବସ୍ତୁଗୁଡ଼ିକୁ ଅଙ୍କନ କର ।
- ଏହାକୁ ଆକର୍ଷଣୀୟ କରିବାପାଇଁ ଚିତ୍ରଟିକୁ ରଙ୍ଗ କର ।
- ଯେକୌଣସି ଭାଷାରେ ଏହି ଚିତ୍ରପାଇଁ ଏକ କବିତା ରଚନା କର ।
- ତୁମେ ନିଜ ଇଚ୍ଛା ଅନୁସାରେ ବ୍ୟାଣ୍ଡ ଦଳରେ ଆଉ ଅଧିକ ପଶୁମାନଙ୍କୁ ଯୋଗ କରିପାରିବ ।

ପଶୁପକ୍ଷୀମାନଙ୍କୁ ନେଇ ଅନ୍ୟ ଏକ ମ୍ୟୁଜିକ୍ ବ୍ୟାଣ୍ଡ୍‌ର ଚିତ୍ରାଙ୍କନ କର ।





https://withteachers.in/

## କ୍ରିୟାକଳାପ -୧.୨

# ଚିତ୍ର ପ୍ରଦର୍ଶନୀ - ୧



ଶିଳ୍ପୀ ନନ୍ଦଲାଲ ବୋଷ

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଚିତ୍ରଗୁଡ଼ିକରେ ଥିବା ବସ୍ତୁ ଏବଂ ବାଦ୍ୟଯନ୍ତ୍ର ଖୋଜିବାରେ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରନ୍ତୁ ।




ନନ୍ଦଲାଲ ବୋଷଙ୍କ ଚିତ୍ରକଳା

ପ୍ରସିଦ୍ଧ ଚିତ୍ରଶିଳ୍ପୀ ନନ୍ଦଲାଲ ବୋଷଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରଗୁଡ଼ିକୁ ଦେଖ । ସେ ତାଙ୍କର ଚିତ୍ରଗୁଡ଼ିକରେ ବିଭିନ୍ନ ବୃତ୍ତିର ଲୋକମାନଙ୍କୁ ଦେଖାଇଛନ୍ତି ।

ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକ ମଧ୍ୟରୁ ତୁମେ କେଉଁ ଚିତ୍ରରେ ବାଦ୍ୟଯନ୍ତ୍ର ଦେଖୁଛ । ଚିତ୍ରର ସଂଖ୍ୟାକୁ ଲେଖ ।

ତାନପୁରା...................... ଢାକ୍ .........................

ଘଟମ୍ ........................ ସିଙ୍ଗା .........................

ଚିତ୍ରରେ ତୁମେ ଦେଖୁଥିବା ଅନ୍ୟ ବସ୍ତୁଗୁଡ଼ିକ (ଯେପରିକି ଉପକରଣ ଏବଂ ଅଳଙ୍କାର) ତଳେ ତାଲିକାଭୁକ୍ତ କର ।

____________________

____________________

____________________

____________________

https://withteachers.in/

# ଚିତ୍ର ପ୍ରଦର୍ଶନୀ - ୨



ଶିଳ୍ପୀ ବିମ୍ବାଧର ବର୍ମା

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଚିତ୍ରଗୁଡ଼ିକରେ ଥିବା ବସ୍ତୁ ଏବଂ ବାଦ୍ୟଯନ୍ତ୍ର ଖୋଜିବାରେ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରନ୍ତୁ ।




୧-ପଲ୍ଲୀବଧୂ




୨-ଗୋଧୂଳୀ ରାଗିଣୀ




୩-ଛିନ୍ନତାର



୪-ନବବଧୂର ପ୍ରସାଧନ



୫- ସନ୍ଧ୍ୟା



୬-ରେଖାଚିତ୍ର

ଶିଳ୍ପୀ ବିମ୍ବାଧର ବର୍ମାଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା

ଓଡ଼ିଶାର ଜଣେ ସୁପରିଚିତ ତଥା ଖ୍ୟାତନାମା ଚିତ୍ରକର ବିମ୍ବାଧର ବର୍ମାଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳାଗୁଡ଼ିକୁ ଦେଖ । ଚିତ୍ରଶିଳ୍ପୀ ବିମ୍ବାଧର ବର୍ମାଙ୍କ ଅଙ୍କିତ ଚିତ୍ର, ଜଳରଙ୍ଗରେ ଅଙ୍କିତଚିତ୍ର : ପଲ୍ଲୀବଧୂ, ଗୋଧୂଳି ରାଗିଣୀ, ଛିନ୍ନ ତାର, ନବବଧୂର ପ୍ରସାଧନ, ମୋ ମା' ଓ ରେଖାଚିତ୍ର ଇତ୍ୟାଦି ଅନ୍ୟତମ କୃତି ।

ଏହି ଚିତ୍ର ମାଧ୍ୟମରେ ସେ ଓଡ଼ିଶାର ଅସ୍ମିତାକୁ ଉଜ୍ଜୀବିତ କରି ଓଡ଼ିଆ ଘରର ବେଶ, ପୋଷାକ, ପରିପାଟୀ, ଗହଣା, ପ୍ରସାଧନ ଏବଂ ଗ୍ରାମ୍ୟ ଜୀବନର ସରଳତାକୁ ପ୍ରତିପାଦିତ କରିଛନ୍ତି ।

**କହିଲ ଦେଖି :**

- କେଉଁ ଚିତ୍ରଗୁଡ଼ିକରେ ତୁମେ ନାରୀର ବିଭିନ୍ନ ରୂପକୁ ଦେଖିପାରୁଛ ?
- କେଉଁ କେଉଁ ଛବିରେ ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା ଓଡ଼ିଆ ଘରର ବେଶ, ପୋଷାକ, ପରିପାଟୀ, ଗହଣା ଏବଂ ସରଳ ଗ୍ରାମ୍ୟ ଜୀବନକୁ ଅଙ୍କନ କରିଛନ୍ତି ।
- ଚିତ୍ରଗୁଡ଼ିକ ମଧ୍ୟରୁ କେଉଁ ଚିତ୍ରଟି କେବଳ ରେଖା ଦ୍ୱାରା ଅଙ୍କନ କରାଯାଇଛି ?

**ଚିତ୍ରକଳା ଗୁଡ଼ିକର ନାମ କ'ଣ ଲେଖ ?**

୧.................... ୨....................

୩.................... ୪....................

୫.................... ୬....................



https://withteachers.in/

## କ୍ରିୟାକଳାପ -୧.୩ ବସ୍ତୁଗୁଡ଼ିକର ସାଜସଜ୍ଜା ଓ ଅଙ୍କନ

**ନିମ୍ନରେ ଥିବା ଯେକୌଣସି ପ୍ରସଙ୍ଗ (ବିଷୟ)କୁ ବାଛ ।**

- ପ୍ରକୃତି ସହିତ ସମତାଳରେ ଚାଲିବା (ବଞ୍ଚିରହିବା) ପାଇଁ (ତୁମର ପାଠ୍ୟପୁସ୍ତକ "ଦ ୱାଲ୍ଡ ଆରାଉଣ୍ଡ ଅସ" (ଆମ ଚତୁଃପାର୍ଶ୍ୱର ପୃଥିବୀ)ର ଅଧ୍ୟାୟ-୪କୁ ଅନୁସରଣ କର ।
- ଷ୍ଟେସନାରୀ (ଉପକରଣ) ପେନ୍‌ସିଲ୍, ରବର, ବହି, ବ୍ୟାଗ୍, କଇଁଚି ଓ ଅଠା ଇତ୍ୟାଦି ।
- ଚାଷକାର୍ଯ୍ୟ, ବଢ଼େଇ କାର୍ଯ୍ୟ, ପାଇପ୍‌ରେ ଜଳଯୋଗାଣ କାର୍ଯ୍ୟ, ଦରଜୀ କାର୍ଯ୍ୟ ଇତ୍ୟାଦିରେ ବ୍ୟବହୃତ ଉପକରଣଗୁଡ଼ିକ ।
- ବିଭିନ୍ନ ପୋଷାକ ଏବଂ ଜୋତା
- ବିଭିନ୍ନ ପାତ୍ର ଏବଂ ବାସନ କୁସନ
- ସାଜସଜ୍ଜା ପାଇଁ ବ୍ୟବହୃତ ବସ୍ତୁଗୁଡ଼ିକ, ଟୁଥ୍ ବ୍ରସ୍, ଟୁଥ୍ ପେଷ୍ଟ୍, ପାନିଆ, ନେଲ୍ କ୍ଲିନର୍, ସାବୁନ୍, ତେଲ ବୋତଲ, ବାଲ୍‌ଟି, ମଗ୍ ଇତ୍ୟାଦି ।
- ବସ୍ତୁଗୁଡ଼ିକୁ ଏକ ଆକର୍ଷଣୀୟ ଢଙ୍ଗରେ ସଜାଇ ରଖ ଏବଂ ସେଗୁଡ଼ିକୁ ଆଙ୍କ ।
- ବସ୍ତୁଗୁଡ଼ିକୁ ବଡ଼କରି ଆଙ୍କିବା ପାଇଁ ତୁମେ ସମ୍ପୂର୍ଣ୍ଣ କାଗଜରେ ଚିତ୍ର ଆଙ୍କିବାକୁ ଚେଷ୍ଟାକର ।
- ବସ୍ତୁଗୁଡ଼ିକୁ ପ୍ରଥମେ ଆଙ୍କ ଓ ରଙ୍ଗ କର, ତାପରେ ସେମାନଙ୍କ ଚାରିପାଖରେ ଥିବା ସ୍ଥାନକୁ ରଙ୍ଗଦିଅ ।
- ତୁମ ବିଦ୍ୟାଳୟରେ ଯଦି କୌଣସି ବାଦ୍ୟଯନ୍ତ୍ର ଉପଲବ୍ଧ ଅଛି, ତେବେ ତୁମେ ଯେ କୌଣସି ତିନୋଟି ବାଦ୍ୟଯନ୍ତ୍ରକୁ ସଜେଇ ରଖିପାରିବ ଏବଂ ସେଗୁଡ଼ିକୁ ଅଙ୍କନ କରିବ ।
- କ୍ଷେତ୍ର ଭ୍ରମଣ - ଏକ ବଜାରକୁ ବୁଲିବାକୁ ଯାଅ ଏବଂ ସେଠାରେ ବିକ୍ରେତାମାନଙ୍କ ଦ୍ୱାରା ବସ୍ତୁଗୁଡ଼ିକ କିପରି ସଜାଯାଇ ଥାଏ ଏବଂ ପ୍ରଦର୍ଶିତ କରାଯାଇ ଥାଏ ତାହା ଲକ୍ଷ୍ୟ କର । ସେଠାରେ ଦେଖି ଥିବା ବସ୍ତୁ ଗୁଡ଼ିକର ଚିତ୍ର ଅଙ୍କନ କର ।







https://withteachers.in/


ଏଠାରେ ଗୋଟିଏ ବସ୍ତୁଚିତ୍ର (Still life) ବା ସ୍ଥିର ଚିତ୍ର (Still life) ଅଙ୍କନ କରି ରଙ୍ଗ ଦିଅ ।





https://withteachers.in/

## କ୍ରିୟାକଳାପ - ୧.୪ ସ୍ଥିର ଚିତ୍ର (Still life painting) କୁ ସୃଜନ ଚିତ୍ରରେ ପରିଣତ କରିବା

ଆସ ବସ୍ତୁର ଚିତ୍ରକୁ ଅଲଗା ପ୍ରକାରର ଆଙ୍କିବା ଏବଂ ଚିତ୍ରରେ ନୂତନତାକୁ ଖୋଜିବା ।








**ସୋପାନ (ପଦାଙ୍କ) -୧ :** ଗୋଟିଏ କାଗଜରେ ଦୁଇଟି କିମ୍ବା ତିନୋଟି ବସ୍ତୁ ଅଙ୍କନ କର । ସେମାନେ ଯେପରି ଗୋଟିଏ ଉପରେ ଅନ୍ୟଟି ମାଡ଼ିହୋଇ ନ ରହିବା ଉଚିତ୍ ।


**ସୋପାନ -୨ :** ସେହି ଅଙ୍କିତ ପୃଷ୍ଠାରେ ଅଙ୍କା ବଙ୍କା ରେଖା ଅଙ୍କନ କର, ଯାହାକି ବସ୍ତୁଗୁଡ଼ିକର ଚିତ୍ର ଉପର ଦେଇ ଯାଇଥିବ । ଏହି ରେଖା ପ୍ରତ୍ୟେକ ବସ୍ତୁକୁ ବିଭିନ୍ନ ଭାଗରେ ବିଭକ୍ତ କରିବ ।

**ସୋପାନ - ୩ :** ପ୍ରତ୍ୟେକ ବସ୍ତୁପାଇଁ ଏକ ପ୍ରତୀକ ଏବଂ ରଙ୍ଗ ବାଛ । ଉଦାହରଣ ସ୍ୱରୂପ : ମାଟି ପାତ୍ର ପାଇଁ ଏକ ଲାଲ୍ ବିନ୍ଦୁ, ବାଲ୍‌ଟି ପାଇଁ ଏକ ନୀଳ X ଏବଂ ତାଲା ପାଇଁ ହଳଦିଆ + ।


https://withteachers.in/



**ସୋପାନ -୪ :** ବସ୍ତୁର ତିନୋଟି ଆକୃତିଗୁଡ଼ିକୁ ଚିହ୍ନଟ କର ଯାହାକି ବସ୍ତୁସହିତ (ପୂର୍ବ ପୃଷ୍ଠାରେମନୋନୀତ) ପ୍ରତୀକ ଏବଂ ରଙ୍ଗକୁ ବିଭକ୍ତ କରେ । ତୁମେ ପ୍ରତ୍ୟେକ ବସ୍ତୁକୁ ଉପର ଚିତ୍ରପରି ସମାନ ରଙ୍ଗର ହାଲୁକା ଏବଂ ଗାଢ଼ ରଙ୍ଗରେ ସଜାଅ । ରଙ୍ଗୀନ କଲମରେ ଏହା କର ।



**ସୋପାନ -୫ :** ପ୍ରତ୍ୟେକ ବସ୍ତୁରେ ଆକୃତି ଗୁଡ଼ିକୁ ତୁମ ମନୋନୀତ ରଙ୍ଗରେ ଦୁଇଟି ଭିନ୍ନ ଢାଞ୍ଚାରେ ପୂରଣ କର ।



**ସୋପାନ - ୬ :** ଉପରେ ଦିଆ ଯାଇଥିବା ପରି ବସ୍ତୁଚିତ୍ରର ପୃଷ୍ଠଭୂମି (ବାଙ୍କ ସ୍ଥାନ) ପାଇଁ ଏକ ରଙ୍ଗ ବାଛ ଏବଂ ପୃଷ୍ଠଭୂମିକୁ ଦୁଇଟି ଭିନ୍ନ ଢାଞ୍ଚାରେ ପୂରଣ କର ।



https://withteachers.in/

ପୂର୍ବ ପୃଷ୍ଠାର ଚିତ୍ର ପରି ଏଠାରେ ଏକ ସୃଜନଶୀଳ ବସ୍ତୁଚିତ୍ର ଅଙ୍କନ କର ।

ତୁମର ସାଙ୍ଗମାନେ ତୁମ କଳାକୃତିରେ ଅଙ୍କନ କରାଯାଇଥିବା ବସ୍ତୁଗୁଡ଼ିକୁ ଚିହ୍ନଟ କରି ପାରିବେ କି ?

https://withteachers.in/

## କ୍ରିୟାକଳାପ - ୧.୫ ଏକ ତ୍ରିପାର୍ଶ୍ୱିକ ଦୃଶ୍ୟର ପ୍ରତିରୂପ (ଡାୟୋରାମା) ତିଆରି କର

ଡାୟୋରମା ହେଉଛି ଏକ ତ୍ରି-ପାର୍ଶ୍ୱିକ କଳାକୃତି ଯେଉଁଥିରେ ଅନେକ ବସ୍ତୁ ଗୁଡ଼ିକ ଦୃଶ୍ୟ ଦେଖାଇବା ପାଇଁ ଏକ ବ୍ୟବସ୍ଥା ଥାଏ ।

ତୁମେ ଏକ ପରିତ୍ୟକ୍ତ କାର୍ଟୁନ୍ କିମ୍ବା ଜୋତା ବାକ୍ସକୁ ବ୍ୟବହାର କରି ଅତି ସହଜରେ ଏକ ତ୍ରି-ପାର୍ଶ୍ୱିକ ଦୃଶ୍ୟର ପ୍ରତିରୂପ ତିଆରି କରିପାରିବ ।

- ଏଠାରେ ତୁମ ମନରୁ ଏକ କୋଠରୀର ଡିଜାଇନ୍ ଅଙ୍କନ କର ।
- ଚିତ୍ରାଙ୍କନକୁ ଆଧାର କରି ବିଭିନ୍ନ ଆବଶ୍ୟକ ବସ୍ତୁ ତିଆରି କର ଯାହା ଏହି ପ୍ରତିରୂପ କୋଠରୀରେ ରଖାଯିବ । ଉଦାହରଣ ସ୍ୱରୂପ- ଆସବାପତ୍ର ତିଆରି କରିବା ପାଇଁ ତୁମେ ଖାଲି ମ୍ୟାଚ୍ ବକ୍ସ ବ୍ୟବହାର କରିପାରିବ ଏବଂ ପରଦା ତିଆରି କରିବାପାଇଁ ପୋଷାକ ଖଣ୍ଡ ଏଥିରେ ରଖିବା ପାଇଁ ତୁମ ପସନ୍ଦର କେଉଁ କେଉଁ ବସ୍ତୁ ତିଆରି କରିବ ତାହା କଳ୍ପନା କର ।



- ତୁମର ଏହି ଛୋଟ କୋଠରୀକୁ ସୁନ୍ଦର ଭାବରେ ସଜାଅ ।



https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ - ୧ - ବସ୍ତୁଗୁଡ଼ିକୁ ସଜାଇ ଚିତ୍ର ଆଙ୍କିବା | | | | |
|---|---|---|---|---|
| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୧ | ୧.୧ | ବିଭିନ୍ନ ବସ୍ତୁଗୁଡ଼ିକୁକୁ ସଜେଇରଖା ଯାଏ ଏବଂ ସେଗୁଡ଼ିକୁ ଦେଖି ଚିତ୍ର ଅଙ୍କନ କରାଯାଏ। | | |
| ୨ | ୨.୧ | କଳ୍ପନା କରି ବସ୍ତୁଗୁଡ଼ିକର ସ୍ଥାନ, ଆକାର, ଆକୃତି, ରେଖା, ରଙ୍ଗ ଏବଂ ଢାଞ୍ଚା ସହିତ ଖେଳିବା ଆଧାରରେ ଚିତ୍ରଣ କରାଯାଏ । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________

https://withteachers.in/

ଅଧ୍ୟାୟ - ୨



# ପ୍ରକୃତିର ଆବଡ଼ା ଖାବଡ଼ା ପୃଷ୍ଠଭାଗ

ପଞ୍ଚତନ୍ତ୍ରର ଅନେକ କାହାଣୀ, ହିତୋପଦେଶ ଏବଂ ଜାତକ ଗଳ୍ପର କାହାଣୀଗୁଡ଼ିକ ଜଙ୍ଗଲ ଉପରେ ପର୍ଯ୍ୟବେକ୍ଷିତ । ଆମ ପ୍ରକୃତି ଅନେକ ଅବିଶ୍ୱନୀୟ ଆକୃତି, ଆକାର, ରଙ୍ଗ, ଢାଞ୍ଚା ଏବଂ ଆବଡ଼ା ଖାବଡ଼ା ପୃଷ୍ଠଭାଗ (Texture) ରେ ପରିପୂର୍ଣ୍ଣ ।

ପ୍ରକୃତିର ବିଭିନ୍ନ ଗଠନ ଯେପରିକି ସ୍ପର୍ଶଦ୍ୱାରା ଏହାର ଖୁଦୁରାପଣ, ଚିକ୍କଣ, ବନ୍ଧୁର (ଖାଲଢିପ), ନରମ ଏବଂ ସବୁକିଛି ଅନୁଭବ କରାଯାଇପାରେ । ଏହି ଅଧ୍ୟାୟରେ ତୁମେ ତୁମର ପ୍ରାକୃତିକ ପରିବେଶର ବିଭିନ୍ନ ଗଠନ ଗୁଡ଼ିକ ଅନୁସନ୍ଧାନ କରିବାକୁ ବାହାରକୁ ଯିବ ।

ଶିକ୍ଷଣ କୌଶଳ ଦ୍ୱାରା ତୁମେ ତୁମର କଳ୍ପବୃକ୍ଷ କିମ୍ବା ଇଚ୍ଛାପୂରଣକାରୀ ଗଛ ତିଆରି କରିପାରିବ ଯେଉଁଥିରେ ବିଭିନ୍ନ ଟେକ୍ସଚରକୁ ଦେଖାଇବ ।

ଯେପରି :

**ରଗଡ଼ିବା (ଘଷା) :** ଢାଞ୍ଚାଗୁଡ଼ିକୁ କରାୟତ୍ତ କରିବା ପାଇଁ ଆବଡ଼ା ଖାବଡା ପୃଷ୍ଠଭୂମି ଉପରେ ହାତ ଘଷିବା ଓ ଅନୁଭବ କରିବା ।

**କୋଲାଜ୍ :** ଏକ କାଗଜ ପୃଷ୍ଠରେ, ବିଭିନ୍ନ ପତ୍ର, କାଗଜ ଇତ୍ୟାଦିକୁ କାଟି ଅଠା ସାହାଯ୍ୟରେ ଲଗାଇ ଚିତ୍ର ତିଆରି କରିବା ।

**ପତ୍ର ମୁଦ୍ରଣ(Leaf printing) :** ଗୋଟିଏ ପତ୍ରର ଏକ ପାର୍ଶ୍ୱକୁ ରଙ୍ଗ ଲଗାଇ କାଗଜ ଉପରେ ବା ଏକ ପୃଷ୍ଠଦେଶରେ ଛାପିବା ।



https://withteachers.in/

## କ୍ରିୟାକଳାପ - ୨.୧ କଳ୍ପବୃକ୍ଷର ପରିକଳ୍ପନା କର



ତୁମ ଚାରିପାଖରେ ଥିବା ଗଛଗୁଡ଼ିକ କିମ୍ୱା ଗଛର ଚିତ୍ରଗୁଡ଼ିକ ଦେଖ ଏବଂ ନିମ୍ନଲିଖିତ ବିଷୟରେ ଆଲୋଚନା କର ।

- ସେମାନଙ୍କର ଆକାର - ଲମ୍ୱା, ଛୋଟ, ବଡ଼ କି ମୋଟା କିପରି ?
- ସେମାନଙ୍କର ଅଂଶ - ଗଣ୍ଡି, ଶାଖା, ପତ୍ର, ଫୁଲ, ଫଳ, କଣ୍ଟା, ଚେର ଇତ୍ୟାଦି ଦେଖିବାକୁ କିପରି ?
- ସେଗୁଡ଼ିକରେ ତୁମେ କେଉଁ ପ୍ରକାରର ରେଖା, ଆକୃତି, ରଙ୍ଗ ଏବଂ ଗଠନ(Texture) ଦେଖୁଛ ?

କଳ୍ପନା କର ଯେ ତୁମେ ଏକ ଯାଦୁକାରୀ ଜଙ୍ଗଲରେ ଅଛ । ଯେଉଁଠାରେ ତୁମେ ନିଜର କଳ୍ପବୃକ୍ଷ କିମ୍ୱା ଇଚ୍ଛାପୂରଣକାରୀ ବୃକ୍ଷ ତିଆରି କରିପାରିବ ।

ଗଛ ଆମକୁ ଅନେକ ଜିନିଷ ଦେଇଥାଏ- ନିଃଶ୍ୱାସ ପାଇଁ ଅମ୍ଳଜାନ, ଖାଇବା ପାଇଁ ଫଳ ଥକ୍କା ମେଣ୍ଟାଇବାକୁ, ଛାଇ ଏହିପରି ଅନେକ କିଛି ଦେଇଥାଏ ।



- ତୁମେ କେଉଁପ୍ରକାର ଗଛ ତିଆରି କରିବାକୁ ଚାହୁଁଛ ?
- ଏହା ଯେକୌଣସି ଆକାର, ଆକୃତି କିମ୍ୱା ରଙ୍ଗର ହୋଇପାରେ ?
- ତୁମ ଗଛ ତିଆରି ପାଇଁ ନିଜର କଳ୍ପନା (ଧାରଣା)ର ଦୁଇରୁ ତିନୋଟି ଗଛର ଚିତ୍ର ଅଙ୍କନ କର ।

**ତୁମେ ଜାଣିଛ କି ?**

ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ କଳ୍ପବୃକ୍ଷ ଏକ ବୃକ୍ଷ ଭାବରେ ଉଲ୍ଲେଖ କରାଯାଇଛି ଯାହା ସମସ୍ତଙ୍କର ଇଚ୍ଛାକୁ ପୂର୍ଣ୍ଣ କରିଥାଏ ।

https://withteachers.in/

ମନରୁ ତୁମ କଳ୍ପବୃକ୍ଷର ରେଖାଚିତ୍ର ଅଙ୍କନ କର ।



https://withteachers.in/

## କ୍ରିୟାକଳାପ - ୨.୨ ଫ୍ରୋଟେଜ୍

ଯେକୌଣସି ଆବଡ଼ା ଖାବଡା ଭୂମିର ଗଠନକୁ ଧରି ରଖିବା ପାଇଁ ଏହାର ପୃଷ୍ଠଦେଶ ଉପରେ ଏକ କାଗଜ ରଖି ପେନ୍‌ସିଲ୍ କିମ୍ବା ରଙ୍ଗ ଘଷି ଚିତ୍ର କରିବାକୁ ଫ୍ରୋଟେଜ୍ କୁହାଯାଏ ।

ତୁମେ ଏଥିପାଇଁ ପେନ୍‌ସିଲ୍, ରଙ୍ଗ ପେନ୍‌ସିଲ୍ କିମ୍ବା କ୍ରେୟନ୍ ବ୍ୟବହାର କରିପାରିବ ।

କାର୍ଯ୍ୟକଳାପ ପାଇଁ ତୁମେ ତୁମର ସାମଗ୍ରୀ ସଂଗ୍ରହ କର ଏବଂ ବାହାରକୁ ଚାଲ ।



### ବିଭିନ୍ନ ଗଠନ (ଟେକ୍ସଚର)କୁ ସ୍ପର୍ଶ କର ଏବଂ ପର୍ଯ୍ୟବେକ୍ଷଣ କର

- ବିଭିନ୍ନ ପୃଷ୍ଠକୁ ସ୍ପର୍ଶ କର, ଯେପରି ମାଟି, ଗୋଡ଼ି, ପଥର, ପତ୍ର, ଫୁଲ, ଗଛର ଛେଲି ଇତ୍ୟାଦି
- ଏକ ଗଛର ଛେଲିର ଗଠନ ବା ଟେକ୍ସଚର ଏକ ପତ୍ରର ଗଠନ ପରି ସମାନ ଅନୁଭବ ଦିଏ କି ?
- ପ୍ରକୃତିର ବିଭିନ୍ନ ଗଠନ (ଟେକ୍ସଚର)ର ରେଖା, ଆକୃତି ଏବଂ ରଙ୍ଗ ଉପରେ ପର୍ଯ୍ୟବେକ୍ଷଣ କର ।
- ପ୍ରତ୍ୟେକ ଗଠନ ବା ଟେକ୍ସଚର ସୃଷ୍ଟି କରୁଥିବା ରେଖାର ଢାଞ୍ଚାଗୁଡ଼ିକୁ ପ୍ରକାର ତୁଳନା କର ।
- ଆମ ପାଠ୍ୟପୁସ୍ତକ "ଆମ ବିଚିତ୍ର ବିଶ୍ୱ" ଅଧ୍ୟାୟ-୪ରେ ପତ୍ରଗୁଡ଼ିକରେ ଥିବା ରେଖାଗୁଡ଼ିକୁ ଅନୁଧ୍ୟାନ ପାଇଁ ଦର୍ଶାଯାଇଅଛି ।

ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକ ଅନୁସରଣ କରି ତୁମର "ଫ୍ରୋଟେଜ୍" ପ୍ରସ୍ତୁତ କର ।

https://withteachers.in/

## ଫ୍ରୋଟେଜ୍ ତିଆରି ପ୍ରଣାଳୀ (ପ୍ରକ୍ରିୟା)

୧. ତୁମ ପସନ୍ଦର ଯେକୌଣସି ପୃଷ୍ଠରେ ଏକ କାଗଜ ରଖ ।

୨. କାଗଜକୁ ପୃଷ୍ଠରେ ଉପରେ ଧରି କାଗଜ ଉପରେ ଏକ ରଙ୍ଗୀନ୍ ପେନ୍‌ସିଲ୍ କିମ୍ବା ଏକ କ୍ରୋୟନ୍ ଘଷ ।

୩. ଘଷିବା ପରେ କାଗଜ ଉପରେ ମୁଦ୍ରିତ ଗଠିତ ଚିତ୍ରକୁ ଦେଖ ।

୪. ସୃଷ୍ଟି ହେଉଥିବା ମୁଦ୍ରିତ ଚିତ୍ରକୁ ଅଧିକ ସ୍ପଷ୍ଟ କରିବା ପାଇଁ ଅଧିକ ଚାପ ସହିତ ଘଷ ।

୫. ଏହିପରି ଏକ ଅଲଗା ଅଲଗା କାଗଜକୁ ଅଲଗା ପୃଷ୍ଠରେ ରଖ ଏବଂ ଷ୍ଟେପ୍ (ସୋପାନ) ଗୁଡ଼ିକର ପୁନରାବୃତ୍ତି କର ।

ପରବର୍ତ୍ତୀ କ୍ରିୟାକଳାପ ପାଇଁ ତୁମର ସମସ୍ତ "ଫ୍ରୋଟେଜ୍" କଳାକୃତିଗୁଡ଼ିକ ସଂଗ୍ରହ କରି ରଖ ।











https://withteachers.in/

## କ୍ରିୟାକଳାପ - ୨.୩ ଗଛର ଗଣ୍ଡି ଓ ଶାଖାଗୁଡ଼ିକର "କୋଲାଜ୍"

ଯେକୌଣସି ପୃଷ୍ଠଭାଗରେ ବିଭିନ୍ନ ପ୍ରକାର ସାମଗ୍ରୀଗୁଡ଼ିକୁ ଲେପନ କରି ଯେଉଁ କଳାକୃତି ତିଆରି କରାଯାଏ ତାହାକୁ "କୋଲାଜ୍" କୁହାଯାଏ ।

**କୋଲାଜ୍ ପ୍ରକ୍ରିୟା**


୧. କାଗଜ ସିଟ୍‌ଗୁଡ଼ିକୁ ଯୋଡ଼ି ଏକ ବଡ଼ କାଗଜ ତିଆରି କର ତୁମେ ପୁରୁଣା ଖବର କାଗଜ କିମ୍ବା ବର୍ଜ୍ୟବସ୍ତୁର ବ୍ୟବହାର ମଧ କରିପାରିବ ।

୨. ତୁମଦ୍ୱାରା ପ୍ରସ୍ତୁତ ବଡ଼ କାଗଜ ଉପରେ ସ୍କେଚ ଦ୍ୱାରା ଏକ କାଳ୍ପନିକ ଗଛର ଚିତ୍ର ଏବଂ ଏହାର ଶାଖା ପ୍ରଶାଖା ଅଙ୍କନ କରି ତୁମର ଇଚ୍ଛା ପୂରଣକାରି ବୃକ୍ଷର ଚିତ୍ର ପ୍ରସ୍ତୁତ କର ।

୩. ବିଭିନ୍ନ ଫ୍ରୋଟେଜ୍ ଚିତ୍ର ଗୁଡ଼ିକ ସଂଗ୍ରହ କର । ତୁମେ ବିଭିନ୍ନ ଗଠନ(Texture) ର ସୁନ୍ଦର ସାମଗ୍ରୀ ମଧ ଅନ୍ତର୍ଭୁକ୍ତ କରିପାରିବ ।

୪. ତୁମ ଦ୍ୱାରା ଅଙ୍କନ କରାଯାଇଥିବା "ଫ୍ରୋଟେଜ୍"ରୁ ଅଲଗା ଅଲଗା ଗଠନ (Texture)କୁ ଚୟନ କର ଏବଂ ଏ ବିଷୟରେ ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କରି ତୁମ ଧାରଣାକୁ ସ୍ପଷ୍ଟ କର ।

୫. ଗଛର ଗଣ୍ଡି ଏବଂ ଶାଖାଗୁଡ଼ିକର ବାହ୍ୟରେଖା ମଧରେ ଫ୍ରୋଟେଜ୍ କାର୍ଯ୍ୟଗୁଡ଼ିକୁ ବ୍ୟବସ୍ଥିତ ଭାବେ ଲେପନ କର ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଏହାକୁ ୪ରୁ ୫ ଜଣ ଛାତ୍ରଛାତ୍ରୀଙ୍କ ଦଳ ଦ୍ୱାରା କରାଯାଇପାରିବ ।

https://withteachers.in/

## କ୍ରିୟାକଳାପ - ୨.୪

# ପତ୍ରଗୁଡ଼ିକ ମୁଦ୍ରଣ କର

କୋଲାଜ୍ ସମାପ୍ତ କରିବା ପରେ ତୁମ ଗଛର ଡାଳରେ ପତ୍ର ଲଗାଇ ଗଛକୁ ଆହୁରି ଅଧିକ ସୁନ୍ଦର ଭାବେ ତିଆରି କର ।

**ପତ୍ର-ମୁଦ୍ରଣ ପ୍ରକ୍ରିୟା :**

୧. ବିଭିନ୍ନ ଆକୃତି, ଆକାର ଏବଂ ଗଠନ ଗୁଡ଼ିକର ପତ୍ର ସଂଗ୍ରହ କର ।

୨. ରଙ୍ଗର କ୍ରିମ୍ ବା ପେଷ୍ଟ ତିଆରି କରିବା ପାଇଁ କିଛି ରଙ୍ଗରେ ଅଳ୍ପ ପାଣି ମିଶାଇ ତାହାକୁ ଭଲଭାବେ ଫେଣ୍ଟି ରଖ ।

୩. ପତ୍ରରେ ଏହି ପେଷ୍ଟକୁ ଆଙ୍ଗୁଠି, ସ୍ପଞ୍ଜ କିମ୍ବା ବ୍ରସ୍‌ରେ ଲଗାଅ ।

୪. ଏହାକୁ ନିଜର ଇଚ୍ଛା ମୁତାବକ ଗଛର ପତ୍ର ହେବା ସ୍ଥାନରେ ଓଲଟାଇ ରଖ ଏବଂ ତାକୁ ଜୋର୍‌ରେ ଦାବ ।

୫. ଏହାପରେ ପତ୍ରକୁ ଯତ୍ନର ସହିତ ପୃଷ୍ଠରୁ ଉଠାଅ । ଦେଖିବ ସେହି ପତ୍ର ପରି ଅବିକଳ ମୁଦ୍ରଣ ହୋଇଯାଇଛି ।

୬. ବିଭିନ୍ନ ପତ୍ର ଏବଂ ରଙ୍ଗ ଦେଇ ଏହି ପ୍ରକ୍ରିୟାକୁ ପୁନରାବୃତ୍ତି କରି ଗଛର ଆବଶ୍ୟକ ପତ୍ରରେ ମୁଦ୍ରଣ କର ।

୭. ଯେତେବେଳେ ପତ୍ରଗୁଡ଼ିକ ମୁଦ୍ରଣ କରିବ ସେତେବେଳେ ତୁମେ ଏକ ଗଛର ଅବିକଳ ଆକାରରେ ପତ୍ରଗୁଡ଼ିକ ଲଗାଇବ ।

ଏହିପରି ତୁମେ ତୁମର ଗଛର ଚିତ୍ରକୁ ସଂପୂର୍ଣ୍ଣ କର ଏବଂ ସାଙ୍ଗମାନଙ୍କୁ ତୁମ ଚିତ୍ରକୁ ଦେଖିବାକୁ ଡାକ ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଏହାକୁ ୪ରୁ ୫ ଜଣ ଛାତ୍ରଛାତ୍ରୀଙ୍କ ଦଳ ଦ୍ୱାରା କରାଯାଇପାରିବ ।



https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ - ୨ - ପ୍ରକୃତିର ଆବଡ଼ା ଖାବଡ଼ା ପୃଷ୍ଠଭାଗ | | | | |
|---|---|---|---|---|
| ପାଠ୍ୟକ୍ରମ ଲକ୍ଷ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୧ | ୧.୧ | ଉଦ୍ଭିଦଗୁଡ଼ିକରେ ଦେଖାଯାଉଥିବା ଅଲଗା ଅଲଗା ଢାଞ୍ଚା ଏବଂ ଗଠନକୁ ଚିତ୍ରଣ କର । | | |
| ୨ | ୨.୧ | ସମାପ୍ତ କାର୍ଯ୍ୟ ଉପସ୍ଥାପନ କରିବା ପୂର୍ବରୁ ପ୍ରସ୍ତୁତ ରେଖାଚିତ୍ର (ସ୍କେଚ୍) ଏବଂ ଅଙ୍କିତ ଚିତ୍ରଗୁଡ଼ିକୁ ସଜାଡ଼ି ରଖ । | | |
| ୩ | ୩.୨ | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________________

______________________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________________

______________________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________________

______________________________

https://withteachers.in/

## ଅଧ୍ୟାୟ - ୩

# ଜଳ ଜଗତ (ଆକ୍ୱା ୱାର୍ଲ୍ଡ)



ଆକ୍ୱା ହେଉଛି ଜଳର ଅନ୍ୟ ଏକ ଶବ୍ଦ । ଆକ୍ୱାରିୟମ୍ ଏହି ଶବ୍ଦରୁ ଆସିଛି । ରଙ୍ଗର କିଛି ଛାୟା ବର୍ଣ୍ଣନା କରିବା ପାଇଁ ଆକ୍ୱା ମଧ୍ୟ ବ୍ୟବହୃତ ହୁଏ । ଯେପରିକି ଆକ୍ୱା ନୀଳ କିମ୍ବା ଆକ୍ୱା ସବୁଜ । ଏହି ଅଧ୍ୟାୟରେ ନିମଗ୍ନ ହୁଅ ଏବଂ ତୁମର କଳ୍ପନା ଶକ୍ତିକୁ ବିକଶିତ କର ।


ତୁମେ ଚିତ୍ର ଆଙ୍କିବା, ରଙ୍ଗ କରିବା ଏବଂ ଅନେକ ଜଳଜୀବ ତିଆରି କରିବା ସମୟରେ ଏହିସବୁ ଢାଞ୍ଚା(ବିଭିନ୍ନ ଆକୃତି)କୁ ବ୍ୟବହାର କର ।




ଦିଆଯାଇଥିବା ବିଭିନ୍ନ ଆକୃତିର ମଧ୍ୟରେ ବିଭିନ୍ନ ଢ଼ାଞ୍ଚା ଅଙ୍କନ କରି ଚିତ୍ର ଗୁଡ଼ିକୁ ସୃଜନଶୀଳ ଜଳଜୀବ ରୂପରେ ପରିଣତ କର । ଏହା ଦ୍ୱାରା ତୁମେ ତୁମ ନିଜର ନୂତନ ଡିଜାଇନ୍ ତିଆରି କରିପାରିବ ।

ଝୁଲନ୍ତା କଳାକୃତି ତିଆରି କର ଯାହାକୁ ଚଳମାନ କଳାକୃତି କହନ୍ତି (ଯାହା ଗତିକରେ) ।

ବିଭିନ୍ନ ଜଳଜୀବକୁ ଦେଖିବ ନାହିଁ କି ? ତେବେ କ'ଣ ପାଇଁ ତୁମେ ଅପେକ୍ଷା କରିଛ ? ତୁମର କଳାରୂପକ ଚଷମା(ଗଗଲ୍ସ)କୁ ପିନ୍ଧ ଏବଂ ଏକ ଚମତ୍କାର ଡେଉର ଗତି (ସ୍ଲାସ୍) ସହିତ ଡାହାଣକୁ ପାଣିରେ ବୁଡ଼ି ପହଁରି ପହଁରି ଗତି କର ।







https://withteachers.in/

## କ୍ରିୟାକଳାପ - ୩.୧ ଜଳବୁନ୍ଦା, ଲହରୀ ଏବଂ ତରଙ୍ଗ(ଢେଉ)

ତୁମେ ଯେତେବେଳେ ସମୁଦ୍ର, ନଦୀ, ପୋଖରୀ କିମ୍ବା ହ୍ରଦ ପାଖରେ ବସ ତୁମକୁ କିପରି ଅନୁଭବ ହୁଏ ? ଲେଖ।

ଜଳବୁନ୍ଦା, ରିପଲ୍ (ଲହରୀ) ଏବଂ ତରଙ୍ଗ (ଢେଉ) କେଉଁ ପ୍ରକାରର ରେଖା ଏବଂ ଢାଞ୍ଚା ଭଳି ପ୍ରତୀୟମାନ ହୁଏ ?

ଏଠାରେ ଦିଆଯାଇଥିବା ଖାଲି ପୃଷ୍ଠରେ ଜଳବୁନ୍ଦା, ଲହରୀ ଏବଂ ତରଙ୍ଗର ନିଜସ୍ୱ ଢାଞ୍ଚାଗୁଡ଼ିକ ଅଙ୍କନ କର।

https://withteachers.in/

## କ୍ରିୟାକଳାପ - ୩.୨ ଶାମୁକା ଏବଂ ମାଛକାତି 

ତିନି କିମ୍ବା ଅଧିକ ଜଳ ଜନ୍ତୁର ବାହ୍ୟ ରେଖା ଅଙ୍କନ କର ।

ତୁମେ ଦେଖିଥିବା ଢ଼ାଞ୍ଚା ଗୁଡ଼ିକ ଏହି ପ୍ରାଣୀମାନଙ୍କ ଚିତ୍ର ମଧ୍ୟରେ ଯୋଡ଼ ।

ସେମାନଙ୍କର ଢାଞ୍ଚା ସହ ନିଜ ଧାରଣାକୁ ମେଳ କର ଏବଂ ସେମାନଙ୍କର ସମାନତା ଏବଂ ପାର୍ଥକ୍ୟ ବିଷୟରେ ଆଲୋଚନା କର ।



https://withteachers.in/

## କ୍ରିୟାକଳାପ - ୩.୩ ଜଳରେ ପ୍ରତିଫଳନ

ଯେତେବେଳେ ତୁମେ ଏକ ଦର୍ପଣକୁ ଦେଖିବ ତୁମର ପ୍ରତିଫଳନ ତୁମପରି ଦେଖା ଯାଉନାହିଁ କି ?

**ତାହାଣର ନିମ୍ନ ଭାଗରେ ଥିବା ଚିତ୍ରକୁ ଦେଖ ।**

- ତୁମେ କାହାର ପ୍ରତିଫଳନ ପାଣିରେ ଦେଖୁଛ ?
- ଏହା କେଉଁ ପ୍ରାଣୀର ? ତାହାର ଆକାରଟିକୁ ଅଙ୍କନ କର ।
- ଏବେ ତୁମର କଳାକୃତିକୁ ରଙ୍ଗ କର ।
- ଅଲଗା ପୃଷ୍ଠାରେ ଆଉ ଏକ ଚିତ୍ର ଅଙ୍କନ କର ଏବଂ ପଞ୍ଚତନ୍ତ୍ର କାହାଣୀରେ ପ୍ରଦତ୍ତ କୂଅ ଭିତରେ ଥିବା ସିଂହର ପ୍ରତିଫଳନକୁ ଦେଖାଅ ।
- ଏହି ଚିତ୍ରଟିକୁ ମଧ୍ୟ ଆଉ ଏକ ପୃଷ୍ଠାରେ ଅଙ୍କନ କର ।





ପଞ୍ଚତନ୍ତ୍ର କାହାଣୀରେ ଦିଆଯାଇଥିବା କୂଅ ଭିତରେ ସିଂହର ପ୍ରତିଫଳନର ଦୃଶ୍ୟକୁ ଏଠାରେ ଅଙ୍କନ କର ।



https://withteachers.in/

## କ୍ରିୟାକଳାପ - ୩.୪ ଜଳ ଜଗତର ପେସାଦାର



ବିଭିନ୍ନ ବୃତ୍ତିରେ ସଜେଇ ହୋଇ ଥିବା ପରି ଜଳ ଜଗତର ଜୀବ ମାନଙ୍କୁ କଳ୍ପନା କର, ଯେପରି- ବସ୍ ଡ୍ରାଇଭର, ଶିକ୍ଷକ, ଆଇନଜୀବୀ (ଓକିଲ), ବଢ଼େଇ , ରୋଷେୟା, ଡାକ୍ତର ଅଭିନେତା ଇତ୍ୟାଦି ।

ତୁମେ ଜାଣିବା ପାଇଁ ଏଠାରେ କିଛି ଧାରଣା ଦିଆଯାଇଛି : ଏଠାରେ ଦିଆଯାଇଥିବା ଚିତ୍ର ପରି ବିଭିନ୍ନ ଜଳଜୀବମାନଙ୍କୁ ଅଲଗା ଅଲଗା ବୃତ୍ତିରେ ଅଙ୍କନ କରିବା ପାଇଁ।

**ଗୋଟିଏ କଙ୍କଡ଼ା-ଶିକ୍ଷକ ବୃତ୍ତିରେ**
**ଗୋଟିଏ ମାଛ- ଡାକ୍ତର ବୃତ୍ତିରେ**
**ଗୋଟିଏ କଇଁଛ - ରୋଷେୟା ବୃତ୍ତିରେ**
**ଗୋଟିଏ କୁମ୍ଭୀର - ଅଭିନେତା ବୃତ୍ତିରେ**
**ଗୋଟିଏ ଅକ୍ଟୋପସ୍ - ଫେସ ଡିଜାଇନର୍ ବୃତ୍ତିରେ**
**ଗୋଟିଏ ସାର୍କ - ଓକିଲ (ଆଇନଜୀବୀ) ବୃତ୍ତିରେ**

ଅନ୍ୟ ବୃତ୍ତିର କିମ୍ବା ଅନ୍ୟାନ୍ୟ ଜଳଜୀବ ଗୁଡ଼ିକୁ ଚୟନ କର ଏବଂ ସେମାନଙ୍କର ଚିତ୍ର ଅଙ୍କନ କର ।



https://withteachers.in/

ଜଳ ଜଗତର ପେସାଦାର (ଜଳ ଜୀବଜନ୍ତୁ) ମାନଙ୍କ ବିଭିନ୍ନ ବୃତ୍ତିର ଚିତ୍ର ଅଙ୍କନ କର:




https://withteachers.in/

## କ୍ରିୟାକଳାପ - ୩.୫ କୋଲାମସ୍

ତାମିଲନାଡୁରେ ଫ୍ଲୋର (ଚଟାଣ) ଡିଜାଇନ୍‌କୁ "କୋଲାମ୍" କୁହାଯାଏ । ଏହାକୁ ତୁମ ଭାଷାରେ କିମ୍ବା ଅଞ୍ଚଳରେ କ'ଣ କୁହାଯାଏ ।

- ପଥର ଗୁଣ୍ଡ ପାଉଡ଼ର, ଚାଉଳ, ମଇଦା କିମ୍ବା ଚକ୍ ଗୁଣ୍ଡ ବ୍ୟବହାର କରି ଏଗୁଡ଼ିକ ଅଙ୍କନ କରାଯାଏ ।
- ବିନ୍ଦୁ ଏବଂ ରେଖାକୁ ବ୍ୟବହାର କରି ଏକ ମାଛର କୋଲାମ୍ ଚିତ୍ର କରିବାକୁ ଅଭ୍ୟାସ କର ।
- ବିନ୍ଦୁ ଏବଂ ରେଖାକୁ ବ୍ୟବହାର କରି ଅନ୍ୟ ଜଳଜନ୍ତୁଙ୍କ ଚିତ୍ର ଅଙ୍କନ କର ।

ତୁମେ କାଗଜରେ କୋଲାମ ତିଆରି ଅଭ୍ୟାସ କରିବା ପରେ ସେଗୁଡ଼ିକୁ ଚଟାଣରେ ତିଆରି କର ।





ଡାହାଣ ପାର୍ଶ୍ୱରେ ଦିଆଯାଇ ଥିବା ଚିତ୍ର ପରି ଖାଲି ସ୍ଥାନରେ ଏକ ସାପ "କୋଲାମ" ଅଙ୍କନ କର ।

- ସୋପାନ ଗୁଡ଼ିକୁ ଅନୁସରଣ କର ।
- ଯତ୍ନର ସହିତ ଗୋଟିଏ ରେଖା ଉପରେ ଅନ୍ୟରେଖା କିପରି ମାଡ଼ିକରି ରହିଛି ସେହି ରେଖାଗୁଡ଼ିକୁ ନିରୀକ୍ଷଣ କର ।
- ଚିତ୍ରରେ ଦିଆଯାଇଥିବା ପରି ଢାଞ୍ଚାଗୁଡ଼ିକର ପୃଷ୍ଠ ଉପରେ ରେଖାକୁ ଯୋଡ଼ି ରଙ୍ଗ ଦିଅ ।

ତଳେ ଦିଆଯାଇଥିବା ଚିତ୍ର ପରି ସୂତା ଖଣ୍ଡ କିମ୍ୱା ମୋଟା ଦଉଡ଼ି ବ୍ୟବହାର କରି କୋଲାମ୍ ସୃଷ୍ଟି ତିଆରି କର ।

- ଚିତ୍ରକୁ ଭଲଭାବରେ ଦେଖ ।
- ତୁମର କାର୍ଯ୍ୟଟିକୁ ଆକର୍ଷଣୀୟ କରିବା ପାଇଁ ରଙ୍ଗୀନ୍ ସୂତା ଏବଂ ଦଉଡ଼ି ବ୍ୟବହାର କର ।
- ତୁମର ଯେଉଁ ସାଙ୍ଗମାନେ ଏହି ପାର୍ଟନ୍(ଢାଞ୍ଚା) ଅନୁସରଣ କରିବାରେ ଅସମର୍ଥ ହେଉଛନ୍ତି, ସେମାନଙ୍କୁ ସାହାଯ୍ୟ କର ।







https://withteachers.in/

## କ୍ରିୟାକଳାପ - ୩.୬ ମୋବାଇଲ୍ - ଏକ ଚଳମାନ କଳାକୃତୀ



ଆପଣ ଭାବୁଥିବେ ମୋବାଇଲ୍ ଫୋନ୍ ସହିତ ଏହି କ୍ରିୟାକଳାପର କିଛି ସମ୍ପର୍କ ଅଛି କି ? ନା, ଏହା ନୁହେଁ !

ମୋବାଇଲ - ଏହିଚଳମାନ କଳାକୃତି ହେଉଛି ଏକ ପ୍ରକାରର ସାଜସଜ୍ଜା ବସ୍ତୁ, ଯାହା ଗତିକରେ ।

ଏହି ଚିତ୍ରଗୁଡ଼ିକୁ ଦେଖ ଏବଂ ବିଭିନ୍ନ ପ୍ରାଣୀର ଆକୃତି ସହିତ ତୁମ ନିଜର ମୋବାଇଲ କଳାକୃତି ତିଆରି କର ।

ତୁମର ବିଭିନ୍ନ ଚଳମାନ କଳାକୃତି ତିଆରି କରିବାକୁ ବିଭିନ୍ନ ସାମଗ୍ରୀ ବ୍ୟବହାର କରିବାକୁ ଚେଷ୍ଟା କର ।

ଓରିଗାମୀ କଇଁଛ ତିଆରି କର ୱାର୍ଲ୍ଡ ଆରାଉଣ୍ଡ ଅସ୍ ଆମ ପାଠ୍ୟକ୍ରମର ଅଧ୍ୟାୟ-୪ରେ ଦିଆଯାଇଥିବା କାର୍ଯ୍ୟକଳାପର ନିର୍ଦ୍ଦେଶାବଳୀକୁ ଦେଖ । ମାଛ-ବେଙ୍ଗ ଏବଂ ଅନ୍ୟାନ୍ୟ ଜୀବଙ୍କୁ "ଚଳମାନ କଳାକୃତି"ରୂପେ ତିଆରି କର ।







https://withteachers.in/

| ମାନ ନିର୍ଦ୍ଧାରଣ - ଅଧ୍ୟାୟ - ୩ - ଜଳ ଜଗତ | | | | |
|---|---|---|---|---|
| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୧ | ୧.୧ | ଜଳଜୀବ ଏବଂ ପ୍ରାଣୀମାନଙ୍କ ମଧ୍ୟରେ ଦେଖାଯାଇଥିବା ଢାଞ୍ଚା ଏବଂ ସାମଞ୍ଜସ୍ୟକୁ ଚିତ୍ରଣ କରେ । | | |
| ୨ | ୨.୧ | ଜଳଜୀବ କିମ୍ବା ତୁମ କଳ୍ପିତ ଜୀବମାନଙ୍କୁ ଚିତ୍ରଣ କରିବା ପାଇଁ ବିଭିନ୍ନ ଆକୃତି ଆକାର ଏବଂ ଢାଞ୍ଚା ବ୍ୟବହାର କରିହୁଏ । | | |
| ୩ | ୩.୨ | ଓରିଗାମୀ କାର୍ଯ୍ୟକଳାପରେ କାଗଜ ଭାଙ୍ଗ ଗୁଡ଼ିକର କ୍ରମକୁ ଅନୁସରଣ । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ____________________

____________________




https://withteachers.in/

## ଅଧ୍ୟାୟ - ୪

# ଲୋକଙ୍କ କାର୍ଯ୍ୟ ପ୍ରକ୍ରିୟା



ଗୋଟିଏ ସମୟକୁ ମନେ ପକାଅ ତୁମେ ଯେତେବେଳେ ବିଭିନ୍ନ ସ୍ଥାନ ଏବଂ କାର୍ଯ୍ୟରେ ବୁଲୁଥିବା ଲୋକଙ୍କ ସହିତ ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିଲ । ପ୍ରତ୍ୟେକ ବ୍ୟକ୍ତିର ଚାଲି ଚଳନ ଗତି ଏକ ଭିନ୍ନ ଭିନ୍ନ ଆକାର ବା ଆକୃତିର ଚିତ୍ରିତ କାହାଣୀ କହେ ।





ଅଧ୍ୟାୟ - ୧ରେ ବିମ୍ବାଧର ବର୍ମାଙ୍କ ଚିତ୍ରଗୁଡ଼ିକ ବିଭିନ୍ନ ଆଭିମୁଖ୍ୟ ଏବଂ ଓଡ଼ିଶାର ସରଳ ଗ୍ରାମୀଣ ଜୀବନଯାପନର ଦୃଶ୍ୟକୁ ଦର୍ଶାଇଥାଏ । ଏହି ଅଧ୍ୟାୟରେ ତୁମେ ଲୋକମାନଙ୍କର ବିଭିନ୍ନ କାର୍ଯ୍ୟ ନିମଗ୍ନ ଥିବା ରେଖା ଚିତ୍ର ଅଙ୍କନ କରିବା ପାଇଁ ଜ୍ୟାମିତିକ ଆକୃତି ବ୍ୟବହାର କରିବା ଶିଖିବେ ।

ପାରମ୍ପରିକ ଭାରତୀୟ ଖେଳନା ଦ୍ୱାରା ଅନୁପ୍ରାଣିତ ତୁମେ ଏକ ସ୍ପିନ୍‌ଡଲ୍ ତିଆରି କରିବ ଏବଂ ଏହା ସହିତ ଖେଳି ଉପଭୋଗ କରିବା ପାଇଁ ଜ୍ୟାମିତିକ 3-D ବା ତ୍ରି-ପାର୍ଶ୍ୱିକ ଆକାର ଗୁଡ଼ିକ ତିଆରି କରିବ ।

ଏହିପରି ତୁମ ମନରୁ ନୂତନ ଆକାର ବା ଆକୃତିକୁ ସୃଷ୍ଟି କର ଏବଂ ସାଙ୍ଗମାନଙ୍କ ସହ ମଜା କର ।







https://withteachers.in/

## କ୍ରିୟାକଳାପ - ୪.୧

# କାର୍ଯ୍ୟ ପ୍ରକ୍ରିୟାର ଦୃଶ୍ୟାଙ୍କନ - ଭିଜୁଆଲ୍ ଜର୍ଣ୍ଣାଲ

ଭିଜୁଆଲ ଜର୍ଣ୍ଣାଲ ହେଉଛି ଏକ କାର୍ଯ୍ୟ ପ୍ରକ୍ରିୟାର ଦୃଶ୍ୟାଙ୍କନର ଅଧ୍ୟୟନ । ଯାହାକୁ ଭାବନା, ପର୍ଯ୍ୟବେକ୍ଷଣ ପାଇଁ କିମ୍ବା ଶୀଘ୍ର ରେଖା ଅଙ୍କନ କରିବା ପାଇଁ ବ୍ୟବହାର କରାଯାଏ ।

କାଗଜର କିଛି ସିଟ୍ ପ୍ରସ୍ତୁତ ରଖ

ଚାଲ "ଷ୍ଟାଚ୍ୟୁ ଗେମ୍" ଖେଳିବା ।

- ଜଣେ ସାଙ୍ଗକୁ ଶ୍ରେଣୀ ସମ୍ମୁଖରେ ଛିଡ଼ା ହେବାକୁ କୁହ ।
- ଗାଧୋଇବା, ଖେଳିବା, ଖାଇବା ଇତ୍ୟାଦି ଦୈନନ୍ଦିନ କାର୍ଯ୍ୟ କରିବାର ସେମାନଙ୍କୁ ଅଭିନୟ କରିବାକୁ କୁହ ।
- ବିଭିନ୍ନ କାର୍ଯ୍ୟ କରିବା ସମୟରେ ସେମାନଙ୍କର ଶରୀର କିପରି ଗତି କରେ ଏବଂ ବୁଲିଯାଏ ତାହା ନିରୀକ୍ଷଣ କର ।
- ଯେତେବେଳେ ତୁମେ ସେମାନଙ୍କର ଏକ ଆକର୍ଷଣୀୟ ପୋଜ୍ ଦେଖିବ, ସେତେବେଳେ "ଷ୍ଟାଚ୍ୟୁ" କୁହ ।



ଗୋଟିଏ ମିନିଟ୍ ମଧ୍ୟରେ ଏକ ପୃଷ୍ଠାରେ ପ୍ରତ୍ୟେକ ପୋଜ୍‌ର ରେଖାଚିତ୍ର ଅଙ୍କନ କର । ଏହି ଗୋଟିଏ ମିନିଟ୍ ରେଖାଚିତ୍ରରେ ଅଧିକ କିଛି ଅଙ୍କନ କରିବା ବିଷୟରେ ଚିନ୍ତା କର ନାହିଁ। ଯଦିଓ ସେମାନେ ରେଖାଚିତ୍ରରେ ଅସଂପୂର୍ଣ୍ଣ ଦେଖାଯିବେ, ତାହା ଠିକ୍ ଅଟେ । ଏହି ପରି ଚିତ୍ରକୁ ସ୍କେଚ କୁହାଯାଏ।



https://withteachers.in/

ଏଠାରେ କମ୍ ସମୟରେ ମଣିଷ ଆକୃତିର ତିନୋଟି ସ୍କେଚ୍ ବା ରେଖାଚିତ୍ର ଅଙ୍କନ କର ।

https://withteachers.in/

## କ୍ରିୟାକଳାପ - ୪.୨

# ଶରୀରର ଗତିବିଧି ଅଙ୍କନ


ଲୋକମାନେ ଚଲାବୁଲା କରୁଥିବା ବେଳେ ତୁମେ କିପରି ଚିତ୍ର ଅଙ୍କନ କରିବ ?


ତୁମେ ଯେତେବେଳେ ଗୋଟିଏ ଶରୀରକୁ ଭାଲଭାବେ ନିରୀକ୍ଷଣ କରିବ, ତୁମେ ସେତେବେଳେ ତାହା ଗୋଲାକାର ଏବଂ ସିଲିଣ୍ଡ୍ରିକାଲ୍ ଆକାରରେ ଦେଖିପାରିବ ।

ଏହି ପୃଷ୍ଠାରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ । ସମଗ୍ର ଶରୀରଟି ଅସମ୍ପୂର୍ଣ୍ଣ ବୃତ୍ତ ଏବଂ ଅଣ୍ଡାକାର ଆକୃତିରେ ଅଙ୍କନ କରାଯାଇଛି ।

**ଲୋକଙ୍କୁ ଅତି ନିକଟରୁ ଦେଖ ଏବଂ ଚିତ୍ର ଅଙ୍କନ କର ।**

- ଏହିପରି ଚିତ୍ର ପରି ଲୋକମାନଙ୍କର ସ୍ଥିତି ଏବଂ ଗତିବିଧିକୁ ନିରୀକ୍ଷଣ କରି ରେଖାଚିତ୍ର ଅଙ୍କନ କର ।
- ତୁମେ କୌଣସି ନୃତ୍ୟରେ ଅଭ୍ୟାସ କରୁଥିବା ଲୋକର ଶରୀରର ଅବସ୍ଥିତି ଓ ଗତିବିଧି (ଭଙ୍ଗୀ)କୁ ଅଙ୍କନ ମଧ୍ୟ କର ।
- ଯେତେ ସମ୍ଭବ ସ୍କେଚଭଳି ରେଖାଚିତ୍ର ଅଙ୍କନ କରିବାକୁ ଚେଷ୍ଟା କର ।







https://withteachers.in/

ଶରୀରର ବିଭିନ୍ନ ଗତିବିଧିର ସ୍କେଚ୍ ବା ପ୍ରାରମ୍ଭିକ ରେଖାଚିତ୍ର ଗୁଡ଼ିକ ଅଙ୍କନ କର ।

https://withteachers.in/

## କ୍ରିୟାକଳାପ -୪.୩ ଲୋକ ଖେଳଣା

ଭାରତର ପ୍ରତ୍ୟେକ ଅଞ୍ଚଳରେ ଖେଳଣା ତିଆରି କରିବାର ଏକ ନିଆରା ପରମ୍ପରା ରହିଛି । ଏଥିମଧ୍ୟରୁ ଅନେକ ହେଉଛି ମାଟି, କାଠ, କପଡ଼ା, ବତୁରା କାଗଜ, ଝୋଟ, ନଡ଼ିଆ କତା, ଶାମୁକା, ଗୋବର, ପାଉଁଶ, କଇଁଆ ଅଠା, ଖଜୁରୀ ପତ୍ର, ତାଳପତ୍ର ଏବଂ ଧାତୁରେ ନିର୍ମିତ କଣ୍ଢେଇ ବା ଖେଳଣା ।



### ତୁମେ ଜାଣିଛ କି ?

(୧) କର୍ଣ୍ଣାଟକର ଚନାପାଟନା ଖେଳନାର ସହର ଭାବରେ ଜଣାଶୁଣା । ଏଠାରେ ରଙ୍ଗୀନ୍ କାଠ ଖେଳନା ତିଆରି କରିବାର ପରମ୍ପରା ଅଛି । ସେମାନଙ୍କର ଡିଜାଇନ ଗୁଡ଼ିକ ସାଧାରଣତଃ ସିଲିଣ୍ଡର, ଗୋଲାକାର କ୍ୟୁବ୍ ଏବଂ କ୍ୟୁବାଇଡ୍ ପରି ଜ୍ୟାମିତିକ ଫର୍ମରେ ଦେଖାଯାଏ ।

(୨) ଓଡ଼ିଶାର ପୁରୀ ଜିଲ୍ଲାର ରଘୁରାଜପୁର ଶିଳ୍ପ ଗ୍ରାମ ମଧ୍ୟ ପାରମ୍ପରିକ ଖେଳନା କଣ୍ଢେଇ ତିଆରି କରିବାରେ ବେଶ୍ ଜଣାଶୁଣା । ଏଠାରେ ଗୋବର ନିର୍ମିତ କଣ୍ଢେଇ, ନଡ଼ିଆ କତାରେ ନିର୍ମିତ କଣ୍ଢେଇ ତିଆରି କରିବାର ପରମ୍ପରା ରହିଛି । ଏହି କଣ୍ଢେଇ ତିଆରି ଶୈଳୀ ସ୍ୱତନ୍ତ୍ର ଓ ପାରମ୍ପାରିକ। ଦେଶ ଓ ବିଦେଶରେ ଏହାର ସୁନାମ ରହିଛି ।







https://withteachers.in/

**ଭାରତର ବିଭିନ୍ନ ସ୍ଥାନର ବିଭିନ୍ନ ପ୍ରକାରର ଖେଳଣା ବା କଣ୍ଢେଇ ଦେଖ ।**

- ଖେଳନା (କଣ୍ଢେଇ)ରେ ବ୍ୟବହୃତ ସାମଗ୍ରୀ ଉପରେ ନଜର ରଖ ଏବଂ ପରସ୍ପର ମଧ୍ୟରେ ଆଲୋଚନା କର ।
- ଚରିତ୍ରଗୁଡ଼ିକ କିପରି ଚିତ୍ରିତ ହୋଇଛି ସେ ବିଷୟରେ ଆଲୋଚନା କର ।
- ସେମାନେ ଚିତ୍ରିତ କରିଥିବା କଣ୍ଢେଇଗୁଡ଼ିକୁ କଳ୍ପନା କର ।
- ତୁମେ ସେହି କଣ୍ଢେଇକୁ ନେଇ କିପରି ଖେଳିବ ବୋଲି ଭାବୁଛ ?



https://withteachers.in/

## କ୍ରିୟାକଳାପ - ୪.୪

# ଗୋଲାକୃତି କାଗଜ କଣ୍ଢେଇ

**ସାମଗ୍ରୀ**


- ଏକ ପତଳା ବାଡ଼ି କିମ୍ବା ଲମ୍ବା ବାଡ଼ି
- A-5 ଆକାରର ପେପର୍ ( A-4 ର ଆଧା) ସାଧା କାଗଜ / ରଙ୍ଗୀନ୍
- ଗ୍ଲୁ (ଅଠା)
- କଲମ / ସ୍କେଚ୍ ପେନ
- କ୍ରେୟନ୍ / (ବୈକଳ୍ପିକ) ଯେକୌଣସି ରଙ୍ଗ

ଏକ ଗୋଲାକୃତି କାଗଜ କଣ୍ଢେଇ ତିଆରି କରିବାକୁ ନିର୍ଦ୍ଦେଶାବଳୀକୁ ଅନୁସରଣ କର ଯାହା ସହିତ ତୁମେ ଖେଳିପାରିବ ।

**ସୋପାନ ୧ :** ତୁମର କାଗଜରେ ଆବଶ୍ୟକ ଆକାରରେ ଆକୃତି ଅଙ୍କନ କର । ତୁମେ ସେଗୁଡ଼ିକୁ ମଧ୍ୟ ବଡ଼ କରି ଆଙ୍କି ପାରିବ ।

**ସୋପାନ ୨ :** ଯଦି ତୁମେ ସାଧା କାଗଜ ବ୍ୟବହାର କରୁଛ, ତେବେ ଆକୃତିଗୁଡ଼ିକ ରଙ୍ଗ କର ।


**ସୋପାନ ୩ :** ଆକୃତିଗୁଡ଼ିକ ଏକ କଇଁଞ୍ଚିରେ କାଟ । ବର୍ତ୍ତମାନ ପ୍ରତ୍ୟେକ ଆକୃତିରୁ ଶରୀରର ଅଂଶ ତିଆରି କର ।







https://withteachers.in/


**ସୋପାନ ୪ :** ଏକ ଛୋଟ ଆୟତକ୍ଷେତ୍ର ଆକାରର କାଗଜକୁ ଏକ କୋଣରୁ ଗୁଡ଼ାଇ ଏହି ପରି କଣ୍ଢେଇର ମୁଣ୍ଡ ତିଆରି (କୋନ୍‌ଭଳି) କର ।



**ସୋପାନ ୫ :** ଏକ ବଡ଼ ଆୟତକ୍ଷେତ୍ର ଆକାରର କାଗଜକୁ (ରୋଲ୍‌କରି) ଗୁଡ଼ାଇ ଗୋଟିଏ ସିଲିଣ୍ଡର ଆକୃତି ତିଆରି କର ।




**ସୋପାନ ୬ :** କଣ୍ଢେଇର ପୋଷାକ ତିଆରି କରିବାକୁ ଏହି ପଦକ୍ଷେପ ଗୁଡ଼ିକୁ ଅନୁସରଣ କର । ଅଭିନବ ପୋଷାକ ସହିତ ହାତ ଏବଂ ଗୋଡ଼ର ସ୍ଥିତି ପ୍ରତ୍ୟେକଟି ଡଲ୍(କଣ୍ଢେଇ/ଖେଳନା)ର ଅନ୍ୟମାନଙ୍କ ଠାରୁ ଭିନ୍ନ ଭାବରେ ତିଆରି କରନ୍ତୁ ।





https://withteachers.in/


**ସୋପାନ ୭ :** ଗୋଟିଏ ବାଡ଼ିରେ କଣ୍ଢେଇକୁ ଯୋଡ଼ି) ସମ୍ପର୍ଣ୍ଣ କର ।



ଏହିପରି ବାଡ଼ିରେ ପ୍ରତ୍ୟେକ ଗୋଡ଼ର ଗୋଟିଏ ମୁଣ୍ଡକୁ ଗୁଡ଼ାଇ ରଖ ଏବଂ ଅଠା ଲଗାଅ ।



ଗୋଡ଼ର ଉପର ଭାଗରେ ପୋଷାକକୁ ରଖି ଏହାକୁ ସଜାଅ ।



ହାତ ଗୁଡ଼ିକୁ କାନ୍ଧ ଉପରେ ଅଠା ଦେଇଯୋଡ଼ । କାନ୍ଧ, କହୁଣୀ ଏବଂ ମଣିବନ୍ଧରେ ଭାଙ୍ଗ (ଫୋଲଡ଼) ତିଆରିକର ।



ମୁଣ୍ଡକୁ ଦୁଇ କାନ୍ଧର ମଝିରେ ଲଗାଅ ଓ କଣ୍ଢେଇକୁ ସଜାଇ ସମ୍ପୂର୍ଣ୍ଣ କର ।

**ବର୍ତ୍ତମାନ କଣ୍ଢେଇଟିକୁ ବାଡ଼ି ସାହାର୍ଯ୍ୟରେ ଘୁରାଅ ଏବଂ ତାହା ସହିତ ଖେଳ ।**



https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ -୪ - ଲୋକଙ୍କ କାର୍ଯ୍ୟ ପ୍ରକ୍ରିୟା | | | | |
|---|---|---|---|---|
| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୧ | ୧.୧ | ମାନବ ଶରୀରକୁ ଚିତ୍ରଣ କରିବାପାଇଁ ବିଭିନ୍ନ ସ୍ଥିତି ଓ ମୌଳିକ ଆକୃତି ବ୍ୟବହାର କରାଯାଏ । | | |
| ୨ | ୨.୧ | କାଗଜରେ ୨ ପାର୍ଶ୍ୱ ଆକାରର ହସ୍ତଶିଳ୍ପ (କୋନ୍, ସିଲିଣ୍ଡର ଇତ୍ୟାଦି) ର ସ୍କେଚ୍ କରାଯାଏ। | | |
| ୩ | ୩.୨ | ଗୋଟିଏ କାଗଜ କଣ୍ଢେଇ ତିଆରି କରିବା ପାଇଁ କ୍ରମ ଅନୁସାରେ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରାଯାଏ । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________________

______________________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________________

______________________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________________

______________________________

https://withteachers.in/

## ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ମାନ ନିର୍ଦ୍ଧାରଣ ପାଇଁ କାର୍ଯ୍ୟକଳାପ (ଉଦାହରଣ) | ମାନ ନିର୍ଦ୍ଧାରଣ ପାଇଁ ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | ତୁମର କଳ୍ପନାରୁ ଏକ ଚିତ୍ର ଅଙ୍କନ କର ଯାହା ଘର ଭିତର କିମ୍ବା ବାହାରର ଦୃଶ୍ୟ ଉପରେ ଆଧାରିତ ହୋଇଥିବ ।<br>• ଯେ କୌଣସି କାର୍ଯ୍ୟରେ ଲୋକ କିମ୍ବା ପଶୁ<br>• ବସ୍ତୁଗୁଡ଼ିକ<br>• ଉଦ୍ଭିଦ ଏବଂ ଗଛ | • ବିଭିନ୍ନ ପ୍ରକାରର ରେଖା, ଆକୃତି, ଆକାର, ରଙ୍ଗ, ଢାଞ୍ଚା ଏବଂ ଟେକ୍ସଚର (ଗଠନ) କୁ ବ୍ୟବହାର କର ।<br>• ଉପଯୁକ୍ତ ସାମଗ୍ରୀ ଓ ଉପକରଣ ଗୁଡ଼ିକୁ ଚୟନ କର ଏବଂ ବ୍ୟବହାର କର |
| ଦଳଗତ | ତୁମର କଳାକୃତିକୁ ସଜାଇବା ଏବଂ ସୃଜନଶୀଳ ଭାବରେ ପ୍ରଦର୍ଶନ କରିବା ପାଇଁ ତୁମର ଶ୍ରେଣୀଗୃହର ଏକ ସ୍ଥାନ ବାଛ ।<br>• ଏକ ବିଷୟ ବସ୍ତୁ ଚିନ୍ତା କର ।<br>• ସାଜସଜ୍ଜା ଏବଂ ଉପସ୍ଥାପନ ପାଇଁ ବିଭିନ୍ନ ସାମଗ୍ରୀ ବ୍ୟବହାର କର । | • ଏକ କାଗଜରେ ମିଳିତ ଭାବରେ କାର୍ଯ୍ୟ ଏବଂ ଧାରଣାର ଆଦାନ ପ୍ରଦାନ କର । |




https://withteachers.in/

# ଓଡ଼ିଶାର ଖ୍ୟାତନାମା ଚିତ୍ରଶିଳ୍ପୀ ଓ ସେମାନଙ୍କ କଳାକୃତି


ଶିଳ୍ପୀମାନଙ୍କୁ ଚିହ୍ନ ଓ କଳାକୃତିଗୁଡ଼ିକ ଦେଖ ।


ବିନୋଦ ରାଉତରାୟ



ଶରତ ଚନ୍ଦ୍ର ଦେଓ


ଉଦୟ ନାରାୟଣ ଜେନା


ବ୍ୟୋମକେଶ ମହାନ୍ତି


ଶିବ ପାଣିଗ୍ରାହୀ


ପ୍ରଫୁଲ୍ଲ ମହାନ୍ତି


ରବିନାରାୟଣ ନାୟକ


ବିପ୍ରଚରଣ ମହାନ୍ତି


ଦୀନନାଥ ପାଠୀ

https://withteachers.in/

# ଓଡ଼ିଶାର କେତେକ ଐତିହ୍ୟ ଓ କଳାକୃତି



ସଜେଇବେରେଣୀ (ଢେଙ୍କାନାଳ ଜିଲ୍ଲା) ଡୋକ୍ରା ଶିଳ୍ପ



କୋଣାର୍କ ଚକ୍ର (ପୁରୀ ଜିଲ୍ଲା)



ଉଦୟଗିରିର ରାଣୀ ଗୁମ୍ଫା (ଭୁବନେଶ୍ୱର)



ମୁକ୍ତେଶ୍ୱର ମନ୍ଦିର ତୋରଣ (ଭୁବନେଶ୍ୱର)



ରଘୁରାଜପୁରର ଶିଳ୍ପଗ୍ରାମ (ପୁରୀ ଜିଲ୍ଲା)



ବେଲଗୁଣ୍ଠାର ପିତ୍ତଳ ମାଛ (ଗଞ୍ଜାମ ଜିଲ୍ଲା)




https://withteachers.in/




# ନାଟକ

## ପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀ,

ପିଲାମାନେ ନାଟକ ଏବଂ କାହାଣୀକୁ ଭଲ ପାଆନ୍ତି । କୋମଳ ବୟସରେ ସେମାନଙ୍କର ପରିକଳ୍ପନା ଏବଂ ସୃଜନଶୀଳତାର ଏକ ଅଦ୍ଭୁତ ସ୍ତର ରହିଥାଏ । ଏହାକୁ ଦୃଷ୍ଟିରେ ରଖି ଏହି ପୁସ୍ତକର ପରିକଳ୍ପନା କରାଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ନିମନ୍ତେ ଏହି ନାଟ୍ୟ ପ୍ରକ୍ରିୟାଟିକୁ ଆନନ୍ଦ ଦାୟକ କରିବା । ମନେରଖିବା ଓ ସ୍ମରଣ କରିବାର ଚାପରୁ ସେମାନଙ୍କୁ ମୁକ୍ତ କରିବା ।

ଆମେ ଖେଳ ଏବଂ ବିଭିନ୍ନ କାର୍ଯ୍ୟକଳାପକୁ ବ୍ୟବହାର କରି ପିଲାମାନଙ୍କୁ ନାଟକର ନୂଆ ନୂଆ କୌଶଳ ସହିତ ପିରିଚିତ କରାଇବା । ଶିକ୍ଷକ ଭାବରେ ଆମେ ସେମାନଙ୍କ ଉପରେ କୌଣସି ନିର୍ଦ୍ଦିଷ୍ଟ ନାଟ୍ୟକର୍ମକୁ ବୋଝଭଳି ଲଦି ନ ଦେଇ, ସେମାନେ କିପରି ନିଜ ସୃଜନ ଶକ୍ତିକୁ ନିଜେ ବିକଶିତ କରିପାରିବେ ସେଥିପାଇଁ ଏକ ଅନୁକୂଳପରିବେଶ ପ୍ରଦାନ କରିବା । ତେଣୁ ଆମେ ସେମାନେ ସମସ୍ତଙ୍କୁ ଏଥିରେ ସାମିଲ ହେବାକୁ ଏବଂ ସ୍ୱାଧୀନତାର ସହ ପରିକଳ୍ପନା କରିବାକୁ ଉତ୍ସାହିତ କରିବା । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି – ଚାଲ ଆମେ ସମସ୍ତେ ନାଟକର ଆନନ୍ଦ ଉପଲବ୍ଧି କିରବା ।

### ନିହାତି ମନେ ରଖିବା :

**ବିଦୂଷକ** ହେଉଛନ୍ତି ପାରମ୍ପାରିକ ଭାରତୀୟ ନାଟକର ଜଣେ ଅନନ୍ୟ ଚରିତ୍ର । ସଂସ୍କୃତ ନାଟକର ଦୃଶ୍ୟଗୁଡ଼ିକୁ ହାସ୍ୟରସ ଓ ବୋକାମି ଦ୍ୱାରା ସଂଯୋଜିତ କରିବା ନିମନ୍ତେ ଏହାଙ୍କୁ ବ୍ୟବହାର କରାଯାଉଥିଲା । ପରିସ୍ଥିତି ଅନୁସାରେ ସେ କୌଣସି ରୂପ ଧାରଣ କରିପାରନ୍ତି ଏବଂ ଯେ କୌଣସି ବିଷୟରେ ମଧ୍ୟ କହିପାରନ୍ତି । ଏଠାରେ ସେ ପିଲାମାନଙ୍କର ବନ୍ଧୁ ଭାବରେ ନାଟକର ତତ୍ତ୍ୱ ଏବଂ ବିଷୟବସ୍ତୁ ସହିତ ପରିଚିତ କରିବେ । ନାଟକର ଗୋଟିଏ କ୍ରିୟାରୁ ଆଉ ଏକ କ୍ରିୟାକୁ ଗତି କରିବାବେଳେ ସେମାନଙ୍କୁ ନାଟକ ବିଷୟରେ ବିଭିନ୍ନ ସୂଚନା ଦେବା ସହିତ ନାଟକକୁ ଆଗେଇ ନବାରେ ସାହାଯ୍ୟ କରନ୍ତି । ଏଥିରେ ବିଦୂଷକଙ୍କ ଦ୍ୱାରା ପିଲାମାନଙ୍କୁ ଘଟଣାର ପ୍ରମୁଖ ଜ୍ଞାନ ଓ ଶିକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିବେ ।

୧. ନାଟକ ଶିକ୍ଷାରେ ଅଙ୍ଗ ଚାଳନାର ସୁବିଧା ନିମନ୍ତେ ଏକ ଖୋଲା ସ୍ଥାନ ପ୍ରଦାନ କରିବା ଆବଶ୍ୟକ । ତାହା ସଫାସୁତୁରା ହେବା ସହିତ ବାଧାବିଘ୍ନ ମୁକ୍ତ ହୋଇଥିବ । ଏହା ସହିତ ସେଠାରେ ପିଲାମାନଙ୍କର କ୍ଷତି ହେଲାଭଳି କୌଣସି ମୁନିଆ କିମ୍ବା ଧାରୁଆ ପଦାର୍ଥ ନ ଥିବା ଆବଶ୍ୟକ ।

୨. ପ୍ରାର୍ଥନା ସହିତ ଶ୍ରେଣୀର ଶିକ୍ଷା ଆରମ୍ଭ କରନ୍ତୁ ଏବଂ ପୂର୍ବ ଶ୍ରେଣୀରେ ଯାହା କରାଯାଇଥିଲା ସେହିଗୁଡ଼ିକୁ ଆଉ ଥରେ ଥରେ ଅଭ୍ୟାସ କରି ମନେପକାଇ ଦିଅନ୍ତୁ । ପ୍ରାର୍ଥନା ନିମନ୍ତେ ୩ୟ ଶ୍ରେଣୀର ପାଠ୍ୟପୁସ୍ତକକୁ ଆଧାର କରିପାରନ୍ତି ।

| ଶ୍ରେଣୀ ସଞ୍ଚାଳନ | | |
|---|---|---|
| ୫ ମିନିଟ୍ ପ୍ରାର୍ଥନା | ପୂର୍ବପାଠର ଅଭ୍ୟାସ<br>୩୦ ମିନିଟ୍ ଶିକ୍ଷା<br>ପ୍ରଦାନ କାର୍ଯ୍ୟକଳାପ | ୫ ମିନିଟ୍<br>ସର୍କଲ ଟାଇମ୍ |

୩. ପିଲାମାନଙ୍କୁ କୌଣସି କାର୍ଯ୍ୟକଳାପ କରିବାକୁ କହିବା ପୂର୍ବରୁ ଶିକ୍ଷକ ନିଜେ ସେହି କାର୍ଯ୍ୟକଳାପଗୁଡ଼ିକୁ ପ୍ରଦର୍ଶନ କରିବା ଆବଶ୍ୟକ ।

୪. ଶିକ୍ଷକ କେବଳ କାର୍ଯ୍ୟକଳାପପାଇଁ ଉଦାହରଣ ଦେଇପାରନ୍ତି । ପିଲାମାନେ କିପରି ମୁକ୍ତ ଭାବେ କଳ୍ପନା କରି ସେମାନଙ୍କ ନିଜନିଜର ଚିନ୍ତାଧାରା ବା ପରିସ୍ଥିତି ସହିତ ଆଗକୁ ଆଗେଇ ଆସିବେ ସେଥିପ୍ରତି ସୁଯୋଗ ସୃଷ୍ଟି କରିବା ନିହାତି ଗୁରୁତ୍ୱପୂର୍ଣ୍ଣ ।

୫. ଶିକ୍ଷକ ଶ୍ରେଣୀର ଆବଶ୍ୟକତା ଅନୁସାରେ ଯେ କୌଣସି କାର୍ଯ୍ୟକଳାପକୁ ପୁନରାବୃତ୍ତି କରିପାରିବେ ।

୬. ପିଲାମାନଙ୍କୁ ନାଟକ ଦେଖିବାକୁ ଶିକ୍ଷକମାନେ ଉତ୍ସାହିତ କରିବା ଉଚିତ୍ । ଏହା ସହିତ ସେମାନଙ୍କୁ ନାଟକ ଦେଖିବାକୁ ସୁଯୋଗ ଦେବାପାଇଁ ସେମାନଙ୍କ ପିତାମାତାଙ୍କୁ ପରାମର୍ଶ ଦେବା ଆବଶ୍ୟକ ।

୭. ନାଟ୍ୟଦଳମାନଙ୍କୁ ନିମନ୍ତ୍ରଣ କରିଆଣି ବିଦ୍ୟାଳୟରେ ଶିଶୁ ନାଟକ ପ୍ରଦର୍ଶନ କରନ୍ତୁ କିମ୍ବା ସେମାନଙ୍କୁ ନାଟକ ଦେଖାଇବାକୁ ନିଅନ୍ତୁ । ସେଠାରେ ଅଭିନେତାମାନଙ୍କ ସହିତ ପିଲାମାନେ କଥାବାର୍ତ୍ତା ଓ ଭାବ ଦିଆନିଆ ହୋଇ ନାଟକ ପ୍ରତି ଅନୁପ୍ରାଣୀତ ହୋଇପାରନ୍ତି ।


https://withteachers.in/

## ନାଟକରେ ମାନ ନିର୍ଦ୍ଧାରଣ :

ନାଟକ ସବୁବେଳେ ପିଲାମାନଙ୍କପାଇଁ ଏକ ସକାରାତ୍ମକ ତଥା ଆନନ୍ଦନାୟକ ଅନୁଭୂତି ଅଟେ । ତେଣୁ ସେମାନେ ଯେପରି ନାଟ୍ୟ ଶ୍ରେଣୀକୁ ଆନନ୍ଦରେ ଉପଭୋଗ କରନ୍ତି ସେହିପରି ମାନ ନିର୍ଦ୍ଧାରଣ ମଧ୍ୟ ହସଖୁସିରେ କରାଯିବା ଉଚିତ୍ । ଏହା ସେମାନଙ୍କୁ ମାନସିକ ବିଷାଦ କିମ୍ବା ପରୀକ୍ଷାଜନିତ ଚାପ ପ୍ରଦାନ କରିବା ଅନୁଚିତ । ସମସ୍ତ ପ୍ରକାରର ମାନ ନିର୍ଦ୍ଧାରଣ ମଧ୍ୟ ନାଟକର କାର୍ଯ୍ୟକଳାପ ଉପରେ ଆଧାରିତ ହେବା ଉଚିତ୍ । ମାନ ନିର୍ଦ୍ଧାରଣ କରିବା ସମୟରେ ନିମ୍ନଲିଖିତ ମୌଳିକ ସୂଚନାଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ ।

୧. ପ୍ରାପ୍ତ ଦକ୍ଷତା ଏବଂ କୌଶଳ ଉପରେ ଧ୍ୟାନ ଦେବା ଆବଶ୍ୟକ ।

୨. କଳାରେ କୌଣସି ଠିକ୍ କିମ୍ବା ଭୁଲ୍ ନାହିଁ ବୋଲି ପିଲାମାନଙ୍କ ମନରେ ଧାରଣା ଦେବା ଆବଶ୍ୟକ ।

୩. କେବଳ ଅନ୍ତିମ ଫଳାଫଳ ଏବଂ ଉପସ୍ଥାପନାକୁ ଆଧାର ନ କରି ଏହା ପଛର ପ୍ରୟାସ, ଭାବନା ଏବଂ ପ୍ରକ୍ରିୟା ସହିତ ନିମ୍ନଲିଖିତ ଦିଗ ଗୁଡ଼ିକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ ।

- ଜ୍ଞାନର ପ୍ରୟୋଗ
- ପ୍ରଚେଷ୍ଟା ଏବଂ ଅଂଶଗ୍ରହଣ
- ଉପସ୍ଥାପନା ଓ ସୃଜନଶୀଳତା
- ଦଳଗତ କାର୍ଯ୍ୟ ଏବଂ ସହଯୋଗ

୪. ଆତ୍ମ ସମୀକ୍ଷାକୁ ପ୍ରୋତ୍ସାହିତ କରନ୍ତୁ ଏବଂ ଏହାକୁ ଶିକ୍ଷକମାନଙ୍କ ପାଇଁ ଏକ ମତାମତ ଭାବରେ ବ୍ୟବହାର କରନ୍ତୁ । (ରୁବ୍ରିକ୍ସର ଶେଷ ସ୍ତମ୍ଭରେ ସୂଚିତ)

୫. ଶ୍ରେଣୀରେ ଯେଉଁମାନେ ଲାଜକୁଳା କିମ୍ବା ସଙ୍କୋଚ ସ୍ୱଭାବର, ସେମାନଙ୍କ ପାଇଁ ବିଶେଷ ଭାବରେ ଏକ ପ୍ରେରଣାଦାୟକ ତଥା ସହାୟକ ପରିବେଶ ସୃଷ୍ଟି କରନ୍ତୁ ।

୬. ଅଧିକ ସ୍ପଷ୍ଟତା ନିମନ୍ତେ ପୁସ୍ତକ ଆରମ୍ଭରେ ଦିଆଯାଇଥିବା ସମୟ ଆବଣ୍ଟନ ଏବଂ ମାନ ନିର୍ଦ୍ଧାରଣ ସମ୍ପର୍କିତ ବିଭାଗକୁ ପଢ଼ନ୍ତୁ ।

| ଗଠନମୂଳକ ମାନ ନିର୍ଦ୍ଧାରଣ | ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ |
|---|---|
| ଏହା ଏକ କ୍ରମାଗତ ପ୍ରକ୍ରିୟା ଯାହା ଶ୍ରେଣୀ ଶିକ୍ଷାଦାନ ଭିତରେ ଚାଲିଥାଏ । ଏହାର ପରୀକ୍ଷା ପାଇଁ କୌଣସି ଭିନ୍ନ ପରୀକ୍ଷା ଦିବସ ଧାର୍ଯ୍ୟ କରାଯାଏ ନାହିଁ । | ଶିକ୍ଷାବର୍ଷ ଶେଷରେ ଏହାକୁ ଏକ ନିର୍ଦ୍ଦିଷ୍ଟ ଦିନରେ ପରିଚାଳିତ କରାଯିବ । ସମ୍ପୂର୍ଣ୍ଣ କାର୍ଯ୍ୟକଳାପକୁ ଆଧାର କରି ଏହାକୁ ସମ୍ପାଦିତ କରାଯିବ । ପ୍ରଶ୍ନପତ୍ର ଏବଂ ଲିଖିତ ପରୀକ୍ଷାକୁ ଏଠାରେ ଏଡ଼ାଇବାକୁ ପଡ଼ିବ । |
| **ଏଥିରେ ଅନ୍ତର୍ଭୁକ୍ତ:** ୧. ସର୍କଲ ଟାଇମ୍ (ପିଲାମାନେ ଏଠାରେ ସ୍ୱାଧୀନ ଭାବରେ ସେମାନଙ୍କ ଭାବନାର ପରିପ୍ରକାଶ କରିଥାନ୍ତି ଏବଂ ଶିକ୍ଷକ ସେସବୁର ଏକ ବିବରଣୀ ପ୍ରସ୍ତୁତ କରିଥାନ୍ତି ।) | ୧. କାର୍ଯ୍ୟକଳାପର ଉଦାହରଣଗୁଡ଼ିକ ଶେଷପୃଷ୍ଠାରେ ପ୍ରଦାନ କରାଯାଇଛି । |
| ୨. ଅଧ୍ୟାୟ ଶେଷରେ ମାନ ନିର୍ଦ୍ଧାରଣ ନିମନ୍ତେ ଏକ ରୁବ୍ରିକ୍ସ ପ୍ରଦାନ କରାଯାଇଛି । | ୨. ରୁବ୍ରିକ୍ସ ଆଧାରରେ ମାନ ନିର୍ଦ୍ଧାରଣ କରାଯିବ । |
| ୩. ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ । | ୩. ସାମଗ୍ରିକ ମାନ ନିର୍ଦ୍ଧାରଣ ନିମନ୍ତେ ପିଲାମାନଙ୍କ ଆତ୍ମ ସମୀକ୍ଷାକୁ ଅନ୍ତର୍ଭୁକ୍ତ କରାନ୍ତୁ। |

https://withteachers.in/

## ଆମର କୁନୁକୁନି ତାରାମାନଙ୍କୁ ସ୍ୱାଗତ !

ତୁମମାନଙ୍କୁ ଗତ ବର୍ଷ ନାଟକ ଯାତ୍ରାରେ ନେବା ଭାରି ମଜା ଲାଗିଥିଲା । ମୁଁ ଫେରି ଆସିବାକୁ ଧୈର୍ଯ୍ୟ ଧରି ରହିପାରିଲି ନାହିଁ । ତୁମମାନଙ୍କ ଭିତରୁ ଯେଉଁମାନେ ଗତବର୍ଷ ନ ଥିଲ, ସେମାନଙ୍କୁ ମୁଁ ଜଣେଇଦେବାକୁ ଚାହେଁ ଯେ "ମୋ ନାଁ" ହେଉଛି ବିଦୂଷକ ।

ପିଲାମାନେ, ମୁଁ ନାଟକକୁ ବହୁତ ଭଲପାଏ ଏବଂ ଏହାକୁ ବର୍ଷବର୍ଷ ଧରି ପରିବେଷଣ କରିଆସୁଛି । ନାଟକକୁ ଭଲ ଭାବରେ ଜାଣିବାପାଇଁ ତୁମକୁ ମୁଁ ଏକ ନୂଆ ଯାତ୍ରାରେ ନେଇଯିବାକୁ ଯାଉଛି । ସେଥିପାଇଁ ପ୍ରଥମେ ମୋ ନିଜ ଅନୁଭୂତିରୁ କିଛି ରହସ୍ୟମୟ କାହାଣୀ କହିବାକୁ ଚାହୁଁଛି ।

ଯେହେତୁ ଅନେକ ବର୍ଷଧରି ମୁଁ ନାଟକ କରିଆସୁଛି ଏବଂ ପିଲାମାନଙ୍କ ସହିତ ମିଶି ନାଟକ କରିବା ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଭାରି ମଜାଦାର । ସେଥିପାଇଁ ମୁଁ ତୁମମାନଙ୍କ ସହିତ ପୁଣିଥରେ ନାଟକ କରିବାକୁ ଅପେକ୍ଷା କରି ରହିଥିଲି ।





https://withteachers.in/

ଆଜି ଆମେ ଏହି ବର୍ଷର ମଜାଳିଆ କାର୍ଯ୍ୟକଳାପ ସବୁ ଆରମ୍ଭ କରିବା । ଏହା ପୂର୍ବରୁ ମୁଁ ଜାଣିବାକୁ ଚାହୁଁଛି ଯେ ଗତବର୍ଷ ଯେଉଁ ନୂଆ ବିଷୟବସ୍ତୁ ଶିକ୍ଷା କରିଥିଲ ତାକୁ ଆଧାର କରି ତୁମେମାନେ କ'ଣ କରିଥିଲ ? ସେ ସବୁକୁ ପୁଣିଥରେ ତୁମକୁ ମନେ ପକେଇଦବାରେ ମୁଁ ତୁମକୁ ସାହାଯ୍ୟ କରିବି ଏବଂ ଛୁଟି ଦିନଗୁଡ଼ିକରେ ତୁମ ବିଦ୍ୟାଳୟ କିମ୍ବା ଘରେ କ'ଣ କ'ଣ ସବୁ କରିଛ ତାହା ମୋତେ କହିବ ।

**ମୁଖ ଭାବଭଙ୍ଗୀ ଓ ଅଙ୍ଗଭଙ୍ଗୀ (Gesture & Posture) ଗୁଡ଼ିକର ବ୍ୟାଖ୍ୟା : ଶାରୀରିକ ଭାଷା**



ମୁଁ କଲି ____________________

____________________



କାହାଣୀ କହିବା ଏବଂ ସେଗୁଡ଼ିକୁ ଅଭିନୟ ଦ୍ୱାରା ପରିବେଷଣ କରିବା । (କାହାଣୀ କହିବା ଓ ତାହାର ଅଭିନୟ) (Story telling and Role Play)

ମୁଁ କ'ଣ କଲି ____________________

____________________

____________________





ସବୁଦିନ ବ୍ୟବହାର କରୁଥିବା ଜିନିଷଗୁଡ଼ିର ନୂଆ ନୂଆ ଅର୍ଥରେ ବ୍ୟବହାର (ସୃଜନଶୀଳତା ଓ ଉନ୍ନତିକରଣ) **ମୁଁ କଲି**

____________________

____________________



**ବାଃ ! ବହୁତ ବଢ଼ିଆ ! ଅନେକ ନୂଆନୂଆ ଚିନ୍ତାଧାରା ସହିତ ଆମେ ସମସ୍ତେ ଏହି ବର୍ଷ କିଛି ନୂଆ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ । ଚାଲ...**

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

କିଛି ପିଲା ନାଟକର କ୍ରିୟାକଳାପ ଅଭ୍ୟାସ ସମୟରେ ଲଜ୍ଜା କିମ୍ବା ସଙ୍କୋଚ ଅନୁଭବ କରିପାରନ୍ତି । ଆପଣ ପ୍ରଥମେ ସେମାନଙ୍କୁ ଉତ୍ସାହିତ କରନ୍ତୁ ଏବଂ ସେମାନଙ୍କୁ ଏହି ପ୍ରକ୍ରିୟା ସହଜରେ ଅଂଶଗ୍ରହଣ କରିବାକୁ ଚେଷ୍ଟା କରନ୍ତୁ । ଅତି ଆବଶ୍ୟକ କ୍ଷେତ୍ରରେ ପିଲାମାନଙ୍କୁ ଯଦି ଅଧିକ କିଛି ସୟ ଦେବା ଉଚିତ୍ ବୋଲି ଅନୁଭବ କରୁଛନ୍ତି ତେବେ ସେ ଦିଗରେ ସକାରାତ୍ମକ ତଥା ନିରନ୍ତର ସହଯୋଗ ପ୍ରଦାନ କରିବା ଆବଶ୍ୟକ ।

https://withteachers.in/



# ଅନୁସନ୍ଧାନ

ନାଟକରେ ଆମେ ସବୁବେଳେ ଅନୁସନ୍ଧାନ କରିଚାଲିଛେ। ଏହି ଅନୁସନ୍ଧାନର ଅର୍ଥ ହେଲା ଖୋଜି ବାହାର କରିବା । ଆମେ ସବୁବେଳେ ଏକ କାହାଣୀ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରୁ କିମ୍ବା ଦର୍ଶକମାନେ ଆମର ନାଟକକୁ କିପରି ପସନ୍ଦ କରିଲେ ସେହି କଥା ଜାଣିବାକୁ ଚେଷ୍ଟା କରିଥାଉ । ଆମର ପ୍ରଦର୍ଶନକୁ ଅଧିକରୁଅଧିକ ଉନ୍ନତ, ମାର୍ଜିତ ଓ ଆକର୍ଷଣୀୟ କରିବାପାଇଁ ଆମେ ଆହୁରି କ'ଣ କ'ଣ କରିପାରିବା ତାହା ମଧ୍ୟ ଜାଣିବାକୁ ଚେଷ୍ଟା କରିଥାଉ । ତେଣୁ ଚାଲ, ଆମେ ଏବେ ଆରମ୍ଭ କରିବା ।





## ଦୃଶ୍ୟ – ୧ ନିଜର ଏକାଗ୍ରତା ଗଠନ

ନାଟକ ଏକ ଦଳଗତ କାର୍ଯ୍ୟ । ତୁମେ ସବୁବେଳେ ତୁମ ଦଳରେ ପରସ୍ପରକୁ ସହଯୋଗ କରି କାର୍ଯ୍ୟ କରିଥାଅ । ଯଦି ଦଳରେ କୌଣସି ସମସ୍ୟା ସୃଷ୍ଟି ହୁଏ ତେବେ ସମସ୍ତେ ମିଶି ଏହାର ସମାଧାନ କରିଥାଅ । ସଫଳତାକୁ ମଧ୍ୟ ସମସ୍ତେ ମିଳିମିଶି ଖୁସିରେ ବାଣ୍ଟି ନିଅ ।

କିନ୍ତୁ ଏହାର ଅର୍ଥ ନୁହେଁ ଯେ ନାଟକରେ କୌଣସି ବ୍ୟକ୍ତିଗତ ପ୍ରୟାସ ବା ଉଦ୍ୟମ ନ ଥାଏ । ଦଳର ପ୍ରତ୍ୟେକ ସଦସ୍ୟ ସମାନ ପରିଶ୍ରମ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ତୁମେ ଗୋଟିଏ ଦଳ ଭିତରେ ରହି କାମ କଲେ ମଧ୍ୟ ତୁମକୁ ତୁମ ନିଜ ଉପରେ ଧ୍ୟାନ ଦେବା ଦରକାର ଏବଂ ତୁମେ କ'ଣ କରିବା ଆବଶ୍ୟକ ତା'ହା ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ଅନ୍ୟମାନଙ୍କର କ୍ରିୟାକଳାପ ତୁମର ଧ୍ୟାନ ଭଙ୍ଗ ନ କରୁ ।

ଏହା ସହିତ ତମେ ମନେରଖ ଯେ ତୁମେ କ'ଣ କରିବା ଉଚିତ୍, ଯଦି ତାହା ତୁମେ ସ୍ୱଷ୍ଟ ଭାବରେ ଜାଣିନାହଁ, ତେବେ ଅନ୍ୟ କେହି କୌଣସି ସମସ୍ୟା ଭିତରେ ଯଦି ପଡ଼ନ୍ତି ତୁମେ ସେମାନଙ୍କୁ ସାହାଯ୍ୟ କରିପାରିବ ନାହିଁ । ତେଣୁ ଧ୍ୟାନ ଦିଅ ।



https://withteachers.in/



## କ୍ରିୟାକଳାପ - ୫.୧ "ରାମ କୁହନ୍ତି...."



ଏହା ଏକ ମଜାଳିଆ ନାଟ୍ୟ ଖେଳ ଅଟେ । ଏହାକୁ ଦଳହୋଇ ଖେଳାଯାଇଥାଏ । ଏଥିରେ ତୁମେ ନିଜ ବ୍ୟକ୍ତିଗତ କୌଶଳକୁ ପରୀକ୍ଷା କରିପାରିବ । ଏହାକୁ ନିୟମିତ ଅଭ୍ୟାସ କରିବା ଫଳରେ ଏହା ତୁମକୁ ସତର୍କ ଓ ଏକାଗ୍ର ରହିବାରେ ସାହାଯ୍ୟ କରିପାରିବ ।

### ନିର୍ଦ୍ଦେଶାବଳୀ ଓ ପ୍ରସ୍ତୁତି ଅଭ୍ୟାସ

ତୁମମାନଙ୍କୁ କେବଳ ସେହି ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ପଡ଼ିବ ଯେଉଁଠାରେ ଶିକ୍ଷକ କହିବେ, "ରାମ କୁହନ୍ତି..."

**ଉଦାହରଣ ସ୍ୱରୂପ** : ତୁମେ ଯେତେବେଳେ ଶୁଣ "ରାମ କୁହନ୍ତି ବୃତ୍ତ/ଗୋଲରେ ଚାଲ" ତୁମେ ସବୁ ଏକ ବୃତ୍ତ/ଗୋଲରେ ଚାଲିବା ଆରମ୍ଭ କରିବ ।

ପୁଣି ଯେତେବେଳେ ତୁମେ ଶୁଣିବ "ରାମ କୁହନ୍ତି, ହାତ ଉପରକୁ ଉଠାଅ" ସେତେବେଳେ ତୁମେ ହାତ ଉପରକୁ ଉଠାଇବ ।

ଯେତେବେଳେ ତୁମେ ଶୁଣିବ "ରାମ କୁହନ୍ତି ଉପରକୁ ଦେଖ" ସେତେବେଳେ ତୁମେ ମୁହଁ ଉପରକୁ ଉଠାଇବ ।

ତୁମେ ପାଳନ କରୁଥିବା ପ୍ରତିଟି ନିର୍ଦ୍ଦେଶ ଆରମ୍ଭ ହୁଏ "ରାମ କୁହନ୍ତି"ରୁ ।

ଯଦି ତୁମେ "ରାମ କୁହନ୍ତି" ବ୍ୟତୀତ ଅନ୍ୟ କୌଣସି ନିର୍ଦ୍ଦେଶ ଶୁଣ, ତେବେ ତାହାକୁ ପାଳନ କରନାହିଁ ବରଂ ସେହି ସମୟରେ ପୂର୍ବ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକୁ କରି ଚାଲ ।

ଯେତେବେଳେ ତୁମେ "ରାମ କୁହନ୍ତି" ବିନା କୌଣସି ନିର୍ଦ୍ଦେଶାବଳୀ ଶୁଣ, ସେହି ନିର୍ଦ୍ଦେଶକୁ ଅନୁସରଣ କରନାହିଁ ଏବଂ ପୂର୍ବର କାର୍ଯ୍ୟକୁ ଚାଲୁରଖ ।

**ଉଦାହରଣ ସ୍ୱରୂପ:**

ଯେତେବେଳେ ତୁମେ ଶୁଣ "ଉପରକୁ ଦେଖ" ସେତେବେଳେ ତୁମେ ମୁହଁକୁ ଉପରକୁ ଉଠାଇବ ନାହିଁ ।

ତୁମ ହାତ ଉପରକୁ ହିଁ ଉଠାଇରଖ କାରଣ ତୁମେ ଏହି ନିର୍ଦ୍ଦେଶରେ "ରାମ କୁହନ୍ତି" ଶୁଣିନାହଁ ।

ସମସ୍ତଙ୍କୁ ସଜାଗ କରିବାକୁ ଶିକ୍ଷକ ନାନାବିଧ କ୍ରିୟାପଳାପର ନିର୍ଦ୍ଦେଶ ଦେବେ । "ରାମ କୁହନ୍ତି" କହି ସେ ଗୋଟିକ ପରେ ଗୋଟିଏ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବେ । ମଝିରେମଝିରେ ସେ "ରାମ କୁହନ୍ତି" ନ କହି ମଧ୍ୟ ନିର୍ଦ୍ଦେଶ ଦେବେ । ତୁମେ ତାହା ପ୍ରତି ସଜାଗ ରହିବ ଏବଂ "ରାମ କୁହନ୍ତି" ବିନା ଦିଆଯାଇଥିବା ନିର୍ଦ୍ଦେଶକୁ ଆଦୌ ପାଳନ କରିବ ନାହିଁ ।

https://withteachers.in/

## ମୌଳିକ ଅଭ୍ୟାସ

ଏଠାରେ ବିଭିନ୍ନ ପ୍ରକାରର ନିର୍ଦ୍ଦେଶ ପାଳନ କରାଯାଉଛି, ଯେପରିକି "ଚାଲିବା", "କୁଦାମାରିବା" ମୁହଁକୁ ହସହସ କରିବା, କ୍ରୋଧ ପ୍ରକାଶ କରିବା, ହାତୀପରି ଚାଲିବା, କୁକୁର ପରି ଶୁଙ୍ଘିବା ଏବଂ ଶିକ୍ଷକ ଯେଉଁ ଅନ୍ୟାନ୍ୟ ସୃଜନାତ୍ମକ କାର୍ଯ୍ୟ କରିବାକୁ କହିବେ ତାହା ତୁମେ ଅଭ୍ୟାସ କରିବ ।

## ଉନ୍ନତ ଅଭ୍ୟାସ

ପ୍ରଥମେ ପିଲାମାନଙ୍କର ଚାରି, ପାଞ୍ଚ ଜଣିଆ ଦଳ ଗଠନ କରି ସେମାନଙ୍କୁ ମଞ୍ଚରେ ଆୟତକ୍ଷେତ୍ର, ତ୍ରିଭୁଜ କିମ୍ବା ବୃତ୍ତ ଭଳି ଆକାରମାନ ସୃଷ୍ଟି କରିବା ପାଇଁ କୁହନ୍ତୁ । ନଚେତ୍ ଇଂରାଜୀ, ହିନ୍ଦୀ କିମ୍ବା ଓଡ଼ିଆ ଭଳି ଯେ କୌଣସି ଭାଷାର ବର୍ଣ୍ଣଗୁଡ଼ିକର ଆକୃତି ସୃଷ୍ଟି କରିବା ଭଳି ଅଧିକ ଜଟିଳ କ୍ରିୟାକଳାପମାନ ଅଭ୍ୟାସ କରିବା ଆବଶ୍ୟକ ।

ପରିବେଶରେ ଦେଖାଯାଉଥିବା ସାଧାରଣ ପରିସ୍ଥିତି ଯେମିତିକି ଦଳେ ପକ୍ଷୀ ଦାନା ଖାଉଥିବାର ଦୃଶ୍ୟ କିମ୍ବା ପଞ୍ଚତନ୍ତ୍ର କାହାଣୀ ଯେମିତିକି ଗୋଟିଏ କଇଁଛ ଜଙ୍ଗଲରେ ଚାଲି ବାର ଦୃଶ୍ୟ ପରିବେଷଣ କରାଇବା। ଏହା ସେମାନଙ୍କ ମନରେ ଅଧିକ କୌତୁକ ସୃଷ୍ଟି କରିପାରିବ ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଯଦି ପିଲାମାନେ ନାଟକର ଏହି ଖେଳକୁ ସୁନ୍ଦର ଭାବରେ ଖେଳି ପାରୁଛନ୍ତି, ତେବେ ଶିକ୍ଷାଦାନ ସମୟରେ ସେମାନଙ୍କୁ ଜଣଙ୍କ ପରେ ଜଣଙ୍କ ଭିନ୍ନଭିନ୍ନ ଦାୟିତ୍ୱ ପ୍ରଦାନ କରନ୍ତୁ । ପ୍ରଶିକ୍ଷଣ ସମୟରେ ସେମାନେ ଦଳ ଭିତରେ ସମନ୍ୱୟ ରକ୍ଷା କରିବାର କୌଶଳ ଏବଂ ନାନା ପ୍ରକାର ନିର୍ଦ୍ଦେଶ ଦେବାର କ୍ଷମତାର ଏକ ବିବରଣୀ ପ୍ରସ୍ତୁତ କରନ୍ତୁ ।





https://withteachers.in/




- ଏହି କାର୍ଯ୍ୟକଳାପଗୁଡ଼ିକର ଅଭ୍ୟାସ ସମୟରେ ତୁମକୁ କେଉଁଟି ସବୁଠାରୁ ଆମୋଦ ଦାୟକ ଏବଂ କେଉଁଟି ସବୁଠାରୁ କଷ୍ଟକର ଲାଗିଲା ଆଲୋଚନା କର ।
- ଯେଉଁ ଅଭ୍ୟାସଟି କଷ୍ଟକର ଥିଲା ତାହାକୁ ତୁମେ କିଭଳି ପରିଚାଳନା କଲ ?
- ଏହି ଖେଳକୁ ଆହୁରି ମଜାଳିଆ କରିବା ପାଇଁ ଆମେ ଏଥିରେ ଆଉ କେଉଁ ସବୁ ନୂଆ ବିଷୟ ଯୋଗ କରିପାରିବା ?





## ରାମ କୁହନ୍ତି, "ବିଦୂଷକ, ଗୋଟିଏ ମଜାଦାର କାହାଣୀ ବର୍ଣ୍ଣନା କର ।"

ବହୁବର୍ଷ ପୂର୍ବେ ଏକ ନାଟକ କର୍ମଶାଳାରେ, "ରାମ କୁହନ୍ତି" ମୁଖ୍ୟ ଆକର୍ଷଣ ଥିଲା । ପିଲାମାନେ ସମସ୍ତେ ଭଲ ଭାବରେ ପ୍ରସ୍ତୁତ ଥିଲେ । ସମସ୍ତେ ବାହାରକୁ ନ ଯିବାକୁ ସ୍ଥିର କରିଥିଲେ । ଶିକ୍ଷୟିତ୍ରୀ ସୁନିତା ସେମାନଙ୍କୁ ନିର୍ଦ୍ଦେଶନା ଦେଉଥିଲେ । ସେ ପିଲାମାନଙ୍କୁ ନିର୍ଦ୍ଦେଶ ଦେଇ କହିବା ଆରମ୍ଭ କଲେ, "ରାମ କୁହନ୍ତି, ତୁମ ନାକକୁ ସ୍ପର୍ଶ କର", "ରାମ କୁହନ୍ତି, ଉପରକୁ କୁଦାମାର" । ଏହାପରେ ସେ ପିଲାମାନଙ୍କ ସହ କିଛି ମଜା କରିବାକୁ ସ୍ଥିର କଲେ ।

ଶିକ୍ଷୟିତ୍ରୀ ସୁନିତା ପିଲାମାନଙ୍କୁ ଥଟ୍ଟା କଲାଭଳି ନିର୍ଦ୍ଦେଶ ଦେଇ କହିଲେ, "ରାମ କୁହନ୍ତି, ତୁମ ମୁଣ୍ଡକୁ ପିଟିବା ସହ ପେଟକୁ ଘଷ ।" ଫଳରେ ପିଲାମାନଙ୍କ ଭିତରେ ବିଶୃଙ୍ଖଳା ଦେଖାଦେଲା । ଶିକ୍ଷୟିତ୍ରୀଙ୍କ କଥାରେ ପିଲାମାନେ ଭୟଙ୍କର ଭାବେ ମୁଣ୍ଡକୁ ପିଟିବା ସହ ପେଟକୁ ଘଷି ଚାଲିଲେ । ସେତେବେଳେ ସେମାନେ ଦ୍ୱନ୍ଦରେ ପଡ଼ିଥିବା କଣ୍ଢେଇମାନଙ୍କ ଭଳି ଦେଖାଯାଉଥିଲେ ।

ଏହାପରେ ହଠାତ୍ ସେ ବଡ଼ପାଟିରେ ନିର୍ଦ୍ଦେଶ ଦେଇ କହିଲେ, "ବର୍ତ୍ତମାନ କରତାଳି ଦିଅ ।" ସଙ୍ଗେସଙ୍ଗେ ପ୍ରାୟତଃ ଅଧାପିଲା କରତାଳି ଦେବାକୁ ଲାଗି ପଡ଼ିଲେ । ଯାହା ସେମାନଙ୍କର ଆଦୌ କରିବାର ନ ଥିଲା । କାରଣ ସୁନିତା, "ରାମ କୁହନ୍ତି" ବୋଲି କହି ନ ଥିଲେ । ପିଲାମାନଙ୍କର ଏହି ଭୁଲ୍ ବୁଝାମଣାକୁ ଦେଖି ସେ କହି ନ ଥିଲେ "ରାମ କୁହନ୍ତି, ମୁଣ୍ଡକୁ ପିଟିବା ଏବଂ ପେଟକୁ ଘଷିବା ବନ୍ଦ କର" । ପିଲାମାନେ ଗୁଣୁଗୁଣୁ ହୋଇ ଧୀରେ ଗର୍ଜନ କରିବା ଆରମ୍ଭ କରିଦେଲେ ।

କିନ୍ତୁ ସେହି ସମୟରେ ରାଜୁ ଯୋଗୁ ସମସ୍ତେ ହସୁଥିଲେ କାରଣ ସମସ୍ତେ ଅଟକିବା ପରେ ମଧ୍ୟ ସେ ହିଁ କେବଳ ଏକ ଲୟରେ ପୁରା ଏକ ମିନିଟ୍ ପର୍ଯ୍ୟନ୍ତ ନିଜ ହାତରେ ମୁଣ୍ଡକୁ ପିଟି ଚାଲିଥିଲା ଏବଂ ପେଟକୁ ଘଷି ଚାଲିଥିଲା । ଶେଷରେ ସେ ଯେତେବେଳେ ଦେଖିଲା ସମସ୍ତେ ତାକୁ ଅନାଇ ହସୁଛନ୍ତି, ସେ ତା' ହାତକୁ ଉପରକୁ ଛାଟି କହିଲା, "ରାମ କହି ନାହାନ୍ତି ବନ୍ଦକର ! ସେ ଠିକ୍ କହିଥିଲା ।"



https://withteachers.in/

## କ୍ରିୟାକଳାପ - ୫.୨

### ବନ୍ୟଜନ୍ତୁଙ୍କ ହିଂସ୍ର ଓ କୌତୁକିଆ ଚାଲି

ପିଲାମାନେ, ତୁମେ ସମସ୍ତେ ପଶୁପକ୍ଷୀମାନଙ୍କୁ ଭଲପାଅ ନା ? ତୁମର ମନ ପସନ୍ଦର ପଶୁଟି କିମ୍ବା ପକ୍ଷୀ କିଭଳି ଜୀବନ ବଞ୍ଚେ ତାହା ତୁମେ କେବେ ପରିକଳ୍ପନା କରିଛନ୍ତି ? ସେମାନଙ୍କୁ ଜଙ୍ଗଲରେ କିଭଳି ଚାଲିବାକୁ ହୁଏ, କିଭଳି ଖାଦ୍ୟ ଯୋଗାଡ଼ କରିବାକୁ ପଡ଼େ, ଗଛ ତଳେ କିମ୍ବା ପାହାଡ ଗୁମ୍ଫା ଭିତରେ କିଭଳି ଶୋଇବାକୁ ପଡ଼େ, ତାହା ତୁମେ କେବେ ଚିନ୍ତା କରିଛ ? ଏହିଭଳି ମଜାଳିଆ କ୍ରିୟାକଳାପ ସବୁ ଅଧିକରୁ ଅଧିକ କରାଅ । ଜଙ୍ଗଲରେ ବାସ କରୁଥିବା ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ସହିତ ଭାବ ବିନିମୟ କର ।

## ନିର୍ଦ୍ଦେଶାବଳୀ ଏବଂ ପ୍ରସ୍ତୁତିମୂଳକ ଅଭ୍ୟାସ

ତୁମର ପ୍ରିୟ ପଶୁ କିମ୍ବା ପକ୍ଷୀ ବିଷୟରେ ଚିନ୍ତା କର ଏବଂ ଶ୍ରେଣୀଗୃହରେ ତାହା ଭଳି ଅବାଧରେ ଚାଲ । ଯେତେବେଳେ ଶିକ୍ଷକ କରତାଳି ଦେବେ ତୁମେ ଅନୁକରଣ କରୁଥିବା ପଶୁ କିମ୍ବା ପକ୍ଷୀର ସ୍ଥିତିରେ ସ୍ଥିର ହୋଇ ରହିଯାଅ । ତୁମେ ସମସ୍ତେ ପରସ୍ପର ମଧ୍ୟରେ ସମାନ ଦୂରତାରେ ଛିଡ଼ା ହୁଅ । ଶିକ୍ଷକ ଏବେ ଚିଠା ଉଠାଇ ଯେଉଁ ପଶୁ ବା ପକ୍ଷୀର ନାଁ ଡାକିବେ ତୁମେ ସମସ୍ତେ ସେହିଭଳି ଚାଲିବା ଆରମ୍ଭ କର । ଏହା କ'ଣ ମଜା ଲାଗୁନି ?



## ମୌଳିକ ଅଭ୍ୟାସ (ବ୍ୟକ୍ତିଗତ କ୍ରିୟାକଳାପ)

ତୁମେ ନିଜକୁ ଗୋଟିଏ ପଶୁ ବୋଲି ଅନୁଭବ କର । କିନ୍ତୁ କେଉଁ ପଶୁ ତାହା ତୁମେ ଆଦୌ ଘୋଷଣା କର ନାହିଁ । ତୁମେ ଭାବୁଥିବା ପଶୁର ଚାଲିଚଳନକୁ ଅନୁକରଣ କର । ତାହା ଚାଲିବାର ବେଗ, ଖାଇବାର ଶୈଳୀ, ଶୋଇବା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଯେପରି ଠିକ୍ ସେହି ପଶୁଭଳି ଲାଗିବ । ଏବେ ତୁମେ ସାଙ୍ଗମାନେ ଅନୁମାନ କରିବେ। ତୁମେ କେଉଁ ପଶୁ ? ଉଦାହରଣସ୍ୱରୂପ ଭାଲୁ ଛୁଆର ଗତି ଧୀର ହେଲାବେଳେ କୁକୁରର ଗତି ତାହାଠାରୁ ଅଧିକ ଅଟେ ।








https://withteachers.in/

## ପଞ୍ଚତନ୍ତ୍ରର ଅଭ୍ୟାସ



ତୁମେ ପୂର୍ବର ସେହି ପଶୁଭଳି ସିଂହର ଗୁମ୍ଫା ନିକଟରେ ବୁଲିବୁଲି ଖାଦ୍ୟ ଖୋଜୁଛ । ତୁମକୁ ସତର୍କ ରହିବାକୁ ପଡ଼ିବ, ଯେପରିକି ତୁମ ଶବ୍ଦରେ ସିଂହ ନିଦରୁ ଉଠି ନ ପଡ଼ିବ । ଏହି ସମୟରେ ହଠାତ୍ ଏକ ଉଚ୍ଚ ସ୍ୱରର ଶବ୍ଦ ଶୁଣାଗଲା । ସିଂହ ଉଠି ଜାଗ୍ରତ ହୋଇଗଲା । ଦୌଡ଼ !




**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ପଶୁପକ୍ଷୀମାନଙ୍କୁ ଆଧାର କରି ରଚିତ ହୋଇଥିବା ପ୍ରସିଦ୍ଧ ତଥା ଲୋକପ୍ରିୟ ଗଳ୍ପମାଳାଗୁଡ଼ିକର ଘଟଣାମାନଙ୍କୁ ଦୃଶ୍ୟ ଆକାରରେ ପରିବେଷଣ କରାଯାଇପାରିବ ।

## ଉନ୍ନତ ଅଭ୍ୟାସ (ଦଳଗତ କ୍ରିୟାକଳାପ)

ତୁମେ ବର୍ତ୍ତମାନ ଜଙ୍ଗଲରେ ଏକ ଦଳ ଭିତରେ ଅଛ । ସେଠାରେ ତୁମ ସହ ଅନ୍ୟାନ୍ୟ ପଶୁମାନେ ମଧ୍ୟ ଅଛନ୍ତି । ଯେତେବେଳେ ତୁମେ କୌଣସି ଏକ ପଶୁପଲ କିମ୍ୱା ଗୋଠରେ ରହୁଛ ସେତେବେଳେ ତୁମର କାର୍ଯ୍ୟକଳାପ କିଭଳି ହେବ ? ତୁମେ ପଲ ଭିତରେ ଅନ୍ୟ ପଶୁମାନଙ୍କ ସହିତ କିଭଳି ଭାବର ଆଦାନ ପ୍ରଦାନ କରିବ ? ତାହା ଭିତରୁ କେତେଜଣ ତୁମ ସହିତ ସାଙ୍ଗ ହେଉଥିବା ବେଳେ ଆଉ କେତେକ ତୁମ ସହ ସାଙ୍ଗ ହେଉ ନ ଥିବେ । ଏହି ସମୟରେ ତୁମେ ଯଦି କୌଣସି ବିପଦରେ ପଡ ତେବେ ତାହା ଭିତରୁ ନିଜକୁ କିଭଳି ମୁକୁଳେଇବ ତାହା ଅଭ୍ୟାସ କର ।

## ପଞ୍ଚତନ୍ତ୍ର ଅଭ୍ୟାସ



ତୁମେ ନିଜକୁ ଗୋଟିଏ ହରିଣ ବୋଲି ଭାବ ଏବଂ ତୁମେ ସିଂହର ପ୍ରକୋପରୁ କିପରି ରକ୍ଷା ପାଇବ ସେ ବିଷୟରେ ଆଲୋଚନା କରୁଛ । ତୁମ ପରିବାରରେ ଏକ ହରିଣ ଶିଶୁକୁ ମଧ୍ୟ ତୁମେ ସୁରକ୍ଷା ଦେବାକୁ ଚାହୁଁଛ । ପଲ ବା ଗୋଠରେ ଥିବା ଅନ୍ୟ ପଶୁମାନଙ୍କ ସହିତ ଏହି ଘଟଣାର ଏକ ସରଳ ଦୃଶ୍ୟ ପରିବେଷଣ କର ।




**ଉଦାହରଣ :**

**ହିତୋପଦେଶ ଓ ସିଂହ ରାଜା**

- ତୁମର ଅତି ପ୍ରିୟ ପଶୁର ଚାଲି କେମିତି ଥିଲା ଓ କାହିଁକି ?
- ତୁମେ କେଉଁ ପଶୁର ଅଭିନୟ କରିବାକୁ ଭଲପାଅ ନାହିଁ ଏବଂ କାହିଁକି ?
- କେଉଁ ପଶୁ ତୁମ ସହ ଭଲ ଆଚରଣ କଲା ଏବଂ ସମ୍ମାନ ଦେଖାଇଲା ?
- ତୁମେ କ'ଣ ଭାବୁଛ, ଚାଲିବା ପାଇଁ ଆମର ଏକାଧିକ ଗୋଡ଼ ଦରକାର ନା ଦୁଇଟି ଗୋଡ଼ ରହିବା ଭଲ ?

https://withteachers.in/

## ମାନ ନିର୍ଦ୍ଧାରଣ ଅଧ୍ୟାୟ - ୫ - ଅନୁସନ୍ଧାନ

**ଦକ୍ଷତା**

୧.୧ ନାଟ୍ୟ କ୍ରିୟାରେ ବିଭିନ୍ନ ବସ୍ତୁ, ମଣିଷ, ପରିସ୍ଥିତ ଏବଂ ଅନୁଭୂତିର ପରିବେଷଣ କରିବାକୁ ଆଗ୍ରହ ପ୍ରକାଶ କର ।

୧.୨ ନାଟକର ସମସ୍ତଙ୍କ ସହିତ ମିଳିମିଶି କାର୍ଯ୍ୟ କଲାବେଳେ ତୁମର ନିଜ ଚିନ୍ତାଧାରା ଏବଂ ପ୍ରତିକ୍ରିୟା ବିଷୟରେ ଆଲୋଚନା କର ।

| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
|---|---|---|---|---|
| ୧ | ୧.୧ | ଦଳଗତ କ୍ରିୟାରେ ନିଜ କାର୍ଯ୍ୟ ଉପରେ ଧ୍ୟାନ ରଖିବାକୁ ସକ୍ଷମ । | | |
| | ୧.୨ | ଦୃଶ୍ୟର ଉନ୍ନତି କରଣ ଏବଂ ସେଥିରେ ନୂଆ ଘଟଣାର ସୃଜନଶୀଳ ପ୍ରୟୋଗ । | | |
| | ୧.୨ | ନିର୍ବିଘ୍ନରେ କାର୍ଯ୍ୟକଳାପ ପରିବେଷଣ । | | |
| | ୧.୧.୧.୨ | ପ୍ରତ୍ୟେକ କାର୍ଯ୍ୟ ପ୍ରତି ସଜାଗ ଏବଂ ସତର୍କ ରହିବା । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ____________________

____________________

____________________



https://withteachers.in/

## ଅଧ୍ୟାୟ - ୬



# ପରିକଳ୍ପନା

ପରିକଳ୍ପନା ଏକ ଶକ୍ତିଶାଳୀ ଉପକରଣ । ତୁମେ ଯଦି ପୁଙ୍ଖାନୁପୁଙ୍ଖ ଭାବେ କଳ୍ପନା କରିବାକୁ ସକ୍ଷମ ହୋଇପାରୁଛ ତେବେ ତାହା ତୁମର ଏକ ବଡ଼ ଶକ୍ତି ଅଟେ । ଏହାଦ୍ୱାରା ତୁମେ ନୂଆନୂଆ କଥା ଚିନ୍ତା କରିପାରିବ ନୂଆ କାହାଣୀ ରଚନା କରିପାରିବ ଏବଂ ଯେ କୌଣସି ସମସ୍ୟା ମଧ୍ୟ ସମାଧାନ କରିପାରିବ । ଏହା କିପରି ସମ୍ଭବ ତୁମେ ଜାଣିବାକୁ ଚାହୁଁଛ ? ଏଠାରେ ଅର୍ଜୁନଙ୍କ ବିଷୟରେ ଏକ ସୁନ୍ଦର କାହାଣୀ ଦିଆଯାଇଛି ।





ପ୍ରାୟ ୫୦୦ ବର୍ଷ ପୂର୍ବେ ଚିତ୍ରପୁରରେ ମହାଭାରତ ଯୁଦ୍ଧ ବିଷୟରେ ଏକ ସୁନ୍ଦର ନାଟକ ପରିବେଷଣ ହେଉଥିଲା । ଏହାକୁ ଦେଖିବାକୁ ଗାଁ' ଲୋକମାନେ ରୁଣ୍ଡ ହୋଇଥିଲେ । ମଞ୍ଚରେ ଅର୍ଜୁନର ଅଭିନୟ ଦେଖିବାକୁ ସମସ୍ତେ ଉତ୍କଣ୍ଠାର ସହିତ ଚାହିଁ ରହିଥିଲେ । ଯେଉଁ ଅଭିନେତା ଅର୍ଜୁନ ଭୂମିକାରେ ଅଭିନୟ କରୁଥିଲେ ସେ ଆସିଲାବେଳକୁ ନୈପଥ୍ୟରେ ତାଙ୍କର ଗୋଡ଼ ଖସିଗଲା । ସେ ତଳେ ପଡ଼ିଗଲେ ଏବଂ ତାଙ୍କର ଚକମକିଆ ପୋଷାକଟି ମୁନିଆ ଧାରରେ ବାଜି ଚିରି ଗଲା । ରଙ୍ଗୀନ କନା ନଷ୍ଟ ହୋଇଗଲା । ନାଟକ ଦେଖୁଥିବା ଦର୍ଶକମାନଙ୍କର ଚିନ୍ତା ଓ ଉଦ୍‌ବେଗ ବଢ଼ିଗଲା । ସେମାନେ ଭାବିଲେ, ବିନା ପୋଷାକରେ ଅର୍ଜୁନ କିଭଳି ଅଭିନୟ କରିପାରିବେ ?

https://withteachers.in/



ଠିକ୍ ସେତିକିବେଳେ ଅର୍ଜୁନ ନାମକ ଆଉ (ହଁ, ସଂଯୋଗ ବଶତଃ ଜଣେ ଯୁବକ ଯିଏ ମଞ୍ଚ ପଛରେ ରହି ସାହାଯ୍ୟ କରୁଥିଲା ସେ ସଙ୍ଗେସଙ୍ଗେ ଏକ ଉପାୟ ପାଞ୍ଚିଲା । ସେ ଆଖି ବନ୍ଦ କରି କହିଲା "ଆମକୁ ଚାରିପାଖରେ ପ୍ରକୃତି ଘେରି ରହିଛି । ସେହି ପ୍ରକୃତି ମଧ୍ୟରୁ ଜଙ୍ଗଲରେ ବାସ କରୁଥିବା ସାଧୁଙ୍କ ପରି ଗଛର ପତ୍ର ଏବଂ ବକଳରୁ ଆମେ ମଧ୍ୟ ଏକ ନୂଆ ପ୍ରକାରର ପୋଷାକ ତିଆରି କରି ପିନ୍ଧିପାରିବା। ମୋ ମନ ଭିତରେ ଭିତରେ ଏହାକ ସ୍ପଷ୍ଟ ଭାବେ ଦେଖିପାରୁଛି।" ଦର୍ଶକମାନଙ୍କ ଭିତରୁ କେହି ପ୍ରତିବାଦ କରିବା ଆଗରୁ ସେ ସେଠାରୁ ଦୌଡ଼ିଗଲା । କିଛି ବଡ଼ବଡ଼ ପତ୍ର, ଗଛର ବକଳ ଖଣ୍ଡ, କିଛି ଲତା ନେଇ ଆସିଲା । ପତ୍ରଗୁଡ଼ିକୁ ଗୁନ୍ଥି ସେଥିରେ ଏକ ସୁନ୍ଦର ଅଣ୍ଟାପଟି ଏବଂ ଲତା ସାହାଯ୍ୟରେ ବାହୁଟି ତିଆରି କଲା । ହଳଦୀ ଗୁଣ୍ଡ ଏବଂ ପାଉଁଶକୁ ଯୁଦ୍ଧର ରଙ୍ଗ ଭାବରେ ବ୍ୟବହାର କରି ଏକ ନୂଆ ପୋଷାକ ପ୍ରସ୍ତୁତ କରିଦେଲା ।



ସଙ୍ଗେସଙ୍ଗେ ବୁଦ୍ଧି ବଳରେ ପ୍ରସ୍ତୁତ କରାଯାଇଥିବା ସେହି ପୋଷାକଟିକୁ ପିନ୍ଧି ଅଭିନେତା ଅର୍ଜୁନ ବେଶ ହୋଇ ମଞ୍ଚକୁ ପ୍ରବେଶ କଲେ । ତାଙ୍କୁ ଦେଖି ଦର୍ଶକମାନେ ପ୍ରଶଂସାରେ ତାଳି ମାରିବାକୁ ଲାଗିଲେ । କାରଣ ସେମାନେ ଅର୍ଜୁନର ପରାକ୍ରମକୁ ପ୍ରକୃତି ମାଧ୍ୟମରେ ପ୍ରଦର୍ଶନ କରିବା ଏକ ଉତ୍ତମ ଧାରଣା ବୋଲି ଅନୁଭବ କଲେ । ଫଳରେ ନାଟକଟି ସୁନ୍ଦର ଭାବରେ ପରିବେଷିତ ହୋଇପାରିଲା । ପୋଷାକ ଚିରିବା ଘଟଣାକୁ ଲୋକମାନେ ମନରୁ ପୂରା ଭୁଲିଗଲେ । ପୋଷାକ ତିଆରି କରିଥିବା ଅର୍ଜୁନ ନାମକ ଯୁବକ ନିଜର ଉପସ୍ଥିତ ବୁଦ୍ଧି ଓ ପରିକଳ୍ପନାର ପ୍ରୟୋଗ କରି ସମସ୍ୟାର ସମାଧାନ କରି ପାରିଥିବାରୁ ସମସ୍ତଙ୍କ ଆଗରେ ସେ ବୁଦ୍ଧିମାନ ଓ ସାହସୀ ପାଲଟିଗଲେ ।



https://withteachers.in/

## ଦୃଶ୍ୟ - ୨ ଦଳ ଭିତରେ ନିଜ କୌଶଳ ପ୍ରଦର୍ଶନ





ତୁମେ ଦେଖିଲ, ଉପସ୍ଥିତ ବୁଦ୍ଧି ଏବଂ କଳ୍ପନା ବଳରେ ପୋଷାକ ତିଆରି କରି ଅର୍ଜୁନ କିପରି ଜଣେ ହିରୋ ହୋଇଗଲେ । ସେହି ଘଟଣାରୁ ଆମେ ଦୁଇଟି କଥା ଶିଖିବା ଉଚିତ୍ । ଉତ୍ତମ ପରିକଳ୍ପନା କିପରି ଆମକୁ ସାହାଯ୍ୟ କରିଥାଏ ଏବଂ ସ୍ୱତନ୍ତ୍ର ପ୍ରତିଭା ବା ଦକ୍ଷତା କିଭଳି ଦଳ ଭିତରେ ଆମକୁ ଭିନ୍ନ କରି ଗଢ଼ିଥାଏ । ଦଳର ସମସ୍ତେ ଯଦିଓ ଗୋଟିଏ ଲକ୍ଷ୍ୟରେ କାମ କରନ୍ତି ତଥାପି ପ୍ରତ୍ୟେକ ସଭ୍ୟ ଯେଉଁ କୌଶଳରେ ଦକ୍ଷ ସେ ସେହି ଅନୁସାରେ ସାହାଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଦଳରେ ଯେତେ ଜଣ ଥା'ନ୍ତି ସମସ୍ତେ ସବୁ କାମ କରିପାରନ୍ତି ନାହିଁ । ତେଣୁ, ଯେଉଁମାନେ ଯେଉଁ କାମ ଭଲ ଭାବେ ଜାଣିଥାନ୍ତି, ସେମାନେ ସେହି କାମ କରିବା ଦରକାର ।

https://withteachers.in/

## କ୍ରିୟାକଳାପ - ୬.୧ ପଞ୍ଚତନ୍ତ୍ର ଅଭ୍ୟାସ

ତୁମ ସମସ୍ତଙ୍କୁ ପାଞ୍ଚଟି ଦଳରେ ବିଭକ୍ତ କର । ତୁମ ଦଳର ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ଗୋଟିଏ ପଶୁର ଅଭିନୟ କରିବାକୁ ଦିଅ । ପ୍ରତ୍ୟେକ ପିଲାକୁ ସେମାନେ ଅଭିନୟ କରୁଥିବା ପଶୁମାନଙ୍କର ବିଶେଷ ଗୁଣଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିବାକୁ କୁହ ।

ବର୍ତ୍ତମାନ ଗୋଟିଏ ଦଳ ଭାବରେ କଳ୍ପନା କର ଯେ ତୁମେମାନେ ଜଙ୍ଗଲରେ ଅଛ । ସମସ୍ତେ ଦଳ ହୋଇ ଜଙ୍ଗଲରେ ସିଂହର ପ୍ରକୋପରୁ ରକ୍ଷା ପାଇବାପାଇଁ ଯୋଜନା କରୁଛ । ପୂର୍ବରୁ ଠେକୁଆ ଯେମିତି ବୁଦ୍ଧି ବଳରେ ସିଂହ କବଳରୁ ମୁକୁଳି ପାରିଥିଲା ସେହି ବିଷୟକୁ ଛାଡ଼ି ନୂଆ ଉପାୟ କିଛି ଚିନ୍ତା କର । ସବୁ ପ୍ରକାର ପଶୁ ସେମାନଙ୍କ ଦକ୍ଷତା ବ୍ୟବହାର କରି ସିଂହ ପ୍ରକୋପରୁ କେମିତି ମୁକୁଳି ପାରିବେ ତାହା ଆଲୋଚନା କର ।



ତୁମ ଦଳର ନାମ ଲେଖ ।

ଜଙ୍ଗଲରେ ସିଂହର ସମସ୍ୟା ଉପରେ ସମାଧାନର ନୂଆ ଉପାୟ ବାହାର କର ।

ଦଳରେ ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ବିଷୟରେ ଲେଖ ।





https://withteachers.in/

## କ୍ରିୟାକଳାପ - ୬.୨ ବସ୍ତୁର ଅଭିନବ ପ୍ରୟୋଗ - ଦଳଗତ

ଦଳ ଭିତରେ ରହି ନିଜକୁ ସ୍ୱତନ୍ତ୍ର ଭାବରେ କିଭଳି କାର୍ଯ୍ୟ କରିବାକୁ ହୁଏ, ସେ ବିଷୟରେ ଆମେ ଏବେ ଏକ ନାଟକର ଖେଳ ଖେଳିବା । ପିଲାମାନେ, ମନେ ପକାଅ, ଗତବର୍ଷ ତୁମେ ନାଟକରେ ବସ୍ତୁଗୁଡ଼ିକୁ ତାହାର ନିଜ ରୂପରେ ବ୍ୟବହାର ନ କରି ଅନ୍ୟାନ୍ୟ ରୂପରେ ବ୍ୟବହାର କରିବା ଶିଖିଥିଲ । ତୁମ ଚାରିପାଖରେ ଥିବା ବସ୍ତୁଗୁଡ଼ିକୁ ଅଲଗା ଅଲଗା ପ୍ରକାରରେ ବ୍ୟବହାର କରିଥିଲ । ଯେମିତି ତୁମର ପେନ୍ସିଲ୍ ଖୋଳକୁ ତୁମେ ଏକ ଟଙ୍କାପେଡ଼ି କିମ୍ବା ଲାପ୍‌ଟପ୍ ଭାବରେ ଅଭିନୟ ଦ୍ୱାରା ଦେଖେଇପାରିଥିଲ । ତେଣୁ ଗଲାବର୍ଷ ଆମେ ଯାହା ସବୁ କରିଥିଲେ ତାକୁ ପୁଣିଥରେ ମନେପକେଇବାକୁ ବସ୍ତୁମାନଙ୍କର ଏହି ଅଭିନବ ପ୍ରୟୋଗ ଆଧାରିତ ନାଟକ ଖେଳଟିକୁ ଖେଳିବା । ତୁମମାନଙ୍କ ଭିତରୁ ଯେଉଁମାନେ ଏହି ଖେଳଟି ଖେଳି ପାରି ନ ଥିଲ ସେମାନେ ମଧ୍ୟ ଏହାକୁ ଜାଣିପାରିବେ ।

### ନାଟକ ଖେଳ - ମନେପକେଇବା (୩ୟ ଶ୍ରେଣୀ)



ପ୍ରଥମେ ଶିକ୍ଷକ ଏକ ବସ୍ତୁ ବାଛନ୍ତୁ । ପ୍ରତ୍ୟେକ ଛାତ୍ର ସେହି ବସ୍ତୁକୁ ତାହା ମୂଳ ଉଦ୍ଦେଶ୍ୟ ବ୍ୟତୀତ ଅଲଗା ଅଲଗା ଭାବେ ବ୍ୟବହାର କରିବାକୁ କୁହନ୍ତୁ । ଜଣେ ପରେ ଜଣେ ଛାତ୍ର ସେହି ବସ୍ତୁଟିକୁ ନେଇ ଭିନ୍ନଭିନ୍ନ ଭାବରେ ବ୍ୟବହାର କରି ଗୋଟିଏ ଗୋଟିଏ ଅଭିନୟ ପ୍ରସ୍ତୁତ କରନ୍ତୁ । ଜଣେ ଯେମିତି କରିଛି ଆଉ ଜଣକୁ ସେମିତି କରିବାକୁ ଦିଅନ୍ତୁ ନାହିଁ ।

ବର୍ତ୍ତମାନ ଆମେ ଏହାକୁ ଦଳଗତ ଅଭିନୟରେ ପ୍ରୟୋଗ କରିବା । ଶିକ୍ଷକ ପ୍ରଥମେ ଶ୍ରେଣୀଗୃହରେ ଥିବା ଏକ ବସ୍ତୁକୁ ବାଛନ୍ତୁ । ଧରିନିଆଯାଉ ସେ ଏକ ପାଣିବୋତଲ ଉଠାଇଲେ । ଏହାକୁ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ । ଯେପରିକି :



ଗୋଟିଏ କହିବା ପାଇଁ ମାଇକ୍



ଗୋଟିଏ ଫଳକ କିମ୍ବା ପୁରସ୍କାର



ଗୋଟିଏ ଫୋନ୍ ଏବଂ ଆହୁରି କେତେ କ'ଣ ।

https://withteachers.in/

ଶିକ୍ଷକ ହଠାତ୍ ତୁମ ଭିତରୁ ଜଣେ ପିଲାକୁ ଏହାକୁ ଦିଅନ୍ତୁ । ସେହି ପିଲାର ଅଭିନୟକୁ ଆଧାର କରି ଶିକ୍ଷକ ଅନ୍ୟ ଜଣେ ପିଲାଙ୍କୁ ଘଟଣା ସ୍ଥଳରେ ଆଉ କିଛି ଅଭିନୟ ଯୋଗ କରିବାକୁ କୁହନ୍ତୁ । ସେମାନେ ବର୍ତ୍ତମାନ ପାଣିବୋତଲ ଉପରେ ଆଧାରିତ ସେହି କାଳ୍ପନିକ ବସ୍ତୁରେ କଥାବାର୍ତ୍ତା ହେବା ଉଚିତ୍ ।

ସେମାନଙ୍କ ଆଲୋଚନା ଚାଲୁଥିବାବେଳେ ଶିକ୍ଷକ ଆଉ ଜଣେ ପିଲାକୁ ସେଥିରେ ଅଂଶ ଗ୍ରହଣ କରିବାକୁ ପଠାନ୍ତୁ । ଏହି ତିନିଜଣ ବର୍ତ୍ତମାନ ପାଣିବୋତଲକୁ ଆଧାର କରି ସୃଷ୍ଟି କରିଥିବା କଳ୍ପନିକ ବସ୍ତୁକୁ କେନ୍ଦ୍ର କରି ଦୃଶ୍ୟ ତିଆରି କରିବାକୁ କୁହନ୍ତୁ ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

କେବଳ ଘଟଣାକୁ ଯୋଡ଼ିବାକୁ ପିଲାମାନଙ୍କୁ ପଠାନ୍ତୁ । ପିଲାଟି ସେଠାରେ କେଉଁ ଭୂମିକା ଗ୍ରହଣ କରିବ ଏବଂ କ'ଣ କହିବ ତାହା ପିଲା ନିଜେ ନିଷ୍ପତ୍ତି ନେବେ । ଏଠାରେ ଶିକ୍ଷକ ପିଲାମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଭୂମିକା ପ୍ରଦାନ କରିବା ଉଚିତ ନୁହେଁ। ସେମାନେ ପରିସ୍ଥିତିକୁ ଅନୁଭବ କରି ସ୍ୱତଃପ୍ରବୃତ ଭାବେ ନିଜେ ନିଜେ ଅଭିନୟ କରିବା ଦରକାର ।



**ମନେରଖ :**

କଳ୍ପନା ଓ ନିରୀକ୍ଷଣ । ତୁମ ମୁଖ୍ୟ କୌଶଳ ତୁମର ଅଭିନୟକୁ ଏତେ ସ୍ୱଷ୍ଟ ଭାବରେ ପ୍ରଦର୍ଶନ କରିବା ଉଚିତ୍ ଯେ ତାହାକୁ ଯେମିତି ସମସ୍ତେ ବୁଝିପାରିବେ । ଯଦି ତୁମ ଅଭିନୟକୁ ଦର୍ଶକ ବୁଝି ପାରିବେ ନାହିଁ, ତେବେ ସମ୍ପୂର୍ଣ୍ଣ ଦୃଶ୍ୟର କିଛି ଅର୍ଥ ବି ରହିବ ନାହିଁ ।



https://withteachers.in/

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଦୁଇଟିଯାକ ଭୂମିକା ପରିବେଷଣ କରିବାକୁ ସୁଯୋଗ ଦିଅନ୍ତୁ । ପ୍ରଥମ ବ୍ୟକ୍ତି ଦିଆଯାଇଥିବା ବିଷୟକୁ ବ୍ୟାଖ୍ୟା କରିଥାନ୍ତି ଏବଂ ଦ୍ୱିତୀୟ ବ୍ୟକ୍ତି ତାହାକୁ ଦୃଶ୍ୟରେ ଯୋଗ କରିଥାନ୍ତି । ଏହି ଦୁଇଟି ଅଭିନୟ ପାଇଁ ସ୍ୱତନ୍ତ୍ର ଦକ୍ଷତା ଆବଶ୍ୟକ ଏବଂ ଏହା ପିଲାମାନଙ୍କ ଭିତରେ ବିକଶିତ ହେବା ଦରକାର ।








- କେଉଁ ବସ୍ତୁପାଇଁ ତମେ ଅଧିକରୁ ଅଧିକ ଉନ୍ନତିକରଣ ଚିନ୍ତା କରିପାରିବ ?
- ଯେତେବେଳେ ବିକଶିତ ହେଲା, କେଉଁ ଦୃଶ୍ୟଟି ଅଧିକ ଆକର୍ଷଣୀୟ ଲାଗିଲା ?
- ତୁମେ ଘରେ ଦେଖୁଥିବା ପାଞ୍ଚୋଟି ବସ୍ତୁର ତିନୋଟି ଅଭିନବ ପ୍ରୟୋଗର ତାଲିକା ପ୍ରସ୍ତୁତ କର ।
- କେଉଁ ଦୃଶ୍ୟଟିକୁ ବିକଶିତ କରିବା ତୁମପାଇଁ କଷ୍ଟକର ଥିଲା ଓ କାହିଁକି ?





https://withteachers.in/

ସେ ବିଷୟରେ ସୃଜନାତ୍ମକ ଭାବନା ସହାୟକ ହୋଇଥାଏ ।



ବର୍ତ୍ତମାନ ତୁମେ ବୁଝିପାରିଛ ଯେ ପରିକଳ୍ପନା ହେଉଛି ଏକ ମହାଶକ୍ତି । ଯାହା ତୁମକୁ ସବୁବେଳେ ସାହାଯ୍ୟ କରିବ । ଆସ, ଏବେ ବୁଝିବା, ତାହା ଆମକୁ ନାଟକରେ କିପରି ସାହାଯ୍ୟ କରେ । ନାଟକରେ ପରିକଳ୍ପନା ସାଧାରଣତଃ ଦୁଇଟି ଉପାୟରେ ଘଟିଥାଏ ।

୧. କୌଣସି ଏକ ବିଷୟ କିମ୍ବା କାହାଣୀକୁ କିପରି ବିକଶିତ କରାଯାଇପାରିବ ସେ ବିଷୟରେ ସୃଜନାତ୍ମକ ଭାବନା ସହାୟକ ହୋଇଥାଏ ।

୨. ଦର୍ଶକମାନଙ୍କ ଆଗରେ ଏହାକୁ କିଭଳି ପରିବେଷଣ କଲେ ତାହା ସୁନ୍ଦର ଦେଖାଯିବ, ତାହାର ପରିକଳ୍ପନା ।

କୌଣସି ଏକ ବସ୍ତୁକୁ ଆଧାର କରି ଏକ କାହାଣୀ ସୃଷ୍ଟି କରିବାକୁ ପ୍ରଥମ ପର୍ଯ୍ୟାୟର ପରିକଳ୍ପନା କୁହାଯାଏ । ଯାହା ଏଠାରେ ବାକ୍ସ ଭିତରେ ଲେଖା ଯାଇଛି । ତୁମେ ଏବେ ମନେ ପକାଅ । ସେଦିନ ଅର୍ଜୁନ କିଭଳି ତାହାର ପରିକଳ୍ପନା ଶକ୍ତି ବଳରେ ଏକ ନୂତନ ଶୈଳୀର ବେଶ ପୋଷାକ ତିଆରି କରି ନାଟକକୁ ରକ୍ଷା କରିପାରିଥିଲା ? ଏହି ଧରଣର ପରିକଳ୍ପନାକୁ ଦ୍ୱିତୀୟ ପର୍ଯ୍ୟାୟର ପରିକଳ୍ପନା କୁହାଯାଏ । ନାଟକରେ ଏହାକୁ ଦୃଶ୍ୟ- ପରିକଳ୍ପନା (Visualisation) କୁହାଯାଏ ।

**ଦୃଶ୍ୟପରିକଳ୍ପନା :** ପୂର୍ବରୁ ଦେଖି ନ ଥିବା କୌଣସି ଚିତ୍ର କିମ୍ବା ଦୃଶ୍ୟକୁ ଆମ ମାନସପଟରେ ବା ମନ ଭିତରେ ସର୍ଜନା କରିପାରିବାର ଶକ୍ତିକୁ ଦୃଶ୍ୟପରିକଳ୍ପନା କୁହାଯାଏ ।

ଉଦାହରଣସ୍ୱରୂପ ତୁମେ ନିଜକୁ ଜଣେ ସର୍ବଶକ୍ତିମାନ ବୋଲି ଭାବିପାର । ଏହାକୁ ଆମେ ଦୃଶ୍ୟପରିକଳ୍ପନା ବୋଲି କହିପାରିବା ନାହିଁ । କିନ୍ତୁ ତୁମେ ଯେତେବେଳେ ଏକ ଗଭୀର ସମୁଦ୍ର ଉପରେ, ଆକାଶ ମାର୍ଗରେ ଉଡ଼ିଉଡ଼ି ଶତ୍ରୁମାନଙ୍କ ସହିତ ଯୁଦ୍ଧ କରୁଛ, ସେମାନଙ୍କୁ ପରାସ୍ତ କରି ଦୁର୍ବଳମାନଙ୍କୁ ରକ୍ଷା କରୁଛ ବୋଲି ଭାବିପାରୁଛ, ସେତେବେଳେ ଏହାକୁ ଦୃଶ୍ୟପରିକଳ୍ପନା କୁହାଯାଏ ।

ଏହା ସହିତ ତୁମେ ଯଦି ସେହି ସମୟରେ କ'ଣ ପିନ୍ଧିଛ ? ତୁମ ଚାରିପାଖରେ କ'ଣ କ'ଣ ସବୁ ଅଛି ? ଏବଂ ଉଡ଼ିଉଡ଼ି ଯୁଦ୍ଧ କରିବା ସମୟରେ ତୁମେ ଅନ୍ୟମାନଙ୍କ ସହ କିଭଳି କଥାବାର୍ତ୍ତା କରୁଛ ଆଦିକୁ ଦେଖିପାରୁଛ ଏବଂ ଭାବିପାରୁଛ ତେବେ ତୁମର ଉତ୍ତମ ଦୃଶ୍ୟପରିକଳ୍ପନା ଶକ୍ତି ଅଛି ବୋଲି ଭାବିବାକୁ ପଡ଼ିବ । ବର୍ତ୍ତମାନ ତୁମେମାନେ ସବୁ ଆସ, ଆମେ ଗୋଟିଏ ମଜା ଖେଳ ଖେଳିବା, ଯାହା ତୁମର ଦୃଶ୍ୟପରିକଳ୍ପନା ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିବ ।



https://withteachers.in/

## କ୍ରିୟାକଳାପ - ୬.୩ ଦଳଗତ ଦୃଶ୍ୟ ପ୍ରସ୍ତୁତି

ପୂର୍ବରୁ ତୁମେ ସମସ୍ତେ ଏକ ବସ୍ତୁକୁ ଆଧାର କରି ଦୃଶ୍ୟ ରଚନା କରୁଥିଲ । ଏହି କାର୍ଯ୍ୟକଳାପରେ ପାର୍ଥକ୍ୟ ହେଉଛି ଯେ ତୁମେ କ'ଣ କରିବ ତାହା ଯୋଜନା, ଆଲୋଚନା କରି ସ୍ଥିର କରିବାକୁ ହେବ । ତୁମକୁ ସ୍ୱତଃପ୍ରବୃତ୍ତ ଏକ କାହାଣୀ ସୃଷ୍ଟି କିରବାକୁ ପଡ଼ିବ । ଏହା ତୁମକୁ ଦୃଶ୍ୟପରିକଳ୍ପନା କରିବାର ସୁଯୋଗ ଦେବ । ତୁମେ କାହାଣୀ ସ୍ଥିର କରିସାରିବା ପରେ ତାହାର ଦୃଶ୍ୟ ବା ଘଟଣାକୁ ପୁଙ୍ଖାନୁପୁଙ୍ଖ ଭାବେ କଳ୍ପନା କରିବାକୁ ଚେଷ୍ଟା କର । ଏଠାରେ ତୁମକୁ ଦୃଶ୍ୟପରିକଳ୍ପନାରେ ସହାୟକ କଳାଭଳି କିଛି ସୂଚନା ପ୍ରଦାନ କରାଯାଇଛି ।





### ଦୃଶ୍ୟ ପରିକଳ୍ପନାରେ ସହାୟକ ସୂଚନାବଳୀ

- ଦୃଶ୍ୟର ପ୍ରାରମ୍ଭରେ ମଞ୍ଚରେ କ'ଣ ସବୁ ଅଛି ? (ଟେବୁଲ, ଚୌକି, ବ୍ୟାଗ୍ ଧରି ଛିଡ଼ା ହୋଇଥିବା ଅଭିନେତା ଇତ୍ୟାଦି)
- କେତେବେଳେ ଏବଂ କେଉଁ ସ୍ଥାନରୁ ଅଭିନେତା (ଛାତ୍ରଛାତ୍ରୀ) ମଞ୍ଚକୁ ପ୍ରବେଶ କରିବେ ?
- କେଉଁଠାରେ ଏବଂ କିପରି ସେମାନେ ପରସ୍ପର ସହିତ କଥା ହେବେ ?
- ଏହା କିପରି ଶେଷ ହେବ ଏବଂ ଦୃଶ୍ୟ ଶେଷରେ ଅଭିନେତାମାନେ କେଉଁଠିକୁ ଯିବେ ?

ଏହିସବୁ କଥା ଯଦି ତୁମେ ଦଳରେ ମିଳିମିଶି ଆଲୋଚନା କର ଏବଂ ଦୃଶ୍ୟପରିକଳ୍ପନା କରିବାକୁ ସକ୍ଷମ ହୁଅ ତେବେ ତୁମେମାନେ ତାହାକୁ ପରିବେଷଣ କରିବାକୁ ପ୍ରସ୍ତୁତ ଅଟ ।

https://withteachers.in/

## ମୌଳିକ ଅଭ୍ୟାସ

ପ୍ରତ୍ୟେକ ଦଳପାଇଁ ଶିକ୍ଷକ ଦେଇଥିବା ବିଷୟ ହେଉଛି ଏକ ବସ୍ତୁ । କାହାଣୀଟି ଏହି ବସ୍ତୁକୁ ଆଧାର କରି ଗଢ଼ି ଉଠିବ ଏବଂ ପରିବେଷିତ ହେବ ।

## ଉନ୍ନତ ଅଭ୍ୟାସ

ଏଠାରେ ଏକ କ୍ଷୁଦ୍ର ବସ୍ତୁ ପରିବର୍ତ୍ତେ ଏକ ବଡ଼ ବିଷୟବସ୍ତୁ ଦିଆଯିବ । ଯେଉଁଠାରେ କାହାଣୀ ଗଠନ କରିବାକୁ ସୃଜନଶୀଳତା ଓ ପରିକଳ୍ପନାର ଅଧିକ ସୁଯୋଗ ମିଳିବ । ଉଦାହରଣସ୍ୱରୂପ, ଭୟ, କ୍ରୋଧ, ପ୍ରକୃତି, ବିଦ୍ୟାଳୟ ଏବଂ ପରିଭ୍ରମଣ ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଶ୍ରେଣୀର ସମସ୍ତ ପିଲାମାନଙ୍କୁ ଚାରି କିମ୍ବା ପାଞ୍ଚଟି ଦଳରେ ବିଭକ୍ତ କରନ୍ତୁ । ସେମାନଙ୍କୁ ଦିଆଯାଇଥିବା ବିଷୟବସ୍ତୁକୁ ଆଧାର କରି ଏକ କାହାଣୀ କଳ୍ପନା କରବାକୁ କୁହନ୍ତୁ । ଏହି ବିଷୟରେ ଯୋଜନା ଏବଂ ଆଲୋଚନା ପାଇଁ ୫ ମିନିଟ୍ ସମୟ ପ୍ରଦାନ କରନ୍ତୁ । ଏହାପରେ ସେମାନଙ୍କ ଦଳକୁ ପରିବେଷଣ କରିବାପାଇଁ କୁହନ୍ତୁ । ଯେତେବେଳେ ଗୋଟିଏ ଦଳ ସେମାନଙ୍କର ନାଟକ ପରିବେଷଣ କରିବେ ସେତେବେଳେ ଅନ୍ୟ ଦଳମାନଙ୍କୁ ତାକୁ ମନଦେଇ ଦେଖିବା ସହିତ ଏକ କାଗଜରେ ମନ୍ତବ୍ୟ ଲେଖିବାକୁ କୁହନ୍ତୁ । ଗୋଟିଏ ଦଳର ପରିବେଷଣ ସରୁସରୁ ଅନ୍ୟ ଦଳମାନେ ଲେଖିଥିବା ମନ୍ତବ୍ୟଗୁଡ଼ିକୁ ଆଲୋଚନା କରି ସାରିବା ପରେ ପରବର୍ତ୍ତୀ ଦଳକୁ ପରିବେଷଣ କରିବାକୁ କୁହନ୍ତୁ ।

## ପଞ୍ଚତନ୍ତ୍ର ଅଭ୍ୟାସ

ପଞ୍ଚତନ୍ତ୍ର କାହାଣୀର କୌଣସି ଏକ ଅଂଶକୁ ଏକ ଦଳଦ୍ୱାରା ବିକଶିତ କରି ଭିନ୍ନ ଧରଣର ଏକ ଉନ୍ନତିକରଣ କରାଯାଇପାରିବ । ଦୃଶ୍ୟରେ ଥିବା ପଶୁ ଏବଂ ସେମାନଙ୍କ ଭୂମିକା ମଧ୍ୟ ଦଳର ସୃଜନଶୀଳତା ଓ ପରିକଳ୍ପନା ଅନୁସାରେ ପରିବର୍ତ୍ତନ କରାଯାଇପାରିବ ।





https://withteachers.in/

| ମତାମତ ଏବଂ ଆଲୋଚନା ପାଇଁ କେତେକ ସୂଚନା | ବୁଝି ହେଲା ନାହିଁ | ଆହୁରି ଭଲ ହୋଇପାରିଥାନ୍ତା | ବହୁତ ବଢ଼ିଆ |
|---|---|---|---|
| ଦିଆଯାଇଥିବା ବସ୍ତୁ ଏବଂ ବିଷୟବସ୍ତୁ କୈନ୍ଦ୍ରିକ କାହାଣୀ । | | | |
| ଅଭିନେତାମାନଙ୍କ ପ୍ରବେଶ ଓ ପ୍ରସ୍ଥାନରେ ଆତ୍ମବିଶ୍ୱାସ | | | |
| ଅଭିନୀତ ହେବାକୁ ଥିବା କାହାଣୀର ସ୍ୱଷ୍ଟତା | | | |
| ମଞ୍ଚ ଓ ହସ୍ତ ଉପକରଣ ଗୁଡ଼ିକର ସୃଜନାତ୍ମକ ବ୍ୟବହାର | | | |
| ଦଳର ସମସ୍ତ ସଦସ୍ୟମାନଙ୍କ ଅଂଶଗ୍ରହଣ | | | |




- ଯେତେବେଳେ ବସ୍ତୁ କିମ୍ବା ବିଷୟବସ୍ତୁ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା ସେତେବେଳେ କାହାଣୀର ଏକ ଭିନ୍ନ ପ୍ରଭାବ ଥିଲା କି ?
- କାହାଣୀଗୁଡ଼ିକର ଆରମ୍ଭ ଏବଂ ଶେଷ ଏକା ପ୍ରକାରର ଥିଲା କି ?
- ବିଷୟବସ୍ତୁ ଓ ବସ୍ତୁ ଉଭୟକୁ ଅନ୍ତର୍ଭୁକ୍ତ କରି କାହାଣୀ ସର୍ଜନା ହୋଇପାରିଥାନ୍ତା କି ? ଏହିପରି କରିବାକୁ ଚେଷ୍ଟା କର ।



https://withteachers.in/

## ମାନ ନିର୍ଦ୍ଧାରଣ ଅଧ୍ୟାୟ - ୬ - ପରିକଳ୍ପନା

**ଦକ୍ଷତା**

୨.୧ ନିତିଦିନିଆ ଘଟଣାକୁ ଆଧାର କରି ବିଭିନ୍ନ ଚରିତ୍ର, ଭୂମିକା, ପରିସ୍ଥିତି, ସ୍ଥାନ ଏବଂ କିଛି ସାଧାରଣ ଉପକରଣ ସାହାଯ୍ୟରେ ଏକ ନାଟକ ତିଆରି କରି ତାକୁ ଶ୍ରେଣୀଗୃହରେ ପରିବେଷଣ କରିବା ।

୨.୨ ନାଟକର ବିଷୟବସ୍ତୁ ଏବଂ ତାହାର ବିଭିନ୍ନ ଉପାଦାନମାନଙ୍କ ଭିତରେ ତୁଳନା ଏବଂ ପାର୍ଥକ୍ୟ ସହିତ କଳାତ୍ମକ ଅଭିବ୍ୟକ୍ତିକୁ ସମ୍ପର୍କିତ ଶ୍ରେଣୀଗୃହରେ ପରିବେଷଣ କରିବା ।

| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
|---|---|---|---|---|
| ୨ | ୨.୧ | ଦଳ ଭିତରେ ନିଜର ଦକ୍ଷତା ପ୍ରଦର୍ଶନ । | | |
| | ୨.୧, ୨.୨ | ଅନ୍ୟମାନେ ଅଭିନୟ କଲାବେଳେ ସେମାନଙ୍କୁ ଟିକିନିଖି ଅନୁଧ୍ୟାନ କରିବା ଏବଂ ଜଣଙ୍କର ଭୂମିକାକୁ କଳ୍ପନା କରିବା। | | |
| | ୨.୧, ୨.୨ | ତୁମକୁ କୁହାଯାଇଥିବା କାର୍ଯ୍ୟଠାରୁ ଅଧିକ ଅଭିନୟ ପ୍ରଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିବା । | | |
| | ୨.୧ | ବସ୍ତୁ ଆଧାରରେ ନିଜର ଭୂମିକା ଏବଂ ସ୍ଥାନକୁ ବୁଝିବା । | | |
| | ୨.୨ | କେବଳ ଜଣଙ୍କର ନୁହେଁ ବରଂ ମିଳିତ ପ୍ରଚେଷ୍ଟାରେ ଦୃଶ୍ୟ ସଂଯୋଜନା କରିବା । | | |
| | ୨.୨ | ପ୍ରଦତ୍ତ ମାନଦଣ୍ଡ ଅନୁସାରେ ଅନ୍ୟମାନଙ୍କର ପ୍ରଦର୍ଶନ ଉପରେ ମତାମତ ଦେବା । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________



https://withteachers.in/

ଅଧ୍ୟାୟ - ୭

# ଆସ ସର୍ଜନା କରିବା







ତୁମେ କେବେ ବୃଦ୍ଧ ବ୍ୟକ୍ତିଙ୍କ ପରି ବଙ୍କୁଲି ବାଡ଼ି ଧରି ଚାଲିବାକୁ ଚେଷ୍ଟା କରିଛ ? ତୁମେ କେବେ ତୁମ ମା'ଙ୍କ ଭଳିଆ ହ୍ୟାଣ୍ଡବ୍ୟାଗ୍ ଧରି ଛିଡ଼ା ହେବା କିମ୍ବା ବସିବାକୁ ଚେଷ୍ଟା କରିଛ କି ? ତୁମେ ବେଳେବେଳେ ପଶୁର ଚାଲିବା, ଡେଇଁବା କିମ୍ବା ନାକରେ ଶୁଙ୍ଘିବା ଆଦିକୁ ନିଶ୍ଚୟ ଅନୁକରଣ କରିବାକୁ ଚେଷ୍ଟା କରିଥିବ । ବାସ୍ତବରେ ଅନ୍ୟମାନଙ୍କ ପରି ଆଚରଣ କରିବା ଭାରି କୌତୁକିଆ ନୁହେଁ କି ? ତୁମେ ଜାଣ ନାଟକ ଅଭିନୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ । ଏହାକୁ **ଅନୁକରଣ (Imitation)** କୁହାଯାଏ ।

ନାଟକରେ ଅନୁକରଣ ହେଉଛି ଏକ ମୌଳିକ କୌଶଳ । ସମସ୍ତେ ବିଶ୍ୱାସ କଲାଭଳି ଗୋଟିଏ ବିଶ୍ୱାସ ଯୋଗ୍ୟ ଚରିତ୍ର ସୃଷ୍ଟିପାଇଁ ଅଭିନେତା ଓ ଅଭିନେତ୍ରୀମାନେ ଅନ୍ୟମାନଙ୍କର କାର୍ଯ୍ୟ, ସ୍ୱର କିମ୍ବା ମୁଖଭଙ୍ଗୀକୁ ନିରୀକ୍ଷଣ କଲେ ତାକୁ ଅନୁକରଣ କହିଥା'ନ୍ତି । ଏହା ବାସ୍ତବ ମଣିଷ, ଜୀବଜନ୍ତୁ କିମ୍ବା ବସ୍ତୁଗୁଡ଼ିକର ଗଭୀର ଅଧ୍ୟୟନ ଆବଶ୍ୟକ କରିଥାଏ । ଏପରିକି ସେମାନଙ୍କ ଗୁଣାବଳୀକୁ ଜୀବନ୍ତ କରି ମଞ୍ଚରେ ପରିବେଷଣ କରିଥାଏ ।

ଚାଲ, ଏବେ ଆମେ ଏକ ସହଜିଆ ଖେଳ ଖେଳିବା, ଗୁରୁତ୍ୱ ସହକାରେ ଅନୁକରଣ କଲାବେଳେ ଏହା କେମିତି ଲାଗେ ସେହି କଥା ବୁଝିବାପାଇଁ ।





https://withteachers.in/

## କ୍ରିୟାକଳାପ - ୭.୧ ଦର୍ପଣ ଅଭ୍ୟାସ



ସବୁଠାରୁ ମଜା କଥା ହେଲା ଯେ ଏହି ଅଭ୍ୟାସରେ ବାସ୍ତବରେ କୌଣସି ଦର୍ପଣ ନ ଥାଏ । ତୁମେ ନିଜେ ଦର୍ପଣ ପାଲଟି ତାହାଭଳି ଆଚରଣ କରିବ । ପ୍ରଥମେ ତୁମମାନଙ୍କୁ ଯୋଡ଼ିଯୋଡ଼ି ହୋଇ ପରସ୍ପର ମୁହାଁମୁହିଁ ହୋଇ ଛିଡ଼ା ହେବାକୁ ପଡ଼ିବ । ଜଣେ ଦର୍ପଣ ହୋଇ ଛିଡ଼ା ହେବ ଏବଂ ଅନ୍ୟଜଣେ ତା'ହା ଆଗରେ ମଣିଷ ହୋଇ ଛିଡ଼ା ହେବ । ମଣିଷ ଯାହା ଆଚରଣ ପ୍ରଦର୍ଶନ କରିବ ଦର୍ପଣ ତାହାର ସମାନ ଅନୁକରଣ କରିବ । କିଛି ସମୟପରେ ପୁଣି ଉଭୟେ ସେମାନଙ୍କର ଭୂମିକା ବଦଳାଇ ଅଭିନୟ କରିବେ ।



### ଶିକ୍ଷକଙ୍କ ପାଇଁ ଟିପ୍ପଣୀ

ଅନୁକରଣ କଳା ପିଲାମାନଙ୍କଠାରେ ସ୍ୱାଭାବିକ ଭାବରେ ଦେଖାଯାଇଥାଏ । ନିରୀକ୍ଷଣ ଓ ଅନୁକରଣ ଦ୍ୱାରା ସୃଜନଶୀଳ ଅଭିବ୍ୟକ୍ତି ନିମନ୍ତେ ନାଟକ ଏକ ସଙ୍ଗଠିତ ଉପାୟ ବତାଇଥାଏ। ଏହି ସବୁ ପରି କଳା କୌଶଳକୁ ମାର୍ଜିତ କରି ଆମେ ପିଲାମାନଙ୍କଠାରେ ସହାନୁଭୂତି ଏବଂ ଆତ୍ମବିଶ୍ୱାସ ବଢ଼ାଇପାରିବା ।



### ମୌଳିକ ଅଭ୍ୟାସ

ପ୍ରଥମେ ନିର୍ଦ୍ଦେଶ ଅନୁସାରେ ସ୍ଥିର ଭଙ୍ଗୀରେ ଛିଡ଼ା ହୁଅ । ମଣିଷ ଭଳି ଗୋଡ଼ ହାତରେ ଭିନ୍ନଭିନ୍ନ ଅଙ୍ଗଭଙ୍ଗୀ କରିବା ସହ ବସିବା, ଉଠିବା, ଡେଇଁବା, ଗୁରୁଣ୍ଡିବା ଆଦି କାର୍ଯ୍ୟ କର । କିଛି ସମୟ ପରେ ଉଭୟଙ୍କ ଭୂମିକା ବଦଳାଇ ପୁଣି ସେହି କାର୍ଯ୍ୟ କର ଅର୍ଥାତ୍ ମଣିଷ ହୋଇଥିବା ପିଲା ଦର୍ପଣ ହୋଇଯିବ ଏବଂ ଦର୍ପଣ ହୋଇଥିବା ପିଲା ମଣିଷ ହୋଇଯିବ ।

**ମନେରଖ !**

ଏହାକୁ ଅଭ୍ୟାସ କରିବା ସମୟରେ ତୁମେ କେହି କାହାକୁ ସ୍ପର୍ଶ କରିବ ନାହିଁ । ପରସ୍ପର ଠାରୁ ଦୁଇ ହାତ ଦୂରରେ ରହି ସମସ୍ତ ଅଙ୍ଗୀଭଙ୍ଗୀ ପ୍ରଦର୍ଶନ କରିବ।



https://withteachers.in/



ଯଦି ତୁମେ ଧ୍ୟାନର ସହ ଦେଖିବ ତାହେଲେ ଜାଣିପାରିବ ଯେ ତୁମ ଭିତରୁ ଯେଉଁମାନେ ଦର୍ପଣ ହେଉଛନ୍ତି ସେମାନେ ସମ୍ଭବତଃ ନିଜ ଅଜାଣତରେ ଭୁଲ୍ କରିଚାଲିଛନ୍ତି । ମଣିଷ ଡାହାଣ ହାତ ଉଠାଇଲାବେଳେ ଦର୍ପଣ ମଧ୍ୟ ଡାହାଣ ହାତ ଉଠାଇ ଦେଉଛନ୍ତି । ଯଦିଚ ତୁମେ ସଠିକ୍ ଭାବରେ ଅନୁକରଣ କରୁଛ, ତେବେ ଦେଖିବ ଯେ ଦର୍ପଣ ସବୁବେଳେ ମଣିଷର ବିପରୀତ ପ୍ରତିକ୍ରିୟା ପ୍ରକାଶ କରିଥାଏ । ଆମର ଯାହା ବାମ, ଦର୍ପଣର ତାହା ଡାହାଣ ଅଟେ । ଏହି ତତ୍ତ୍ୱକୁ ସମରୂପତା ବା **ପ୍ରତିସାମ୍ୟ** କୁହାଯାଏ । ଟଣାଯାଇଥିବା ଗୋଟିଏ ରେଖାର ଉଭୟ ପାର୍ଶ୍ୱରେ ଥିବା ପିଲାମାନଙ୍କର କ୍ରିୟା ପ୍ରତିକ୍ରିୟା ଯେତେବେଳେ ସମାନ ଦେଖାଯାଏ ସେତେବେଳେ ସମରୂପତା ବା ପ୍ରତିସାମ୍ୟ ଘଟିଥାଏ ।



## ଉନ୍ନତ ଅଭ୍ୟାସ

ନିର୍ଦ୍ଦେଶ ଅନୁସାରେ ତୁମେ ସ୍ଥିର ହୋଇ ଛିଡ଼ା ହୁଅ । ପରସ୍ପର ମୁହାଁମୁହିଁ ଛିଡ଼ା ହୋଇ ମୁହଁରେ ବିଭିନ୍ନ ଭାବଭଙ୍ଗୀ ଓ ଗୋଡ଼, ହାତ ଚଳାଇ ବିଭିନ୍ନ ଅଙ୍ଗଭଙ୍ଗୀ ଓ ପଦଚାଳନା କର । ଯଦି ସମ୍ଭବ ଏହା ସହିତ ସରଳ ଉପକରଣମାନ ମଧ୍ୟ ବ୍ୟବହାର କରିପାର । ଯେପରିକି- ଦାନ୍ତ ଘଷିବା, ସ୍କୁଲ୍ ବ୍ୟାଗ୍ ସଜାଡ଼ିବା ଇତ୍ୟାଦି ।



https://withteachers.in/






- ତୁମେ ଦର୍ପଣ ହେବାର ଅଭିଜ୍ଞତା କ'ଣ ଥିଲା ?
- ଏହି କାର୍ଯ୍ୟକଳାପ କରିବାବେଳେ ତୁମର ହସକୁ ନିୟନ୍ତ୍ରଣ କରିବା ସହଜ ଥିଲା କି ?
- ଅଭିନୟ ସମୟରେ ମଣିଷ ଓ ଦର୍ପଣ ମଧ୍ୟରୁ କାହାର ଅଭିନୟ ମଜାଦାର ଥିଲା ?

## ପଞ୍ଚତନ୍ତ୍ର ଅଭ୍ୟାସ

ମନେରଖ ଠେକୁଆ ସିଂହକୁ ନେଇ ଗୋଟିଏ କୂଅ ପାଖକୁ ଚାଲିଯାଏ । କୂଅ ଭିତରେ ପାଣି ଉପରେ ସିଂହର ପ୍ରତିଫଳନକୁ ଦେଖାଇ ଆଉ ଗୋଟିଏ ସିଂହ ବୋଲି ତାହା ମନରେ ବିଶ୍ୱାସ ସୃଷ୍ଟି କରାଏ । ଏଠାରେ ତୁମେ ଦର୍ପଣ ଅଭିନୟ(Mirror Acting)ର ପ୍ରୟୋଗ କରିପାରବ । ତୁମ ଭିତରୁ ଜଣେ ପ୍ରକୃତ ସିଂହ ହେବ ଏବଂ ଆଉ ଜଣେ ତାହାର ପ୍ରତିଫଳନ ହୋଇ ଅଭିନୟ କରିବ । ଏଥିରେ ତୁମେ ସିଂହ ପାଖରେ ଠେକୁଆକୁ ମଧ୍ୟ ରଖିପାରିବ । ଯେହେତୁ ଏହି ଘଟଣାର ସମସ୍ତ କଥୋପକଥନ ପ୍ରତିଫଳନ ଦ୍ୱାରା ହୋଇଥାଏ, ତେଣୁ ତୁମେ ପୁରା ଦୃଶ୍ୟକୁ ତୁମର ପ୍ରତିଫଳନ ପରି ଦର୍ପଣ ଅଭିନୟ(Mirror Acting) ମାଧ୍ୟମରେ ପରିବେଷଣ କର ।

ଦର୍ପଣ ଅଭିନୟରେ ଯେତେ ପ୍ରକାରର ପରିବର୍ତ୍ତନ ରହିଛି ସେ ସବୁକୁ ଅଭିନୟ କରିସାରିବା ପରେ ଉପଯୁକ୍ତ ଅନୁକରଣ ପାଇଁ ଉତ୍ତମ ନିରୀକ୍ଷଣର ଗୁରୁତ୍ୱକୁ ତୁମେ ନିଶ୍ଚୟ ଅନୁଭବ କରିପାରିଥିବ। ନାଟକରେ ଅନୁକରଣ କରିବାର ଅର୍ଥ କେବଳ ନକଲ କରିବା ନୁହେଁ । ସୃଜନ ସ୍ପର୍ଶ ଦ୍ୱାରା ନିରୀକ୍ଷଣକୁ (observation) କୁ ପରିବେଷଣ (performance) ରେ ରୂପାନ୍ତରିତ କରିବାକୁ ଅନୁକରଣ (Imitation) କୁହାଯାଏ ।





https://withteachers.in/

## କ୍ରିୟାକଳାପ - ୭.୨

### ନାଟ୍ୟାଭିନୟ : ଏକ ନୂତନ ଆହ୍ୱାନ

ନାଟ୍ୟାଭିନୟ କହିଲେ ଏକ ନିର୍ଦ୍ଦିଷ୍ଟ ଚରିତ୍ରକୁ ଧାରଣ କରିବା, ତାହାର ପରିସ୍ଥିତିକୁ ବୁଝିବା, ସମ୍ଭାବନାଗୁଡ଼ିକୁ ପରିକଳ୍ପନା କରିବା ଏବଂ ଏକ ନିର୍ଦ୍ଦିଷ୍ଟ ଚରିତ୍ର ରୂପେ ଅଭିନୟ କରିବାକୁ ବୁଝାଯାଏ । ଏହା ସାଧାରଣତଃ କାହାଣୀ ଉପସ୍ଥାପନ କରିବାରେ ବ୍ୟବହୃତ ହୋଇଥାଏ । କାର୍ଯ୍ୟ ମାଧ୍ୟମରେ ଶିକ୍ଷାଲାଭ କରିବା କିମ୍ବା ସମସ୍ୟା ସମାଧାନ କରିବାକୁ ମଧ୍ୟ ଏହାକୁ ବ୍ୟବହାର କରାଯାଏ ।



### ନାଟକର କ୍ରିୟାକଳାପ -ମନେପକେଇବା (୩ୟ ଶ୍ରେଣୀ)

ଗତବର୍ଷ ତୁମକୁ ଏକ ସରଳ ବା ସହଜ ଚରିତ୍ର ଦିଆଯାଇଥିଲା । ଯେପରିକି ରାଜା ମନ୍ତ୍ରୀ କିମ୍ବା ଚୋର, ପୋଲିସ୍ ଯେଉଁଥିପାଇଁ ତୁମକୁ ଏକ କଥୋପକଥନ ଗଠନ କରିବାକୁ ପଡ଼ିଥିଲା । ଏହାର ଯୋଜନା ଓ ପ୍ରସ୍ତୁତି ନିମନ୍ତେ ତୁମକୁ ମଧ୍ୟ କିଛି ସମୟ ପ୍ରଦାନ କରାଯାଇଥିଲା । ତୁମେ ମଧ୍ୟ ଆମର "ଯଦୁମଣି ଉପାଖ୍ୟାନ" କିମ୍ବା "ଅବୋଲକରା କାହାଣୀ" ଭଳି ମଜାଳିଆ କାହାଣୀମାନଙ୍କୁ ପରିବେଷଣ କରିଥାଇପାର ।

### ଆହ୍ୱାନ ୧ : ଯୁଗଳ ପରିବେଷଣ

ବର୍ତ୍ତମାନ ତୁମେ ପୂର୍ବରୁ ପରିଚିତ ଥିବା ସେହି ଚରିତ୍ର ଚିତ୍ରଣ (Role Play) ବା ଅଭିନୟ କରିବା ଆରମ୍ଭ କରିବ । ତୁମ ଭିତରୁ ଦୁଇଜଣ ଅଭିନୟ କରିବାକୁ ଆସି ଚରିତ୍ରଗୁଡ଼ିକ ଶିକ୍ଷକଙ୍କ ଦ୍ୱାରା ଉଦାହରଣସ୍ୱରୂପ ତୁମକୁ ଦିଆଯିବ- ଜଣେ ଡାକ୍ତର ହେବ ଏବଂ ଅନ୍ୟ ଜଣେ ରୋଗୀ ହେବ । ରୋଗୀ କାହିଁକି ଡାକ୍ତରଙ୍କ ସହିତ ପରାମର୍ଶ କରିଥାଏ ସେ ବିଷୟରେ ଦୁଇ ଜଣ ଚରିତ୍ର କଥାବାର୍ତ୍ତା କରିବେ । ସେମାନେ ପରସ୍ପର ଭିତରେ ଚାରି-ପାଞ୍ଚ ଧାଡ଼ି କଥା ହେବା ପରେ ଶିକ୍ଷକ ଡାକିବେ, "ରୁହ" ।

https://withteachers.in/

ବର୍ତ୍ତମାନ, ଏହାପରେ କ'ଣ ହେବ ତାହା ଦର୍ଶକମାନେ (ଶ୍ରେଣୀର ଅନ୍ୟାନ୍ୟ ଛାତ୍ରଛାତ୍ରୀ) ସ୍ଥିର କରିବେ । ଏହି କଳାକାର ଦୁଇ ଜଣଙ୍କୁ ଯାହା କୁହାଯିବ ସେମାନେ ହୁଏତ ତାହାକୁ ମାନିନେବେ । ଦର୍ଶକମାନେ କହିପାରନ୍ତି :

- ଗୋଟିଏ ନୂଆ ଉପକରଣ ବ୍ୟବହାର କର ।
- ଏକ ନୂଆ ଚରିତ୍ର ଯୋଗକର ।
- ଏକ ନୂତନ ସମସ୍ୟା ଯୋଗକରି କାହାଣୀର ମୋଡ଼ ପରିବର୍ତ୍ତନ କର ।



ମନେକର ଦର୍ଶକମାନେ କହିବେ, ରୋଗୀଟି ଡାକ୍ତରଙ୍କ କୋଠରୀରେ ଏକ ବିରାଡ଼ି ଥିବା ହଠାତ୍ ଦେଖିବାକୁ ପାଇଲା । ପୂର୍ବରୁ ସେମାନେ କ'ଣ କଥାବାର୍ତ୍ତା କରୁଥିଲେ ସେଥିରେ କିଛି ଯାଏ ଆସେ ନାହିଁ, ବର୍ତ୍ତମାନ କିନ୍ତୁ କୋଠରୀ ଭିତରେ ଥିବା ବିଲେଇଟିକୁ ଦେଖି ସେମାନଙ୍କୁ ପ୍ରତିକ୍ରିୟା ପ୍ରକାଶ କରିବାକୁ ପଡ଼ିବ । ଏହାର ପ୍ରସ୍ତୁତି ପାଇଁ ସେମାନଙ୍କ ପାଖରେ ସମୟ ନାହିଁ – ତେଣୁ ସେମାନଙ୍କୁ ତତ୍କ୍ଷଣାତ୍ କରିବାକୁ ପଡ଼ିବ । ଏହିଭଳି ସେମାନଙ୍କର ଅଭିନୟ ସାମାନ୍ୟ ଆଗକୁ ବଢ଼ିବା ପରେ ଶିକ୍ଷକ ପୁଣି ବିରାମ ନେବାକୁ କହିବେ ।

ଏବେ ପିଲାମାନେ କିଛି ନୂଆ କଥା ଉପସ୍ଥାପନା କରିବେ । ଦେଖ ପ୍ରସ୍ତୁତି ପାଇଁ ସେମାନଙ୍କ ପାଖରେ ସମୟ ନାହିଁ । ସେମାନଙ୍କୁ ପୂରା ସଜାଗ ଏବଂ ପ୍ରସ୍ତୁତ ରହିବାକୁ ପଡ଼ିବ । ଆସ ଦେଖିବା, ପିଲାମାନେ କ'ଣ କହୁଛନ୍ତି– "ଏହି ସମୟରେ ଡାକ୍ତରଙ୍କ ପ୍ରକୋଷ୍ଠକୁ ଆଉ ଜଣେ ରୋଗୀ ଆସିଲେ । ପୂର୍ବରୁ ସେଠାରେ ଥିବା ରୋଗୀଙ୍କ ନାମ ଯାହା ଏବେ ନୂଆକରି ଆସିଥିବା ରୋଗୀଙ୍କ ନାମ ମଧ୍ୟ ତାହା । ପରାମର୍ଶ ସମୟରେ ସେମାନେ ଜାଣିପାରିଲେ ଯେ ପ୍ରଥମ ରୋଗୀ ଜଣକ ଜଣେ ପୋଲିସ୍ ।" ବର୍ତ୍ତମାନ ଦୃଶ୍ୟରେ ଆଉ ଜଣେ ନୂଆ ଅଭିନେତା ଯୋଡ଼ି ହୋଇଛନ୍ତି । ତେବେ ପୋଲିସ୍ ଜଣକ କାହିଁକି ଆସିଛନ୍ତି ଏବଂ କ'ଣ ଘଟଣା ଘଟିଛି, ସେମାନଙ୍କୁ କ'ଣ କରିବାକୁ ପଡ଼ିବ ଏସବୁ ଅଭିନେତାମାନଙ୍କ ଅଭିନୟ ଭିତରୁ ସଙ୍ଗେ ସଙ୍ଗେ ପ୍ରକାଶିତ ହେବ ।

ଶିକ୍ଷକ ଏହି ଦୃଶ୍ୟରେ ଚରିତ୍ର ଏବଂ ଘଟଣାର ମୋଡ଼ ବଦଳାଇବା ପର୍ଯ୍ୟନ୍ତ ଏହା ଚାଲୁ ରହିବ । ଯଦି ଶ୍ରେଣୀର ସମସ୍ତେ ଏହି ଆହ୍ୱାନଟିକୁ ପରିବେଷଣ କରିପାରିଛନ୍ତି; ତେବେ ପରବର୍ତ୍ତୀ ଆହ୍ୱାନ ପାଇଁ ପ୍ରସ୍ତୁତ ହୁଅ ।



https://withteachers.in/

## ଆହ୍ୱାନ -୨ : ପରିବର୍ତ୍ତନ


ପୂର୍ବଭଳି ଦୁଇଜଣ ପିଲା ଶିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ଚରିତ୍ରମାନଙ୍କୁ ଅଭିନୟ କରିବେ । ଆସ ଆମେ ଠିକ୍ ସେହି ଡାକ୍ତର ଓ ରୋଗୀଙ୍କ ଉଦାହରଣ ନେବା ।



ସେମାନଙ୍କ ଅଭିନୟ କିଛିଟା ଆଗକୁ ବଢ଼ିବା ପରେ ଶିକ୍ଷକ ଯେତେବେଳେ ଅନୁଭବ କରିବେ ଯେ ସେମାନେ ସେମାନଙ୍କ ଚରିତ୍ର ଭିତରେ ମଜ୍ଜି ଗଲେଣି, ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଶିକ୍ଷକ କହିବେ "ପରିବର୍ତ୍ତନ" । ସେତେବେଳେ ଡାକ୍ତରଙ୍କ ଅଭିନୟ କରୁଥିବା ପିଲାଟି ରୋଗୀର ଅଭିନୟ କରିବା ଆରମ୍ଭ କରିବ ଏବଂ ରୋଗୀ ଭୂମିକାରେ ଅଭିନୟ କରୁଥିବା ପିଲାଟି ଡାକ୍ତର ଭୂମିକାରେ ଅଭିନୟ କରିବା ଆରମ୍ଭ କରିବ । ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେବ । ସେମାନେ ପରସ୍ପର ମଧ୍ୟରେ କ'ଣ କଥା ହେବେ ତାହା ଭାବିବାକୁ ମଧ୍ୟ କୌଣସି ସମୟ ଦିଆଯିବ ନାହିଁ । ଏହା କାଳ ବିଳମ୍ବ ନକରି ପରିବେଷଣ ହେବା ଆବଶ୍ୟକ ।

### ଉନ୍ନତ ଅଭ୍ୟାସ

ଏହାର ପରବର୍ତ୍ତୀ ସ୍ତରର ଆହ୍ୱାନ ହେଉଛି ଗୋଟିଏ ଗୋଟିଏ ଦଳରେ ତିନିରୁ ଚାରିଜଣ ଚରିତ୍ର ରହିବେ । ଶିକ୍ଷକ ଯେତେବେଳେ ଚରିତ୍ର ପରିବର୍ତ୍ତନ ପାଇଁ "ପରିବର୍ତ୍ତନ" ଡାକରା ଦେବେ ସେତେବେଳେ ପୂର୍ବରୁ ଦିଆଯାଇଥିବା ଉଦାହରଣ ଭଳି ଡାକ୍ତର ଚରିତ୍ର ଅଭିନୟ କରୁଥିବା ପିଲାଟି ପ୍ରଥମ ରୋଗୀ, ପ୍ରଥମ ରୋଗୀ ଚରିତ୍ରରେ ଅଭିନୟ କରୁଥିବା ପିଲାଟି ଦ୍ୱିତୀୟ ରୋଗୀ ଏବଂ ଦ୍ୱିତୀୟ ରୋଗୀ ଚରିତ୍ରରେ ଅଭିନୟ କରୁଥିବା ପିଲାଟି ଡାକ୍ତର ଚରିତ୍ରକୁ ରୂପାନ୍ତରିତ ହୋଇଯିବେ । ପୁଣି ଯେତେବେଳେ ଦ୍ୱିତୀୟଥର ପାଇଁ ଶିକ୍ଷକ କହିବେ "ପରିବର୍ତ୍ତନ" ସେତେବେଳେ ସେମାନେ ଦ୍ୱିତୀୟ ଚରିତ୍ରଠାରୁ ପରିବର୍ତ୍ତନ ଆରମ୍ଭ କରିବେ । ଏହିଭଳି ପ୍ରକ୍ରିୟାରେ ଦଳର ପ୍ରତ୍ୟେକ ପିଲା ପ୍ରତ୍ୟେକ ଚରିତ୍ରକୁ ବୁଝିପାରିବେ ଏବଂ ପରିବେଷଣ କରିବାର ସୁଯୋଗ ମଧ୍ୟ ପାଇପାରିବେ । ସେହି ତିନିଜଣିଆ ଦଳରେ ଯେତେବେଳେ ଚତୁର୍ଥ ପିଲାକୁ ଯୋଗ କରାଯିବ ସେମାନଙ୍କର ପରିବେଷଣ ଆହୁରି ଅଧିକ ଜଟିଳ ହୋଇଯିବ ।




https://withteachers.in/


**ଶିକ୍ଷକଙ୍କପାଇଁ ଟିପ୍ପଣୀ :**

ଶିକ୍ଷକଙ୍କ ଦ୍ୱାରା ପିଲାମାନଙ୍କୁ ଦିଆଯାଇଥିବା ଚରିତ୍ରଗୁଡ଼ିକ ସେମାନଙ୍କ ପାଇଁ ପରିଚିତ ହେବା ସହିତ ସ୍ୱତନ୍ତ୍ର ହେବା ମଧ୍ୟ ଆବଶ୍ୟକ । ତାହା ଭିତରୁ କେତେକ ସେମାନଙ୍କର ଦୈନନ୍ଦିନ ଜୀବନରେ ଦେଖୁଥିବା ଚରିତ୍ର (ପୂର୍ବରୁ ଦିଆଯାଇଥିବା ଡାକ୍ତର, ରୋଗୀ ଉଦାହରଣ) ହୋଇଥିବାବେଳେ ଆଉ କେତେକ ସମ୍ପୂର୍ଣ୍ଣ ଭାବରେ ପରିକଳ୍ପିତ ଚରିତ୍ର ହୋଇଥାଇପାରନ୍ତି । ଯେପରିକି ମହାକାଶରୁ ଆସିଥିବା ଏଲିଏନ୍ କିମ୍ବା ଉତ୍ତର ମେରୁରୁ ଉଡ଼ି ଆସିଥିବା କଥାକୁହା ଚଢ଼େଇ ।




- ଅଭ୍ୟାସ ସମୟରେ କେଉଁ ଆହ୍ୱାନ ସବୁଠାରୁ ଅଧିକ ମଜାଳିଆ ଥିଲା ଏବଂ କାହିଁକି ?
- ଯଦି ତୁମକୁ ଏହା ସହିତ ଏକ ନୂତନ ଆହ୍ୱାନ ଯୋଡ଼ିବାକୁ ପଡ଼େ ତେବେ ତୁମେ କ'ଣ ଯୋଡ଼ିବାକୁ ଚାହିଁବ ?
- ଆହ୍ୱାନର ସହିତ କିମ୍ବା ବିନା ଆହ୍ୱାନରେ ତୁମେ ଚରିତ୍ର ଅଭିନୟ କରିବାକୁ ଚାହୁଁଛ ? କାହିଁକି ?

## ପଞ୍ଚତନ୍ତ୍ର ଅଭ୍ୟାସ



ପଞ୍ଚତନ୍ତ୍ର କାହାଣୀର ଉପସ୍ଥାପନା ସହିତ ଉଭୟ ଆହ୍ୱାନକୁ ବ୍ୟବହାର କରିବାକୁ ଚେଷ୍ଟା କରାଯାଇପାରେ-

**ଆହ୍ୱାନ -୧ : ଯୁଗଳ ପରିବେଷଣ**

କାହାଣୀ ଭିତରୁ ଯେକୌଣସି ଅଂଶକୁ ବାଛ ଏବଂ ତାହକୁ ଦୁଇଟି ଚରିତ୍ର ଦ୍ୱାରା ପରିବେଷଣ କର ।

**ଉଦାହରଣ:** ଜଙ୍ଗଲରେ ସିଂହର ପ୍ରକୋପରୁ ରକ୍ଷା ପାଇବା ପାଇଁ ଗୋଟିଏ ହରିଣ ଏବଂ ଗୋଟିଏ ମାଙ୍କଡ଼ ସମାଧାନର ବାଟ ଖୋଜୁଛନ୍ତି । ଦର୍ଶକମାନେ ପିଲାମାନଙ୍କୁ କାହାଣୀ ବା ଘଟଣାରେ ଆଉ କିଛି ଅଧିକ ଚରିତ୍ର କିମ୍ବା କିଛି ଉପକରଣ ଯୋଗ କରି ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦିଅନ୍ତି ।



**ଉଦାହରଣ:** ସିଂହ ବଦଳରେ କୁମ୍ଭୀର ହୋଇଥିଲେ କ'ଣ ହୋଇଥାନ୍ତା ?

**ଆହ୍ୱାନ - ୨:** ପରିବର୍ତ୍ତନ - ସେହି ସମାନ ଉଦାହରଣ ସମୟରେ ଶିକ୍ଷକ ଯେତେବେଳେ "ପରିବର୍ତ୍ତନ" ବୋଲି କହିବେ ସେତେବେଳେ ହରିଣଟି ମାଙ୍କଡ଼ ଚରିତ୍ରକୁ ବଦଳିଯିବ ଏବଂ ମାଙ୍କଡ଼ଟି ହରିଣ ଚରିତ୍ରକୁ ବଦଳିଯିବ । କୌଣସି ଏକ ସମସ୍ୟାର ସମାଧାନ ପାଇଁ ଦୃଶ୍ୟ ଭିତରକୁ ଠେକୁଆକୁ ମଧ୍ୟ ଅଣାଯାଇପାରେ ।



https://withteachers.in/

## ମାନ ନିର୍ଦ୍ଧାରଣ ଅଧ୍ୟାୟ - ୭ - ଆସ ସର୍ଜନା କରିବା

**ଦକ୍ଷତା**

୩.୧ : ନାଟ୍ୟକଳାରେ ବ୍ୟବହାର କରାଯାଉଥିବା ସାମଗ୍ରୀ, ଦକ୍ଷତା, ଉପକରଣ ଏବଂ କୌଶଳଗୁଡ଼ିକ ସହିତ କାର୍ଯ୍ୟ କଲାବେଳେ ରୁଚି ନିର୍ଦ୍ଧାରଣ ।

୩.୨ : ଏକୁଟିଆ କିମ୍ବା ମିଳିମିଶି ନାଟକ କଲାବେଳେ ଏହାର ଯୋଜନା, କାର୍ଯ୍ୟ ସମ୍ପାଦନ ଏବଂ ପରିବେଷଣର ସୋପାନଗୁଡ଼ିକ ଅଭ୍ୟାସ କରିବା ।

| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
|---|---|---|---|---|
| ୩ | ୩.୧ | ଅଭିନୟ ଓ ଭାବଭଙ୍ଗୀ ଗୁଡ଼ିକର ଭିନ୍ନଭିନ୍ନ ସମ୍ଭାବନାଗୁଡ଼ିକୁ ଆବିଷ୍କାର କରିବା । | | |
| | ୩.୧ | ଅନୁକରଣ କିମ୍ବା ଦର୍ପଣ ଅଭିନୟ ସମୟରେ ଛୋଟଛୋଟ ଘଟଣାକୁ ମଧ୍ୟ ଧ୍ୟାନ ଦେବା । | | |
| | ୩.୧ | ଦର୍ପଣ ଅଭିନୟ ସମୟରେ ଉପକରଣ, ମୁଖ ଭାବ ପ୍ରକାଶ ଏବଂ ଛୋଟଛୋଟ ପାଦଚାଳନା (ଗତି) ବ୍ୟବହାର କରିବା । | | |
| | ୩.୧ , ୩.୨ | ବିନା ଦ୍ୱିଧାରେ ନୂତନ ଆହ୍ୱାନଗୁଡ଼ିକୁ ଗ୍ରହଣ କରିବା । | | |
| | ୩.୨ | ଦୃଶ୍ୟରେ ଦର୍ଶକ ଭାବେ ଅଂଶଗ୍ରହଣ କରି ନୂଆନୂଆ ପ୍ରସ୍ତାବ ଦେବା । | | |
| | ୩.୨ | ଦୃଶ୍ୟକୁ ବାସ୍ତବ ରୂପ ଦେବାପାଇଁ ସ୍ୱତଃପ୍ରବୃତ୍ତ ଭାବରେ ନାନା ଉପକରଣ, ଧ୍ୱନି ଆଦି ବ୍ୟବହାର କରିବା । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ____________________

____________________

https://withteachers.in/

# ଅଧ୍ୟାୟ - ୮

# ଚତୁଃପାର୍ଶ୍ୱକୁ ଦେଖ





ତୁମ ଚାରିପଟେ ଥିବା ଜିନିଷଗୁଡ଼ିକରୁ ତୁମେ ଅନେକ ବିଷୟ ଓ ପ୍ରେରଣା ପାଇପାରିବ। ପ୍ରଥମେ ତୁମେ ତୁମର ଆଖପାଖରେ ଥିବା ଲୋକଙ୍କ ପାଖରୁ ଏହି କାମ ଆରମ୍ଭ କର । ତୁମ ଚାରିପାଖରେ ଘଟୁଥିବା ବିଭିନ୍ନ ଘଟଣା ଏବଂ ଭିନ୍ନ ଭିନ୍ନ ଚରିତ୍ର ଅନେକ ପ୍ରକାରର ଆକର୍ଷଣୀୟ କାହାଣୀ ସୃଷ୍ଟି କରିବାରେ ସାହାଯ୍ୟ କରିପାରନ୍ତି ।

ଏହାପରେ ତୁମେ ପଶୁମାନଙ୍କୁ ମଧ୍ୟ ଦେଖିପାର । ସେମାନଙ୍କର କାର୍ଯ୍ୟକଳାପ ଏବଂ ବ୍ୟବହାରକୁ କାହାଣୀ ଏବଂ ପରିବେଷଣରେ ବ୍ୟବହାର କରାଗଲେ ନାଟକ ଆକର୍ଷଣୀୟ ହୋଇପାରିଥାଏ। ଏହାକୁ ତୁମେମାନେ ୫ମ ଅଧ୍ୟାୟରେ ଚେଷ୍ଟା କରି ସାରିଛ । ଏପରି କୌଣସି ପଶୁ ଅଛି କି ଯାହାକୁ ତୁମେ ଅତି ଆପଣାର ବୋଲି ମନେ କରୁଛ ? ତାହାର କେଉଁ ସବୁ ଗୁଣ ତୁମକୁ ଭଲ ଲାଗେ ? ଯଦି ତୁମକୁ ଏହା ବିଷୟରେ ଏକ କାହାଣୀ ସୃଷ୍ଟି କରିବାକୁ ପଡ଼େ ତେବେ ତୁମେ କିପରି ସୃଷ୍ଟି କରିବ ?



ବର୍ତ୍ତମାନ ମଣିଷ ଏବଂ ପଶୁମାନଙ୍କୁ ବାଦ୍ ଦେଇ ଆମେ ଆହୁରି କେତେ ନୂଆନୂଆ କଥା ଦେଖିବା । ଆଚ୍ଛା କହିଲ, ସେମାନଙ୍କୁ ବାଦ୍ ଦେଲେ ଆମ ଚାରି ପାଖରେ ଆଉ କ'ଣ ସବୁ ରହିଛି ? ସୁନ୍ଦର ପ୍ରକୃତି ! ଗଛ, ନଦୀ, ପାହାଡ଼, ପର୍ବତ, ସୁଲୁସୁଲିଆ ପବନ... । କହିଲ ଦେଖି, ସେମାନେ କ'ଣ ତୁମକୁ ସୁଖ, ଶାନ୍ତି ଦେଉ ନାହାଁନ୍ତି ?






https://withteachers.in/

## ତୁମେ ଜାଣିଛ କି ?

ପୁରାତନ କାଳରେ, ପାଖାପାଖି ୨୬୦୦ ବର୍ଷ ପୂର୍ବରୁ ସ୍ଥାୟୀ ରଙ୍ଗ ମଞ୍ଚ ସୃଷ୍ଟି ହୋଇ ନ ଥିଲା । ସେତେବେଳେ ଖୋଲା ଆକାଶ ତଳେ, ଗଛ ଗହଳି ଭିତରେ ଏବଂ ପର୍ବତମାନଙ୍କରେ ନାଟକ ପରିବେଷଣ ହେଉଥିଲା । ତୁମେ ଗଛ ଗହଳି ଭିତରେ ବସି ନାଟକ ଦେଖିବାକୁ ପସନ୍ଦ କରିବ ? କିମ୍ବା ଶୀତ ତାପ ନିୟନ୍ତ୍ରିତ ଆଧୁନିକ ପ୍ରେକ୍ଷାଳୟରେ ନାଟକ ଦେଖିବାକୁ ଭଲ ଲାଗିବ ?



ଆମେ ସମସ୍ତେ ନଈ ପାଣିରେ ଖେଳିବାକୁ କିମ୍ବା ଶାଗୁଆ ଘାସ ଗାଲିଚାରେ ଚାଲିବାକୁ ଭଲପାଉ । ପିଲାମାନେ ଏଥର ଚାଲ, ଆମେ ଗୋଟିଏ କୌତୁକିଆ କ୍ରିୟାକଳାପ କରିବା ଯେଉଁଥିରେ ଆମେ ଏହି ସବୁ ସୁନ୍ଦରସୁନ୍ଦର ଜିନିଷ ସୃଷ୍ଟି କରିବା, ଏଇଠି ଏହି ଶ୍ରେଣୀଗୃହରେ, ଏହା ନାଟକର ଯାଦୁ !

## ନିର୍ଦ୍ଦେଶାବଳୀ :

ପ୍ରଥମେ ତୁମେମାନେ ସମସ୍ତେ ଚାରୋଟି କିମ୍ବା ପାଞ୍ଚୋଟି ଦଳରେ ବିଭକ୍ତ ହେବ । ପ୍ରତ୍ୟେକ ଦଳକୁ ଶିକ୍ଷକ ଦେଇଥିବା ବିଷୟବସ୍ତୁକୁ ଆଧାର କରି ଏକ କାହାଣୀ ସୃଷ୍ଟି କରିବାକୁ ହେବ । ସେହି ବିଷୟବସ୍ତୁଗୁଡ଼ିକ ପ୍ରକୃତି ସହିତ ସମ୍ପର୍କିତ ଥିବ । ଯେପରିକି ବିଜୁଳି ଘଡ଼ଘଡ଼ି, ମରୁଉଦ୍ୟାନ, ମରୁଡ଼ି, ନଦୀ, ଇତ୍ୟାଦି । ଏହି କାହାଣୀରେ ବିଭିନ୍ନ ପଶୁ, ପକ୍ଷୀ, କୀଟପତଙ୍ଗ, ମାଛ, ଆଦିଙ୍କୁ ଚରିତ୍ର ଭାବରେ ବ୍ୟବହାର କରିପାର । ଶିକ୍ଷକ ଦେଇଥିବା ବିଷୟବସ୍ତୁକୁ ଆଧାର କରି ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ସରଳ କାହାଣୀ ସୃଷ୍ଟି କର ଏବଂ ସେହି ଦୃଶ୍ୟକୁ ଅଭିନୟ କର ।

https://withteachers.in/

ଉଦାହରଣସ୍ୱରୂପ, ତୁମକୁ ଦିଆଯାଇଥିବା ବିଷୟ ଯଦି ବଜ୍ରପାତ ହୁଏ, ତେବେ କାହାଣୀଟି ଏହି ଭାବରେ ସୃଷ୍ଟି କରାଯାଇପାରେ । ବହୁଦିନ ଧରି ବିଜୁଳି, ଘଡ଼ଘଡ଼ି ଓ ପବନ ସହିତ ପ୍ରବଳ ବର୍ଷା ହେବାରେ ଲାଗିଛି । ବର୍ଷାର ପାଣି ଘେର ଭିତରେ ଗୋଟିଏ ଛୋଟିଆ କୁକୁର ଛୁଆ ଅଟକି ରହିଛି । ତିନୋଟି ପିଲା (ତିନିଜଣ ସାଙ୍ଗ) ବର୍ଷା, ବିଜୁଳିକୁ ଖାତିର ନ କରି ପାଣି ଘେରରେ ପଶି ବିପଦରୁ କୁକୁର ଛୁଆକୁ ଉଦ୍ଧାର କରିଛନ୍ତି ଏବଂ ତାକୁ ସୁରକ୍ଷିତ ଅବସ୍ଥାରେ ଘରକୁ ଆଣିଛନ୍ତି ।

ଏହିସବୁ ଘଟଣା ପଞ୍ଚତନ୍ତ୍ର କାହାଣୀର ପୂର୍ବ ପ୍ରସ୍ତୁତି ଭଳି ମନେ ହେଉନାହିଁ କି ? ତୁମେ ମଧ୍ୟ ଏକ କାହାଣୀ ପରିବେଷଣ କରିବାକୁ ଚେଷ୍ଟା କର । ଏହି ପୁସ୍ତକର ଆରମ୍ଭରେ ଥିବା କାହାଣୀଟିକୁ ପଢ଼ିବା ପରେ ମୁଁ ନିଶ୍ଚିତ ଯେ ତୁମେ ଏହାକୁ ପ୍ରସ୍ତୁତ କରିପାରିବ । ବିଶିଷ୍ଟ ସାହିତ୍ୟିକ ତଥା ପଣ୍ଡିତ ବିଷ୍ଣୁ ଶର୍ମା ଏଥିପାଇଁ ତୁମକୁ ଆଶୀର୍ବାଦ ପ୍ରଦାନ କରିବେ ।

### ମନେରଖ

ତୁମ ଦଳକୁ ଅଭ୍ୟାସ ସମୟରେ ବର୍ଷା, ପବନ, ଘଡ଼ଘଡ଼ି ମାରିବାର ଶବ୍ଦମାନ ସୃଷ୍ଟି କରିବାକୁ ପଡ଼ିବ । ସଙ୍ଗୀତ ଶିକ୍ଷକ, ଶ୍ରେଣୀରେ ଯେମିତି ଚେୟାର, ଟେବୁଲ ତଥା ଶରୀରକୁ ବାଦ୍ୟଯନ୍ତ୍ର ଭାବେ ବ୍ୟବହାର କରି ବିଭିନ୍ନ ପ୍ରକାର ଶବ୍ଦ ସୃଷ୍ଟି କରୁଥିଲେ ତୁମେମାନେ ମଧ୍ୟ ସେହିଭଳି ଶବ୍ଦମାନ ସୃଷ୍ଟି କରିପାର । ତୁମର ସ୍ୱରକୁ ବଦଳାଇ କୁକୁର ଛୁଆ ଭଳି ଶବ୍ଦ କରିବାକୁ ଚେଷ୍ଟା କର । ଏହିଭଳି ସୃଜନଶୀଳ ପ୍ରକ୍ରିୟାକୁ "ସ୍ୱର ସଞ୍ଚାଳନ" (Voice Modulation) କୁହାଯାଏ ।



ପ୍ରତ୍ୟେକ ଦଳ କିପରି ପରିବେଷଣ କରିଥିଲେ ସେହି ବିଷୟରେ ଶ୍ରେଣୀରେ ସମସ୍ତଙ୍କ ସହିତ ମତାମତ ଆଦାନ ପ୍ରଦାନ କରିପାରିବେ । କେଉଁ କେଉଁ ବିଷୟରେ ସମୀକ୍ଷା କରିପାରିବ :

**ପ୍ରଦତ୍ତ ବିଷୟବସ୍ତୁ ସଠିକ୍ ଭାବରେ କାହାଣୀ ସହିତ ସମନ୍ୱିତ ହୋଇଛି କି ?**

(ଦିଆଯାଇଥିବା ବିଷୟବସ୍ତୁ(Theme)ଟି ପରିବେଷିତ କାହାଣୀ(Story)ର ମୁଖ୍ୟ ବିଷୟ ଥିଲା ନା କେବଳ ଏକ କ୍ଷୁଦ୍ର ଅଂଶ ଥିଲା ?)

**କାହାଣୀର ପ୍ରତ୍ୟେକ ଚରିତ୍ର ନିହାତି ଆବଶ୍ୟକ ଥିଲେ କି ?**

(କାହାଣୀର ଅଗ୍ରଗତିରେ ପ୍ରତ୍ୟେକ ଚରିତ୍ରର ଅବଦାନ ଥିଲା କି ? ନା କୌଣସି ଅବଦାନ ନ ଥାଇ କେତେକ ଚରିତ୍ର କେବଳ ସେଠାରେ ଉପସ୍ଥିତ ଥିଲେ ?)

**ଦଳଗୁଡ଼ିକ କିପରି ପ୍ରକୃତି ସହିତ ସମ୍ପର୍କିତ ବିଷୟବସ୍ତୁକୁ ଉପସ୍ଥାପନ କରିଥିଲେ ?**

(ଦିଆଯାଇଥିବା ବିଷୟବସ୍ତୁର ପ୍ରଭାବ ସୃଷ୍ଟି କରିବାପାଇଁ ପରିବେଷଣ ସମୟରେ ବିଭିନ୍ନ ପ୍ରକାର ଶବ୍ଦ ଏବଂ ଉପକରଣମାନଙ୍କର ସୃଜନାତ୍ମକ ପ୍ରୟୋଗ କରାଯାଇଥିଲା କି ?)

**ସାମଗ୍ରିକ ଭାବରେ ବା ଉପସ୍ଥାପନା ତ୍ରୁଟିଶୂନ୍ୟ ତଥା ସୁନ୍ଦର ଥିଲା କି ?**

(କଳାକାରମାନଙ୍କ ଭିତରେ ପ୍ରବେଶ-ପ୍ରସ୍ଥାନ ଏବଂ କାହାଣୀର ଅଗ୍ରଗତିରେ କୌଣସି ଦ୍ୱନ୍ଦ୍ୱ ବା ସମସ୍ୟା ଥିଲା କି ?)




- ଆମେ କାହାଣୀ ଏବଂ ଅଭିନୟ ମାଧ୍ୟମରେ ପ୍ରକୃତିର ଗୁରୁତ୍ୱକୁ ପୁନଃ ସୃଷ୍ଟି କରିପାରିବା କି ?
- ପ୍ରକୃତି ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ଏହାକୁ ଆମେ ମାଧ୍ୟମ ରୂପେ ବ୍ୟବହାର କରିପାରିବା କି ?
- ପ୍ରକୃତି ଯଦି କଥା କହିପାରୁଥା'ନ୍ତା ତାହା ହେଲେ ବହୁତ ଭଲ ହୋଇଥା'ନ୍ତା ବୋଲି ଭାବୁଛ କି ? ତୁମେ ତାକୁ କ'ଣ ପଚାରିଥାନ୍ତ ?

https://withteachers.in/

## ସାରା ଦେଶକୁ ଦେଖ

ମଣିଷ, ଜୀବଜନ୍ତୁ ଏବଂ ପ୍ରକୃତି ଆଦି ସମସ୍ତେ ହେଉଛନ୍ତି କଳା ସୃଷ୍ଟିର 'ମୁଖ୍ୟ ପ୍ରେରଣା'। ଏହି କଥା କହି ଆମେ ଏହି ଅଧ୍ୟାୟଟି ଆରମ୍ଭ କରିଥିଲେ । ଯଦି ତାହା ସତ ହୋଇଥାଏ ତେବେ ଆମ ସମାଜରେ ପ୍ରକୃତି ଓ ପଶୁମାନଙ୍କୁ ଆଧାର କରି ବିଭିନ୍ନ ପ୍ରକାରର କଳାରୂପ (Art form) ମଧ୍ୟ ନିହାତି ଅଛି। ଆସ ଆମେ ସେହିଗୁଡ଼ିକୁ ଖୋଜି ବାହାର କରିବା ।



## ବାଘନାଟ

ଏହା ଏକ ନାଟକୀୟ ପରିବେଷଣ। ବାଘ ଏବଂ ତାହାର ବିଭିନ୍ନ ଅଙ୍ଗଚାଳନାକୁ ଆଧାର କରି ଏହା ଗଠିତ ହୋଇଥାଏ । ଅଭିନେତାଙ୍କ ମୁହଁରେ ଏକ ବାଘମୁଖା ଲାଗିଥାଏ ଏବଂ ତାଙ୍କର ଶରୀରକୁ ବାଘଭଳି ହଳଦିଆ ଓ କଳା ରଙ୍ଗର ପଟାପଟା ଦାଗ ଦ୍ୱାରା ଚିତ୍ରିତ କରିଦିଆଯାଏ । ଏହାକୁ ଉଚ୍ଚସ୍ୱରରେ ବାଦ୍ୟଧ୍ୱନି ସହିତ ତାଳବଦ୍ଧ ପଦଚାଳନା(Rythimic Steps) ସାହାଯ୍ୟରେ ପରିବେଷଣ କରାଯାଇଥାଏ । ଏଥିରେ ଉଭୟ ଏକକ ଓ ଦଳଗତ ପରିବେଷଣ ହୋଇଥାଏ ।

ମା' ଦୁର୍ଗା ସବୁବେଳେ ବାଘ ପିଠିରେ ବସି ବୁଲୁଥିବା ଯୋଗୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲକ୍ଷ୍ୟରେ ଏହି ବାଘ ନାଟକୁ ମଧ୍ୟ ପରିବେଷଣ କରାଯାଇଥାଏ । ଅଭିନେତାଟି ନୃତ୍ୟ ପରିବେଷଣ ସମୟରେ ବାଘର ହିଂସ୍ରତା, ଭୟଙ୍କର ପ୍ରକୃତି ଏବଂ ଶକ୍ତିକୁ ପ୍ରଦର୍ଶନ କରିଥାନ୍ତି । ବାସ୍ତବରେ ଏହି ଦୃଶ୍ୟ ଦେଖିବାକୁ ଅତି ଚମତ୍କାର ଅଟେ । ବିଶେଷ କରି ଏହା କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ବହୁଳ ଭାବରେ ପ୍ରଚଳିତ । ଓଡ଼ିଶାର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଏବଂ ଭଞ୍ଜନଗର ବାଘ ନାଟ ପାଇଁ ପ୍ରସିଦ୍ଧ ଅଟେ ।







https://withteachers.in/

## ପଶୁମୁଖା ନୃତ୍ୟ



ବିଭିନ୍ନ ପଶୁମାନଙ୍କର ମୁଖା ଏବଂ ପୋଷାକ ବ୍ୟବହାର କରି ଏହା ପରିବେଷଣ କରାଯାଉଥିବାରୁ ଏହାକୁ ପଶୁମୁଖା ନୃତ୍ୟ କୁହାଯାଏ । ସାଧାରଣତଃ କୌଣସି ବିଶେଷ ଉତ୍ସବ ଓ ମହୋତ୍ସବମାନଙ୍କରେ ଏହାକୁ ପରିବେଷଣ କରାଯାଇଥାଏ । ଏଥିରେ ଦୁଇଜଣ କଳାକାର ରହିଥାନ୍ତି ଏବଂ ସେମାନେ ନାଟକୀୟ ବେଶ ପୋଷାକ ପିନ୍ଧି ନୃତ୍ୟ କରିଥାନ୍ତି । ଏହା ପଶୁର ଏକ ବିରାଟ ସୁସଜ୍ଜିତ ରୂପ । ଯାହା ସାଧାରଣତଃ ବିଭିନ୍ନ ରଙ୍ଗରେ ରଙ୍ଗୀନ ହୋଇଥାଏ ଏବଂ ଏଥିରେ ପ୍ରଭାବଶାଳୀ ସଙ୍ଗୀତ ବ୍ୟବହାର କରାଯାଏ । ସତସତିକା ପଶୁଙ୍କ ଅପେକ୍ଷା ଏହା ବହୁତ ବଡ଼ ହୋଇଥାଏ । ଏହି ନୃତ୍ୟରେ ବିଭିନ୍ନ ପ୍ରକାର ପଶୁମାନଙ୍କ ଭଙ୍ଗୀରେ ନୃତ୍ୟ ପରିବେଷଣ କରାଯାଇଥାଏ, ଯଥା- ବାଘ, ଘୋଡ଼ା, ହରିଣ, ଷଣ୍ଢ ଇତ୍ୟାଦି । ସାଧାରଣତଃ ସ୍ଥାନୀୟ ଦେବୀ ବା ଠାକୁରାଣୀମାନଙ୍କ ପର୍ବପର୍ବାଣୀ ସମୟରେ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥାଏ । ଏହା ଓଡ଼ିଶାର ଏକ ଲୋକପ୍ରିୟ ଲୋକକଳା ।

### ଜାଣିଛ କି ? ନାଟକ ବିଷୟରେ ଛୋଟ ଛୋଟ କଥା ।

୧୯୧୨-୧୯୪୮ ମସିହା ମଧ୍ୟରେ ଅଲିମ୍ପିକ୍ସରେ କଳାକାରମାନେ ମଧ୍ୟ ଅଂଶଗ୍ରହଣ କରୁଥିଲେ । ସେଥିରେ ସାହିତ୍ୟ, ସଙ୍ଗୀତ, ଚିତ୍ର, ଭାସ୍କର୍ଯ୍ୟ ସ୍ଥାପତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ହେଉଥିଲା । ବାରୋନ୍ ପୀଏର୍ ଡି କୋବର୍ଟିନ୍ (Baron Pierre de Coubertin) ଯିଏକି ଆଧୁନିକ ଅଲିମ୍ପିକ୍ସର ପ୍ରତିଷ୍ଠାତା ସେ ଅନୁଭବ କଲେ ଯେ କ୍ରୀଡ଼ାଦ୍ୱାରା ଅନୁପ୍ରାଣୀତ ହେଉଥିବା ସମସ୍ତ କଳା ଏଥିରେ ଭାଗନେବାକୁ ଯୋଗ୍ୟ । ନିୟମିତ ଭାବରେ ସେହିଗୁଡ଼ିକୁ ମେଡ଼ାଲ ପ୍ରତିଯୋଗିତାର ମାନ୍ୟତା ଦିଆଯାଇଥିଲା ଏବଂ ସେହିସବୁ ବିଭାଗରେ ୧୫୦ରୁ ଅଧିକ ପଦକ ପ୍ରଦାନ କରାଯାଉଥିଲା ।

ଏହି ପ୍ରକ୍ରିୟା ପୁଣି ଥରେ ଆରମ୍ଭ କରିବା ଉଚିତ୍ ବୋଲି ତୁମେ ଭାବୁଛ କି ?



## ମାନ ନିର୍ଦ୍ଧାରଣ ଅଧ୍ୟାୟ - ୮- ଚତୁଃପାର୍ଶ୍ୱକୁ ଦେଖ

**ଦକ୍ଷତା**

୪.୧ ନାଟକର ଉପାଦାନ, ପ୍ରାକୃତିକ ଗତିବିଧି ଚିହ୍ନି ସେମାନଙ୍କର କଳାତ୍ମକ ଗୁଣର ବର୍ଣ୍ଣନା କରିବା ।

୪.୨ ସ୍ଥାନୀୟ ଲୋକକଳା ଏବଂ ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ କରିବା ।

| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
|---|---|---|---|---|
| ୪ | ୪.୧ | ପ୍ରକୃତିର ଉପାଦାନଗୁଡ଼ିକୁ ନିରୀକ୍ଷଣ କରି ତାହାକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁକରଣ କରିବା । | | |
| | ୪.୧ | ପରିକଳ୍ପନା ମାଧ୍ୟମରେ ଜଣଙ୍କର ଭୂମିକାକୁ ଏକ ଅଜଣା ପରିସ୍ଥିତି ସହ ସମ୍ପର୍କିତ କରିବା । | | |
| | ୪.୧ | ବିଷୟବସ୍ତୁ ଏବଂ କୌଶଳକୁ ଆଧାର କରି ଅନ୍ୟମାନଙ୍କର ଅଭିନୟ ଉପରେ ମତାମତ ପ୍ରଦାନ କରିବା । | | |
| | ୪.୨ | ଗୋଟିଏ ଲୋକ କଳାର ମୂଳାଧାର ଭାବେ ଜୀବଜନ୍ତୁଙ୍କ ଚାଲିଚଳନ, ଗତିବିଧି ଆଦିକୁ ଅନୁକରଣ କରିବା । | | |
| | ୪.୨ | ଲୋକ କଳାର ରୂପ ସହିତ ତାହାର କାହାଣୀକୁ ଯୋଡି ପ୍ରଶ୍ନ ପଚାରିବା । | | |
| | ୪.୨ | ଜୀବଜନ୍ତୁଙ୍କ ସହିତ ଜଡ଼ିତ ଅନ୍ୟ କଳାରୂପଗୁଡ଼ିକର ଉଦାହରଣ ଆଦାନ ପ୍ରଦାନ କରିବା କିମ୍ବା ସେମାନେ ନିଜେନିଜେ ସେହିଭଳି କିଛି ସୃଷ୍ଟି କରିବାକୁ ଚେଷ୍ଟା କରିବା । | | |
| | | ଶ୍ରେଣୀରେ ସାମଗ୍ରିକ ଅଂଶଗ୍ରହଣ | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________



https://withteachers.in/

## ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ମାନ ନିର୍ଦ୍ଧାରଣ ପାଇଁ କ୍ରିୟାକଳାପ (ଉଦାହରଣ) | ମାନ ନିର୍ଦ୍ଧାରଣର ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | • ପିଲାଟିକୁ ତାହାର ମନ ପସନ୍ଦର ଏକ ପଶୁ ବାଛିବାକୁ କୁହନ୍ତୁ ।<br>• ସେହି ପଶୁକୁ ଆଧାର କରି ଏକ କାହାଣୀ ସୃଷ୍ଟି କରିବା ସହିତ ତାକୁ ବର୍ଣ୍ଣନା କରିବାକୁ କୁହନ୍ତୁ ।<br>• କାହାଣୀରେ ଥିବା ବେଳେ ପଶୁଭଳି ଅଭିନୟ କରି । (ଭାବପ୍ରବଣତା ଏବଂ ଅଭିନୟ ସହ କେତୋଟି ବାକ୍ୟ କୁହ ) | • ଆତ୍ମବିଶ୍ୱାସ, ସୃଜନଶୀଳତା<br>• ସ୍ୱତଃସ୍ଫୂର୍ତ୍ତତା<br>• ବିଷୟବସ୍ତୁ ଉପରେ ସ୍ପଷ୍ଟ ଧାରଣା<br>• ଭାବ ବିନିମୟ (ବାଚନିକ ଓ ଆଙ୍ଗିକ) |
| ଦଳଗତ | • ଗୋଟିଏ ବସ୍ତୁ ଏବଂ ଗୋଟିଏ ପରିସ୍ଥିତି ଦିଆଯାଇଛି। (ପ୍ରତ୍ୟେକ ଦଳକୁ ଅଲଗାଅଲଗା ବସ୍ତୁ ଓ ପରିସ୍ଥିତି ପ୍ରଦାନ କର ।)<br>• ସେହି ବସ୍ତୁକୁ ଆଧାର କରି ଏକ ଦୃଶ୍ୟ ପରିବେଷଣ କରିବାକୁ ପ୍ରତ୍ୟେକ ଦଳକୁ କୁହନ୍ତୁ । | • ଅତିରିକ୍ତ ଉପକରଣ କିମ୍ବା ଶବ୍ଦମାନଙ୍କର ସୃଜନଶୀଳ ପ୍ରୟୋଗ ।<br>• ମଞ୍ଚ ପ୍ରବେଶ-ପ୍ରସ୍ଥାନ, ଦର୍ଶକମାନଙ୍କ ସମ୍ମୁଖିନ ହେବାର ସ୍ଥିତି ।<br>• କାହାଣୀ ସଞ୍ଚାରଣ । |





ନୂଆ କୌଶଳ ଗଠନ କରି ଏବଂ ନୂଆନୂଆ କଥା ଶିଖି ଆଉ ଗୋଟିଏ ବର୍ଷ ସମାପ୍ତ କରିପାରିଛେ। ବାଃ ମୁଁ ଯାହା କଳ୍ପନା କରିଥିଲି ତାହାଠୁ ଆହୁରି ଅଧିକ ଉପଭୋଗ୍ୟ ଓ ଆନନ୍ଦଦାୟକ ଭାବେ ଏହି ବର୍ଷଟି ବିତିଗଲା। ଏହା ପଛର ମୂଳ କାରଣ କିଏ; ଜାଣିଛ ? ତୁମେମାନେ ! ମୁଁ ଭାବୁଛି ତୁମେମାନେ ପ୍ରତି କ୍ରିୟାକଳାପକୁ ଆମୋଦଦାୟକ କରିଛ। ବର୍ତ୍ତମାନ ତୁମେମାନେ ଏହି ବର୍ଷ ନାଟକର କ୍ରିୟାକଳାପ ବିଷୟରେ କ'ଣ ସବୁ ଭାବୁଛ ସେହିକଥା ମୋତେ ସଂକ୍ଷେପରେ କୁହ।

________________________________________

________________________________________

ମନେରଖ, ଏହି କ୍ରିୟାକଳାପଗୁଡ଼ିକୁ ଅଭ୍ୟାସ କରିଚାଲ ଏବଂ ଏହି ଖେଳଗୁଡ଼ିକୁ ଛୁଟି ଦିନରେ ମଧ୍ୟ ଖେଳ। ଏହା ତୁମକୁ ପଞ୍ଚମ ଶ୍ରେଣୀରେ ପରବର୍ତ୍ତୀ ସ୍ତରକୁ ଆଗେଇ ଯିବାକୁ ସାହାଯ୍ୟ କରିବ। ଏହାର ଅସଲ ଚାବିକାଠି ହେଉଛି, ହସିହସି ଶିକ୍ଷା ଗ୍ରହଣ କର। ଆମେ ଆସନ୍ତା ବର୍ଷ ପୁଣି ଦେଖା ହେବ। କୁନିକୁନି ତାରାମାନଙ୍କୁ ନମସ୍କାର।



https://withteachers.in/





# ସଙ୍ଗୀତ

https://withteachers.in/

## ପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀ,

ଆପଣ ଜାଣନ୍ତି ଯେ ଭାରତୀୟ ସଙ୍ଗୀତ ଭାରତୀୟ ସଂସ୍କୃତିର ଆତ୍ମା ସଦୃଶ । ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତି ଭଳି ଓଡ଼ିଶୀ ସଙ୍ଗୀତ ଆମ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ । ଏ ସମସ୍ତ ଦିଗକୁ ଦୃଷ୍ଟିଦେଇ ଛାତ୍ରଛାତ୍ରୀମାନଙ୍କ ଜିଜ୍ଞାସାକୁ ଅତି ସରଳତାର ସହିତ ପୂର୍ଣ୍ଣ କରିବା ଆମର ପ୍ରଧାନ କର୍ତ୍ତବ୍ୟ । ଫଳସ୍ୱରୂପ ସେମାନେ ସଙ୍ଗୀତ କଳା ମାଧ୍ୟମରେ ନିଜର ଅନ୍ତର୍ନିହିତ ଶକ୍ତିର ଜାଗରଣ ଓ ହର୍ଷୋଲ୍ଲାସର ସହିତ ଏହାର କ୍ରିୟାନ୍ୱୟନ କରିପାରିବେ । ଜାତୀୟ ଶିକ୍ଷାନୀତି-୨୦୨୦ଅନ୍ତର୍ଗତ ଭାରତୀୟ ଶିକ୍ଷାର କଳେବରକୁ ଅଧିକ ପାରଦର୍ଶୀ ଓ କ୍ରିୟାଶୀଳ କରାଇବା କ୍ଷେତ୍ରରେ ଆପଣମାନଙ୍କର ଅକୁଣ୍ଠ ସହଯୋଗ ଏକାନ୍ତ କାମ୍ୟ ।

ପ୍ରତ୍ୟେକ ଶିଶୁ ସ୍ୱାଭାବିକ ଭାବରେ ସୃଜନଶୀଳ ଏବଂ ତାଙ୍କର ଏହି ଦିବ୍ୟଗୁଣର ବିକାଶ ନିମନ୍ତେ ଶିକ୍ଷକ ଭାବରେ ଆମର ପ୍ରଧାନ କର୍ତ୍ତବ୍ୟ ହେଉଛି ଏକ ନିରାପଦ, ଭୟମୁକ୍ତ ଶ୍ରେଣୀଗୃହର ବ୍ୟବସ୍ଥା କରିବା । ଯେଉଁଠାରେ ସେମାନେ ବିନା ବାଧାବିଘ୍ନରେ ଶିକ୍ଷା ଗ୍ରହଣ କରିବା ସହିତ ନିଜର ସଙ୍ଗୀତ ସମ୍ବନ୍ଧୀୟ ଜିଜ୍ଞାସାର ପୂର୍ଣ୍ଣତା ଦିଗରେ ଅଗ୍ରସର ହେବେ । ଏହି ପୁସ୍ତକଟି ଆପଣଙ୍କ ପାଇଁ ମାର୍ଗଦର୍ଶିକା ସଦୃଶ । ଏହି ପୁସ୍ତକର ମାର୍ଗଦର୍ଶନ ଆପଣମାନଙ୍କୁ ଏକ ଆକର୍ଷଣୀୟ ଓ ଚମକପ୍ରଦ ଶ୍ରେଣୀଗୃହର ଅଭିଜ୍ଞତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କଠାରେ ଭାରତୀୟ ସଙ୍ଗୀତ ପ୍ରତି ଗଭୀର ଅନୁରାଗ ସୃଷ୍ଟି କରିବାରେ ବିଶେଷ ସହାୟକ ହେବ ।

ସଙ୍ଗୀତ ଶିକ୍ଷକ/ଶିକ୍ଷୟିତ୍ରୀ ଭାବରେ ଏହାର କାର୍ଯ୍ୟାନ୍ୱୟନ କିପରି କରିବା ତାହାର କେତେକ ବିଚାର ବିନ୍ଦୁ ନିମ୍ନୋକ୍ତ ପ୍ରଦାନ କରାଗଲା ।

- ଶିକ୍ଷାଦାନ ଅତ୍ୟନ୍ତ ହର୍ଷୋଲ୍ଲାସପୂର୍ଣ୍ଣ ହେବା ଆବଶ୍ୟକ ଯାହା ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଗ୍ରହଣର ପରିସର ଓ ଇଚ୍ଛାଶକ୍ତିକୁ ବ୍ୟାପକ କରାଇବାରେ ସହାୟକ ହେବ ।
- ସ୍ୱର ଏବଂ ତାଳ ବାଦ୍ୟଯନ୍ତ୍ରର ପ୍ରୟୋଗ ଆବଶ୍ୟକତାନୁସାରେ ହେବା ବିଧେୟ ।

  ସ୍ୱର ବାଦ୍ୟଯନ୍ତ୍ର : ହାରମୋନିୟମ୍ କିମ୍ବା ସିନ୍ଥେସାଇଜର୍, ତମ୍ବୁରା

  ତାଳବାଦ୍ୟ : ତବଲା/ ମର୍ଦ୍ଦଳ/ଢୋଲକ ଇତ୍ୟାଦି
- ସମ୍ଭାବ୍ୟ କ୍ରିୟାକଳାପରେ ଛାତ୍ରଛାତ୍ରୀମାନଙ୍କ ଚଳପ୍ରଚଳ ନିମନ୍ତେ ପର୍ଯ୍ୟାପ୍ତ ଓ ଆବଶ୍ୟକ ସ୍ଥାନ ନିଶ୍ଚିତ କରିବା ଆବଶ୍ୟକ ।
- ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ଯଥାସମ୍ଭବ ଉତ୍ସାହିତ କରନ୍ତୁ, ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀମାନଙ୍କର ଏହି କ୍ରିୟାତ୍ମକ କାର୍ଯ୍ୟରେ ଅଂଶଗ୍ରହଣ କରିବା କ୍ଷେତ୍ରରେ କୌଣସି ବାଧାବିଘ୍ନ ହେବ ନାହିଁ ।
- ଛାତ୍ରଛାତ୍ରୀମାନଙ୍କ ସଙ୍ଗୀତ ପରିବେଷଣ ନିମନ୍ତେ ଏକ ସ୍ଥାନ ସ୍ଥିରୀକୃତ କରିବା ସହିତ ବିଭିନ୍ନ ମାଧ୍ୟମରେ ପରିବେଷିତ ହେଉଥିବା ସଙ୍ଗୀତ କାର୍ଯ୍ୟକ୍ରମଗୁଡ଼ିକୁ ସେମାନଙ୍କୁ ଦେଖାଇବାର ବ୍ୟବସ୍ଥା କରନ୍ତୁ । ଯାହାଦ୍ୱାରା ସେମାନେ ପ୍ରତ୍ୟକ୍ଷ ଭାବରେ ମଞ୍ଚରେ ସଙ୍ଗୀତ, ନୃତ୍ୟ, ନାଟକ ପ୍ରସ୍ତୁତ କିରବାକୁ ସଂକୋଚ ବା ଭୟ ପ୍ରକାଶ କରିବେ ନାହିଁ ।
- ପ୍ରତିଭାବାନ୍ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଉପଲବ୍ଧ ସଂଯୋଗ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରି ସେମାନଙ୍କର ଦକ୍ଷତା ପ୍ରତିପାଦନ କ୍ଷେତ୍ରରେ ସହାୟକ ହୁଅନ୍ତୁ ।
- ଏହି ବିଭାଗରେ ଥିବା ଗୀତଗୁଡ଼ିକର ଅଡ଼ିଓ ସଂସ୍କରଣ ଇଣ୍ଟରନେଟ୍‌ରୁ ମିଳିପାରିବ ।
- ପ୍ରତ୍ୟେକ ଅଧ୍ୟାୟର ଶେଷାର୍ଦ୍ଧରେ ଗଠନମୂଳକ ମୂଲ୍ୟାୟନ ପାଇଁ ନିର୍ଦ୍ଦେଶାବଳୀ ଅଛି, ଯାହା ଚିନ୍ତାମୁକ୍ତ ଓ ନିଷ୍ପାପର ଭାବରେ ମୁଖ୍ୟତଃ ଶ୍ରେଣୀ ଗୃହରେ ତ୍ୱରାନ୍ୱିତ



https://withteachers.in/

କରାଯିବା ଆବଶ୍ୟକ । ଏହି ମୂଲ୍ୟାଙ୍କନର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଓ ତାହାର ଅବମୂଲ୍ୟାୟନ ପ୍ରତି ଯତ୍ନଶୀଳ ହେବା । ତତ୍‌ସହିତ ଏ କ୍ଷେତ୍ରରେ ସେମାନଙ୍କର ବିକାଶ ଓ ଅଗ୍ରଗତିରେ ଅକୁଣ୍ଠ ସାହାଯ୍ୟ ସହିତ ଗୁଣାତ୍ମକ ମତାମତ ପ୍ରଦାନ କରିବା ଏକାନ୍ତ ଅପରିହାର୍ଯ୍ୟ ।

**ପ୍ରସ୍ତୁତି ପର୍ଯ୍ୟାୟ ନିମନ୍ତେ ଦକ୍ଷତା:**

୧.୧ ସେମାନେ ପରିଚିତ ଥିବା କୌଣସି ସଙ୍ଗୀତର ଅଭ୍ୟାସ ଏବଂ ପରିବେଷଣ ନିମନ୍ତେ ଉତ୍ସାହ ପ୍ରକାଶ କରିବା ।

୧.୨ ସଙ୍ଗୀତରେ ମିଳିତ ଭାବରେ କାର୍ଯ୍ୟ କରିବା ସମୟରେ ନିଜସ୍ୱ ଚିନ୍ତାଧାରା ଓ ପ୍ରତିକ୍ରିୟାଜନିତ ଉପାଦାନଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ।

୨.୧ ସଙ୍ଗୀତାଭ୍ୟାସର ବିଭିନ୍ନ ଆୟାମ ଯାହା ସ୍ୱର ଓ ତାଳ ଦ୍ୱାରା ସଂଯୋଜିତ ହୋଇ ଏକକ/ଯୁଗଳବନ୍ଦୀ/ସମବେତ/ଗୋଷ୍ଠୀ ଇତ୍ୟାଦି କ୍ରମରେ ଆୟୋଜନ କରାଇବା ।

୨.୨ ଶ୍ରେଣୀକକ୍ଷରେ ବିଭିନ୍ନ ଶୈଳୀର ସଙ୍ଗୀତାଭ୍ୟାସ ସମୟରେ ସଙ୍ଗୀତର ପରମ ଉପାଦାନ ସ୍ୱର, ଲୟ, ତାଳ ଓ ଭାବର ତୁଳନାତ୍ମକ ଓ ଗୁଣାତ୍ମକ ଦିଗ ସମ୍ବନ୍ଧରେ ଆଲୋକପାତ କରିବା ।

୩.୧ ସଙ୍ଗୀତରେ ବ୍ୟବହୃତ କଣ୍ଠସ୍ୱର, ବାଦ୍ୟଯନ୍ତ୍ରକୁ ସଠିକ ଢଙ୍ଗରେ ବ୍ୟବସ୍ଥିତ କରିବା । ଯେପରି ଏହା ସଙ୍ଗୀତକୁ ଗ୍ରହଣୀୟ କରାଇପାରିବ ।

୪.୧ ପ୍ରକୃତି ଦ୍ୱାରା ପ୍ରଦତ୍ତ ସାଙ୍ଗୀତିକ ଉପାଦାନଗୁଡ଼ିକର କଳାତ୍ମକ ସ୍ୱରୂପ ସମ୍ବନ୍ଧରେ ବର୍ଣ୍ଣନା କରିବା ।


୪.୨ ସ୍ଥାନୀୟ କଳା ଓ ସଂସ୍କୃତିକୁ କୌତୁହଳତାର ସହିତ ପ୍ରଦର୍ଶନ କରିବା ।

ସୀମିତ ବ୍ୟବସ୍ଥା ଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଭିନ୍ନ ବିଷୟର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ତାରକା ଚିହ୍ନିତ କାର୍ଯ୍ୟକଳାପଗୁଡ଼ିକୁ ସହଜ ଓ ସୁଲଭ କରାଯାଇପାରିବ । ସେଥିପ୍ରତି ଦୃଷ୍ଟି ଦେବା ବିଧେୟ ।

https://withteachers.in/

## ଅଧ୍ୟାୟ - ୯





# ଗାଇବା ଓ ଖେଳିବା

ଅଭିନନ୍ଦନ, ସମସ୍ତ କିଶୋର କଳାକାରର ବନ୍ଧୁମାନେ ! ଆମେମାନେ ଏକ ସଂପୂର୍ଣ୍ଣ ନୂତନ ଶିକ୍ଷାବର୍ଷର ଶିକ୍ଷା ଆରମ୍ଭ କରିବାକୁ ଯାଉଛେ । ସବୁଠାରୁ ଖୁସିର କଥା ହେଲା ଏହି ଶିକ୍ଷା ବର୍ଷଠାରୁ କିଛି ସମୟ ସଙ୍ଗୀତ ଶିକ୍ଷା ପାଇଁ ସ୍ଥିର କରାଯାଇଅଛି । ଏହିବର୍ଷ ତୁମେମାନେ ସଙ୍ଗୀତର ଧ୍ୱନି ଗୀତ, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବିଷୟରେ ଶିକ୍ଷା ଗ୍ରହଣ କରିବ । ତେବେ ତୁମେମାନେ ସଙ୍ଗୀତ ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ତ ?

- କୌଣସି ଗୀତ ଗାଇବା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଆମେ ପ୍ରଥମେ ସ୍ୱରକୁ ଭଲକରି ଅଭ୍ୟାସ କରିବା ଦରକାର । ଫଳରେ ଆମେ ଖୋଲା ଭାବରେ ଓ ଅତି ସହଜରେ ଗୀତ ଗାଇପାରିବା ।
- ତୁମେମାନେ ତୁମ କଣ୍ଠସ୍ୱରଦ୍ୱାରା ଭଲକରି ଗାଇବା ପାଇଁ ଏଠାରେ କିଛି ସରଳ ଉପାୟ ଦିଆଯାଇଅଛି । ଏହି ଶବ୍ଦଗୁଡ଼ିକର ଉଚ୍ଚାରଣ ଖବ୍ ମଜାଦାର ହୋଇପାରେ । ଖୁସିରେ ଖୁସିରେ ଓ ଆନନ୍ଦର ସହିତ ସେହି ଶବ୍ଦଗୁଡ଼ିକର ଉଚ୍ଚାରଣ କର ।

  ସ୍ୱରକୁ ପ୍ରଥମେ ଗାଇବାପାଇଁ 'ଓଁ' କାର ଓ 'ହୁଁ'କାର ଶବ୍ଦ କରି ପରେ ସା, ରେ, ଗା, ମା ଇତ୍ୟାଦି ସ୍ୱରକୁ ଅଭ୍ୟାସ କରିବା ଆବଶ୍ୟକ ।





https://withteachers.in/

## କ୍ରିୟାକଳାପ - ୯.୧ କଣ୍ଠ ସଙ୍ଗୀତ ଅଭ୍ୟାସ

### ୧. ହୁଁ ବା ହମ୍ ଉଚ୍ଚାରଣ

ତୁମେ ତୁମର ପାଟିକୁ ଦୁଇ ଓଠ ସହାୟତାରେ ବନ୍ଦକରି ଗୋଟିଏ ସ୍ୱରକୁ ନେଇ ହୁଁ ବା 'ହମ୍' ଶବ୍ଦଟି ଉଚ୍ଚାରଣ କର । ଯେଉଁ ସ୍ୱରରେ ଏହି ଉଚ୍ଚାରଣ କରୁଛ ତାହାକୁ ସ୍ଥିର ଓ ଅଧିକ ସମୟ ଯାଏ ଲମ୍ବେଇ ରଖ । ତୁମେ ତୁମ ଓଠରେ ଏକ ଗୁଞ୍ଜରଣ ଅନୁଭବ କରିବ ।

ଏବେ ସମାନ ସେହି ହୁଁ ବା ହମ୍ ଶବ୍ଦ କର କିନ୍ତୁ ଗୋଟିଏ ନିରନ୍ତର କ୍ରମ ଅନୁସାରେ ନିଃଶ୍ୱାସ ଭରି କମ୍ ସ୍ୱରରୁ ଉଚ୍ଚ ସ୍ୱରକୁ ଯାଅ ଏବଂ ପରେ ପରେ ଉଚ୍ଚ ସ୍ୱରରୁ ନିମ୍ନ ସ୍ୱରକୁ ଯାଅ । ଏହି ପ୍ରକ୍ରିୟା କିଛି ଥରପାଇଁ କର। ସ୍ୱରକୁ ଗୁଣୁଗୁଣୁ ହୋଇ ଅଭ୍ୟାସ କଲେ ସ୍ୱରର ସୁନ୍ଦର ସ୍ୱରୂପ ଧୀରେ ଧୀରେ ପ୍ରକାଶିତ ହୋଇଥାଏ । ଯାହାଦ୍ୱାରା ତୁମେମାନେ ଗୀତ ଗାଇବା ପାଇଁ ପ୍ରସ୍ତୁତ ହୋଇପାରିବ ଏବଂ ତୁମର କଣ୍ଠସ୍ୱର ସୁନ୍ଦର ମଧ୍ୟ ହୋଇପାରିବ ।



### ଏକ ମଜାଦାର କାର୍ଯ୍ୟକଳାପ : ସିଟି ବଜେଇବା

ତୁମେମାନେ ସିଟି ବଜାଇ ପାରିବ କି ? ଏହି ଶବ୍ଦଟିକୁ ସୃଷ୍ଟି କରିବା ପାଇଁ ତୁମର ଓଠକୁ ପଛକୁ କରି ଫୁଙ୍କିବାକୁ ଚେଷ୍ଟା କର ।

- ଥରେ ତୁମେ ସିଟି ବଜାଇ ଶବ୍ଦ ସୃଷ୍ଟି କରି ସାରିବା ପରେ କିଛି ସମୟ ପର୍ଯ୍ୟନ୍ତ ଲମ୍ବେଇ, ସୁଗମ ବା ସୁମଧୁର ଧ୍ୱନି ସୃଷ୍ଟି କର । ଏହାର ବାୟୁ ଚଳାଚଳ ପ୍ରକ୍ରିୟା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ଯାହା ଗୀତ ଗାଇବା ପାଇଁ ଯଥେଷ୍ଟ ସାହାଯ୍ୟ କରିଥାଏ ।
- ତୁମେମାନେ କମ୍ ଧ୍ୱନି ସୃଷ୍ଟି ହୋଇପାରୁଥିବା ସ୍ୱରରୁ ଉଚ୍ଚଧ୍ୱନି ସୃଷ୍ଟି ହୋଇପାରୁଥିବା ଉଚ୍ଚ ସ୍ୱର ଏବଂ ଉଚ୍ଚ ସ୍ୱରରୁ ନିମ୍ନ ସ୍ୱର ପର୍ଯ୍ୟନ୍ତ ମଧ୍ୟ ସିଟି ବଜାଇପାରିବ । ଏହି କାର୍ଯ୍ୟକଳାପକୁ ନେଇ ଖୁବ୍ ମଜା ଓ ଆନନ୍ଦ ଅନୁଭବ କର ।

### ୨. ଓଠରେ ଉଚ୍ଚାରଣ କରିବା

ତୁମର ଓଠକୁ ଏକାଠି କର ଏବଂ ପରେ ପରେ ସେଗୁଡ଼ିକ ମଧ୍ୟଦେଇ ଫୁଙ୍କ ମାଧ୍ୟମରେ ପବନ ସୃଷ୍ଟି କର । ତୁମେ ଦେଖିବ ଯେ, ତାହା କରିବା ଫଳରେ ତୁମକୁ ଏହା ମୋଟର ସାଇକେଲର ଶବ୍ଦ ଭଳି ଶୁଣାଯିବ । ଯଥାସମ୍ଭବ ବାୟୁ ପ୍ରବାହ ଏବଂ ଶବ୍ଦକୁ ସ୍ଥିର ରଖ । ଅତି ମଜାଦାର ଭାବରେ ତୁମେ ହମିଂ ବ୍ୟାୟାମ ବା ଅଭ୍ୟାସ ପରି କାମ କରିବା ସହିତ ତାହାର ଆନନ୍ଦ ନିଅ ।

ଓଠ ଉଚ୍ଚାରଣ ଏକ ଗୁରୁତ୍ୱପୂର୍ଣ୍ଣ କଣ୍ଠସ୍ୱର ଅଭ୍ୟାସ ଏବଂ ଏହା ସୁନ୍ଦର ଓ ସୁଗମ କଣ୍ଠ ସ୍ୱରକୁ ବିକାଶ କରିବାର ଏକ ଉତ୍ତମ ଉପାୟ ଅଟେ ।

https://withteachers.in/

## ସରଗମ୍‌ର ଢାଞ୍ଚା (ପ୍ରକାର) ଓ ତାହାର ଅଭ୍ୟାସ

ତୁମେମାନେ ବିଗତବର୍ଷରେ ଶିଖିଥିବା ଶୁଦ୍ଧ ସ୍ୱର ସପ୍ତକଟି ବିଷୟରେ ମନେରଖିଥିବ । ଏହାକୁ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିରେ ସରଳେ ଭାରିସାଇ ବୋଲି କୁହାଯାଇଥାଏ । ତାହାର କ୍ରମଟି ହେଲା-

ସା ରେ ଗା ମା ପା ଧା ନି ସାଂ

ସାଂ ନି ଧା ପା ମା ଗା ରେ ସା

ଏହି କ୍ରମଟିକୁ ଏମିତି ମଧ୍ୟ ଲେଖାଯାଏ, ଯଥା-

ସ ର ଗ ମ ପ ଧ ନ ସଂ

ଆସ, ଏହାକୁ କିଛି ସମୟ ଗାଇବା

ଯଦି ଆମେ ପ୍ରତି ସ୍ୱରକୁ ଦୁଇଥର ଲେଖାଏଁ ଗାଇବା, ତେବେ ଏହାକୁ କର୍ଣ୍ଣାଟକୀ ସଙ୍ଗୀତ ଭାଷାରେ ଜାଣ୍ଟି ଭାରିସାଇ ବୋଲି କହିବା, ଯାହା ଆମେ ତୃତୀୟ ଶ୍ରେଣୀରେ ଶିଖିଥିଲେ । ଏହାର କ୍ରମକୁ ଆମେ ଲେଖିବା, ଯେପରି-

ସାସା ରେରେ ଗାଗା ମାମା ପାପା ଧାଧା ନିନି ସାଂସାଂ

ସାଂସାଂ ନିନି ଧାଧା ପାପା ମାମା ଗାଗା ରେରେ ସାସା

ଆମ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଏହାକୁ ଶୁଦ୍ଧସ୍ୱର ଅଳଙ୍କାର ସାଧନା ବୋଲି କୁହାଯାଇଥାଏ ।

ତୁମେମାନେ ଏହି ଶୁଦ୍ଧସ୍ୱର ଅଳଙ୍କାର ବା ଜାଣ୍ଟି ଭାରିସାଇ ଗୁଡ଼ିକୁ ଅନ୍‌ଲାଇନ୍‌ରେ ଉପଲବ୍ଧ ଥିବା ୟୁଟ୍ୟୁବ୍ ମାଧ୍ୟମରେ ଖୋଜି ପାର ଏବଂ ସେଗୁଡ଼ିକୁ ଗାଇବା ପାଇଁ ଚେଷ୍ଟା କର ।

ତୁମେମାନେ ପ୍ରତ୍ୟେକ ସ୍ୱରକୁ ତିନିଥର ମଧ୍ୟ ଗାଇ ପାରିବ । ଏହ ଅଭ୍ୟାଗୁଡ଼ିକୁ ସରଗମର ଢାଞ୍ଚା ବା ଶୈଳୀ ମଧ୍ୟ କୁହାଯାଇଥାଏ ।

ନିମ୍ନରେ ଦିଆଯାଇଥିବା ସ୍ୱରର ଢାଞ୍ଚା ବା ପ୍ରକାରକୁ ଲକ୍ଷ୍ୟକର । ଦେଖ, ଯେଉଁ ସ୍ଥାନରେ ଢାଞ୍ଚାବା ଶୈଳୀ ଅନୁସାରେ ସ୍ୱର ନ ଥାଇ ଖାଲିସ୍ଥାନ ରହିଛି, ସେହି ସ୍ଥାନକୁ ତୁମେ ପୂରଣ କରିବାକୁ ଚେଷ୍ଟା କରିବ କି ?

ଥରେ ସେହି ଖାଲି ସ୍ଥାନଗୁଡ଼ିକୁ ପୂରଣ କରିସାରିବା ପରେ, ସେହି ଶୁଦ୍ଧ ସ୍ୱର ଅଳଙ୍କାରର ଢାଞ୍ଚା (ଶୈଳୀ) ବା ପ୍ରକାରକୁ ଆସ ମନ ଦେଇ ଆନନ୍ଦର ସହିତ ଗାଇବା ।

୧. ସାରେଗ ସାରେଗା, ରେଗାମ ରେଗାମା, ଗାମାପା ଗାମାପା, ମାପାଧା ମାପାଧା, ପାଧାନି ପାଧାନି, ଧାନିସାଂ ଧାନିସାଂ ।

ସାଂନିଧା ସାଂନିଧା, ନି...ପା ନିଧାପା, ଧା।ପା।ମା। ଧା...ମା, ପାମାଗା ପା....ଗା, ମା...ରେ ...ଗାରେ, .... .... ସା ଗାରେସା ।

ସେହିପରି

୨. ସାରେଗାମା, ରେଗାମାପା, ଗାମାପାଧା, ମାପାଧାନି, ................ ।

ସାନିଧାପା, ନିଧାପାମା, ଧାପାମାଗା, .........., ................. ।



https://withteachers.in/

## କ୍ରିୟାକଳାପ - ୯.୨ ବାଦ୍ୟଯନ୍ତ୍ର ସହିତ କଣ୍ଠ ସ୍ୱରର ମିଳନ

ଯେତେବେଳେ ଆମେ ଗୀତ ଗାଉ, ସେତେବେଳେ ଆମର କଣ୍ଠ ସ୍ୱରକୁ କୌଣସି ବାଦ୍ୟଯନ୍ତ୍ର, ଯେପରିକି ତାନ୍‌ପୁରା, ହାରମୋନିୟମ୍, କିବୋର୍ଡ଼ ସ୍ୱର ସହିତ ମିଳାଇ ଗାନ କରିଥାଉ । ଯଦି ତୁମମାନଙ୍କର କୌଣସି ବାଦ୍ୟଯନ୍ତ୍ର ନାହିଁ ତେବେ ତୁମେମାନେ ଏକ ଫୋନ୍ କିମ୍ବା ଟାବଲେଟ୍‌ରୁ ତାନ୍‌ପୁରା ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଆପ୍ ଡାଉନ୍‌ଲୋଡ୍ କରିପାରିବ ।

ଯେତେବେଳେ ତାନ୍‌ପୁରା ବାଜୁଥାଏ, ସେହି ସମାନ ସ୍ୱରକୁ ଗାଇବାକୁ ଚେଷ୍ଟା କର ଏବଂ କଣ୍ଠସ୍ୱର ଓ ତାନ୍‌ପୁରା ସ୍ୱରକୁ ସଠିକ୍ ଭାବରେ ମିଳାଅ । ଆ କାର କିମ୍ବା ସରଗମ ଉଚ୍ଚାରଣ କରି ସ୍ୱରଗୁଡ଼ିକୁ ଲମ୍ବେଇ ଲମ୍ବେଇ ଗାଅ, ଯେପରି :

**ସରଗମରେ : ସା ରେ ଗା ମା ପା ଧା ନି ସାଂ**

**'ଆ' କାରରେ : ଆ ଆ ଆ ଆ ଆ ଆ ଆ ଆ**

ନିମ୍ନ ସା'ରୁ ଉଚ୍ଚ ସା' ପର୍ଯ୍ୟନ୍ତ ସ୍ୱରର ଅନୁକ୍ରମ ବା ଗତିକୁ ସଙ୍ଗୀତ ଭାଷାରେ ଆରୋହ ଏବଂ ଉଚ୍ଚ ,ସା' ରୁ ନିମ୍ନ ସା' ପର୍ଯ୍ୟନ୍ତ ସ୍ୱରର ଅନୁକ୍ରମକୁ ଅବରୋହ ବୋଲି କୁହାଯାଇଥାଏ । ଏହାକୁ ପାଶ୍ଚାତ୍ୟ ସଙ୍ଗୀତରେ "ଅକ୍ଟେଭ" ବୋଲି କୁହାଯାଇଥାଏ । ତୁମେମାନେ ଉପର ଶ୍ରେଣୀରେ ଏ ବିଷୟରେ ଅଧିକ ଜ୍ଞାନ ଆହରଣ କରିବ ।





## କ୍ରିୟାକଳାପ - ୯.୩ ସଙ୍ଗୀତରେ ତୁମର ପରିସରକୁ ଖୋଜ

ତାନ୍‌ପୁରା, ହାରମୋନିୟମ୍, କିବୋର୍ଡ଼ ଇତ୍ୟାଦି ସ୍ୱର ବାଦ୍ୟଯନ୍ତ୍ର ବ୍ୟବହାର କରି ତୁମେମାନେ କେଉଁ କେଉଁ ସ୍ୱରଗୁଡ଼ିକୁ ଗାଇପାରିବ ଦେଖ । ଅତି ସହଜରେ ଓ ଆରାମଦାୟକ ଭାବରେ ତୁମେ ଯେଉଁ ସ୍ୱରଗୁଡ଼ିକୁ ଗାଇପାରିବ ତାହା ପ୍ରଥମେ ଚେଷ୍ଟା କର । ପରେପରେ ତୁମେମାନେ ସର୍ବୋଚ୍ଚ ବା ଅତି ଉଚ୍ଚ ଶବ୍ଦ ପ୍ରକାଶ କରୁଥିବା ସ୍ୱରଗୁଡ଼ିକୁ ଆନନ୍ଦର ସହିତ ଗାଇବାକୁ ଚେଷ୍ଟା କର ।

ଏଠାରେ କିଛି ନିମ୍ନଧ୍ୱନି ପ୍ରକାଶ କରୁଥିବା ସ୍ୱର ଲେଖ :...........................

ଏଠାରେ କିଛି ଉଚ୍ଚଧ୍ୱନି ପ୍ରକାଶ କରୁଥିବା ସ୍ୱର ଲେଖ : ..........................

ସହଜ ଓ ଆରାମଦାୟକ ଭାବେ ଗାଇବା ପାଇଁ ଯେଉଁ ସ୍ୱରଗୁଡ଼ିକର ଅନୁକ୍ରମ ବା ଶୃଙ୍ଖଳାଗୁଡ଼ିକୁ ଆମେ ବାଛିଥାଉ, ତାହାକୁ ତୁମର ପରିସର ବୋଲି କହିପାରିବା । ଅତି ସହଜରେ ବୁଝିବାକୁ ଗଲେ, ଯେଉଁ ସ୍ୱରଗୁଡ଼ିକୁ ଆମେ ସହଜରେ ଗାଇପାରିଲେ ତାହା ହିଁ ଆମର ପରିସରଭୁକ୍ତ ସ୍ୱର ଅଟେ । ଏହା ସମ୍ପୂର୍ଣ୍ଣ ଭାବରେ ନିଜର କ୍ଷମତା ଉପରେ ନିର୍ଭର କରେ ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ସ୍ୱର କିମ୍ବା ଶ୍ରୁତିର ନାମ ଅଥବା ପାଶ୍ଚାତ୍ୟ ସଙ୍ଗୀତରେ ବ୍ୟବହାର କରାଯାଉଥିବା ସ୍ୱର ସମୂହର ବ୍ୟବହାର ପୂର୍ବକ ପିଲାମାନଙ୍କୁ ସେମାନେ ଗାୟନ କରୁଥିବା ସର୍ବନିମ୍ନ ସ୍ୱର ଓ ସର୍ବୋଚ୍ଚ ସ୍ୱର ଚିହ୍ନଟ କରିବାରେ ଯଥେଷ୍ଟ ସହାୟତା ପ୍ରଦାନ କରନ୍ତୁ ।

https://withteachers.in/

**ସପ୍ତକ ତିନି ପ୍ରକାରର ରହିଛି ଯଥା :** ମନ୍ଦ୍ର ସପ୍ତକ, ମଧ୍ୟ ସପ୍ତକ ତାର ସପ୍ତକ ଏହି ତିନିଗୋଟି ସପ୍ତକ ପ୍ରତ୍ୟେକ ପ୍ରତ୍ୟେକ ଠାରୁ ଦୁଇଗୁଣ ଉଚ୍ଚ ଅଟନ୍ତି ।

**ମନ୍ଦ୍ର ସପ୍ତକ :** ସ୍ୱାଭାବିକ ଭାବେ ହାରମୋନିୟମ୍‌ର କୌଣସି ଏକ ସ୍ୱରକୁ ସା କରି ନିମ୍ନ ବା ତଳକୁ କ୍ରମ ଅନୁସାରେ ଗତିକରି ଯଥା- ନି ଧା ପା ମା ଗା ରେ ସା ପର୍ଯ୍ୟନ୍ତ ଗଲେ ଆମକୁ ଏକ  ସପ୍ତକ ମିଳିବ । ତାହାକୁ ମନ୍ଦ୍ର ସପ୍ତକ କୁହାଯାଇଥାଏ ।

**ମନ୍ଦ୍ର ସପ୍ତକ ସ୍ୱରର ଚିହ୍ନ :** ନ଼ି, ଧ଼ା, ପ଼ା, ମ଼ା, ଗ଼ା, ରେ଼ ସ଼ା

**ମଧ୍ୟ ସପ୍ତକ :** ସ୍ୱାଭାବିକ ଭାବେ କୌଣସି ଏକ ସ୍ୱରକୁ ସା' କରି ଉଚ୍ଚକୁ ଯଥା : ରେ, ଗା, ମା, ପା, ଧା, ନି କ୍ରମରେ ଗତି କରିଥାଏ, ତାହାକୁ ମଧ୍ୟ ସପ୍ତକ କୁହାଯାଏ ।

**ମଧ୍ୟ ସପ୍ତକ ସ୍ୱରର ଚିହ୍ନ :** ସା, ରେ, ଗା, ମା, ପା, ଧା, ନି (ଏଥିରେ କୌଣସି ଚିହ୍ନ ବ୍ୟବହାର କରାଯାଏ ନାହିଁ ।

**ତାର ସପ୍ତକ :** ମଧ୍ୟ ସପ୍ତକର ସା (ତାଡ଼ଜ) ଠାରୁ ଉପରକୁ କ୍ରମାନୁସାରେ ନି ସ୍ୱର ପର୍ଯ୍ୟନ୍ତ ଗଲେ ଆମକୁ ଯେଉଁ ସପ୍ତକ ମିଳିବ, ତାହାକୁ ଆମେ ତାର ସପ୍ତକ ବୋଲି କହିବା ।

**ତାର ସପ୍ତକର ଚିହ୍ନ :** ସାଂ, ରେଂ, ଗାଂ, ମାଂ, ପାଂ, ଧାଂ, ନିଂ ।

- ବିନ୍ଦୁ ଚିହ୍ନଗୁଡ଼ିକୁ ଦେଖି କେଉଁ ସ୍ୱର କେଉଁ ସପ୍ତକର ତାହା ତୁମେ ଜାଣିପାରିବ ।



https://withteachers.in/

## କ୍ରିୟାକଳାପ - ୯.୪ ପଶୁ ଓ ପକ୍ଷୀମାନଙ୍କର ଧ୍ୱନି ବା ସ୍ୱର

ଯେଉଁ ପଶୁ ଓ ପକ୍ଷୀମାନେ ରାବ ମାଧ୍ୟମରେ ଉଚ୍ଚ ଧ୍ୱନି ସୃଷ୍ଟି କରନ୍ତି ତୁମେ ସେମାନଙ୍କ ନାମକୁ ନେଇ ଏକ ତାଲିକା ପ୍ରସ୍ତୁତ କରିପାରିବ କି ?

______________________________

______________________________

______________________________

______________________________

______________________________

ପୁଣି, କେଉଁ ପଶୁ ଓ ପକ୍ଷୀମାନେ କମ୍ ଧ୍ୱନି ସୃଷ୍ଟି କରନ୍ତି ତୁମେମାନେ ସେମାନଙ୍କର ନାମକୁ ନେଇ ଏକ ତାଲିକା ପ୍ରସ୍ତୁତ କରିପାରିବ କି ?

______________________________

______________________________

______________________________

______________________________

______________________________

### ତୁମେ ଜାଣିଛ କି ?

ତୁମେମାନେ ତାଲିକା କରିଥିବା କଣ୍ଠ ସ୍ୱରର ଅଭ୍ୟାସ ତୁମର ସାମର୍ଥ୍ୟ ବା ଶକ୍ତି ଅନୁସାରେ ସମୟକୁ ବୃଦ୍ଧି କରାଇ କାମରେ ଲଗାଇ ପାରିବ ।

ପଣ୍ଡିତ ଯଶରାଜ, ଡ. ଏମ୍. ବାଲମୁରଲିକ୍ରିଷ୍ଣ, ପରବିନ୍ ସୁଲତାନା ଏବଂ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଭଳି କଳାକାରମାନେ ସେମାନଙ୍କର ନିଜସ୍ୱ କଣ୍ଠସ୍ୱରର ସୁନ୍ଦରତା ପାଇଁ ଅନେକ ସୁନାମ ଅର୍ଜନ କରିଛନ୍ତି ।


ଡ. ଏମ୍. ବାଲମୁରଲିକ୍ରିଷ୍ଣ


ପଣ୍ଡିତ ଯଶରାଜ


ପରବିନ୍ ସୁଲତାନା


ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ

https://withteachers.in/

# ହିନ୍ଦୀ ପ୍ରେରଣାଦାୟୀ ସଙ୍ଗୀତ

## ଆସ ମିଳିମିଶି ଗାଇବା



ନହ୍ନେ ମୁନ୍ନେ କେହେଲାତେ ହମ୍
ଲେକିନ୍ ଜବ୍ ବଢ଼ ଯାଏଙ୍ଗେ
ଧୀର ବନେଙ୍ଗେ ବୀର ବନେଙ୍ଗେ
ସୁରବୀର କେହେଲାଏଙ୍ଗେ
ଦୁସ୍‌ମନ୍ ମାର ଭଗାଏଙ୍ଗେ ।

ନହ୍ନେ ମୁନ୍ନେ କେହେଲାତେ ହମ୍
ଲେକିନ୍ ଜବ୍ ବଢ଼ ଯାଏଙ୍ଗେ
ଖୁବ୍ ପଢ଼େଙ୍ଗେ ଖୁବ୍ ଲିଖେଙ୍ଗେ
ଜ୍ଞାନବାନ ବନଯାଏଙ୍ଗେ
ଜଗମେଁ ନାମ କମାଏଙ୍ଗେ
ନହ୍ନେ ମୁନ୍ନେ.........।

ନହ୍ନେ ମୁନ୍ନେ କେହେଲାତେ ହମ୍
ଲେକିନ୍ ଜବ୍ ବଢ଼ ଯାଏଙ୍ଗେ
ହାଥ ବଢ଼ାକର ପ୍ରେମ ଦିଖାକର
ସବ୍‌କୋ ମିତ୍ର ବନାଏଙ୍ଗେ
ଦୁନିଆ ନୟି ବସାୟେଙ୍ଗେ
ନହ୍ନେ ମୁନ୍ନେ...... ଦୁସ୍‌ମନ୍ ମାର ।

ପରବର୍ତ୍ତୀ ପୃଷ୍ଠରେ ଏହି ଗୀତର ସ୍ୱରଲିପି ତୁମମାନଙ୍କ ଅଭ୍ୟାସ କରିବା ପାଇଁ ଦିଆଯାଇଛି, ମନଦେଇ ଅଭ୍ୟାସ କର ।



https://withteachers.in/

# ସ୍ୱରଲିପି
## ତାଳ : କହରବା (୪ ମାତ୍ରା)

**ସ୍ଥାୟୀ :**

| ୧ | ୨ | ୩ | ୪ |
|---|---|---|---|
| ପାପା | ଗାଗା | ମାମା | ରେରେ |
| ନହ୍ନେ | ମୁନ୍ନେ | କେହଲା | ତେ ହମ୍ |
| ଗାଗା | ସାସା | ରେଗା | ପା– |
| ଲେକିନ୍ | ଜବବଢ଼ | ଯାଏ | ଙ୍ଗେ |
| × | | | |
| ସା | ସା– | ଧା | ଧା– |
| ଧୀ | ରବ | ନେଦ | ଙ୍ଗେ |
| ନିନି | ପା | ପା | – |
| ବୀର | ବ | ନେ | ଙ୍ଗେ |
| × | | | |
| ଧା– | –ଧା | –ମା | ପା–ପା– |
| ଶୁର | ବୀର | କେହେ | ଲାଏଙ୍ଗେ |
| × | | | |
| ଗାମା | ପା–ଧା | ପାମା | ଗା |
| ଦୁସ୍ | ମନ୍ମା | ରଭ ଗାଏ | ଙ୍ଗେ |
| × | | | ।। ୦ ।। |

**ଅନ୍ତରା :**

| | | | |
|---|---|---|---|
| ସାଁସାଁ | ଧାଧା | ନିନି | ପାପା |
| ନହ୍ନେ | ମୁହ୍ନେ | କେହଲା | ତେ ହମ୍ |
| × | | | |
| ଧାଧା | ମାମା | ଧାନି | ସାଁ– |
| ଲେକିନ୍ | ଜବବଢ଼ | ଯାଏ | ଙ୍ଗେ |
| × | | | |
| ପାପା | ଧାନି | ସାଁ– | ସାଁସାଁ |
| ଖୁବ୍ ପ | ଢ଼େଙ୍ଗେ | ଖୁବ୍ | ଲିଖେଙ୍ଗେ |
| × | | | |
| ସାସା | ଧାଧା | ନିଧା | ପା |
| ଜ୍ଞାନ | ବାନ | ବନଯାଏ | ଙ୍ଗେ |
| × | | | |
| ଗାମା | ପା–ଧା | ପାମା | ଗା– |
| ଜଗମେଁ | ନାମ | କ ମା | ଏଙ୍ଗେ |

ଏହି ଗୀତର ଅନ୍ୟ ପଦଗୁଡ଼ିକୁ ଏହି ସ୍ୱରଲିପି ସହାୟତାରେ ଗାଇବା । ତୁମେ ଏହି ସ୍ୱରଲିପିର ସହାୟତାରେ ନିଜେ ହାର୍‌ମୋନିୟମ୍ ବା କି ବୋର୍ଡ୍ ବଜାଇ ଶିଖିପାରିବ ।

https://withteachers.in/

# ଥକା ମନ ଚାଲ ଯିବା

## ଭଜନ

**କବି : ସାରିଆ ଭିକ**
**ପାରମ୍ପରିକ ସ୍ୱର**

ଥକା ମନ ଚାଲ ଯିବା
ଚକା ନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ
ବେନି ନେତ୍ର ପଖାଳିବା ।। ଘୋଷା ।।

ବାଟରେ ବାଟ ମଙ୍ଗଳା
ଦେଖିବା ଅଠର ନଳା
ପାଞ୍ଚମନ ଏକ ମେଳେ
ନରେନ୍ଦ୍ରେ ସ୍ନାନ କରିବା ।। ୧ ।।

ସିଂହଦ୍ୱାରେ ଭିଡ଼ାଭିଡ଼ି
ବାଜୁଅଛି ବେତ ବାଡ଼ି
ଠେଲି ଦେଇ ଯିବା ମାଡ଼ି
ଧକା ବାଜିଲେ ସହିବା ।। ୨ ।।

ବାଇଶି ପାବଚ୍ଛେ ବିକା
ହେଉଛି କୈବଲ୍ୟ ଟଖା
ହାଣ୍ଡିକ ପଡ଼େ ସିଉକା
ମନ ରଙ୍କା ଛଡ଼ାଇବା ।। ୩ ।।

ଗରୁଡ଼ ପଛରେ ଦେଖ
ଦିଶୁଛି କଳାଶ୍ରୀ ମୁଖ
କହଇ ସାରିଆ ଭିକ
ବଳରାମଙ୍କୁ କହିବା ।। ୪ ।।



ବି.ଦ୍ର. : ଏହି ଗୀତଟିକୁ ଅନ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ କରି ଶିଖିବା । ଏହି ଗୀତଟିର ସ୍ୱରଲିପି ପରବର୍ତ୍ତୀ ଦିଆଯାଇଛି । ଆସ ହାର୍‌ମୋନିୟମ୍ ବଜାଇ ଅଭ୍ୟାସ କରିବା ।



https://withteachers.in/

# ସ୍ୱରଲିପି

| ମାତ୍ରାସଂଖ୍ୟା | ୧ | ୨ | ୩ | ୪ |
|---|---|---|---|---|
| ତାଳର ଧରଣ | ତାଃ | ଃତି | ନାଃତେରେକେଟେ | ତାକଥୂନି |
| ସ୍ୱର - | - | - | - | ଗାଗା |
| ଗୀତ - | S | S | S | ଥକା |
| ସ୍ୱର - | ସାସା | - | ସା | ନସା |
| ଗୀତ - | ମS | S ନ | S ଚା | S ଲ |
| ସ୍ୱର - | ରେମାଗା- | ରେ | - | ମାଗା |
| | ଯି S S S | ବା | S | ଚକା |
| | × | | | |
| ସ୍ୱର - | ମ- | -ସା | ରେ - | -ମା |
| ଗୀତ - | ନ S | S ୟ | ନ S | S ଦେ |
| ସ୍ୱର - | ଗା - | ରେ - | -- | ରେଗା |
| ଗୀତ - | ଖୁ S | ବା S | S S | ଶ ଙ୍ଖ |
| | × | | | |
| ସ୍ୱର - | ପା - | - ପା | - ପା | ଧାମା |
| ଗୀତ - | ନା S | S ଭି | S ମ | S ଣ୍ଡ |
| ସ୍ୱର - | ପାଧା | ପାଧାନି | -ଧାପା | ମାଗା |
| ଗୀତ - | ଳ S | ରେ S S | S S S | ବେନି |
| | × | | | |
| ସ୍ୱର - | ମା - | - ସା | - ରେ | ଗାମା |
| ଗୀତ - | ନେ S | S ତ୍ର | S ପ | S ଖା |
| ସ୍ୱର - | ଗାଗା | ରେରେ | ରେରେ | - - |
| ଗୀତ - | ଲି S | ବା S | S S | ... ... |

ଏହିପରି ଅନ୍ୟ ପଦଗୁଡ଼ିକୁ ସ୍ୱରଲିପିର ସହାୟତାରେ ଗାଅ ଓ ହାରମୋନିୟମ୍ ବଜାଅ ।

https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ - ୯ - ଗାଇବା ଓ ଖେଳିବା | | | |
|---|---|---|---|
| ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୯.୧ | ସ୍ୱର ଓ ତାଳରେ ନିରବଚ୍ଛିନ୍ନ ଭାବରେ ଗୀତ ପରିବେଷଣ କରିବା । | | |
| ୯.୨ | ସିଧା ପ୍ରସାରଣ ସଙ୍ଗୀତ ପରିବେଷଣ କିମ୍ବା କାରାଓକେ (ଟ୍ରାକ୍) ସହିତ ଦଳଗତ ଭାବେ ଗାଇପାରିବା । | | |
| ୯.୧ | କଣ୍ଠସ୍ୱର ଅଭ୍ୟାସ, ସରଗମ, ଶୈଳୀ ଏବଂ ଶ୍ୱାସକ୍ରିୟା ବ୍ୟାୟାମ ଅଭ୍ୟାସ କରିବା । | | |
| ୯.୧ | ଶ୍ରେଣୀରେ ଉତ୍ସାହର ସହିତ ଅଂଶଗ୍ରହଣ କରିବା । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ________________________

________________________________________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ________________________

________________________________________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ________________________

________________________________________________



https://withteachers.in/

## ଅଧ୍ୟାୟ - ୧୦





# ସଙ୍ଗୀତ ପ୍ରସ୍ତୁତ କରିବା

- ଭାରତରେ ପ୍ରଚଳିତ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରା ବହୁ ପୁରାତନ କାଳରୁ ପ୍ରଚଳିତ ହୋଇ ଆସୁଅଛି । ଏହା ବେଦରୁ ଆରମ୍ଭ ହୋଇଥିଲା ।
- ପରବର୍ତ୍ତୀ ସମୟରେ ଏହା ଦୁଇଗୋଟି ମୁଖ୍ୟ ଶୈଳୀ କର୍ଣ୍ଣାଟକୀ ବା ଦକ୍ଷିଣ ଭାରତୀୟ ସଙ୍ଗୀତ ପଦ୍ଧତି ଓ ହିନ୍ଦୁସ୍ତାନୀ ଅଥବା ଉତ୍ତର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି ନାମରେ ବିକଶିତ ହେଲା ।
- ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଓଡ଼ିଶୀ ସଙ୍ଗୀତ ପଦ୍ଧତି ପ୍ରଚଳିତ । ଆମ ଓଡ଼ିଶାର ଏହି ସଙ୍ଗୀତ କଳା ସମଗ୍ର ଭାରତବର୍ଷରେ ପ୍ରଚାରିତ ଓ ପ୍ରସାରିତ ହୋଇଆସୁଅଛି । ଓଡ଼ିଶୀ ସଙ୍ଗୀତ ଗାୟନ ଶୈଳୀ ସବୁଠାରୁ ଭିନ୍ନ ହୋଇଥିବାରୁ ଏହା ଓଡ଼ିଶାର ଘରେ ଘରେ ପରିଚିତ । ପରବର୍ତ୍ତୀ ଅଧ୍ୟାୟରେ ତୁମେମାନେ ଓଡ଼ିଶୀ ସଙ୍ଗୀତ ବିଷୟରେ ଅଧିକ ନୂଆ କଥା ଜାଣିବ ଓ ଶିଖିବ ।
- ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସାଧାରଣତଃ ଏକ ମୌଖିକ ପରମ୍ପରା ମାଧ୍ୟମରେ ପ୍ରସାରିତ ହୋଇଥାଏ । ସଙ୍ଗୀତ ଶିକ୍ଷା ଏକ ଗୁରୁମୁଖୀ ବିଦ୍ୟା ହୋଇଥିବାରୁ ଛାତ୍ରଛାତ୍ରୀ ବା ଶିଷ୍ୟଶିଷ୍ୟାମାନେ ଗୁରୁଙ୍କ ସହିତ ବର୍ଷ ବର୍ଷ ଧରି ଜଡ଼ିତ ରହି ସଙ୍ଗୀତ ଶିକ୍ଷା ଗ୍ରହଣ କରିଥା'ନ୍ତି । ଗୁରୁ ଶିଷ୍ୟଙ୍କର ଏହି ସଂପର୍କ ସଙ୍ଗୀତ କ୍ଷେତ୍ରରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଥାଏ ।



https://withteachers.in/

**ରାଗ କ'ଣ ?**

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଗାୟନ ପରମ୍ପରା ଅତି ପ୍ରାଚୀନ । ଏହି ସ୍ୱରକୁ ଶୁଣିଲେ ଏକ ସ୍ୱତନ୍ତ୍ର ଆନନ୍ଦ ମିଳେ । ଏଥିରେ ଆରୋହ, ଅବରୋହ, ଜାତି, ମେଳ ବା ଠାଠ, ବାଦୀ, ସମ୍ବାଦୀ, ମୁଖ୍ୟାଙ୍ଗ ପକଡ଼, ଗାୟନ ସମୟ ଇତ୍ୟାଦି ଉପାଦାନକୁ ନେଇ ରାଗର ସ୍ୱର ଓ ବର୍ଣ୍ଣ ଦ୍ୱାରା ସଜେଇ ହୋଇଥିବା ଧ୍ୱନି, ଯାହା ଲୋକଙ୍କର ମନକୁ ଆନନ୍ଦିତ କରିଥାଏ । ରାଗର ଆରୋହ ଓ ଅବରୋହରେ ସର୍ବନିମ୍ନ ଭାବରେ ପାଞ୍ଚଗୋଟି ସ୍ୱର ରହିବା ନିତାନ୍ତ ଆବଶ୍ୟକ । ନଚେତ୍ ରାଗ ସୃଷ୍ଟି ହେବା ଅସମ୍ଭବ ହୋଇଥାଏ । ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଏହାକୁ ରାଗାଙ୍ଗ ଗାୟନ କୁହାଯାଏ । ଶଙ୍କରାଭରଣ, କାମୋଦୀ, ମୁଖାରୀ, ଭୈରବୀ ଇତ୍ୟାଦି ରାଗଗୁଡ଼ିକର ନାମ ଅଟେ ।

**ତାଳ କ'ଣ ?**

ସଙ୍ଗୀତ ଗାୟନରେ ଯେଉଁ ତାଳ ବ୍ୟବହରା କରାଯାଏ, ତାହା ସଙ୍ଗୀତରେ ସମୟର ମାପ କରିବା ପାଇଁ ବ୍ୟବହୃତ ହୁଏ । ସାଧାରଣତଃ ଏହା ସଂପୂର୍ଣ୍ଣ ଗୀତରେ ସହଯୋଗିତା ପ୍ରଦାନ କରି ଏକ ସ୍ଥିର ଢାଞ୍ଚା ପ୍ରଦାନ କରିଥାଏ । ସଙ୍ଗୀତରେ ସମୟକୁ ସଠିକ୍ ଭାବରେ ବିଭାଜନ କରିବା ଏହାକୁ ତାଳି ଓ ଖାଲିଦ୍ୱାରା ଦେଖାଇ ଦିଆଯାଏ । ଏକତାଳୀ, ରୂପକ, ଖେମଟା, ଦାଦରା, ତ୍ରିପଟା, ତ୍ରିତାଲ, ଆଦିତାଳ ଇତ୍ୟାଦି ତାଳଗୁଡ଼ିକର ନାମ ଅଟେ । ରାଗ ଓ ତାଳ ବିଷୟରେ ତୁମର ସଙ୍ଗୀତ ଶିକ୍ଷକ ତୁମକୁ ବହୁତ ସହଜ ଓ ସରଳ ଭାବରେ ବୁଝାଇ ଦେବେ ।

**ତୁମେ ଜାଣିଛ କି ?**

କର୍ଣ୍ଣାଟକୀ ଏବଂ ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତିରେ ନିଜସ୍ୱ ରାଗ ଓ ତାଳ ଶୈଳୀ ଅଛି । ଯେତେବେଳେ ତୁମେମାନେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ସଂଯୋଜନା ଶିକ୍ଷା କରିଥାଅ, ସେତେବେଳେ ରାଗ ଓ ତାଳ ଜାଣିବା ନିତାନ୍ତ ଜରୁରୀ ହୋଇଥାଏ । ଏହା ଆମ ସଙ୍ଗୀତ ଶିକ୍ଷା କ୍ଷେତ୍ରରେ ବହୁତ ସହାୟତା ପ୍ରଦାନ କରିଥାଏ । ତୁମେ କୌଣସି ପ୍ରବନ୍ଧ ବା ବନ୍ଦିଶ୍ (ସାହିତ୍ୟ ରଚନାବଳୀ) ଗାଇବା ପୂର୍ବରୁ ରାଗର ଆରୋହ, ଅବରୋହ ଗାଇବା ସହିତ ଯେଉଁ ତାଳରେ ଗୀତଟିକୁ ଗାଇବ ସେହି ତାଳର ମାତ୍ରାନୁସାରେ ତାଳି ପକାଇ ଗାଇଲେ ତାହା ତୁମକୁ ଆନନ୍ଦ ଓ ଖୁସି ପ୍ରଦାନ କରିବ ।

କର୍ଣ୍ଣାଟକୀ ଓ ହିନ୍ଦୁସ୍ତାନୀ ସଙ୍ଗୀତ ଭଳି ଓଡ଼ିଶୀ ସଙ୍ଗୀତରେ ମଧ ନିଜସ୍ୱ ରାଗ ଓ ତାଳ ରହିଛି । ତୁମେମାନେ ଜାଣିବା ଆବଶ୍ୟକ ଯେ ଆମ ରାଜ୍ୟ ଓଡ଼ିଶା ସୁନ୍ଦର କଳା ସଂସ୍କୃତିର ଜନନୀ, ଓଡ଼ିଶୀ ସଙ୍ଗୀତ ପଦ୍ଧତି ଏକ ସୁନ୍ଦର ସଙ୍ଗୀତ ଶୈଳୀ, ଯାହା କଳା ଠାକୁର ଶ୍ରୀ ଜଗନ୍ନାଥଙ୍କୁ ଲାଗିହୋଇ ଅଧିକ ସୁନ୍ଦର ଓ ସରଳ ଓ ସାବଲୀଳ । ନିଜସ୍ୱ ରାଗ ରାଗିଣୀ ଓ ତାଳର ଛନ୍ଦ ଏହାକୁ ଏକ ସ୍ୱତନ୍ତ୍ର ଶ୍ରେଣୀର ସଙ୍ଗୀତ ଭାବେ ପରିଚୟ ପ୍ରଦାନ କରିଛି । ଓଡ଼ିଶୀ ସଙ୍ଗୀତର ମୁଖ୍ୟ ତାଳ ବାଦ୍ୟ ମର୍ଦ୍ଦଳ ସହିତ ମିଶି ଗୀତ ଗାଇଲେ ବହୁତ ଆନନ୍ଦ ଲାଗେ ।







https://withteachers.in/

# ତାଳ ଲୟର ଭାଷା :

### କୋନ୍ନାକୋଲ୍ କ'ଣ ?

ତୁମେ ବିଗତ ଶ୍ରେଣୀରେ ପଢ଼ିଚ ଓ ଜାଣିଛ ଯେ, ଆମେ ତାଳ ଆବୃତ୍ତି ପାଇଁ କିଛି ନିର୍ଦ୍ଦିଷ୍ଟ ବାଦ୍ୟାକ୍ଷର ଶବ୍ଦକୁ ବ୍ୟବହାର କରୁ । ଏହି ତାଳ ବାଦନର ଭାଷାକୁ କର୍ଣ୍ଣାଟକୀ ସଙ୍ଗୀତରେ 'କୋନ୍ନାକୋଲ୍' କୁହାଯାଏ । ସେହିପରି ହିନ୍ଦୁସ୍ତାନୀ ସଙ୍ଗୀତରେ ତାଳ ଆବୃତ୍ତି ବା ବାଦନର ଭାଷାକୁ ବୋଲ କୁହାଯାଏ । ସେହିପରି ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଏହାକୁ ଠେକା ବା ଧରଣ ବୋଲି କୁହାଯାଏ ।

### ତୁମେ ଜାଣିଛ କି ?

ଆମ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ବ୍ୟବହାର କରାଯାଉଥିବା ତାଳ ଯଥା : ଏକତାଳି, ଖେମଟା, ତ୍ରିପଟା, ରୂପକ,ଝମ୍ପା, ମଠା କୁଡୁକ, ଆଡତାଳୀ, ଯଦି ଓ ସରିମାନ ଇତ୍ୟାଦି ତାଳରେ ବ୍ୟବହାର କରାଯାଉଥିବା ବାଦ୍ୟାକ୍ଷରଗୁଡ଼ିକୁ ଉକୁଟ ବୋଲି କୁହାଯାଇଥାଏ । ଯାହାର ସ୍ୱରୂପ ହେଲା- ଧା, ତା, କିଟା, ଧେଇ, ଧିନା, ତାକ, ନା, ନାମ୍, ଧାକ୍ ଇତ୍ୟାଦି । ପ୍ରତ୍ୟେକ ତାଳର ମାତ୍ରଗୁଡ଼ିକୁ ଉକୁଟ ଦ୍ୱାରା ସଜାଯାଇଥାଏ, ଯାହାକୁ ଧରଣ ବୋଲି କୁହାଯାଇଛି । କେହି କେହି ଏହାକୁ ଠେକା ବୋଲି ମଧ କହିଥାଆନ୍ତି ।

ଏଠାରେ କୋନ୍ନାକୋଲ୍‌ର ତିନୋଟି ବାଦ୍ୟାକ୍ଷର ବା ବାଦନର ଭାଷା ଉଲ୍ଲେଖ ରହିଛି । ଯାହାକୁ ତୁମେ ପଢ଼ିବାକୁ ଚେଷ୍ଟା କରିବ ବା ଆବୃତ୍ତି କରିବାକୁ ଚେଷ୍ଟା କରିବ ।

୧. ତା କି ଟା
୨. ତା କ ଧି ମି
୩. ତା କ ଧି ମି ତା କ ଝଣୁ




ଯେତେବେଳେ ତୁମେ ବାଦ୍ୟାକ୍ଷରଗୁଡ଼ିକୁ ପୁନରାବୃତ୍ତି କର (ଯେପରିକି ତା, କି, ଟା କିଟା) ଯାହା ତୁମର ଏକ କୋନ୍ନାକୋଲ ଶୈଳୀ ଅଟେ । ଉପରେ ଲେଖାଯାଇଥିବା ପ୍ରତ୍ୟେକ ଗୀତ ସହିତ କେଉଁ କୋନ୍ନାକୋଲ୍ ଶୈଳୀ ଖାପ ଖାଉଛି ତୁମେ ଜାଣିଛ କି ?

ତୁମେମାନେ ତୁମ ଶ୍ରେଣୀର ଅନ୍ୟ ସାଥୀମାନଙ୍କ ସହିତ କୋନ୍ନାକୋଲ କରୁଥିବ କିମ୍ବା କିଛି ଛାତ୍ରମାନେ ଗୀତ ଗାଉଥିବ ଏବଂ କେହିକେହି ତାଳ ପକାଉଥିବ, ଏହି କାମ କରିବା ସମୟରେ ତାନ୍‌ପୁରା କିମ୍ବା ତାହାର ଆପ୍ ବ୍ୟବହାର କରିବାକୁ କେବେ ବି ଭୁଲିବ ନାହିଁ ।

https://withteachers.in/

## ହିନ୍ଦୁସ୍ତାନୀ ସଙ୍ଗୀତ :

### ବନ୍ଦୀଶ

ହିନ୍ଦୁସ୍ତାନୀ ସଙ୍ଗୀତରେ ଏକ ନିର୍ଦ୍ଦିଷ୍ଟ ରାଗ ଏବଂ ନିର୍ଦ୍ଦିଷ୍ଟ ତାଳରେ ସଂଯୋଜିତ ରଚନାକୁ ବନ୍ଦୀଶ କୁହାଯାଏ ।

**ରାଗ - ଭୂପାଳୀ**

ଆସ ଆମେ ରାଗ ଭୂପାଳୀରେ ଏକ ବନ୍ଦୀଶ ଶିଖିବା ଯାହାର ଆରୋହ ଏବଂ ଅବରୋହରେ ପାଞ୍ଚଟି ସ୍ୱର ଅଛି ।

ଆସ ପ୍ରଥମେ ରାଗ ଭୂପାଳୀରେ ଲାଗୁଥିବା ସ୍ୱରଗୁଡ଼ିକୁ ଗାଇବା ଓ ଅଭ୍ୟାସ କରିବା ।

**ଆରୋହ : ସା ରେ ଗା ପା ଧା ସାଂ**

**ଅବରୋହ : ସାଂ ଧା ପା ଗା ରେ ସା**

**ତାଳ : ତିନ୍‌ତାଳ**

**ମାତ୍ରା - ୧୬**

**ଭାଗ - ୪**

ତୁମ ଜାଣିବା ପାଇଁ-

ତାଳି ଚିହ୍ନ - ×, ୨, ୩, ୪, ଇତ୍ୟାଦି

ସମ୍ ଚିହ୍ନ - ×

ଖାଲି ଚିହ୍ନ - ୦

ବନ୍ଦୀଶଟି ତିନ୍‌ତାଲରେ ସଂଯୋଜିତ ହୋଇଛି । ଯାହାର ମାତ୍ର ସଂଖ୍ୟା ୧୬ ଅଟେ ।

ଆସ ଆମେ ତିନ୍ ତାଲ୍ ହାତରେ ପକେଇ ଶିଖିବ ।




ତାଳି - ୧, ୫, ୧୩ ମାତ୍ରା ଉପରେ ତାଳି ପଡ଼ିବ

ଖାଲି - ୯ ମାତ୍ରା ଉପରେ ହେବ

| ତାଳ ଚିହ୍ନ | × | | | | ୨ | | | | 0 | | | | ୩ | | | |
|---|---|---|---|---|---|---|---|---|---|---|---|---|---|---|---|---|
| ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ବୋଲ୍ | ଧା | ଧିଂ | ଧିଂ | ଧା | ଧା | ଧିଂ | ଧିଂ | ଧା | ଧା | ତିଂ | ତିଂ | ତା | ତା | ଧିଂ | ଧିଂ | ଧା |




https://withteachers.in/

# ବନ୍ଦୀଶ - ନମନ କର ଚତୁର

ତିନ୍ ତାଲ୍

ରଚନା - ପଣ୍ଡିତ ବିଷ୍ଣୁ ନାରାୟଣ ଭାତ୍‌ଖଣ୍ଡେ

ନମନ କର ଚତୁର ଶ୍ରୀଗୁରୁ ଚରଣ
ତନ-ମନ ନିରିମଲ କର ଭାବ ତାରଣ
ଜେଇ ଜେଇ ଧାବତ ଶୁଭ ଫଲ ପାବତ
ଜନମ ମରଣ ସବ ଦୁଃଖ ନିସ୍ତାରଣ

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
|---|---|---|---|---|---|---|---|---|---|---|---|---|---|---|---|---|
| ବୋଲ୍ | ଧା | ଧିଂ | ଧିଂ | ଧା | ଧା | ଧିଂ | ଧିଂ | ଧା | ଧା | ତିଂ | ତିଂ | ତା | ତା | ଧିଂ | ଧିଂ | ଧା |
| | | | | | | | | | | | | | | | | |
| ଗୀତ | | | | | | | | | ନ | ମ | ନ | କ | ର | ଚ | ତୁ | ର |
| ସ୍ୱରଲିପି | | | | | | | | | ସାଂ | ସାଂ | ଧା | ପା | ଗା | ରେ | ସାଂ | ରେ |
| | | | | | | | | | | | | | | | | |
| ଗୀତ | ଶ୍ରୀ | S | ଗୁ | ରୁ | ଚ | ର | ଣ | S | ତ | ନ | ମ | ନ | ନି | ରି | ମ | ଲ |
| ସ୍ୱରଲିପି | ସା | ଧା | ସା | ରେ | ଗା | ରେ | ଗା | - | ଗା | ଗା | ପା | ଧା | ସାଂ | ଧା | ସାଂ | ସାଂ |
| | | | | | | | | | | | | | | | | |
| ଗୀତ | କ | ର | ଭ | ବ | ତା | ର | ଣ | S | | | | | | | | |
| ସ୍ୱରଲିପି | ସାଂ | ପା | ଧା | ପା | ଗା | ରେ | ସା | - | | | | | | | | |
| | | | | | | | | | | | | | | | | |
| ଗୀତ | | | | | | | | | ଜେ | ଇ | ଜେ | ଇ | ଧା | S | ବ | ତ |
| ସ୍ୱରଲିପି | | | | | | | | | ଗା | ଗା | ଗା | ଗା | ପା | – | ସାଂ | ଧା |
| | | | | | | | | | | | | | | | | |
| ଗୀତ | ଶୁ | ଭ | ଫ | ଲ | ପା | ଆ | ବ | ତ | ଜ | ନ | ମ | ମ | ର | ଣ | ସ | ବS |
| ସ୍ୱରଲିପି | ସାଂ | ସାଂ | ସାଂ | ସାଂ | ସାଂ– | ରେଂ | ସାଂ | ସାଂ | ସାଂ | ରେଂ | ଗାଂ | ରେଂ | ସାଂ | ରେଂ | ସାଂ | ପାଧା |
| | | | | | | | | | | | | | | | | |
| ଗୀତ | ଦୁ | ଖ | ନି | ସ | ତା | ର | ଣ | ~ | | | | | | | | |
| ସ୍ୱରଲିପି | ସାଂ | ପା | ଧା | ପା | ଗା | ରେ | ସା | ~ | | | | | | | | |

## ଆମ ଓଡ଼ିଶୀ ସଙ୍ଗୀତ

ତୁମେମାନେ ଜାଣିଛ ଯେ ଆମ ରାଜ୍ୟ ଓଡ଼ିଶାର କଳା ଓ ସଂସ୍କୃତି ଅତି ମହାନ୍ । ଆମର ସମସ୍ତ କଳା ସଂସ୍କୃତି ମଧ୍ୟରୁ ଓଡ଼ିଶୀ ସଙ୍ଗୀତକୁ ନେଇ ଆମେ ଗର୍ବିତ ଓ ଗୌରବାନ୍ୱିତ । ଆମ ଓଡ଼ିଶୀ ସଙ୍ଗୀତ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଅଥବା ଆଜକୁ ଦୁଇ ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଇତିହାସରୁ ଜଣାଯାଏ । ରାଜା ଐର ଖାରବେଳଙ୍କ କଥା ତୁମେମାନେ ବିଭିନ୍ନ ଗପ ବା କାହାଣୀ ମାଧ୍ୟମରେ ନିଶ୍ଚୟ ଶୁଣିଥିବ । ସେହି ମହାନ୍ ରାଜା ଖାରବେଳ ଜଣେ ସଙ୍ଗୀତପ୍ରିୟ ରାଜା ଥିଲେ । ତାଙ୍କ ରାଜତ୍ୱ ସମୟରେ ଓଡ଼ିଶୀ ସଙ୍ଗୀତର ପ୍ରଚାର ପ୍ରସାର ହୋଇଥିବା ଭୁବନେଶ୍ୱରର ଉଦୟଗିରିରେ ଥିବା ହାତୀ ଗୁମ୍ଫା ଶିଳାଲେଖରେ ଲେଖାଯାଇଅଛି ।

ନିଜସ୍ୱ ରାଗ, ରାଗିଣୀ ଓ ତାଳକୁ ଆଧାର କରି ଓଡ଼ିଶୀ ଧ୍ରୁବପଦାଙ୍ଗ, ଓଡ଼ିଶୀ ରାଗାଙ୍ଗ, ଓଡ଼ିଶୀ ଭାବାଙ୍ଗ ଏବଂ ଓଡ଼ିଶୀ ନାଟ୍ୟାଙ୍ଗ ପ୍ରବନ୍ଧ ଗୀତ ଓଡ଼ିଶାର ବିଭିନ୍ନ କବିମାନଙ୍କ ଦ୍ୱାରା ରଚନା କରାଯାଇଅଛି । ତାହା ସହିତ ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ ଜଣାଣ, ଶ୍ରୀ ଗୀତିଗୋବିନ୍ଦ, ପଲ୍ଲବୀ ଇତ୍ୟାଦି ଓଡ଼ିଶୀ ସଙ୍ଗୀତର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପର୍ଯ୍ୟାୟ ଅଟେ । ଯାହା ଉଚ୍ଚାଙ୍ଗ ଶ୍ରେଣୀର ସଙ୍ଗୀତ ବା ଶାସ୍ତ୍ରୀୟ ସଙ୍ଗୀତ ଅଟେ । କବି ବନମାଳୀ, ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଭକ୍ତଚରଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ଶ୍ରୀ ଜୟଦେବ ଇତ୍ୟାଦିଙ୍କ ଭକ୍ତିପୂର୍ଣ୍ଣ ସାହିତ୍ୟ ଓଡ଼ିଶୀ ସଙ୍ଗୀତର ଶରୀର ସଦୃଶ । ମର୍ଦ୍ଦଳ ଏହାର ମୁଖ୍ୟ ଏକମାତ୍ର ସହଯୋଗୀ ତାଳବାଦ୍ୟ ଅଟେ । ପୂର୍ବରୁ ତୁମେମାନେ ଓଡ଼ିଶୀ ସଙ୍ଗୀତରେ ବ୍ୟବହାର କରାଯାଉଥିବା ବିଭିନ୍ନ ତାଳ ଓ ତାଳବାଦ୍ୟ ମର୍ଦ୍ଦଳ ବିଷୟରେ କିଛି କିଛି ନୂଆ କଥା ଜାଣିଛ । ଆଗକୁ ମଧ୍ୟ ଜାଣିବ ।

**ପ୍ରବନ୍ଧ :** ରାଗ ଓ ତାଳରେ ସଂଯୋଜିତ କବିମାନଙ୍କର ସାହିତ୍ୟ ରଚନା ଯାହା ଓଡ଼ିଶୀ ସଙ୍ଗୀତରେ ଗାୟନ କରାଯାଏ ତାହାକୁ ଆମେ ପ୍ରବନ୍ଧ ବୋଲି କହିବା । ହିନ୍ଦୁସ୍ତାନୀ ସଙ୍ଗୀତରେ ଏହାକୁ ବନ୍ଦିଶ୍ ଓ କର୍ଣ୍ଣାଟକୀ ସଙ୍ଗୀତରେ ଏହାକୁ କୃତି ବୋଲି କୁହାଯାଇଥାଏ ।

## ରାଗ : ବିଲାହାରୀ

**ରାଗର ପରିଚୟ :** ବିଲାହାରୀ ରାଗରେ ସମସ୍ତ ସ୍ୱର ଶୁଦ୍ଧ ଲାଗେ । ଆରୋହରେ (ମ)ମଧ୍ୟମ ଓ (ନି)ନିଷାଦ ସ୍ୱର ଲାଗେ ନାହିଁ । ଅବରୋହରେ ସମସ୍ତ ସ୍ୱର ଶୁଦ୍ଧ ଲାଗେ ।

**ଶାସ୍ତ୍ରୀୟ ପରିଚୟ :** ମେଳ : ନଟ

ଆରୋହ : ସା ରେ ଗା ପା ଧା ସାଂ

ଅବରୋହ : ସାଂ ନି ଧା ପା ମା ଗା ରେ ସା

ଜାତି : ଔଡବ + ସଂପୂର୍ଣ୍ଣ

ବାଦୀ : ଗାନ୍ଧାର

ସଂବାଦୀ : ଧୈବତ

**ଗାୟନ ସମୟ :** ରାତ୍ର ପ୍ରଥମ ପ୍ରହର

**ମୁଖ୍ୟାଙ୍ଗ :** ସାରେଗାରେଗା, ଗାପାମାଗାରେସା

**ପ୍ରବନ୍ଧ :** ଆଜି ମୁଁ ଦେଖିଲି ଘନଶ୍ୟାମକୁ ଗୋ

**ରଚନା :** ରାମକୃଷ୍ଣ

**ତାଳ :** ଏକତାଳୀ



ସିଂହାରୀ ଶ୍ୟାମସୁନ୍ଦର କର

**ଏକତାଳି ତାଳର ଧାରଣ :**

| ୧ | ୨ | ୩ | ୪ |
|---|---|---|---|
| ତାଽ | ଽତି | ନାଽତେରେକେଟେ | ତାକଥିନି |



https://withteachers.in/

ଏହି ତାଳ ୪ ମାତ୍ରା ବିଶିଷ୍ଟ ଅଟେ । ଏହାର ଭାଗ ସଂଖ୍ୟା ୧ ଏବଂ ଛନ୍ଦ ମଧ୍ୟ ୧ । ଏହି ତାଳରେ ଗୋଟିଏ ମାତ୍ର ତାଳି ଅଛି ଯାହା ପ୍ରଥମ ମାତ୍ରାରେ ହିଁ ପଡ଼େ । ଖାଲି ବା ଫାଙ୍କ୍ ନାହିଁ ।

**ପ୍ରବନ୍ଧ**

**ରଚନା : ରାମକୃଷ୍ଣ**

**ତାଳ : ଏକତାଳି**

ସ୍ଥାୟୀ : (ସଖି) ଆଜ ମୁଁ
ଦେଖିଲି ଘନଶ୍ୟାମକୁ, ଗୋ

ଅନ୍ତରା : ସେବତୀ ପାଖୁଡ଼ା ବେଢା
ସତୀଙ୍କ ବରତ ଛଡ଼ା,
କିଛି ଢଳିଅଛି ଚୂଳ ବାମକୁ ଗୋ ।। ୧ ।।
ତା’ ଛବି ଉପରେ ମିତ,
ପଡ଼ି ବୁଡ଼ିଗଲା ଚିତ୍ତ,
କେ ଗଢ଼ିଛି ଏ ସୁନ୍ଦର ଧାମକୁ ଗୋ ।। ୨ ।।
ଆହା ସେ ଲାବଣ୍ୟ ମୂର୍ତ୍ତି,.
ଦର୍ଶନେ ହରିବ ଧୃତି,
ନିଉଛାଳି ହେବି ନନ୍ଦକାହ୍ନୁକୁ, ଗୋ ।। ୩ ।।

ଭଣିତା : ରାମକୃଷ୍ଣ ବୋଲେ ମିତ,
ଯାହା ହେଉଅଛି ଚିତ୍ତ,
ପୂର୍ଣ୍ଣକରି ନ ପାରିଲି କାମକୁ ଗୋ ।। ୪ ।।

## ସ୍ୱରଲିପି

| ଘୋଷା : | ୧ | ୨ | ୩ | ୪ |
|---|---|---|---|---|
| | – | – | – | ସାରେ |
| | s | s | s | ଆଜ |
| | ଗା | – | – | ଗା |
| | ମୁଁ | s | s | ଦେ |
| | ଗା | ମାଗା | ରେରେ | ଗାଗା |
| | ଖିs | ଲିs | sଘ | ନs |
| | ରେସା | –ସା | ରେଗା | –ଗା |
| | ss | sଶ୍ୟା | sମ | sକୁ |
| | ଗାମାଗାପା | ମାଗା | ରେସା | ସାରେ |
| | ଗୋsss | ss | ss | ଆଜ |
| | ଗା | | | |
| | ମୁଁ | | | |
| | × | | | |
| | – | –ଗା | ଗାପା | –ଧା |
| | s | sଦେ | ଖିଲି | sଦେ |
| | ସାଂ– | ନି– | ଧା– | ପା– |
| | ଖିs | ଲିs | ଘs | ନs |
| | – | ପା | ପାଧା | ଧା |
| | s | sଶ୍ୟା | sମ | sକୁ |
| | ପାଧା | ପାମା | ଗାରେ | ସାରେ |
| | ଗୋs | ss | ss | ଆଜ |
| | ଗା | | | |
| | ମୁଁ | | | |
| | × | | | |

| ଅନ୍ତରା: | ୧ | ୨ | ୩ | ୪ |
|---|---|---|---|---|
| | – | –ଗା | ଗାପା | –ଧା |
| | s | sସେ | ବତୀ | sପା |
| | ସାଂନି | ଧାପା | ଧାରେଂ | ସାଂ– |
| | ଖୁs | ଡାs | ବେs | ଢ଼ାs |
| | – | –ସାଂ | ରେଂ–ସାଂରେଂ | ଗାଂରେଂ |
| | s | sସ | ତୀs ଙ୍କs | sବ |
| | ସାଂ | ସାଂନି | ଧାଧା | ଧାସାଂନି- |
| | ର | ତs | ଛs | ଡାsss |
| | ଧାପା | -ଗା | ଗାପା | -ଧା |
| | ss | sକି | ଛିଢ଼ | sଳି |
| | ସାଂ– | ନି– | ଧା– | ପା– |
| | ଅs | ଛିs | ଚୂs | ଳs |
| | – | –ପା | ଗାଧା | –ଧା |
| | s | sବା | sମ | sକୁ |
| | ପାଧା | ପାମା | ଗାରେ | ସାରେ |
| | ଗୋs | ss | ss | ଆଜ |
| | ଗା | | | |
| | ମୁଁ | | | |

ଏହି ଗୀତଟିକୁ ହାରମୋନିୟମ୍‌ରେ ବଜାଇବାକୁ ଚେଷ୍ଟାକର ଓ ଗାଇବା ଶିଖ ।

https://withteachers.in/

| ମାନନିର୍ଦ୍ଧାରଣ ଅଧ୍ୟାୟ - ୧୦ - ସଙ୍ଗୀତ ପ୍ରସ୍ତୁତ କରିବା | | | |
|---|---|---|---|
| ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୨.୨ | ସଙ୍ଗୀତ ଉପାଦାନଗୁଡ଼ିକୁ ବୁଝ ଯେପରି ରାଗ, ତାଳ, ଲୟ, ସ୍ୱର ଇତ୍ୟାଦି। | | |
| ୧.୧ | ସରଳ କୋନ୍ନାକୋଲ୍ (ବାଣୀ ବା ଠେକା) ପଦ୍ଧତି ଶିଖ ଏବଂ ପାଠ କର । | | |
| ୨.୨ | ରାଗର ଆରୋହ ଏବଂ ଅବରୋହ (ଊର୍ଦ୍ଧ୍ୱ ଗତି ଓ ନିମ୍ନଗତି) ସ୍ୱରାଧାର ଗାନ କରିବା। | | |
| ୧.୧ | ଗୀତ ଶୁଣିବା ସମୟରେ ତାଳ ପକାଅ ବା ତାଳରମାତ୍ରାଗୁଡ଼ିକ ଗଣନା କର । | | |
| ୩.୧ | ନୂତନ ଗୀତ ଏବଂ ସଙ୍ଗୀତର ପ୍ରକାର ଶିଖିବାକୁ ଆଗ୍ରହ ରଖ । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ____________________

____________________



https://withteachers.in/

## ଅଧ୍ୟାୟ - ୧୧

# ଗୀତ ଏବଂ କାହାଣୀ



ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ବାଉଲ ଗୀତ, ଓଡ଼ିଶୀ ସଙ୍ଗୀତ, ଛାନ୍ଦ, ଚମ୍ପୂ, ନାଟ୍ୟାଙ୍ଗ, ଭାବାଙ୍ଗ, ଚଉତିଶା, ଗୀତଗୋବିନ୍ଦ, ଚଳଚ୍ଚିତ୍ର ସଙ୍ଗୀତ ଇତ୍ୟାଦି ଅନେକ ପ୍ରକାରର ସଙ୍ଗୀତ ତୁମେ ଶୁଣିଥିବ ।

ବିଭିନ୍ନ ପ୍ରକାରର ସଙ୍ଗୀତର ଧ୍ୱନି ଭିନ୍ନ ଭିନ୍ନ ହୋଇଥାଏ। ସେହିସବୁର ଗାୟନ ଶୈଳୀ, ଢାଞ୍ଚା, ଉତ୍ପତ୍ତି, ବାଦ୍ୟଯନ୍ତ୍ରର ଭିନ୍ନ ଭିନ୍ନ ବିଶେଷତା ଏବଂ ଉଦ୍ଦେଶ୍ୟ ରହିଛି ।



କୌଣସି ଏକ ସଙ୍ଗୀତ ପରିବେଷଣରେ ତା'ର ଲକ୍ଷଣ, ବୈଶିଷ୍ଟ୍ୟ, ଧ୍ୱନି ଓ ଶୈଳୀରୁ ତାହା କେଉଁ ପ୍ରକାରର ସଙ୍ଗୀତ ତାହା ଆମେ ଜାଣିପାରୁ ।

ତୁମେ ଶୁଣିଥିବା ସଙ୍ଗୀତଟି କେଉଁ ପ୍ରକାରର ସଙ୍ଗୀତ ଓ ତାହାର ଭିନ୍ନତା ବିଷୟରେ ତୁମେ କିଛି କହିପାରିବ କି ?

ଆମେ ସାଧାରଣତଃ ସଙ୍ଗୀତକୁ ଚାରୋଟି ମୁଖ୍ୟବର୍ଗରେ ବିଭାଜନ କରିପାରିବା । ଯଥା-

୧. ଲୋକ ସଙ୍ଗୀତ- ଲୋକ ସଙ୍ଗୀତ-ବାଉଲ୍, ସମ୍ବଲପୁରୀ ଇତ୍ୟାଦି

୨. ଶାସ୍ତ୍ରୀୟ ସଙ୍ଗୀତ - ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ

୩. ଅନ୍ୟାନ୍ୟ ସଙ୍ଗୀତ ପଦ୍ଧତି- ଓଡ଼ିଶୀ ସଙ୍ଗୀତ

୪. ଅନ୍ୟାନ୍ୟ ପାରମ୍ପରିକ ରୂପ ଭକ୍ତି ସଙ୍ଗୀତ, ରବୀନ୍ଦ୍ର ସଙ୍ଗୀତ, ଉପଶାସ୍ତ୍ରୀୟ ସଙ୍ଗୀତ ଇତ୍ୟାଦି ।

୫. ଲୋକପ୍ରିୟ ବା ସୃଜନଶୀଳ ସଙ୍ଗୀତ ଯଥା- ଚଳଚ୍ଚିତ୍ର ସଙ୍ଗୀତ, ପପ୍ ସଙ୍ଗୀତ ଇତ୍ୟାଦି..... ।

https://withteachers.in/

## କ୍ରିୟାକଳାପ - ୧୧.୧ ଶୈଳୀ ଚିହ୍ନଟ କର

ନିମ୍ନଲିଖିତ ସଙ୍ଗୀତ ନମୁନାଗୁଡ଼ିକୁ ଅନ୍‌ଲାଇନ୍‌ରେ ଶୁଣ ଏବଂ ସେଗୁଡ଼ିକ କେଉଁ ଧାରା ବା ଶୈଳୀର, ତାହା ଚିହ୍ନଟ କର ।

୧. ପ. ହରିପ୍ରସାଦ ଚୌରାସିଆଙ୍କ ଦ୍ୱାରା ରାଗ-ଭୂପାଳୀରେ ବଂଶୀବାଦନ

୨. ୟେ ଦୋସ୍ତି ହମ୍ ନହିଁ ତୋଡ଼େଙ୍ଗେ

୩. ପଦ୍ମଶ୍ରୀ ଶ୍ୟାମାମଣୀ ପଟ୍ଟନାୟକଙ୍କ ଦ୍ୱାରା- କାହିଁ ଗଲେ ମୁରଲୀ ଫୁଙ୍କା ଓଡ଼ିଶୀ ସଙ୍ଗୀତ ଗାୟନ ।

୪. ମାଙ୍ଗାନିୟର୍ ସଂଗୀତଜ୍ଞଙ୍କ ଦ୍ୱାରା କେସରିଆ ବଲମା ଗାୟନ

୫. ଅକ୍ଷୟ ମହାନ୍ତିଙ୍କ ଦ୍ୱାରା - ଯା ଯାରେ ଭାସି ଭାସିଯା, ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ ।

### ସଙ୍ଗୀତର ଆବଶ୍ୟକତା :

ଆମ ଜୀବନରେ ସଙ୍ଗୀତର ଆବଶ୍ୟକତା କ'ଣ ଅଛି, ସେ ବିଷୟରେ କେବେ ଭାବିଛ କି ? ସଙ୍ଗୀତରେ ଆମେ ଗପକୁ ଅନୁଭବ କରୁ । ଏହି ସଙ୍ଗୀତ ଆମକୁ ଭାବପ୍ରବଣ କରାଏ । ବିଭିନ୍ନ ପାରମ୍ପରିକ ଉତ୍ସବକୁ ଆମେ ଖୁସିର ସହିତ ପାଳନ କରୁ ।

ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣୀମାନଙ୍କରେ, ଅନେକ ସଂସ୍କୃତି ଓ ଅନେକ ଭାଷାରେ, ବିଭିନ୍ନ ସ୍ୱତନ୍ତ୍ର ପର୍ବକୁ ନେଇ ସ୍ୱତନ୍ତ୍ର ଗୀତ ରହିଛି । କେତେକ ସମୟରେ ସେଇ ସମାନ ଉତ୍ସବ ବିଭିନ୍ନ ଗୋଷ୍ଠୀର ଲୋକଙ୍କ ଦ୍ୱାରା ଭିନ୍ନ ଭିନ୍ନ ସମୟରେ ଓ ଭିନ୍ନଭିନ୍ନ ଉପାୟରେ ପାଳିତ ହୁଏ ।

**ତୁମେ ଜାଣିଛ କି ?**

ଶସ୍ୟ ଅମଳ ପର୍ବ ସାରା ଭାରତରେ ପାଳନ କରାଯାଏ । କିନ୍ତୁ ଏହାର ଅନେକ ଅଞ୍ଚଳରେ ଭିନ୍ନ ଭିନ୍ନ ନାମ ରହିଛି । ତୁମ ଅଞ୍ଚଳରେ ଏହାକୁ କ'ଣ କୁହାଯାଏ ?



ପ. ହରିପ୍ରସାଦ ଚୌରାସିଆଙ୍କ ଦ୍ୱାରା ରାଗ ଭୂପାଳୀ ବାଦନ



ୟେ ଦୋସ୍ତି ହମ୍ ନହିଁ ତୋଡ଼େଙ୍ଗେ



ପଦ୍ମଶ୍ରୀ ଶ୍ୟାମାମଣୀ ପଟ୍ଟନାୟକ



ଅକ୍ଷୟ କୁମାର ମହାନ୍ତି



https://withteachers.in/

## କ୍ରିୟାକଳାପ - ୧୧.୨

## ଶସ୍ୟ ଅମଳ ସଙ୍ଗୀତ



ଦେଶର କିଛି ଶସ୍ୟ ଅମଳ ପର୍ବର ନାମ କୁହ :



"ଧାନ ପାଚିଲା ଧାନ ପାଚିଲା ଚାଷୀ ଗାଇଲେ ଗୀତ,
ଆସରେ କିଏ ଖେତକୁ ଯିବ ମାଡ଼ି ଆସିଲା ଶୀତ ।
ଧାନ ପାଚିଲା ଖେତରେ
ଆମେ ଗାଇବା ଗୀତରେ
ତୁମେ ଆମେ ଖୁସି ହୋଇବା ଚାଷୀ ଭାଇଙ୍କ ହିତରେ । ୧ ।
ଧାନ ପାଚିଲା ଧାନ ପାଚିଲା କାକର ଗଲା ପଡ଼ି
ଶ୍ରାବଣ ପରି ନାହିଁରେ ଆଉ ବାଆ-ବରଷା ଝଡ଼ି ।
ଖେତ ହୋଇଛି ସୁନେଲି
କାକର ହୋଇଛି ରୂପେଲି
ଶୋଭା ପସରା ମେଲି ଦେଇଛି ଭରି ନେବାରେ ଟୋପଲି । ୨ ।
'ଧାନ ପାଚିଲା ଧାନ ପାଚିଲା' ଚଢ଼େଇ ହେଲେ ଖୁସି
ଟିକି ଥଣ୍ଟରେ ଧାନ ଟୁଙ୍କିଲେ ହିଡ଼ ମୁଣ୍ଡରେ ବସି
ପେଟ ପୂରିଲା ଘଡ଼ିକେ
ଉଡ଼ିଲା ଦେଇ ରଡ଼ି କେ,
ଧାନ ସାଉଁଟି ଖାଇବ ଆସ ଗୁଡ଼ିଆ ଘରୁ ମୁଢ଼ିକେ । ୩ ।
ଧାନ ପାଚିଲା ଧାନ ପାଚିଲା ଦେଖିବୁ ଭାଇ ଆ'
ଚାଷୀଏ ବସି କମାରଶାଳେ ପଜଉଛନ୍ତି ଦା' ।
ଧାନ କାଟିବେ ଦା'ରେ
ଦେଖିବୁ ଯେବେ ଆ'ରେ
ଶଙ୍କର ଓଝା କମାରଶାଳ ଶ୍ରୀମନ୍ତ ପୁର ଗାଁରେ । ୪ ।



**ବି.ଦ୍ର. :** ସଙ୍ଗୀତ ଶିକ୍ଷକ ଏହି ଗୀତଟିର ସ୍ୱର ସଂଯୋଜନା କରି ଛାତ୍ରଛାତ୍ରୀମାନଙ୍କୁ ଶିଖାଇବେ । ଯେପରି ଏହା ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ସହଜରେ ଗ୍ରହଣୀୟ ହେବ ।

https://withteachers.in/

# ପଞ୍ଜାବୀ ଗୀତ

**ରଚନା : ସୁରଜିତ୍ ରାମପୁରୀ**

**ସଙ୍ଗୀତ : ତୀରଥ ରାମ ଆଜାଦ**



ଇକ ବାଗ ଦେ ଫୁଲ ଅସିଂହାଁ
ଇକ ଅରଶ ଦେ ତାରେ
କୌନ ଅସାଁଦି ଖୁସବୁ ଖୋହବେ
ହନେରେ କୌନ ପସାରେ ।।୦ ।।

ଛଲ ଛଲ କରଦେ ବଗଦେ ନାଲେ
ଦରୟାବାଁ ଦେ ଅସିଁ ଉଛାଲେ
ଦୋସତିୟାଁ ତେ କଁଡିୟାଁ ଅଁଦର
ରହଁବେ ହାଁ ମିଲ ସାରେ ।।୧ ।।

କଦମ ମିଲାକେ ଟୁରଦେ ଜାଇୟେ
କଦମ କଦମ ତୋ ହୋତ ଜଗାଇୟେ
ଜିଥ୍ୟେ କଦମ ଅସି ହାଁ ରଖଦେଁ,
ମିଟେ ଜାଁଦେ ଅଁଧିୟାରେ ।।୨ ।।

ଝୋଲେ ଅସାଁଦୀ ଗୀତ ଛୁପେ ନେ,
ପ୍ୟାରାଁ ଦେ ସଙ୍ଗୀତ ଛୁପେ ନେ
ମିତ୍ରତା ଦେ ମୀତ ଅଦସି ହାଁ
ନଫରତନୁଁ ଅଁଗାରେ ।।୩।।

**ଏହି ଗୀତର ଅର୍ଥ:** ଆମେ ଏକ ବଗିଚାର ଫୁଲ ଓ ଆକାଶର ତାରା ଅଟୁ। ଆମ ଠାରେ ଥିବା ବାସ୍ନାକୁ କେହି ଛଡାଇ ନେଇ ଯାଇ ପାରିବେ ନାହିଁ। କେହି ଅନ୍ଧାର ମଧ କରିପାରିବେ ନାହିଁ। ଛୋଟ ନଦୀ ଛଳ ଛଳ ଗତିରେ ବୋହିଯାଉଛି ସେହିପରି ସମୁଦ୍ରର ଲହରୀ ଉଚ୍ଚକୁ ଉଚ୍ଚକୁ ଉଚ୍ଛୁଳି ଉଠୁଛି। ଆମେ ସମସ୍ତେ ମିଳିମିଶି ସେହିଠାରେ ରହୁଛୁ। ପାଦକୁ ପାଦ ମିଳାଇ ଚାଲୁଛୁ। ପ୍ରତି ଚାଲିରୁ ଯେମିତି ଜ୍ୟୋତି ବାହାରୁଛି। ଯେଉଁଠାକୁ ଆମେ ପାଦ ବଢ଼ାଉଛେ ସେଠାରୁ ଅନ୍ଧକାର ଦୂରେଇ ଯାଉଛି। ଆମ ପଣତ ବା ଚୁନେରିରେ ଗୀତ ଲୁଚିରହୁଛି। ଆଉ, ଆମେ ସାଥୀମାନଙ୍କ ପାଇଁ ଭଲ ସାଥୀ ଓ ଦୁଷ୍ଟ ଓ ଶତ୍ରୁମାନଙ୍କ ପାଇଁ ଅଗ୍ନି ଅଟୁ।



https://withteachers.in/

## ସଙ୍ଗୀତ ଶୈଳୀ

# ଓଡ଼ିଆ ଲୋରୀ ଗୀତ

ଆସ ଦୁଇ ପ୍ରକାର ଶୈଳୀର ଗୀତ ଶିଖିବା । ଗୋଟିଏ ଲୋରୀ ଗୀତ ଏବଂ ଅନ୍ୟଟି ଦେଶାତ୍ମବୋଧକ ଗୀତ ।

### କାର୍ଯ୍ୟକଳାପ ୧୧.୩

ବିଲରେ ପାଚଇ ରଙ୍ଗଣୀ ଧାନ ଗୋ
ହୋଓରେ ବାଇଆ ହୋଓ
ଯେଉଁ କିଆରୀରେ ବହୁତ ଧାନ ତୁ
ସେଇ କିଆରୀରେ ଶୋଓ ।

ଟୁଣୁ ଟୁଣୁ ପାଚି ବାସନା ଧାନ ଗୋ
ନାଲି ଗୁଲୁଗୁଲୁ ଦିଶେ
ଥାଳି ଚାଳିଦେଲେ ଗୋଟିଏ ପାଖରୁ
ବୁଲିଣ ଆସିବ କି ସେ ।
ଭୋଦୁଅ ମାସରେ ମାଣ୍ଡିଆ ପାଚଇ
ହୋଓରେ ବାଇଆ ହୋଓ,
ଯେଉଁ କିଆରିରେ ଗହଳ ମାଣ୍ଡିଆ
ସେଇ କିଆରିରେ ଶୋଓ ।
ମାଣ୍ଡିଆ ବାରିରେ ଶଳରାବାଡ଼ ଗୋ
ଟୋକେଇ କୁଣ୍ଡେଇ ଫୁଲ,
ଟୋପଲି ଧରିଣ କୃଷ୍ଣ ତୋଳିବ ଗୋ
କିଏ ଦେବ ତା'ର ମୂଲ ?

ଥିରି ଥିରି କରି ତୋଳିବୁ କୃଷ୍ଣରେ
କଣ୍ଟା ପଶିଯିବ ହାତେ
ଲକ୍ଷେ ଚମ୍ପାଦେଇ କେତେ ଆତୁରରେ
ଧନରେ ପାଇଛି ତୋତେ...... ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ:**

ଏହି ଗୀତଟିକୁ ସ୍ୱର ସଂଯୋଜନା କରି ଛାତ୍ରଛାତ୍ରୀମାନଙ୍କୁ ଶିଖାଇବେ । ଯାହା ସେମାନଙ୍କ ଦ୍ୱାରା ସହଜ ଓ ଆରାମଦାୟକ ହେବ ।

https://withteachers.in/

## ★ କ୍ରିୟାକଳାପ - ୧୧.୪ ଦେଶାତ୍ମବୋଧକ ଗୀତ (ହିନ୍ଦୀ)



ଲୋକମାନଙ୍କୁ ଏକାଠି କରିବା ସହିତ ସେମାନଙ୍କ ମନରେ ଦେଶପ୍ରେମ ଭାବନା ଜାଗ୍ରତ କରାଇବା କ୍ଷେତ୍ରରେ ଦେଶଭକ୍ତି ଗୀତଗୁଡ଼ିକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏଠାରେ ଅନେକ ଗୀତ ରହିଛି ଯାହାକୁ ତୁମେମାନେ ସମ୍ମିଳିତ ଭାବରେ ଗାଇପାରିବ ।

ଏଠାରେ କିଛି ପ୍ରିୟ ଦେଶାତ୍ମବୋଧକ ଗୀତଗୁଡ଼ିକ ରହିଛି । ଅନ୍‌ଲାଇନ୍‌ରେ ଗୀତଗୁଡ଼ିକୁ ଖୋଜ ଏବଂ ସମ୍ମିଳିତ ଭାବରେ ଗାଇବା ଶିଖ ।

୧. ନହ୍ନା ମୁନ୍ନା ରାହି ହୁଁ
ରଚନା - ନୌଶଦ
ଗୀତିକାର - ଶକିଲ୍ କଦାୟୁନି
ନହ୍ନା ମୁନ୍ନା ରାହି ହୁଁ,
ଦେଶ କା ସିପାହୀ ହୁଁ
ବୋଲୋ ମେରେ ସଙ୍ଗ ଜୟ ହିନ୍ଦ୍, ଜୟ ହିନ୍ଦ୍
ଜୟ ହିନ୍ଦ୍, ଜୟ ହିନ୍ଦ୍, ଜୟ ହିନ୍ଦ୍ ।

୨. ଆଓ ବଚ୍ଚୋଁ ତୁମ୍‌ହେ ଦିଖାୟେଁ
ରଚନା - ହେମନ୍ତ କୁମାର
ଗୀତିକାର - କବି ପ୍ରଦୀପ

ଆଓ ବଚ୍ଚୋଁ ତୁମ୍‌ହେ ଦିଖାଏଁ ଝାଙ୍କି
ହିନ୍ଦୁସ୍ତାନ କି
ଇସ୍ ମିଟ୍‌ଟି ସେ ତିଲକ୍ କରୋ ୟେ ଧର୍‌ତି ହୈ
ବଲିଦାନ୍ କି
ବନ୍ଦେ ମାତରମ୍ ବନ୍ଦେ ମାତରମ୍
ବନ୍ଦେ ମାତରମ୍ ବନ୍ଦେ ମାତରମ୍

ତୁମ ଭାଷାରେ ଏକ ଦେଶାତ୍ମବୋଧକ ଗୀତ ଖୋଜ । ଏହାକୁ ଶିଖ ଏବଂ ତୁମ ଶ୍ରେଣୀରେ ପଢୁଥିବା ସହପାଠୀମାନଙ୍କ ସହିତ ମିଶି ଗାଇବା ସହିତ ଅନ୍ୟକୁ ଶିଖାଅ ।



https://withteachers.in/

# ଓଡ଼ିଆ ଦେଶାତ୍ମବୋଧକ ଗୀତ

ମୋ ଦେଶର ମାଟି ମାଟି ନୁହେଁ
ସେ ତ ମାଆର କୋଳ
ମୋ ଦେଶର ଜଳ ଜଳ ନୁହେଁ
ସେ ତ ଅମୃତ ଝର । ୦ ।

ମୋ ଦେଶ ସାଗର ଗୁରୁ ଗରଜନେ
ଝଙ୍କାରି ଉଠେ ପ୍ରଣବ ତନ୍ତ୍ରୀ
ମୋ ଦେଶ ନଦୀର କୁଳୁକୁଳୁ ସ୍ୱରେ
ଶୁଭେ ସୃଷ୍ଟିର ସାମ ସଙ୍ଗୀତ
ମୋ ଦେଶ ଭୂଇଁରେ ବରଷାର ଜଳ
ଢାଳିଦିଏ ପ୍ରେମ ଭକତି ଧାର । ୧ ।
ମୋ ଦେଶ କେଦାରେ ଭାସି ଉଠେ ଯେବେ
ସବୁଜ ଶସ୍ୟର କନକ ଆଭା
ଶ୍ୟାମଳ ସୁଗନ୍ଧେ ଭରିଯାଏ ମନ
ଅନ୍ତରେ ଜାଗେ ନୂତନ ଆଶା
ମୋ ଦେଶ ବିଜୟ ବାନା ଉଡ଼ି ରହୁ
ଜୀବନ ମରଣେ ନାହିଁ ତ ଡର । ୨ ।

ଏଠାରେ ଦିଆଯାଇଥିବା ସ୍ୱରଲିପିଟିକୁ ଦେଖ ଓ ମନଦେଇ ଶିଖ ।

## ସ୍ୱରଲିପି

### ତାଳ : କହରବା (୪ ମାତ୍ରା)

**ସ୍ଥାୟୀ :**

| ୧ | ୨ | ୩ | ୪ | |
|---|---|---|---|---|
| ପ଼ାଧ଼ା<br>ମୋଦେ | ଧ଼ାସା<br>ଶର | -ରେ<br>ମାs | -ଗା<br>ଟିs | |
| ଗାରେ<br>ମାs | ରେଗା-<br>ଟି sନୁ | ସା-<br>ହେଁ s | ଧାପା<br>s s | |
| ରେଗା<br>ସେତ | ଗାରେ<br>ମା s | -ରେ<br>s ର | ରେସା<br>କୋଳ | |
| ପାମା<br>ମୋଦେ | ମାଗା<br>ଶର | ଗା-<br>ଜ s | ରେଗା<br>ଳ s | |
| ମାଗା<br>ଜ s | -ଗା<br>ଳ s | ଗା -<br>ନୁ ହେଁ | -<br>s | |
| ସାସା<br>ସେତ | ସାନ଼<br>ଅମୃ | ନ଼ିଧ଼ା<br>ତ ଝ | ପ଼ା -<br>ର s | |
| ରେରେ<br>ସେ ତ | ରେ -<br>ଅମୃ | ସା -<br>ତ s | ସା -<br>ଝର | ।।୦।। |

https://withteachers.in/

**ଅନ୍ତରା :**

| ୧ | ୨ | ୩ | ୪ |
|---|---|---|---|
| ଗାଗା<br>ମୋଦେ | ଗାଗା<br>ସସା | ମ–<br>ଗ s | ପା–<br>ର s |
| ଗାଗା<br>ଗୁ ରୁ | ଗାଗା<br>ଗର | ମା –<br>ଜ s | ପା –<br>ନେ s |
| ରେ–<br>ଝs | ରେ–<br>ଙ୍କାରୀ | ରେ–<br>ଉ s | ସା–<br>ଠେ s |
| ସାରେ<br>ପ୍ରଣ | ଗାମା<br>ବ ତ | ଗା<br>ନ୍ତୀ | –<br>s |

| | | | |
|---|---|---|---|
| ଗାଗା<br>ମୋଦେ | ଗାଗା<br>ଶନ | ମା–<br>ଦୀ s | ପା–<br>ର s |
| ଗାଗା<br>କୁଳୁ | ଗାଗା<br>କୁଳୁ | ମାପା<br>ସୁ s | ମାଗାରେ<br>ରେ s s |
| ରେରେ<br>ଶୁଭେ | ରେ–<br>ସ୍ତୃ s | ରେ–<br>ଷ୍ଟି ର | ସା<br>s |
| ସାରେ<br>ସମ | ଗାମା<br>ସଙ୍ଗୀ | ଗା–<br>ତ s | –<br>s |
| ସାରେ<br>ମୋ ଦେ | ରେସା<br>ଶଭୂ | ରେ–<br>ଇଁ s | ଗା–<br>ରେ s |
| ଗାମା<br>ବର | ମାଗା<br>ସାର | ରେଗା<br>ଜ s | ଗା –<br>ଳ s |
| ଧା –<br>ଢା s | ପା –<br>ଳି ଦି | ମା –<br>s | ଗାରେ<br>s s |
| ରେଗା<br>ପ୍ରେମ | ମାଗା<br>ସୁର | ରେରେ<br>ତର | ସା –<br>ଙ୍ଗ s |


ଏହି ଗୀତର ସ୍ୱରଲିପି ତୁମମାନଙ୍କ ଅଭ୍ୟାସ କରିବା ପାଇଁ ଦିଆଯାଇଅଛି । ହାରମୋନିୟମ୍ ବା କିବୋର୍ଡ଼ରେ ବଜାଇବାକୁ ଚେଷ୍ଟା କର ତୁମେମାନେ ନିଶ୍ଚିତ ସଫଳ ହେବ ।



https://withteachers.in/

## ★ କ୍ରିୟାକଳାପ - ୧୧.୫ ଏକତା ପାଇଁ ଗୀତ

ଜାତୀୟତାବୋଧ ସୃଷ୍ଟି କରିବାରେ ଓ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ପାଇଁ ସଙ୍ଗୀତ ଏକମାତ୍ର ଚମତ୍କାର ମାଧ୍ୟମ ଅଟେ। ରାଷ୍ଟ୍ର ନିର୍ମାଣ ଦିଗରେ ମଧ୍ୟ ଏହାର ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ସଙ୍ଗ୍ରାମ ସମୟରେ ଲେଖାଯାଇଥିବା ଓ ଗାନ କରାଯାଇଥିବା। ଗୀତ ଗୁଡ଼ିକ ଲୋକମାନଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ପାଇଁ ଓ ସେମାନଙ୍କୁ ଜାଗ୍ରତ କରିବା ପାଇଁ ବ୍ୟବହାର କରାଯାଇଥିଲା।



ଶ୍ରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ

### ତୁମେ ଜାଣିଛ କି ?

"ବନ୍ଦେ ମାତରମ୍" ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ । ଯିଏ ଏହି କବିତାରେ ଭାରତ ମାତାର (ଭାରତମାତା)ଙ୍କୁ ମହିମାନ୍ୱିତ କରିଥିଲେ । "ବନ୍ଦେ ମାତରମ୍" ସାଧାରଣତଃ ଦେଶ ରାଗରେ ଗାୟନ କରାଯାଏ । ଏହାର ଅନେକ ଭିନ୍ନ ଭିନ୍ନ ସଂସ୍କରଣ ରହିଛି ଏବଂ ଏହା ଇତିହାସରେ ସର୍ବାଧିକ ରେକର୍ଡ଼ ହୋଇଥିବା ଗୀତ ମଧ୍ୟରୁ ଅନ୍ୟତମ ।

ସବୁଠାରୁ ଜଣାଶୁଣା ଗୀତ ଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି "ବନ୍ଦେ ମାତରମ୍", ଯାହା ସ୍ୱାଧୀନତା ସଂଗ୍ରାମୀ ଏବଂ ଦେଶର ଲୋକଙ୍କ ମଧ୍ୟରେ ଦେଶପ୍ରେମ ଭାବକୁ ପ୍ରଜ୍ୱଳିତ କରିଥିଲା । ଆଜି ମଧ୍ୟ ଏହି ଗୀତ ସଭିଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବା ସହିତ ଆମର ଉନ୍ନତି ସାଧନ୍ତ କରିଆସୁଛି । 'ଜନଗଣମନ' ଜାତୀୟ ସଂଗୀତ ହୋଇଥିଲେ ମଧ୍ୟ "ବନ୍ଦେ ମାତରମ୍"- ଜାତୀୟ ଗୀତ ରୂପେ ବିବେଚିତ ।


ଏହି ଗୀତଟିକୁ ଦଳରେ ଗାଇବା ଶିଖ । ଏହି ଗୀତର ସ୍ୱର ରାଗ ଦେଶରେ ସଂଯୋଜିତ ହୋଇଛି ।

# ବନ୍ଦେ ମାତରମ୍

**ରଚନା - ଶ୍ରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ**

ବନ୍ଦେ ମାତରମ୍,
ସୁଜଳାଂ ସୁଫଳାଂ ମଳୟମଜଶୀତଳାମ୍
ଶସ୍ୟଶ୍ୟାମଳାମ୍ ମାତରମ୍, ବନ୍ଦେ ମା'ତରମ୍ ।।
ଶୁଭ୍ରଜ୍ୟୋସ୍ନା-ପୁଲକିତ ଯାମିନୀମ୍,
ଫୁଲ୍ଲ-କୁସୁମିତ-ଦ୍ରୁମ-ଦଳ-ଶୋଭିନୀମ୍ ।
ସୁହାସିନୀଂ ସୁମଧୁର ଭାଷିଣୀମ୍,
ସୁଖଦାଂ ବରଦାଂ ମାତରମ୍, ବନ୍ଦେ ମାତରମ୍ ।।
କୋଟି କୋଟି କଣ୍ଠ କଳ-କଳ ନିନାଦକରାଲେ,
କୋଟି-କୋଟି ର୍ଭୁଜୈର୍ଧୃତ-ଖର କରବାଲେ ।
ଅବଳା କେନୋ ମା ଏତୋବଲେ !
ବହୁବଳ ଧାରିଣୀଂ ନାମାମି ତାରିଣୀମ୍
ରିପୁଦଳବାରିଣୀଂ ମାତରମ୍, ବନ୍ଦେ ମାତରମ୍ ।।

ତୁମି ବିଦ୍ୟା ତୁମି ଧର୍ମ, ତୁମି ହୃଦି-ତୁମି ମର୍ମ,
ତ୍ୱଂ ହି ପ୍ରାଣା ଶରୀରେ ବାହୁତେ ତୁମି ମା ଶକ୍ତି
ହୃଦୟେ ତୁମି ମା ଭକ୍ତି, ତୋମାରି ପ୍ରତିମା ଗଢ଼ି,
ମନ୍ଦିରେ ମନ୍ଦିରେ, ବନ୍ଦେ ମାତରମ୍ !!
ତ୍ୱଂହି ଦୁର୍ଗା ଦଶପ୍ରହରଣ ଧାରିଣୀମ୍,
କମଳା କମଳଦଳ ବିହାରିଣୀମ୍,
ବାଣୀ ବିଦ୍ୟାଦାୟିନୀଂ ନମାମି ତ୍ୱାମ୍
ନମାମି କମଲାମ୍ ଅମଲାମ୍ ଅତୁଲାମ୍,
ସୁଜଳାଂ ସୁଫଳାଂ ମାତରମ୍, ବନ୍ଦେ ମାତରମ୍ ।।
ଶ୍ୟାମଳାମ୍ ସରଳାମ୍ ସୁସ୍ମିତାମ୍ ଭୂଷିତାମ୍,
ଧରଣୀଂ ଭରଣୀଂ ମାତରମ୍,
ବନ୍ଦେ ମାତରମ୍, ବନ୍ଦେ ମାତରମ୍ ।।



ଏହି ଗୀତଟିର ସ୍ୱରଲିପି ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଛି ନିଜେ ହାର୍‌ମୋନିୟମ୍ ବଜାଇ ଅଭ୍ୟାସ କରିବାକୁ ଚେଷ୍ଟା କର ।



https://withteachers.in/

# ବନ୍ଦେ ମାତରମ୍

**ଲେଖକ- ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ, ସ୍ୱର ସଂଯୋଜକ- ଶ୍ରୀ ରବିନ୍ଦ୍ରନାଥ ଟାଗୋର**
**ରାଗ-ଦେଶ, ତାଳ-କହରୱା ଏହା ଭାତଖଣ୍ଡେଙ୍କ ସ୍ୱରଲିପି ପଦ୍ଧତି ଉପରେ ପର୍ଯ୍ୟବେଶିତ**

### ସ୍ଥାୟୀ

| | | | |
|---|---|---|---|
| ସା – ରେ – | – ମା ପା ମା | ପା – – – | – – – – |
| ବ ଽ ନ୍ଦେ ଽ | ଽ ମା ଽ ତ | ରମ୍ ଽ ଽ ଽ | ଽ ଽ ଽ ଽ |
| ମା – ପା – | – ନି ସାଂ ନି | ସାଂ – – – | – – – – |
| ବ ଽ ନ୍ଦେ ଽ | ଽ ମା ଽ ତ | ରମ୍ ଽ ଽ ଽ | ଽ ଽ ଽ ଽ |
| ସାଂ ରେଂ ନି – | ଧା ପା – ପା | ପା ଧା ମା – | ଗା ରେ – ରେ |
| ସୁ ଜ ଲା ଽ | ଽ ଽ ଽ ମ୍ | ସୁ ଫ ଲା ଽ | ଽଽଽ ମ୍ |
| ରେ ପା ମା ପା | ଗା – ରେ ଗା | ସା – – – | – – – ସା |
| ମଲୟଜ | ଶୀ ଽ ଽ ତ | ଲା ଽ ଽ ଽ | ଽ ଽ ଽ ମ୍ |
| ସା – ରେ ମା | ପା ମା ପା ପା | – ପା ନି ଧା | ପା – – – |
| ସ ଽ ଶ୍ୟ ଶ୍ୟା | ଽ ମ ଲା ଽ ମ୍ | ଽ ମା ଽ ତ | ରମ୍ ଽ ଽ ଽ |
| ମା – ପା – | ନ ସାଂ ନି – | ସାଂ – – – | ସାଂ – – – |
| ବ ଽ ନ୍ଦେ ଽ | ଽ ମା ଽ ତ | ରମ୍ ଽ ଽ ଽ | ଽ ଽ ଽ ଽ |

### ଅନ୍ତରା

| | | | |
|---|---|---|---|
| ମା – ପା – | ନି – ନି – | ନି ନି ସାଂ ନି | ସାଂ – – ନି |
| ଶୁ ଽ ଭ୍ର ଽ | ଜ୍ୟୋ ଽ ସ୍ନା ଽ | ପୁ ଲ କି ତ | ୟା – – ମି |
| ସାଂ – – ସାଂ – | ନି – ନି ନି | ସାଂ ନି ସାଂ – | ସାଂ ରେଂ ସାଂ ନି |
| ନି ଽ ଽ ଽ ମ୍ | ଫୁ ଽ ଲ୍ଲ କୁ | ସୁ ମି ତ ଽ | ଦ୍ରୁ ମ ଦ ଳ |
| ନି ଧା ନି ଧା | ପା – – ପା | ରେ ରେ ମା ଗା | ରେ – – ରେ |
| ଶୋ ଽ ଽ ଭି | ନି ଽ ଽ ଽ ମ୍ | ସୁ ହା ଽ ସି | ନିଂ ଽ ଽ ଽ ଽ |
| ରେ ନି ଧା ନି | ଧା ପ – ଧା | ପା – – | ମା ପା ନି ନି |
| ସୁ ମ ଧୁ ର | ଭା ଽ ଽ ଷି | ଣୀ ଽ ଽ ଽ ମ୍ | ସୁ ଖ ଦାଂ ଽ ମ୍ |
| ନି ନି ନି ନି | – ନି ସାଂ ନି | ସାଂ – – – | ମା – ପା – |
| ବ ର ଦାଂ ଽ ମ୍ | ଽ ମା ଽ ତ | ରମ୍ ଽ ଽ ଽ | ବ ଽ ନ୍ଦେ ଽ |
| – ନି ସାଂ ନି | ସାଂ – – – | – – – – | ମା – ପା – |
| ଽ ମା ଽ ତ | ରମ୍ ଽ ଽ ଽ | ଽ ଽ ଽ ଽ | ବ ଽ ନ୍ଦେ ଽ |
| - ନି ସାଂ ନି | ସାଂ – – – | – – – – | |
| ଽ ମା ଽ ତ | ରମ୍ ଽ ଽ ଽ | ଽ ଽ ଽ ଽ | |

https://withteachers.in/

# ଓଡ଼ିଶା ରାଜ୍ୟ ସଂଗୀତ

**ଗୀତ - ବନ୍ଦେ ଉତ୍କଳ ଜନନୀ...**
**ରଚନା - କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର**
**ସଙ୍ଗୀତ - ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ**

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।
(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



**କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) ଓଡ଼ିଶାର ଜଣେ ସୁନାମଧନ୍ୟ କବି । ତାଙ୍କ ଦ୍ୱାରା ୧୯୧୨ ମସିହାରେ ବନ୍ଦେ ଉତ୍କଳ ଜନନୀ ଗୀତଟି ରଚିତ ହୋଇଥିଲା । ପରେ ପରେ ଏହା ଓଡ଼ିଶା ରାଜ୍ୟର ଜାତୀୟ ସଙ୍ଗୀତ ଭାବେ ସରକାରୀ ସ୍ତରରେ ଘୋଷଣା ହୋଇଥିଲା । ଏହା ମିଶ୍ର ଶଙ୍କରାଭରଣ ରାଗ ଓ ଏକତାଳି / କହରବା ତାଳରେ ସଂଯୋଜିତ ହୋଇଛି ।

**ବି.ଦ୍ର.-** ଏହି ଗୀତଟିକୁ ୟୁଟ୍ୟୁବ୍‌ରୁ ଖୋଜି ଅଭ୍ୟାସ କର ।



https://withteachers.in/

| ମାନ ନିର୍ଦ୍ଧାରଣ-ଅଧ୍ୟାୟ-୧୧- ଗୀତ ଏବଂ କାହାଣୀ | | | |
|---|---|---|---|
| ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୩.୨ | ସଙ୍ଗୀତ ଧାରାଗୁଡ଼ିକର ଧାରଣାକୁ ବୁଝିବା। | | |
| ୪.୨ | ବିଭିନ୍ନ ପ୍ରକାରର ଗୀତ ମଧ୍ୟରେ ଥିବା ପାର୍ଥକ୍ୟକୁ ଅନୁଭବ କରିବା। | | |
| | ସଙ୍ଗୀତର ଇତିହାସ ଓ ପରମ୍ପରା ବିଷୟରେ ଜାଣିବା । | | |
| ୪.୨ | ବିଭିନ୍ନ ପ୍ରକାରର ଲୋକ ସଙ୍ଗୀତ ଅନୁସନ୍ଧାନ କରିବାକୁ ଆଗ୍ରହୀ ହେବା । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________________

______________________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________________

______________________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________________

______________________________

https://withteachers.in/

## ଅଧ୍ୟାୟ - ୧ ୨

# ଭାବ, ଅନୁଭବ କର ଏବଂ ସୃଷ୍ଟି କର



ଦୁର୍ଘଟଣା ! ବୁମ୍ !
ଢିଶୋମ୍ ! ହିସ୍ !




ତୁମେମାନେ ବିନା ଧ୍ୱନିରେ କୌଣସି ଭୟଙ୍କର ଚଳଚ୍ଚିତ୍ର କିମ୍ବା ଏକ ସୁପରହିରୋ ଚଳଚ୍ଚିତ୍ର ଦୃଶ୍ୟ କଥା ଭାବିପାରିବ କି ? ଏହା ହୁଏତ ତୁମମାନଙ୍କୁ ସଠିକ ଅନୁଭବ ହେବ ନାହିଁ, କ'ଣ ଠିକ୍ କହିଲି ନା ?

ସଙ୍ଗୀତ ଏବଂ ଧ୍ୱନିର ପ୍ରଭାବ ଏକ କାହାଣୀର ଭାବପ୍ରବଣତା ଏବଂ ନାଟକୀୟତାକୁ ଯଥେଷ୍ଟ ପରିମାଣରେ ବୃଦ୍ଧି କରିପାରେ । ଏଗୁଡ଼ିକ ଏକ ଦୃଶ୍ୟର ଭାବନାକୁ ଦୃଢ଼ କରିବା ସହିତ ସଂଳାପ ଏବଂ କାର୍ଯ୍ୟରେ ଅଧିକ ତୀବ୍ରତା ଯୋଗ କରିଥାଏ । ଏହା ତୁମକୁ ଉତ୍ତେଜିତ କରିବା ସହିତ ଯେପରି ତୁମେ ବସିଥିବା ସ୍ଥାନର ଧାରରେ ବସିଛ ତାହା ତୁମକୁ ଅନୁଭବ କରାଇପାରେ । ତାହା ସହିତ ଏହା ତୁମମାନଙ୍କୁ ଆରାମ ଓ ଖୁସି ମଧ୍ୟ ଅନୁଭବ କରାଇଥାଏ ।





ଏହା ହେଉଛି ସଙ୍ଗୀତର ଭାବପ୍ରବଣ କରାଇ ପାରିବାର ଶକ୍ତି। ।

ଅନ୍‌ଲାଇନ୍‌କୁ ଯାଅ ଏବଂ ତୁମମାନଙ୍କର ପ୍ରିୟ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଦୃଶ୍ୟ ଖୋଜି ବାହାର କର । ପୁଣି ମ୍ୟୁଟ୍ ବଟନ୍‌କୁ ଦବାଅ ଓ ବିନା ଧ୍ୱନିରେ ଚଳଚ୍ଚିତ୍ରର ଦୃଶ୍ୟଟିକୁ ଦେଖ । ପରେ ପରେ ଧ୍ୱନି ସହିତ ସେହି ସମାନ ଦୃଶ୍ୟଟିକୁ ଦେଖ । ପ୍ରତ୍ୟେକ କ୍ଷେତ୍ରରେ ତୁମେ ଏହାକୁ ଦେଖିବା ପରେ ତୁମେ କେମିତି ଅନୁଭବ କରୁଛ ? ଏହି ଅନୁଭବକୁ ନେଇ ତୁମର ଚିନ୍ତାଧାରା ଓ ଭାବନାକୁ ତୁମ ଶ୍ରେଣୀରେ ପଢୁଥିବା ସାଙ୍ଗସାଥୀମାନଙ୍କ ସହିତ ଭାବ ବିନିମୟ କରି ଖୁବ୍ ମଜା ନିଅ ।






https://withteachers.in/



## ★ କ୍ରିୟାକଳାପ -୧୨.୧ ଶବ୍ଦମୟ ଜଙ୍ଗଲ

ଏହି ପୁସ୍ତକର ଆରମ୍ଭରେ ତୁମେମାନେ ପଞ୍ଚତନ୍ତ୍ର କାହାଣୀ ପଢ଼ି ଆନନ୍ଦିତ ହୋଇଛ କି ? ଏହି କାହାଣୀରେ ଅନେକ ଆକର୍ଷଣୀୟ ଚରିତ୍ରମାନେ ରହିଛନ୍ତି । ଏହା କେବଳ ତୁମ ମନୋରଞ୍ଜନ ପାଇଁ ନୁହେଁ ବରଂ ଏହା ମାଧ୍ୟମରେ ଏକ ସୁନ୍ଦର ବାର୍ତ୍ତାଟିଏ ରହିଛି । ଯାହା ତୁମମାନଙ୍କୁ ଶୃଙ୍ଖଳିତ ଓ ବିନମ୍ର ଗୁଣରେ ଭରିଦେବ ।

ବର୍ତ୍ତମାନ, ତୁମେ ସଙ୍ଗୀତ ଓ ଧ୍ୱନି (ଶବ୍ଦ) ମାଧ୍ୟମରେ କାହାଣୀର ସାରାଂଶ ବିଷୟରେ ଜଣେଇବା ପାଇଁ କିଛି ଚିନ୍ତା କରିଛ କି ?

କାହାଣୀଟି ଜଙ୍ଗଲରେ ଘଟୁଥିବା ଘଟଣାକୁ ନେଇ ରଚନା କରାଯାଇଛି । ଆମେ ଆମ ଶରୀର ଓ ଆମ ଚାରିପାଖରେ ଥିବା କିଛି ବସ୍ତୁକୁ ବ୍ୟବହାର କରି ଜଙ୍ଗଲରେ ଧ୍ୱନି ଶବ୍ଦ ସୃଷ୍ଟି କରିପାରିବା କି ? କେଉଁ ପଶୁ ଓ ପକ୍ଷୀମାନେ ଜଙ୍ଗଲରେ ରାବଦେଇ ଉଚ୍ଚସ୍ୱରରେ ଧ୍ୱନି ସୃଷ୍ଟି (ଶବ୍ଦ) କରିଥାନ୍ତି ? ସେହିପରି କେଉଁମାନେ କମ୍ ସ୍ୱରର ଧ୍ୱନି (ଶବ୍ଦ) ପ୍ରକାଶ କରନ୍ତି, କହିପାରିବ କି ?

ବର୍ତ୍ତମାନ ସମସ୍ତେ ଆସ, ଏହିଭଳି ଆଉ ଗୋଟିଏ କାହାଣୀ ପଢ଼ିବା ।



https://withteachers.in/

## ★ କ୍ରିୟାକଳାପ-୧୨.୨ ଚାରିବନ୍ଧୁ



ଏକଦା ଚାରିଜଣ ବନ୍ଧୁ ଏକ ଜଙ୍ଗଲରେ ରହୁଥିଲେ । ସେମାନେ ହେଲେ ହରିଣ, କାଉ, କଇଁଛ ଏବଂ ମୂଷା । ସେମାନେ ବହୁତ ଭଲ ବନ୍ଧୁ ଥିଲେ । ଅଧିକାଂଶ ସମୟ ଏକାଠି ହୋଇ ବିତାଉଥିଲେ । ହଠାତ୍ ଦିନେ ଜଣେ ଶିକାରୀକୁ ସେମାନଙ୍କ ଆଡ଼କୁ ଆସୁଥିବାର ଦେଖିଲେ । ସମସ୍ତେ ଭୟଭୀତ ହୋଇ ଜୀବନ ବଞ୍ଚାଇବାକୁ ଦୌଡ଼ିଲେ । କାଉ ପାଖରେ ଥିବା ଗଛର ସବୁଠାରୁ ଉଚ୍ଚରେ ଥିବା ଡାଳକୁ ଉଡ଼ିଯାଇ ଲୁଚିଗଲା । ସେହିପରି ମୂଷା ପାଖରେ ଥିବା ଏକ ଗାତରେ ଲୁଚିଗଲା । ହରିଣ ଜୋର୍‌ରେ ଦୌଡ଼ିଯାଇ ଏକ ବୁଦା ଭିତରେ ଲୁଚିଗଲା । କିନ୍ତୁ ବିଚରା କଇଁଛ କୁଆଡ଼େ ଯାଇ ଲୁଚି ପାରିଲା ନାହିଁ । ଶେଷରେ ଶିକାରୀ ହାତରେ ଧରାପଡ଼ିଗଲା । ପରେ ଶିକାରୀ ତାକୁ ଆଣିଥିବା ଅଖାରେ ପୁରେଇ ନେଇଗଲା ।

ଏହାର ପରବର୍ତ୍ତୀ ସମୟରେ ତିନିବନ୍ଧୁ କଇଁଛକୁ ରକ୍ଷା କରିବାପାଇଁ ଏକ ଯୋଜନା ପ୍ରସ୍ତୁତ କଲେ । କାଉ ଶିକାରୀକୁ ଖୋଜିବାପାଇଁ ବହୁ ଉଚ୍ଚରେ ଉଡ଼ିଲା ପୁଣି ହରିଣ କାଉକୁ ଅନୁସରଣ କରି ଜଙ୍ଗଲ ଆଡ଼କୁ ଧାଇଁଲା । ଦୂରରୁ ଶିକାରୀଟିକୁ ଦେଖି ହଠାତ୍ ହରିଣଟି ନିଜକୁ ମରିଯାଇଥିବା ଭଳି ଅଭିନୟ କରି ପଡ଼ିରହିଲା । ଯେତେବେଳେ ଶିକାରୀଟିର ଆଖି ହରିଣଟି ଉପରେ ପଡ଼ିଲା, ତା' ମନ କୁଣ୍ଢେମୋଟ ହୋଇଗଲା । ଏହି ସମୟରେ ମୂଷାଟି ଘଟଣାସ୍ଥଳକୁ ଆସି କଇଁଛକୁ ମୁକ୍ତ କରିବା ପାଇଁ ତା' ଦାନ୍ତ ସାହାଯ୍ୟରେ ଅଖାଟିକୁ କାଟିଦେଲା ।

ଅନ୍ୟପକ୍ଷରେ ଶିକାରୀ ପାଖକୁ ଆସିବା ମାତ୍ରେ ହଠାତ୍ ମିଛରେ ମରିବାର ଅଭିନୟ କରି ପଡ଼ିରହିଥିବା ହରିଣଟି ଘନ ଜଙ୍ଗଲ ଭିତରକୁ ଦୌଡ଼ି ପଳେଇଗଲା । ଏ ସବୁ ଘଟଣା ଦେଖି ଶିକାରୀଟି ଆଶ୍ଚର୍ଯ୍ୟ ଚକିତ ହୋଇଗଲା । ଯେଉଁଠାରେ ସେ କଇଁଛ ଥିବା ଅଖାଟିକୁ ରଖିଥିଲା ସେଠାକୁ ଫେରିଯାଇ ଦେଖିଲା ଯେ, ଅଖା ଭିତରେ କଇଁଛଟି ନାହିଁ । ଫଳରେ ସେ ଖାଲି ହାତରେ ଘରକୁ ଫେରିଲା । ସର୍ବଶେଷରେ ଚାରିବନ୍ଧୁ ପରସ୍ପର ମଧ୍ୟରେ ନିଜର ଖୁସି ବାଣ୍ଟିଲେ ଓ ନିଜ ନିଜ ସ୍ଥାନକୁ ଫେରି ଆନନ୍ଦିତ ହେଲେ ।



ପ୍ରଥମେ କାହାଣୀଟିକୁ ଗୋଟିଏ ପ୍ରକାରର ଓ ଉଚ୍ଚ ସ୍ୱରରେ ପଢ଼ । ଯେପରି ସମସ୍ତ ଶବ୍ଦର ଉଚ୍ଚାରଣ ସମାନ ସ୍ୱରରେ ରହିବ । କୌଣସି ଭାବ ବିନା ଏହାର ପାଠ କଲେ ତୁମକୁ କିପରି ଶୁଣାଯାଉଛି ବା ତୁମେ କ'ଣ ଅନୁଭବ କରୁଛ, ତାହା ପ୍ରକାଶ କର ।

ଆସ, ବର୍ତ୍ତମାନ କାହାଣୀଟିକୁ ଆଉଥରେ ପଢ଼ିବା, କିନ୍ତୁ ଏହାକୁ ପଢ଼ିବାର ଶୈଳୀ ଟିକେ ବଦଳାଇ ପଢ଼ିବା । କାହାଣୀଟିର କିଛି ଅଂଶକୁ ଜୋର୍‌ରେ ମଧ୍ୟ ପଢ଼ିବା । କାହାଣୀର କିଛି ଅଂଶ ଧୀର, ଗମ୍ଭୀର, ଉଚ୍ଚ, ନିମ୍ନ କଣ୍ଠ ସ୍ୱର ସହାୟତାରେ ପଢ଼ିବା ସହିତ ଏହାର ଗତିକୁ ବୃଦ୍ଧି ଓ ଧୀର ମଧ୍ୟ କରିପାରିବା । ତତ୍‌ସହିତ ବିରାମ, କମା, ପୂର୍ଣ୍ଣଚ୍ଛେଦ ସ୍ଥାନଗୁଡ଼ିକୁ ଲକ୍ଷ୍ୟକରି ଟକେ ଟିକେ ଅଟକି ଯାଇ ପାରିବା ।



https://withteachers.in/

ଟିକେ ଭାବିଲ, ଏବେ ତୁମକୁ କାହାଣୀଟି ଶୁଣିବା ପରେ କେମିତି ଅନୁଭବ ହେଉଛି ? କାହାଣୀଟିକୁ ଶୁଣିବା ସମୟରେ ତୁମକୁ କାହାଣୀଟିର କେଉଁ କେଉଁ ଅଂଶ ଅଧିକ ଭଲ ଲାଗିଲା, ତାହା ପ୍ରକାଶ କର ।

ମନେରଖ, କଥା ହେବା ଏବଂ ଗୀତ ଗାଇବା ସମୟରେ କଣ୍ଠ ସ୍ୱରର ସମତା ରକ୍ଷା କରିବା ସହିତ ଆବଶ୍ୟକତା ଅନୁସାରେ ତା'ର ପରିବର୍ତ୍ତନ କରାଇବା ଏକ ସୁନ୍ଦର କଳା ଅଟେ । ଏହି କଥା କହିବାର ଶୈଳୀ ଯୋଗୁଁ ତୁମ କଥା ଶୁଣୁଥିବା ଦର୍ଶକମାନେ ତୁମ କଥା ପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ସଙ୍ଗୀତ ଏବଂ ଶବ୍ଦ ସଂଯୋଜନା ସହିତ କାହାଣୀଟିର ଅଭିନୟ କରିବାପାଇଁ ଉତ୍ସାହିତ ଏବଂ ଯଥାର୍ଥ ସହାୟତା ପ୍ରଦାନ କରିବେ ।

https://withteachers.in/

## ମନ ଧ୍ୟାନ ଦେଇ ଶୁଣିବା :

ସଙ୍ଗୀତଜ୍ଞମାନେ ଯାହା ଶୁଣନ୍ତି ତାହା ବୁଝିବା ପାଇଁ ସେମାନେ ଶୁଣିବାରେ ଯଥେଷ୍ଟ ମନ ଧ୍ୟାନ ଦେଇଥା'ନ୍ତି । ପରେ ପରେ ସେମାନଙ୍କୁ ନିଶ୍ଚିତ କରିବାକୁ ହୋଇଥାଏ ଯେ ସେମାନେ ସ୍ୱର, ତାଳ, ବା ଅନ୍ୟ କିଛି ବାଦ୍ୟଯନ୍ତ୍ର ବଜାଉଛନ୍ତି ବା କଣ୍ଠ ସଙ୍ଗୀତ ପରିବେଷଣ କରୁଛନ୍ତି । ସମ୍ମିଳିତ ଭାବେ ଉପସ୍ଥିତ ସଙ୍ଗୀତଜ୍ଞମାନେ ପରସ୍ପର ପ୍ରତି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଖେଳ ପରି ସଙ୍ଗୀତକୁ ମଧ୍ୟ ସଫଳ କରାଇବା ପାଇଁ ଦଳଗତ ଭାବେ ଏବଂ ପରସ୍ପର ସହଯୋଗରେ କାର୍ଯ୍ୟ କରିବା ଆବଶ୍ୟକ ।

ଆମେ ସମସ୍ତେ ବିଭିନ୍ନ ପ୍ରକାରର ସଙ୍ଗୀତ ଭିନ୍ନ ଭିନ୍ନ ମାଧ୍ୟମରେ ଶୁଣିଥାଉ । କେତେବେଳେ ଏହାର ଧ୍ୱନି କିଛି ଦୂରରୁ ଶୁଣାଯାଏ ତ କେତେବେଳେ ରେଡ଼ିଓ, ଟି.ଭି. କିମ୍ବା ଚଳଚ୍ଚିତ୍ର ଦେଖିବା ସମୟରେ ଆମେ ଏହା ଶୁଣିଥାଉ ।



ତୁମେମାନେ କେଉଁଠାରେ ଓ କେଉଁ କେଉଁ ସମୟରେ ସଙ୍ଗୀତ ସହିତ ସଂପର୍କରେ ଆସିଥାଅ ଆଲୋଚନା କର । ଏହି ପରିସ୍ଥିତିରେ ସଙ୍ଗୀତର ଉଦ୍ଦେଶ୍ୟ ଓ ଆବଶ୍ୟକତା କ'ଣ ଅଛି ବୋଲି ତୁମେ ଅନୁଭବ କରୁଛ ?










https://withteachers.in/

## ★ କ୍ରିୟାକଳାପ -୧୨.୩

# ଏକ ସଙ୍ଗୀତ କାର୍ଯ୍ୟକ୍ରମକୁ ଶୁଣିବା

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ପିଲାମାନେ ଭଲକରି ଶୁଣିବା ଫଳରେ ଅନେକ କଥା ଶିଖିଥା'ନ୍ତି । ଜଣେ ସ୍ଥାନୀୟ ସଙ୍ଗୀତଜ୍ଞଙ୍କୁ ଆପଣଙ୍କ ବିଦ୍ୟାଳୟକୁ ନିମନ୍ତ୍ରଣ କରିବାର ବ୍ୟବସ୍ଥା କରନ୍ତୁ । ଯଦି ସମ୍ଭବ ହୁଏ ପିଲାମାନଙ୍କୁ ନିକଟରେ ପରିବେଷିତ ହେଉଥିବା ସଙ୍ଗୀତ କାର୍ଯ୍ୟକ୍ରମକୁ ଦେଖାଇବାର ବ୍ୟବସ୍ଥା କରନ୍ତୁ, ଯଦି ସମ୍ଭବ ନହୁଏ, ତେବେ ଶ୍ରେଣୀଗୃହରେ ଯେକୌଣସି ଶୈଳୀର ସଙ୍ଗୀତ କାର୍ଯ୍ୟକ୍ରମର ଭିଡ଼ିଓ ଚଳାନ୍ତୁ । ଛାତ୍ରଛାତ୍ରୀମାନଙ୍କୁ ତାଳ ଗଣନା କରି ଉପଯୁକ୍ତ ଭାବରେ କରତାଳି ଦେଇ ସଙ୍ଗୀତ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଉତ୍ସାହିତ କରନ୍ତୁ ।

ତୁମେମାନେ କୌଣସି ଏକ ସଙ୍ଗୀତ ସମାରୋହକୁ ଦେଖିବା ସହ ସେଠାରେ ଯୋଗଦେଇଥିବା କଳାକାରମାନଙ୍କର କାର୍ଯ୍ୟକଳାପଗୁଡ଼ିକୁ ଅନୁସରଣ କର । ସଙ୍ଗୀତ ସମାରୋହରେ ମଞ୍ଚ ପରିଚାଳନା ଓ ମଞ୍ଚରେ ବାଦ୍ୟଯନ୍ତ୍ର ସାଜସଜା ଓ ମଞ୍ଚସଜା କାର୍ଯ୍ୟକ୍ରମକୁ ଭଲକରି ଦେଖ ଓ ତାହା ଶିଖିବା ପାଇଁ ଚେଷ୍ଟା କର ।

ତୁମେମାନେ କେବେ କୌଣସି ସଙ୍ଗୀତ କାର୍ଯ୍ୟକ୍ରମକୁ ପରିବେଷିତ ହେଉଥିବାର ମଞ୍ଚ ଆଗରେ ବସି ଦେଖିଛ କି ?

ଏକ ସଙ୍ଗୀତ କାର୍ଯ୍ୟକ୍ରମର ଚିତ୍ର ଅଙ୍କନ କର । ଯେଉଁଠାରେ ମଞ୍ଚ ଉପରେ ବସି କଳାକାରମାନେ ବାଜା ବଜାଉଥିବେ ଓ ଗୀତ ଗାଉଥିବେ ।

https://withteachers.in/

## ନିମ୍ନଲିଖିତ ପ୍ରଶ୍ନାବଳୀର ଉତ୍ତର ଦିଅ :



କେଉଁ ଶୈଳୀର ସଙ୍ଗୀତ ଉପସ୍ଥାପିତ ହୋଇଥିଲା ?

କେଉଁ ଉତ୍ସବ ପାଇଁ ଏହି ପରିବେଷଣର ଆୟୋଜନ ହୋଇଥିଲା ?

ମଞ୍ଚରେ କେତେଜଣ ସଙ୍ଗୀତଜ୍ଞ ଉପସ୍ଥିତ ଥିଲେ ?

କେଉଁ ଭାଷାରେ ସଙ୍ଗୀତ ଗୁଡ଼ିକ ପରିବେଷଣ ହୋଇଥିଲା ?

କେଉଁ ପ୍ରକାର ବାଦ୍ୟଯନ୍ତ୍ର ସେଠାରେ ବ୍ୟବହାର ହୋଇଥିଲା ?

ସଙ୍ଗୀତ ସମାରୋହରେ ତୁମକୁ କ'ଣ ପସନ୍ଦ ଆସିଲା ବା କ'ଣ ଭଲ ଲାଗିଲା ଲେଖ ।

କେତେଜଣ ଦର୍ଶକ/ଶ୍ରୋତା ଉପସ୍ଥିତ ଥିଲେ ?

ଏହି ସଙ୍ଗୀତ ସମାରୋହରେ ଦର୍ଶକଙ୍କ ପ୍ରତିକ୍ରିୟା ବା ଅନୁଭବ କିପରି ଥିଲା ପ୍ରକାଶ କର ।




https://withteachers.in/

## ସଙ୍ଗୀତକୁ ବୁଝିବା :

ଯେତେବେଳେ ଗୀତରେ ସାହିତ୍ୟ କଥାବସ୍ତୁ ବା ଶବ୍ଦ ଏବଂ ସଙ୍ଗୀତର ସ୍ୱର ଥାଏ ତେବେ ଆମେ ସହଜରେ ବୁଝିଯାଉ ଯେ, କ'ଣ ପରିବେଷଣ କରାଯିବ । କିନ୍ତୁ ଯେତେବେଳେ ଗୀତଟି କେବଳ ସ୍ୱର ଓ ତାଳ ବାଦ୍ୟଯନ୍ତ୍ର ସହିତ ପରିବେଷିତ ହୁଏ ସେତେବେଳେ ଏହା କ'ଣ ବୋଲି ବୁଝିବା କଷ୍ଟକର ହୋଇପଡ଼େ ।

### ★ କ୍ରିୟାକଳାପ - ୧୨.୪

### ସଙ୍ଗୀତ ସମୀକ୍ଷା

ଡି.ଏଲ୍. ସୁବ୍ରମନ୍ୟମ୍ | ପଣ୍ଡିତ ରଘୁନାଥ ପାଣିଗ୍ରାହୀ

ଏକ ବାଦ୍ୟ ଯନ୍ତ୍ର ସଙ୍ଗୀତ ପରିବେଷଣକୁ ଶୁଣ କିମ୍ବା ଅନ୍‌ଲାଇନ୍‌ରେ ଥିବା ସଙ୍ଗୀତକୁ ଶୁଣିବାକୁ ଚେଷ୍ଟା କର ।

- ବର୍ତ୍ତମାନ, ତୁମେ ତୁମ ଆଖି ବନ୍ଦ କର ଏବଂ ଶୁଣିଥିବା ବା ଦେଖିଥିବା ଏକ ସଙ୍ଗୀତ ଉତ୍ସବ ବିଷୟରେ ଚିନ୍ତା କର ।
- ତୁମେ ସଙ୍ଗୀତରୁ କ'ଣ ଅନୁଭବ କଲ ତାହା ବର୍ଣ୍ଣନା କରି ଗାଇବ କି ? ଏବେ ପୁଣିଥରେ ସଙ୍ଗୀତ ଶୁଣ ଏବଂ ସଙ୍ଗୀତ ସହ ମେଳ ଖାଉଥିବା ଏକ କାହାଣୀର କଳ୍ପନା କର । ଏହାକୁ ଲେଖ ଏବଂ ଶ୍ରେଣୀଗୃହରେ ଅନ୍ୟମାନଙ୍କୁ ନେଇ ଏଥିରେ ସାମିଲ୍ କର । ସାଙ୍ଗମାନଙ୍କୁ କିଛି ନୂଆ ନୂଆ କଥା ଚିନ୍ତା କରି ଏଥିରେ ଯୋଗଦେବାକୁ କୁହ । ତେବେ ଚିନ୍ତାକରି କୁହ ଯେ ତୁମେମାନେ କ'ଣ ସେହି ସମାନ କାହାଣୀ କଥା ଭାବିଥିଲ ?
- ତୁମେ ଲେଖିଥିବା ସଙ୍ଗୀତକୁ କେଉଁ ନାମରେ ନାମିତ କରିବ ଲେଖ ?



**ଶିକ୍ଷା :**

ସଙ୍ଗୀତ ସମୟାନୁକ୍ରମେ ସାରକଥା ଭଳି ହୋଇପାରେ ଯାହାର ଅର୍ଥ ବିଭିନ୍ନ ଲୋକଙ୍କ ଦ୍ୱାରା ଭିନ୍ନ ଭାବରେ ବୁଝାଯାଇଥାଏ ।

https://withteachers.in/

## କ୍ରିୟାକଳାପ - ୧୨.୫ ନିଜର ଗୀତକୁ ରେକର୍ଡ୍ କର ଓ ଶୁଣ

ପ୍ରକୃତି ଦ୍ୱାରା ପ୍ରଭାବିତ ହୋଇଥିବା ଅନେକ ଭିନ୍ନ ଭିନ୍ନ ଭାଷାର ଗୀତ ଅଛି । ଏହିଗୁଡ଼ିକ ଆମ ପ୍ରାକୃତିକ ପରିବେଶର ସୁନ୍ଦରତା ଓ ଶୋଭା ବଢ଼ାଇଥାଏ । ଏଠାରେ ଏକ ପଲ୍ଲୀ ସଙ୍ଗୀତ ଦିଆଯାଇଛି । ଯାହା ବିଭିନ୍ନ ଋତୁରେ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣୀ ବିଷୟରେ କୁହାଯାଇଛି । ପୁଣି ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ଆନନ୍ଦ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଛି ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ପ୍ରକୃତି ଏବଂ ପରିବେଶକୁ ଆଧାର କରି ଛାତ୍ରଛାତ୍ରୀମାନଙ୍କ ପସନ୍ଦର ଏକ ଗୀତ ପ୍ରସ୍ତୁତ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଏକ ସପ୍ତାହ ସମୟ ଦିଅନ୍ତୁ । ନିର୍ଦ୍ଧାରତ ହୋଇଥିବା କୌଣସି ଏକ ଦିନରେ ପିଲାମାନେ ଗୀତ ଗାଇବା ଏବଂ ରେକର୍ଡ୍ କରିବା ପାଇଁ ଶ୍ରେଣୀକୁ ଏକ ମୋବାଇଲ୍ ଫୋନ୍ କିମ୍ବା ଏକ ରେକର୍ଡ଼ିଂ ଉପକରଣ ଆଣନ୍ତୁ ।



## ଓଡ଼ିଆ ପଲ୍ଲୀ ସଙ୍ଗୀତ

**ରଚନା - କ୍ଷୀରୋଦ ଚନ୍ଦ୍ର ପୋଥାଳ**

ଶୀତ ଚାଲିଗଲା, ବସନ୍ତ ଆସିଲା
କୋଇଲି ଗାଇଲା ଗୀତ
ଜାଗର ପଛକୁ ଦୋଳ ପରବଲୋ
ଲାଗିବ ମେଲଣ ଯାତ ଲୋ ॥ ୦ ॥

ରାଧାକୃଷ୍ଣ ଦୋଳ ବିମାନେ ଆସି
ଘରେ ଘରେ ଭୋଗ ଖାଇବେ ବସି
ଗାଆଁ ତୋଟା ତଳେ ମେଲଣ
ଭାରି ମଜା ଲାଗେ ସେ'ତ ଲୋ ॥୧॥

ହୋରିଖେଳ ଦିନ ଲୁଚିବ ଯିଏ
ଗଧ ଟୋପିଟାକୁ ପିନ୍ଧିବ ସିଏ
ଗାଆଁ - ସାରା ବୁଲି ରଙ୍ଗ ଖେଳୁଥିବା
ବସିବା ବଉଳ ମିତ ଲୋ ॥୨॥

**ପିଲାମାନେ ବିଦ୍ୟାଳୟରେ ଏବଂ ଘରେ ଏହାକୁ ଅଭ୍ୟାସ କରିବେ ।**



https://withteachers.in/

## କ୍ରିୟାକଳାପ - ୧୨.୬

# ପ୍ରକୃତିର ଗୀତ

**ରଚନା : କେଶବ କବି କୃଷ୍ଣପ୍ରସାଦ**

ଢିପଖାଲ - ମାଳଭୂଇଁ ଦୂରେ ଦୂରେ ଗାଁ' ଯହିଁ
ଗେଣ୍ଡାଳିଆ ଶଙ୍ଖଚିଲ, ବକ ମାଳ-ମାଳରେ,
ତହିଁ ମୋର ଘର ||୦||

ବାହୁଡା ଶଗଡ଼ ଯାଏ ତୋଟାମାଳ ଦେଇ ରେ,
ବଉଳା-ବଳଦ ଚାଲେ ମୁଣ୍ଡ ଦୋହଲାଇରେ
ଲାଞ୍ଜୀକୁ ହଲାଇ
ବାଉଁଶ - କରଞ୍ଜୀ - ବଣ, ଢ଼ାଙ୍କେ ମୋ ଗାଆଁ ମଥାନ,
(ଯହିଁ) ବାଇଆ - ଚଢ଼େଇ - ବସା, ଝଙ୍କା ବରଡାଳ ରେ ||୧ ||

ଘଡ଼ଘଡ଼ି ଚଡ଼ଚଡ଼ି କାଦୁଆର ଝଡ଼ିରେ
ତୁଳାଭିଣା - ଧଳାମେଘ ଯାଏ ଉଡିଉଡ଼ିରେ
କାଙ୍କଡ ଧରଇ କଷି, ବାଲି ଛତୁ ଦିଏ ହସି
(ଯହିଁ) ଝଡିସଙ୍ଗେ ବଢ଼ି ଆସେ, ପୂରା ନଈନାଳରେ ||୨ ||

ସୁନା ଜହ୍ନିଫୁଲ ହସେ ଲାଉ ଟେକେ ଡାହିରେ
ରଞ୍ଜୀ ଡେଇଁ ମାଡ଼ିଯାଏ ନାଲିନେଳି - ପୋଇରେ
ଆଖୁକ୍ଷେତ ଦୋହଲାଇ, ବା' - ପାଣି ଯାଏ ବହି,
ମୋ ଗାଁ' ତୁଳନା ନାହିଁ, ମର୍ତ୍ତ୍ୟମଣ୍ଡଳରେ ||୩||



https://withteachers.in/

ଏବେ ଆମେ ଗୀତକୁ ରେକର୍ଡ଼ କରିବାକୁ ପ୍ରସ୍ତୁତ ହେବା । ତୁମେ ଏହାକୁ ନିଜେ କିମ୍ବା ଦଳଗତ ଭାବେ ଗାଇପାରିବ । ଗୀତ ରେକର୍ଡ଼ ସରିବା ପରେ ଏହାକୁ ବଜାଅ ଓ ଶୁଣ ।

- ଏହା କିପରି ଶୁଣାଯାଉଛି ?
- ତୁମେ ତୁମ ମନରୁ କୌଣସି ଗୀତ ଗାଅ କିନ୍ତୁ ମଝିରେ ନ ଅଟକି ସେହି ଗୀତଟି ଗାଇପାରିଲ ତ ?
- ତୁମର ପରିବେଷଣ ତୁମକୁ ପସନ୍ଦ ଆସିଲା କି ?
- ପରବର୍ତ୍ତୀ କାଳରେ ତୁମେ ଏହାକୁ ଆହୁରି ଭଲ ଭାବରେ ଗାୟନ କରି ପାରିବ ?

ତୁମେ କିପରି ଗାଇଲ ତୁମ ସାଙ୍ଗମାନଙ୍କଠାରୁ ସେ ବିଷୟରେ କିଛି ମତାମତ ନିଅ । ମନେରଖ ତୁମ ଭଲ ପ୍ରଦର୍ଶନ ପାଇଁ ସେମାନଙ୍କୁ ପ୍ରଶଂସା କରିବା ପାଇଁ ଭୁଲ ନାହିଁ ଏବଂ ତୁମେ କେମିତି ଅଧିକ ଭଲ କରିପାରିବ ସେ ବିଷୟରେ କିଛି କିଛି ପରାମର୍ଶ ନିଅ ।





https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ - ୧୨ - ଭାବ, ଅନୁଭବ କର ଏବଂ ସୃଷ୍ଟି କର | | | |
|---|---|---|---|
| ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୪.୧ | ସଙ୍ଗୀତ ଏବଂ ଧ୍ୱନି ମାଧ୍ୟମରେ ଏକ କାହାଣୀର ସାରାଂଶ ପ୍ରକାଶ କରିପାରବା । | | |
| ୨.୨ | କାହାଣୀ ପଢ଼ିବାବେଳେ ସ୍ୱର ବଦଳାଇ ପାରିବା । | | |
| ୨.୧ | ଧ୍ୟାନ ଏବଂ ଏକାଗ୍ରତ ସହିତ ସକ୍ରିୟ ଭାବରେ ସଙ୍ଗୀତ ଶୁଣିବା । | | |
| ୨.୨ | ଧ୍ୱନିଦ୍ୱାରା ସଙ୍ଗୀତର ଏକ ଅଂଶ ବର୍ଣ୍ଣନା କରିପାରିବା । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________

https://withteachers.in/

## ଅଧ୍ୟାୟ - ୧୩

# ସ୍ୱର ଏବଂ ବାଦ୍ୟଯନ୍ତ୍ର



ତୃତୀୟ ଶ୍ରେଣୀରେ ଆମେ ତାଳି, ଚୁଟ୍‌କୀ, ପାଦ ଚଟାଣରେ ବାଡ଼େଇ କପରି ଶବ୍ଦ (ଧ୍ୱନି) ସୃଷ୍ଟି କରିବା ତାହା ଶିଖିଛେ । ଏବେ, ଆସ ଆମ ଶରୀରର ବାହ୍ୟ ଅଙ୍ଗଦ୍ୱାରା ତବଲାର ଧ୍ୱନି ସୃଷ୍ଟି କରି ତାଳରେ ବିଭିନ୍ନ ଶୈଳୀ ସୃଷ୍ଟି କରିପାରିବା । ଆସ, ଏବେ ବାଦ୍ୟଯନ୍ତ୍ରର ଧ୍ୱନିକୁ ଅନୁସନ୍ଧାନ କରିବା ।

ଆମେ କିପରି ଅନୁଭବ କରୁ, ତାହା ପ୍ରକାଶ କରିବା ପାଇଁ ଆମ ଶରୀର ଅଙ୍ଗପ୍ରତ୍ୟଙ୍ଗର ହାବଭାବକୁ କିପରି ପ୍ରୟୋଗ କରିଥାଉ ?

ତାଳି ମାରିବା



ଚୁଟ୍‌କୀ ମାରିବା



ପାଦ ବାଡେଇ



ଏହି କାର୍ଯ୍ୟକଳାପ ଶିଖ ଏବଂ ତା'ପରେ ଦେଖ ତୁମେ ନିଜର ଆଉ କିଛି କ୍ରିୟା ଏଥିରେ ଯୋଗ କରିପାରିବ କି ନାହିଁ ।





https://withteachers.in/

## କ୍ରିୟାକଳାପ - ୧୩.୧ ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍

ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, କ୍ଲାପ୍ ୟୋର୍ ହ୍ୟାଣ୍ଡସ୍....
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍,
ଆଣ୍ଡ ୟୁ ରିଅଲି ୱାଣ୍ଟ ଟୁ ସୋ ଇଟ୍,
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, କ୍ଲାପ୍ ୟୋର୍ ହ୍ୟାଣ୍ଡସ୍....

ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, ଷ୍ଟାମ୍ପ୍ ୟୋର ଫିଟ୍
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍
ଆଣ୍ଡ ୟୁ ରିଅଲି ୱାଣ୍ଟ ଟୁ ସୋ ଇଟ୍
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, ଷ୍ଟାମ୍ପ୍ ୟୋର ଫିଟ୍ ।

ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, ଶାଉଟ୍ ହୁର୍‌ରେ (ହୁର୍‌ରେ....)
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍
ଆଣ୍ଡ ୟୁ ରିଅଲି ୱାଣ୍ଟ ଟୁ ସୋ ଇଟ୍
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, ଶାଉଟ୍ ହୁର୍‌ରେ (ହୁର୍‌ରେ....)

ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, ଡୁ ଅଲ୍ ଥ୍ରି (ହୁର୍‌ରେ...)
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍
ଆଣ୍ଡ ୟୁ ରିଅଲି ୱାଣ୍ଟ ଟୁ ସୋ ଇଟ୍
ଇଫ୍ ୟୁ ଆର୍ ହାପି ଆଣ୍ଡ ୟୁ ନୋ ଇଟ୍, ଡୁ ଅଲ୍ ଥ୍ରି (ହୁର୍‌ରେ...)

ଜବ୍ ଭି ଖୁସ୍ ହୋ, ଆପ ବଜାଓ ତାଲି ( ୨ )
ଜବ୍ ଭି ଖୁସ୍ ହୋ, ଅବ ବନେଗୀ ହର୍ ବାତ୍
ଜବ ଭି ଖୁସ୍ ହୋ, ଆପ ବଜାଓ ତାଲି

ଜବ୍ ଭି ଖୁସ୍ ହୋ, ଆପ କର ଲୋ ଡ୍ୟାନ୍ସ( ୨ )
ଜବ୍ ଭି ଖୁସ୍ ହୋ, ଅବ ବନେଗୀ ହର୍ ବାତ୍
ଜବ୍ ଭି ଖୁସ୍ ହୋ, ଆପ କର ଲୋ ଡ୍ୟାନ୍ସ, ଡ୍ୟାନ୍ସ, ଡ୍ୟାନ୍ସ

ଜବ୍ ଭି ଖୁସ୍ ହୋ, ଆପ ବୋଲୋ ହୁର୍‌ରେ ( ୨ )
ଜବ୍ ଭି ଖୁସ୍ ହୋ, ଅବ ତୋ ବନେଗୀ ହର୍ ବାତ୍
ଜବ୍ ଭି ଖୁସ୍ ହୋ, ଆପ ବୋଲୋ ହୁର୍‌ରେ .....

ଅବ୍ ଖୁସ୍ ହୋ, ଆପ ବଜାଓ ତାଲି ହୁର୍‌ରେ
ଅବ ଖୁସ୍ ହୋ, ଆପ କରଲୋ ଡ୍ୟାନ୍ସ ହୁର୍‌ରେ...
ଜବ ଭି ଖୁସ୍ ହୋ, ଅବ ତୋ ବନେଗି ହର ବାତ୍
ଜବ ଭି ଖୁସ୍ ହୋ, ଆପ ବୋଲେକ ହୁର୍‌ରେ.... ।

**ଟିପ୍ପଣୀ :** ତୁମେ କ'ଣ ଏହି ଗୀତର ଶବ୍ଦଗୁଡ଼ିକ ତୁମ ନିଜ ଭାଷାରେ ଲେଖିପାରିବ ? ତୁମ ସାଙ୍ଗମାନଙ୍କ ସହ ମିଶି ଏହାକୁ ଲେଖି ଗାଇବାକୁ ପ୍ରସ୍ତୁତ ରୁହ ।

https://withteachers.in/

## କ୍ରିୟାକଳାପ -୧୩.୨

# ହାତ ନଥିବା ପୋଷାକ ବିନା ସୁପର ହିରୋ









**ହାତ ନଥିବା ପୋଷାକ ବିନା ସୁପର ହିରୋ (ବୀର ଯୋଦ୍ଧା)**
**ରଚନା : ଥାୟିର୍ ସାଦାମ୍ ପ୍ରକଳ୍ପ**
**(ବିନ୍ଦୁ ସୁବ୍ରମଣ୍ୟମ୍, ଅମ୍ବି ସୁବ୍ରମଣ୍ୟମ୍, ମହେଶ ରାଘବନ୍, ଅକ୍ଷୟ ଏ.)**



ହାସ୍ୟ ପୁସ୍ତକ ଏବଂ ଭିଡ଼ିଓ ଗେମ୍‌ରେ ସୁପର ହିରୋ (ବୀରଯୋଦ୍ଧା)
ଉଡ଼ିଯା'ନ୍ତି । ଆସ ସେଇଭଳି ହେବା ।
କାହାକୁ ହାତ ନ ଥିବା ପୋଷାକ (ଗଞ୍ଜି) ଦରକାର !
ଆସ ଏକାଠି ହେବା ଦିନଟିକୁ ଉପଭୋଗ କରିବା ।
ପା, ଧାପା ଧା, ସାଧା ସା, ରେସା ରେ, ଗାରେ
ପା, ଧାପା ଧା, ସାଧା ସା, ରେସା ରେ, ଗାରେ
ତା କ ଧି ମି ତମ୍ ତାକ ଧିମି ତମ୍ ତା କ ଧି ମି ତମ୍



ପ୍ଲାଷ୍ଟିକ୍ ବ୍ୟବହାର କର ନାହିଁ, କିଛି ପିଲାଙ୍କୁ ଶିଖାଅ । ତୁମେ
ଯାହା ଭଲ କରିଛ, ସେଥିପାଇଁ ତୁମେ ଧନ୍ୟବାଦର ପାତ୍ର । ଖାଦ୍ୟ
ନଷ୍ଟ କର ନାହିଁ । ଖତ ମଧ୍ୟ ନଷ୍ଟ କର ନାହିଁ । ସେଇ ଖତରେ
ତୁମେ ବହୁତ କିଛି ଭଲ କାମ କରିପାରିବ ।
ପା, ଧାପା ଧା, ସାଧା ଧା, ରେସା ରେ, ଗାରେ
ପା, ଧାପା ଧା, ସାଧା ସା, ରେସାରେ, ଗାରେ
ତା କ ଧି ମି ତମ୍ ତାକ ଧିମି ତମ୍ ତା କ ଧି ମି ତମ୍

ଗୀତ ଲିଙ୍କ୍ : https:tinyurl.com/superheroes-without capes.



https://withteachers.in/

## ବାଦ୍ୟଯନ୍ତ୍ରର ପ୍ରକାରଭେଦ

ସମସ୍ତ ଧ୍ୱନି କମ୍ପନ ଯୋଗୁଁ ସୃଷ୍ଟି ହୋଇଥାଏ । ଯେତେବେଳେ କୌଣସି ବସ୍ତୁ କମ୍ପିତ ହୁଏ, ତାହା ଶବ୍ଦ ତରଙ୍ଗ ସୃଷ୍ଟି କରେ, ଯାହା ବାୟୁ ଜଳଦ୍ୱାରା ତରଙ୍ଗାୟିତ ହୋଇ ଆମ କାନ ପର୍ଯ୍ୟନ୍ତ ପହଞ୍ଚ ଥାଏ । ବାଦ୍ୟଯନ୍ତ୍ରଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି । ଏହାକୁ ଭଲଭାବରେ ବୁଝିବା ସହିତ ଏହା କିପରି ବଜାଯାଏ ତାହାକୁ ବୁଝିବା ଏକ ଗୁରୁତ୍ୱପୂର୍ଣ୍ଣ କାମ ଭାବେ ଗ୍ରହଣ କରାଯାଇପାରେ ।

ବାଦ୍ୟଯନ୍ତ୍ରଗୁଡ଼ିକର ଚାରୋଟି ମୌଳିକ ବର୍ଗ (ପ୍ରକାର) ରହିଛି । ସେଗୁଡ଼ିକ ହେଲା-

| ଶ୍ରେଣୀ(ପ୍ରକାର) | ଧ୍ୱନି ପ୍ରବାହ ସ୍ଥାନ ଅଂଶ | ସଂସ୍କୃତ ନାମ | ଉଦାହରଣ |
|---|---|---|---|
| ତାର | ତାର ଦ୍ୱାରା | ତତ୍ ବାଦ୍ୟ | ବୀଣା  |
| ପବନ | ପବନ ଦ୍ୱାରା | ସୁଷୀର ବାଦ୍ୟ | ବଂଶୀ  |
| ଆଘାତ | ଚମଡ଼ା ବାଦ୍ୟ ଅଘାତରେ ସଂପ୍ରସାରିତ/ କମ୍ପନ | ଅବନଦ୍ଧ ବାଦ୍ୟ | ତବଲା  |
| ସୁଦୃଢ଼ ଧାତୁ | ବସ୍ତୁର ପରସ୍ପର ଆଘାତ | ଘନବାଦ୍ୟ | ମଞ୍ଜିରା (ଗିନି)  |

https://withteachers.in/

## ତୁମେ ଜାଣିଛ କି ?

ବାଦ୍ୟଯନ୍ତ୍ରର ଏହି ବର୍ଗୀକରଣ ପ୍ରଣାଳୀ ଭାରତରେ ଆରମ୍ଭ ହୋଇଥିଲା । ପ୍ରାୟ 2500 ବର୍ଷ ପୂର୍ବେ ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଏହି ଚାରୋଟି ଶ୍ରେଣୀର ବାଦ୍ୟଯନ୍ତ୍ର ବିଷୟରେ ଉଲ୍ଲେଖ ରହିଛି । ସାରା ବିଶ୍ୱର ସମସ୍ତ ପ୍ରକାର ବାଦ୍ୟଯନ୍ତ୍ର ସାଧାରଣତଃ ଏହି ବର୍ଗ(ପ୍ରକାର)ରୁ କୌଣସି ଗୋଟିଏ ଉପରେ ଆଧାରିତ ଅଟେ ।

## କ୍ରିୟାକଳାପ-୧୩.୩

**ସେହି ଶବ୍ଦଟି କାହାର ?**

ବିଭିନ୍ନ ବାଦ୍ୟଯନ୍ତ୍ରଗୁଡ଼ିକର ଧ୍ୱନି ସ୍ୱତନ୍ତ୍ର ଅଟେ । କାରଣ ବାଦ୍ୟର ଉପକରଣ ଓ ତାହାର ଗଠନ ଶୈଳୀ ଉପରେ ଏହା ନିର୍ଭର କରିଥାଏ । ତୁମେମାନେ ବିଭିନ୍ନ ବାଦ୍ୟଯନ୍ତ୍ରର ଧ୍ୱନି ଶୁଣି ତାହା କେଉଁ ଯନ୍ତ୍ରର ଧ୍ୱନି ବା ସ୍ୱର ତାହା ଶୁଣି ଚିହ୍ନଟ କରିପାରିବ କି ?


**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ବଭିନ୍ନ ବାଦ୍ୟଯନ୍ତ୍ରର ବାଣୀ (ଧ୍ୱନି ବା ଶବ୍ଦ)ର ଶୈଳୀକୁ ବଜାନ୍ତୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ସାଧାରଣ ଭାରତୀୟ ବାଦ୍ୟଯନ୍ତ୍ର ଶବ୍ଦ ବା ଧ୍ୱନି ଚିହ୍ନଟ କରିବାରେ ସାହାଯ୍ୟ କରନ୍ତୁ ।

## ★ କ୍ରିୟାକଳାପ - ୧୩.୪

**ବାଦ୍ୟଯନ୍ତ୍ରକୁ ଶ୍ରେଣୀଭୁକ୍ତ କର**

ଯେହେତୁ ତୁମେ ବିଭିନ୍ନ ବର୍ଗର ବାଦ୍ୟଯନ୍ତ୍ର ବିଷୟରେ ପୂର୍ବରୁ ପଢ଼ିଛ, ଏବେ ତୁମେ ଚିତ୍ର ଦେଖି ତାହା କେଉଁ ବର୍ଗର ସହଜରେ ଚିହ୍ନିପାରିବ ।
ତଳେ ଦିଆଯାଇଥିବା ବାଦ୍ୟଯନ୍ତ୍ରଗୁଡ଼ିକ କେଉଁ ବର୍ଗର ତାହା ମେଳ କର ।


ତାର


ପବନ


ଆଘାତ


ସୁଦୃଢ଼ ବସ୍ତୁ



https://withteachers.in/

## କ୍ରିୟାକଳାପ -୧୩.୫ ସାଙ୍ଗୀତିକ ବାଦ୍ୟଯନ୍ତ୍ରର ଅନୁସନ୍ଧାନ

ତୁମେ ଜାଣିଥିବା ବିଭିନ୍ନ ବାଦ୍ୟଯନ୍ତ୍ରର ନାମ କହିପାରିବ କି ?




- ଶ୍ରେଣୀକୁ କୌଣସି ଏକ ବାଦ୍ୟଯନ୍ତ୍ର ଆଣ ।
- ଏହାର ଆକୃତି, ଆକାର, ପ୍ରକାର ଏବଂ ରଙ୍ଗ କ'ଣ ନଜର କର ।
- ବାଦ୍ୟଯନ୍ତ୍ରରେ କାରୁକାର୍ଯ୍ୟ କିମ୍ବା ରଙ୍ଗଭଳି ସାଜସଜାର ଉପାଦାନ ଅଛି କି ?
- ବାଦ୍ୟଯନ୍ତ୍ରର ପ୍ରସ୍ତୁତି କର୍ତ୍ତା ବା ନିର୍ମାତାଙ୍କ ନାମ ଲେଖାଯାଇଛି କି ?
- ବାଦ୍ୟଯନ୍ତ୍ରକୁ ଧୀରେ ଧୀରେ ସ୍ପର୍ଶ କର ଏବଂ ଯାହା ଅନୁଭବ କଲ ତୁମ ନିଜ ଭାଷାରେ ବର୍ଣ୍ଣନା କର ।
- ବାଦ୍ୟଯନ୍ତ୍ରର ଏକ ଅଡ଼ିଓ ବା ଭିଡ଼ିଓ ରେକର୍ଡ଼ିଂ ଖୋଜି ଏହାର ବାଣୀକୁ ଧ୍ୟାନ ସହକାରେ ଶୁଣ ।

**ଏକ ବାଦ୍ୟଯନ୍ତ୍ରର ଚିତ୍ର ଅଙ୍କନ କର**


https://withteachers.in/

## ★ କ୍ରିୟାକଳାପ - ୧୩.୬ ତୁମେ ତୁମର ନିଜ ବାଦ୍ୟଯନ୍ତ୍ର ତିଆରି କର

ଦୁଇଟି ଆଇସ୍‌କ୍ରିମ୍ କାଠି



ଦୁଇଟି ରବର ବ୍ୟାଣ୍ଡ



ଗୋଟିଏ ରଙ୍ଗିନ୍ କାଗଜ




ଗୋଟିଏ ଦାନ୍ତଖୋଳା କାଠି



**ଆବଶ୍ୟକୟ ସାମଗ୍ରୀ :**

- ଆଇସ୍‌କ୍ରିମ୍ କାଠି ଆକାରରେ ଏକ ରଂଗୀନ ଝାଲେରୀ କାଗଜ ପଟି ଆଣି କାଟ ।
- ଏହାକୁ ଗୋଟିଏ ଆଇସ୍‌କ୍ରିମ୍ କାଠି ଉପରେ ରଖ ।
- ଏହା ତଳେ ଆଉ ଏକ ଆଇସ୍‌କ୍ରିମ୍ କାଠି ରଖ ଏବଂ ସେଇ ଦୁଇ ଆଇସ୍‌କ୍ରିମ୍ କାଠିର ଗୋଟିଏ ପାଖରେ ଇଲାଷ୍ଟିକ୍ ରବର ବ୍ୟାଣ୍ଡ୍ ଗୁଡ଼ାଇ ରଖ ।
- ଏତିକି ହୋଇଗଲା ପରେ ଏକ ଦାନ୍ତଖୁଣ୍ଟା କାଠିକୁ ଦୁଇଖଣ୍ଡ କରି ସେଇ ଦୁଇ ଆଇସ୍‌କ୍ରିମ୍ କାଠିର ମଝିରେ ଗୋଟିଏ ପାଖରେ ଖଣ୍ଡେ ଦାନ୍ତ କାଠି ଖୁଣ୍ଟା ପୂରାଅ ।
- ସେହିପରି ସମାନ ଭାବେ ଅନ୍ୟ ପାଖ ଆଇସ୍‌କ୍ରିମ୍ କାଠି ଦୁଇଟିକୁ ଇଲାଷ୍ଟିକ୍ ରବର ବ୍ୟାଣ୍ଡରେ ଗୁଡ଼ାଇ ତା' ମଝିରେ ଅନ୍ୟ ଏକ ଦାନ୍ତଖୁଣ୍ଟା କାଠି ପୂରାଇ ଦିଅ ।



ଯଦି ତୁମେ ଦୁଇଟି ଆଇସ୍‌କ୍ରିମ୍ କାଠି ମଧ୍ୟରେ ସାମାନ୍ୟ ଫାଙ୍କା ରଖିଥାଅ, ତେବେ ଜାଣ ତୁମର ହାରମୋନିଆ (ମାଉଥ୍ ଅର୍ଗାନ୍) ପ୍ରସ୍ତୁତ । ଏହାକୁ ତୁମ ପାଟିରେ ଧରି ପବନ ବାହାରକୁ ଶବ୍ଦ ଶୁଣାଯିବା ଯାଏ ଭିତରକୁ ପୂରାଅ । ଦେଖିବ ଏଥିରୁ ସୁନ୍ଦର ସ୍ୱର ବାହାରିବ ।





https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ - ୧୩ - ସ୍ୱର ଏବଂ ବାଦ୍ୟଯନ୍ତ୍ର | | | |
|---|---|---|---|
| ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ୩.୧ | ଉପଲବ୍ଧ ସାମଗ୍ରୀର ବ୍ୟବହାର କରି ଏକ ସରଳ ବାଦ୍ୟଯନ୍ତ୍ର ତିଆରି କରିପାରିବ । | | |
| ୩.୧ | ଗୀତକୁ ସୁଶୋଭିତ କରିବା ପାଇଁ ଶରୀରରେ ତାଳ ବାଦନକୁ ସୃଜନଶୀଳ ଭାବେ ବ୍ୟବହାର କରିବା । | | |
| ୪.୨ | ବାଦ୍ୟଯନ୍ତ୍ର ବର୍ଗୀକରଣର ନିୟମକୁ ବୁଝିବା । | | |
| ୩.୧ | ଉପଲବ୍ଧ ବାଦ୍ୟଯନ୍ତ୍ର ସହିତ ଗୀତ ଗାଇବା ଏବଂ ଗୀତ ସହିତ ବାଦ୍ୟର ସମତା ରକ୍ଷା କରିବା । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________

https://withteachers.in/

## ସମାପ୍ତି ସୂଚକ ମାନନିର୍ଦ୍ଧାରଣ

| | ସମାପ୍ତି ସୂଚକ ମାନନିର୍ଦ୍ଧାରଣର ଉଦାହରଣ | ସମାପ୍ତି ସୂଚକ ମାନନିର୍ଦ୍ଧାରଣର ମାନଦଣ୍ଡ |
|---|---|---|
| **ବ୍ୟକ୍ତିଗତ** | . ଛାତ୍ରଙ୍କୁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଏକ ଗୀତ ବାଛି ଉପସ୍ଥାପନ କରିବାକୁ କୁହାଯିବା ଆବଶ୍ୟକ ।<br>. ଛାତ୍ରଙ୍କୁ ଏକ ସଙ୍ଗୀତ ଶୁଣିବାକୁ କୁହାଯାଇ ଶବ୍ଦ ବା କଳା ମାଧ୍ୟମରେ ଏହାକୁ କରିବାକୁ କୁହାଯିବ ।<br>. ଛାତ୍ରଙ୍କୁ ଆରୋହ ଏବଂ ଅବରୋହ ସହିତ ତାଳର ସମତା ରକ୍ଷାକରି ଏକ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିବାକୁ କୁହାଯିବ । | . ଉପଯୁକ୍ତ ଭାବରେ ଚୟନ କରି ସ୍ୱର ଏବଂ ତାଳରେ ସ୍ପଷ୍ଟ ଭାବରେ ଗାଇବାର ଦକ୍ଷତା ।<br>. ସ୍ୱତଃପ୍ରବୃତ୍ତ ଭାବରେ କାର୍ଯ୍ୟ କରିବାର ଦକ୍ଷତା ।<br>. ସକ୍ରିୟ ଶ୍ରବଣ, ସୃଜନଶୀଳତା ଏବଂ ଅଭିବ୍ୟକ୍ତି ।<br>. ସଠିକ ତାଳ ସହିତ ରାଗର ସଠିକ୍ ସ୍ୱର ଗାଇବାର ଦକ୍ଷତା । |
| **ଦଳଗତ** | . ଉପଲବ୍ଧ ବସ୍ତୁ ବ୍ୟବହାର କରି ଶରୀରକୁ ତାଳବାଦ୍ୟ କରି ଭାବପୂର୍ଣ୍ଣ ଧ୍ୱନି ଉତ୍ପନ୍ନ କରିବାକୁ କୁହାଯିବ । | . ସୃଜନଶୀଳ ଚିନ୍ତାଧାରା, ସମନ୍ୱିତ ଦଳଗତ କାର୍ଯ୍ୟ ଏବଂ ଉତ୍ସାହପୂର୍ଣ୍ଣ ବାତାବରଣ |



https://withteachers.in/



https://withteachers.in/



ନୃତ୍ୟ

**ପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀ,**

ଜାତୀୟ ଶିକ୍ଷାନୀତି - ୨୦୨୦ ଭାରତୀୟ ଶିକ୍ଷା ସମ୍ଭାରକୁ ଏକ ନୈସର୍ଗିକ ଉପଲବ୍ଧି ପ୍ରଦାନ କରିବାକୁ ଯାଉଛି । ବିଶେଷକରି ପ୍ରାଥମିକ ଶିକ୍ଷା ପର୍ଯ୍ୟାୟରେ ଚପଳମତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହାର କାର୍ଯ୍ୟାନ୍ୱୟନ ଏକ ଆହ୍ୱାନ ଯାହା ଆପଣ ମାନଙ୍କ ସାଧୁ ଉଦ୍ୟମ ଦ୍ୱାରା ଏହା ସଫଳତାର ଶୀର୍ଷକୁ ଛୁଇଁବ । ଏହାର ଅନ୍ତରାଳରେ ନୃତ୍ୟ ଶିକ୍ଷା ସେମାନଙ୍କୁ ଆତ୍ମବିଭୋର କରିବ । ଏହାର ସୁଫଳ କାର୍ଯ୍ୟାନ୍ୱୟନରେ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ ସୁସ୍ଥତା ନମନୀୟତା ପ୍ରୋତ୍ସାହିତ କରିବାରେ ବିଶେଷ ସହାୟକ ହେବ । ତତ୍‌ସହିତ ସେମାନଙ୍କର ସୃଜନଶୀଳତା ଓ ଆତ୍ମବିଶ୍ୱାସରେ ଅଭିବୃଦ୍ଧି ଘଟିବ । ଏହି ଗୋଷ୍ଠୀ ଗତ ପାରସ୍ପରିକ କ୍ରିୟା ଏବଂ ଦଳଗତ କାର୍ଯ୍ୟ ମାଧ୍ୟମରେ ସାମାଜିକ ଦକ୍ଷତାର ବିକାଶ ସାଧିତ ହେବା ସଙ୍ଗେ ସଙ୍ଗେ ଶୈକ୍ଷିକ ପ୍ରଦର୍ଶନ କ୍ଷେତ୍ରରେ ଉନ୍ନତି, ଜ୍ଞାନ ଧାରଣ କ୍ଷମତା ଓ ଶୃଙ୍ଖଳା ମାର୍ଗକୁ ଯଥୋଚିତ ଭାବେ ବୃଦ୍ଧି କରିବାରେ ସହାୟକ ହେବ ।

ନୃତ୍ୟ ଶିକ୍ଷକ / ଶିକ୍ଷୟତ୍ରୀଙ୍କ ନିମନ୍ତେ ଏକ ମାର୍ଗଦର୍ଶିକା ନିମ୍ନରେ ପ୍ରଦାନ କରାଗଲା ।

୧. ନୃତ୍ୟ ଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ଶ୍ରେଣୀ ଗୃହ ବା ଅଭ୍ୟାସ ଗୃହ ପ୍ରଶସ୍ତ ଓ ବାୟୁ ଚଳାଚଳ ହୋଇପାରୁଥିବା ସ୍ଥାନ ହେବା ନିତ୍ୟାନ୍ତ ଆବଶ୍ୟକ ।

୨. ଶିକ୍ଷାଦାନ ନିମନ୍ତେ ଉଦ୍ଦିଷ୍ଟ ପଦ୍ଧତି ଉପରେ ଧ୍ୟାନ କେନ୍ଦ୍ରିତ କରିବା, ଯେପରି,

- ଆଞ୍ଚଳିକ ଭିତ୍ତିରେ ପ୍ରଦର୍ଶିତ ନୃତ୍ୟଶୈଳୀ ସମୂହର ଅଭ୍ୟାସ ଓ ଶିକ୍ଷଣର ଯଥାର୍ଥ କ୍ରମକୁ ଅଧ୍ୟୟନ କରିବେ ।
- ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ ନୃତ୍ୟ ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରିବେ ।
- ନିଜର ଭାବନାକୁ ବ୍ୟକ୍ତ କରିବାର ପଦ୍ଧତି ସମ୍ବନ୍ଧୀୟ ଜ୍ଞାନ ଆହୋରଣ କରିବେ ଏବଂ ନିଜ ଭାବକୁ ସହଜରେ ପ୍ରକାଶ କରିବେ ।
- ନିଜର ଗତି ଓ ଭାବକୁ ପ୍ରକାଶ କରିବା ପାଇଁ ଶରୀରର ବିଭିନ୍ନ ଅଙ୍ଗ ଚାଳନାର ପ୍ରଦର୍ଶନ ସମ୍ବନ୍ଧୀୟ ଜ୍ଞାନ ବୁଝିବେ ।
- ଅଙ୍ଗ ଚାଳନା ପ୍ରକ୍ରିୟାର ଅଭ୍ୟାସରେ ସହଯୋଗିତା ଓ ତାହାର ଗୁରୁତ୍ୱ ପ୍ରତି ଯତ୍ନବାନ ହେବେ ।
- ନୃତ୍ୟରେ ବ୍ୟବହୃତ ବିଭିନ୍ନ ଉପାଦାନ ଗୁଡିକର ଏକତ୍ରିକରଣ ସମ୍ବନ୍ଧୀୟ ସୃଜନଶୀଳତା ପ୍ରସଙ୍ଗରେ ଆଲୋକପାତ କରିବେ ।
- ଆପଣଙ୍କ ମୂଲ୍ୟାଙ୍କନ ନିମନ୍ତେ ନିମ୍ନରେ ପ୍ରଦତ୍ତ ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ଉପରେ ସଦୟ ଧ୍ୟାନ ଦେବା ଏକାନ୍ତ କାମ୍ୟ ।
- ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା କରାଯାଇଥିବା ପ୍ରୟାସ, ନୂତନ କିଛି ଶିକ୍ଷାକରିବା କ୍ଷେତ୍ରରେ ସେମାନଙ୍କ ମନୋଭାବ, ଆବେଗ ଓ ଅଭିବ୍ୟକ୍ତି ସହିତ ସହାନୁଭୂତି ପ୍ରଦର୍ଶନ ଏବଂ ଅଂଶୀଦାର ହୋଇ ସହଯୋଗ ମନୋଭାବ ପୋଷଣ କ୍ଷେତ୍ରରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

**ପାଠ୍ୟକ୍ରମ ଲକ୍ଷ୍ୟ ଓ ଦକ୍ଷତା**

ପାଠ୍ୟ ପୁସ୍ତକ ମାଧ୍ୟମରେ ଆବୃତ୍ତ ହୋଇଥିବା ଆୟାମ ଗୁଡ଼ିକ ସମ୍ବନ୍ଧରେ ନିମ୍ନରେ ତାଲିକାଭୁକ୍ତ କରାଯାଇଛି । ପ୍ରତ୍ୟେକ ଅଧ୍ୟାୟରେ ଶିକ୍ଷଣ ଫଳାଫଳ ନିମନ୍ତେ ଏକ ମାନ ନିର୍ଦ୍ଧାରଣ ନିର୍ଦ୍ଦେଶାବଳୀ ସହିତ ସାରଣୀରେ ତାଲିକାଭୁକ୍ତ କରାଯାଇଛି ।

**ପାଠ୍ୟକ୍ରମ ଲକ୍ଷ୍ୟ ୧ :** କଳା ଦ୍ୱାରା ମାନବ ଅଭିଜ୍ଞତାର ଅନୁସନ୍ଧାନ, ଚିତ୍ରଣ ଏବଂ ପାଳନ କରିବା ପାଇଁ ଆତ୍ମବିଶ୍ୱାସର କ୍ରମ ବିକଶିତ ହୋଇଥାଏ ।

**ଦକ୍ଷତା ୧.୧ :** ସେମାନେ ନୃତ୍ୟ ସଂରଚନା ଓ ନୃତ୍ୟ ପରିବେଷଣ କରିବା ପାଇଁ ଉତ୍ସାହିତ ହେବେ ଏ ସାଥିରେ ଥିବା ଅଙ୍ଗର ଭଙ୍ଗୀ ସହିତ ପରିଚିତ ହେବେ ।

https://withteachers.in/

୧.୨: ନୃତ୍ୟ ଚଳନ ସହିତ ସହଯୋଗୀତାନୁସାରେ କାର୍ଯ୍ୟ କରିବା ସମୟରେ ତାର ଧାରଣା ଓ ପ୍ରତିକ୍ରିୟା ପ୍ରଦାନ କରିଥାଏ ।

**ପାଠ୍ୟକ୍ରମ ଲକ୍ଷ୍ୟ୨ :** କଳା ସହିତ ମୁକ୍ତ ଭାବରେ ଅଭ୍ୟାସ କରିବା ଦ୍ୱାରା ସେମାନଙ୍କର କଳ୍ପନା ଓ ସୃଜନଶୀଳତାର ଅଭିବୃଦ୍ଧି ଘଟିଥାଏ ।

୨.୧: ଦୈନନ୍ଦିନ କାର୍ଯ୍ୟ ବ୍ୟକ୍ତିଗତ ଅଭିଜ୍ଞତା ଉପରେ ଆଧାରିତ ନୃତ୍ୟ ଓ ତାହାର ଅଙ୍ଗଭଙ୍ଗୀ ସୃଷ୍ଟିକରିବା ଓ ଅଭ୍ୟାସ କରିବା ।

୨.୨: ବିଭିନ୍ନ ନୃତ୍ୟ ଏବଂ ତା'ର ଚଳନ ଶୈଳୀରେ ଗତି, ତାଳ, ଅଙ୍ଗଭଙ୍ଗୀ, ବିଷୟ ବସ୍ତୁ ଏବଂ ଅଭିବ୍ୟକ୍ତିକୁ ନୃତ୍ୟ ମାଧ୍ୟମରେ ଥିବା ତୁଳନା ଓ ବିଷମତା ବିଷୟରେ ଶ୍ରେଣୀଗୃହରେ ପରିଚିତ କରିବ ।

**ପାଠ୍ୟକ୍ରମ ଲକ୍ଷ୍ୟ୩:** କଳାରେ ମୌଳିକତା, ସାମଗ୍ରୀ ସଂଚାଳନ ଓ କୌଶଳ ସମ୍ବନ୍ଧରେ ଅନୁସନ୍ଧାନ କରିବା ।

୩.୧: ନୃତ୍ୟ ଓ ତାହାର ଗତିବିଧିରେ ବ୍ୟବହୃତ ଅଙ୍ଗଭଙ୍ଗୀ, ବାଦ୍ୟଯନ୍ତ୍ର, ପୋଷାକ ଓ ଅନ୍ୟାନ୍ୟ ବ୍ୟବସ୍ଥା ସହିତ କାର୍ଯ୍ୟକାରୀ ହେଉଥିବା ଶୈଳୀରେ ରୁଚିପୂର୍ଣ୍ଣ ଆଗ୍ରହ ସୃଷ୍ଟି କରିବା ।

୩.୨: ନୃତ୍ୟାଭ୍ୟାସରେ ଅଂଶଗ୍ରହଣ କରିଥିବା ପ୍ରତିଭାଗୀମାନେ ନୃତ୍ୟରେ ସଂଯୋଜିତ ଓ ପରିବେଷିତ ହେଉଥିବା ବିଭିନ୍ନ ଅଙ୍ଗଭଙ୍ଗୀ ଓ ନୃତ୍ୟକଳାର ଚୟନ କରିବା ।

**ପାଠ୍ୟକ୍ରମ ଲକ୍ଷ୍ୟ୪:** ନୃତ୍ୟରେ ପ୍ରଯୁଜ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟ ଓ ତାହାର ଅନୁସନ୍ଧାନ କରିବା ସହିତ ବିଭିନ୍ନ ସ୍ଥାନୀୟ କଳାରୂପ ଓ ସାଂସ୍କୃତିକ ପ୍ରଥା ଗୁଡିକ ସମ୍ବନ୍ଧରେ ନିଜସ୍ୱ ଆଗ୍ରହ ସୃଷ୍ଟି କରିବା ।

୪.୧: ନୃତ୍ୟ ଓ ଅଙ୍ଗଭଙ୍ଗୀର ଚଳନଦ୍ୱାରା ପ୍ରକୃତିର ଉପାଦାନ ଗୁଡ଼ିକୁ ଚିହ୍ନଟ କରିବା ସହିତ ତାହାର କଳାତ୍ମକ ଗୁଣ ସମ୍ବନ୍ଧରେ ବର୍ଣ୍ଣନା କରିବା ।

୪.୨: ସ୍ଥାନୀୟ କଳା ଓ ସଂସ୍କୃତି ପ୍ରତି କୌତୁହଳ ପ୍ରଦର୍ଶନ କରିବା ।



https://withteachers.in/

## ଅଧ୍ୟାୟ ୧୪



# ନୃତ୍ୟରେ ମୋର ଶରୀର

### ନୃତ୍ୟ ଜଗତକୁ ପୁଣିଥରେ ସ୍ୱାଗତ

ଆଶା କରୁଛି, ପୂର୍ବବର୍ଷ ତୁମେମାନେ ତୁମର ସାଙ୍ଗ ସାଥୀ ଓ ଶିକ୍ଷକ ମାନଙ୍କ ସହିତ ନୃତ୍ୟକରି ଆନନ୍ଦିତ ହୋଇଥିବ। ଏହା ସହିତ ଶରୀର ଚାଳନା ଓ ଅଙ୍ଗଭଙ୍ଗୀ, ହସ୍ତମୁଦ୍ରା ଏବଂ ପାରମ୍ପରିକ ଓ ଲୋକ ନୃତ୍ୟଶୈଳୀ ବିଷୟରେ ଶିକ୍ଷାଗ୍ରହଣ କରିଛ । ଏହି ବର୍ଷ ତୁମେମାନେ  ସମସ୍ତ କଳାରୂପ ସହିତ ଜଡିତ ଥିବା ପଞ୍ଚତନ୍ତ୍ର ଗଳ୍ପରୁ ଆରମ୍ଭ କରିବ । ଏହି ଗଳ୍ପକୁ ଆଧାର କରି ନୃତ୍ୟ ମଧ କରିବ । ତତ୍‌ସହିତ ତୁମେମାନେ ପଶୁମାନଙ୍କ ଭଳି ଚଳପ୍ରଚଳ କରିବା ସହିତ ପକ୍ଷୀ ମାନଙ୍କ ପରି ନୃତ୍ୟରେ ଉଡ଼ିବା ଶିଖିବ । କିନ୍ତୁ ଚାଲ ପ୍ରଥମେ ନୃତ୍ୟ ଆରମ୍ଭ କରିବା ।



## କ୍ରିୟାକଳାପ-୧୪.୧ ପାର୍ବଣ ସଙ୍ଗୀତରେ ନୃତ୍ୟ

ଆମ ଦେଶର ଲୋକମାନେ ବିଭିନ୍ନ ପର୍ବପର୍ବାଣୀ ପାଳନ କରନ୍ତି । ତେବେ ତୁମ ପସନ୍ଦର ପର୍ବ କ'ଣ ? ତୁମେ ଏହାକୁ କିପରି ପାଳନ କର ? ତୁମେ ଏହା ଉପରେ ଆଧାରିତ ଗୀତ ଓ ନୃତ୍ୟ ପରିବେଷଣ କରିପାରିବ କି ?

ସମଗ୍ର ଭାରତରେ ପାଳନ କରାଯାଉଥିବା ନବରାତ୍ରି ପର୍ବ ସମ୍ବନ୍ଧରେ ତୁମେ ଜାଣ କି ?

ପ୍ରତ୍ୟେକ ରାଜ୍ୟର କିଛି ନିଜସ୍ୱ ନୃତ୍ୟ ଶୈଳୀ ଅଛି । ସବୁଠାରୁ ଆକର୍ଷଣୀୟ ହେଉଛି ଏହାର ନୃତ୍ୟ ଓ ସଂଗୀତ । ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନୃତ୍ୟ ଶୈଳୀ ସମ୍ବନ୍ଧରେ ନିମ୍ନରେ କିଛି ଉଦାହରଣ ଦିଆଯାଇଛି । ତୁମେମାନେ କୌଣସି ପର୍ବପାଇଁ ସ୍ୱତନ୍ତ୍ର ନୃତ୍ୟଶୈଳୀ ଜାଣିଛ କି ?

ଆସ ତୁମ ମନ ପସନ୍ଦର ପାର୍ବଣ ଗୀତରେ ତାଳଦେଇ ସମସ୍ତେ ନାଚିବା ।







**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :-**
ଆଞ୍ଚଳିକ ଲୋକପ୍ରିୟ ପାର୍ବଣ ଗୀତ ଚୟନ କରି ଛାତ୍ରଛାତ୍ରୀ ମାନଙ୍କୁ ସେହି ଗୀତରେ ବିଭିନ୍ନ ଲଳିତ ଅଙ୍ଗଭଙ୍ଗୀ ମାଧ୍ୟମରେ ନୃତ୍ୟ ଶିକ୍ଷା ପ୍ରଦାନ କରନ୍ତୁ ।



https://withteachers.in/

## କ୍ରିୟାକଳାପ-୧୪.୨ ଦୈନନ୍ଦିନ ଜୀବନର ଅଙ୍ଗଭଙ୍ଗୀ

ବର୍ତ୍ତମାନ ତୁମେ ଦୌନନ୍ଦିନ ଜୀବନର କ୍ରିୟାକଳାପ ଗୁଡ଼ିକୁ ଉପରେ ଧ୍ୟାନଦେଇ ଏବଂ ସେଗୁଡ଼ିକ ନିଜର ଅଙ୍ଗଭଙ୍ଗୀରେ ଚେଷ୍ଟା କର ।

**ଉଦାହରଣ ସ୍ୱରୂପ :-**

ଆୟୁଷୀର ମା' କିପରି ପ୍ରସ୍ତୁତ ହୋଇ ଅଫିସ୍ ଯାନ୍ତି ? ସେ କିଭଳି କାନଫୁଲ ପିନ୍ଧନ୍ତି ଏବଂ ତାଙ୍କର ଲଞ୍ଚବକ୍ସ ପ୍ରସ୍ତୁତ କରନ୍ତି ।

ବର୍ଷାର ଦାଦା କିଭଳି ରାତ୍ରି ଭୋଜନ ପ୍ରସ୍ତୁତ କରନ୍ତି ?

ଏଭଳି କାର୍ଯ୍ୟକଳାପ ଗୁଡ଼ିକୁ କଲା ବେଳେ ତୁମ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ କିଭଳି ଚାଳନା କରିବାକୁ ପଡେ ତାହା ତୁମେ କେବେ ଧ୍ୟାନ ଦେଇ ଦେଖିଛ ଏବଂ ତାକୁ ବୁଝିଛ କି ? ଯେକୌଣସି ଘଟଣାକୁ ଚୟନ କର କିମ୍ବା ଦିଆଯାଇଥିବା ଉଦାହରଣ ଗୁଡିକ ମଧ୍ୟରୁ ଗୋଟିଏ ବାଛ । ଏହାକୁ ବିଭିନ୍ନ ହସ୍ତ ଚାଳନା, ହସ୍ତମୁଦ୍ରା ଏବଂ ଶରୀରର ଅଙ୍ଗ ଚାଳନା ସହାୟତାରେ ପରିବେଷଣ କର । ଏହି ପ୍ରକାର ଅଙ୍ଗଚାଳନା ବେଳେ ମାତ୍ରା ଗୁଡ଼ିକୁ ଗଣନା କର । ବର୍ତ୍ତମାନ ତୁମର ଗୀତ ଅନୁସାରେ ତୁମେ ନୃତ୍ୟ କର ।





## ତାଳ ଏବଂ ଲୟ

ତୁମେ ୩ୟ ଶ୍ରେଣୀରେ ଶିଖିଥିବା ୪ ମାତ୍ରା ବିଶିଷ୍ଟ ତାଳରେ ପାଦ ଚାଳନା- ୧ , ୨ କୁ ମନେ ପକାଇ ପାରୁଛ କି ?

**ଏହି ଧ୍ୱନି ଗୁଡିକ ହେଉଛି :**

ଧାS କଧି ନାକ ଧିନି / ନା ଥିନି ଥିନି ତାକ

ଧା ଧିନ ଧିନ ଧା / ତା ଥେଇ ଥେଇ ତାତ୍

**ତୁମେ ମଧ ଧ୍ୱନି ବ୍ୟବହାର କରିପାରିବ ଯେପରି -**

ଧା ଧା ଧା ଧା / ଧା ଧିନି ତାଃ ଧିନି

ଧିମି ଧିମି ତା ତା

ସଠିକ୍ ଗତି ନିଶ୍ଚିତ କରିବାକୁ ବାଣୀ କିମ୍ବା ମାତ୍ରା ଗଣନା ୧ ୨ ୩ ୪ ବ୍ୟବହାର କର ।

**ତୁମେ ବର୍ତ୍ତମାନ ତିନୋଟି ମାତ୍ରା ବିଶିଷ୍ଟ ତାଳ କରି ପାରିବ କି ?**

ଧା ଧିନା କିଟା ନା ତିନା କିଟା

ଗୋଡ ବାଡେଇ ହାତରେ ତାଳି ପକାଇ ଏବଂ ଆଙ୍ଗୁଠି ସାହାଯ୍ୟରେ ମାତ୍ରା ଗଣନା କରି ଚାରିଆଡେ ବୁଲିବାକୁ ଚେଷ୍ଟା କର ।

ତାଳର ମାତ୍ରା, ଅଙ୍ଗଭଙ୍ଗୀ ଏବଂ ହାତର ହସ୍ତମୁଦ୍ରା ସହିତ ବିଭିନ୍ନ ପରିସ୍ଥିତି ବିଷୟରେ ଚିନ୍ତା କର ଏବଂ ତାଳି ପକାଇ ତାହାର ମଜାନିଅ ।

## ବୃକ୍ଷ ରୋପଣ କରିବା ସମୟରେ ନାଚ

ବର୍ତ୍ତମାନ ବାହାରର ଗତିବିଧି ଗୁଡ଼ିକୁ ଅନ୍ୱେଷଣ କର । ଉଦାହରଣ ସ୍ୱରୂପ, ତୁମେ ମାଟି ଖୋଳି ଗଛ ଲଗେଇବା ଏବଂ ପାଣି ଦେବା ବେଳେ ନୃତ୍ୟ କରି ପାରିବ କି ? ତଳେ ଦିଆଯାଇଥିବା ଚିତ୍ର ଗୁଡିକୁ ଅନୁସରଣ କରି ତୁମର ନିଜ ସ୍ୱତନ୍ତ୍ର ଗତିବିଧି ତିଆରି କର । ପ୍ରତି ଗତିବିଧି ସହିତ ସ୍ୱର ଏବଂ ତାଳର ସଂଯୋଗ କର ।

ଏହା ଆମ ବିଚିତ୍ର ବିଶ୍ୱ (୪ର୍ଥ ଶ୍ରେଣୀ) ପାଠ୍ୟ ପୁସ୍ତକର ଚତୁର୍ଥ ଅଧ୍ୟାୟ ସହ ସମ୍ପର୍କିତ କାର୍ଯ୍ୟକଳାପ ହୋଇପାରେ ।






https://withteachers.in/


**ତା ତା ତା ତା**

ମାଟି ଖୋଳିଲା ପରି ନୃତ୍ୟ କର ଯେପରି ଉଭୟ ହସ୍ତରେ ମୁଷ୍ଟି ହସ୍ତମୁଦ୍ରା ଧାରଣ କରିବେ

**ତା ତା ତା ତା**

ଖୋଳା ହୋଇଥିବା ମାଟିକୁ ଠିକ୍ ଭାବରେ ହାଣିବା ଅର୍ଥରେ ଉଭୟ ପତାକ ହସ୍ତ ମୁଦ୍ରା।


**ଧ୍ ଧ୍ ଧ୍ ଧ୍**

ମାଟି ଖୋଳି ଫୁଲ ଗଛର ମଞ୍ଜି ପୋତିବାର ଅର୍ଥରେ ମୁକୁଳ ହସ୍ତମୁଦ୍ରା ବ୍ୟବହାର ହୁଏ। ।




**ଧ୍ ଧ୍ ଧ୍ ଧ୍**

ମାଟି କୁଣ୍ଡରେ ଲାଗିଥିବା ଗଛକୁ ପାଣି ଦେବାର ଅର୍ଥରେ ଡାହାଣ ହାତକୁ ମୁଷ୍ଟି ଓ ବାମହସ୍ତକୁ ପତାକ ହସ୍ତ ମୁଦ୍ରା ରୂପେ ବ୍ୟବହାର କର।

https://withteachers.in/

## କ୍ରିୟାକଳାପ-୧୪.୩ ଶୀର, ଗ୍ରୀବା ଏବଂ ଚକ୍ଷୁ ଚାଳନା

ପିଲାମାନେ, ତୁମେମାନେ ତୃତୀୟ ଶ୍ରେଣୀରେ ପଢ଼ିଥିବା ଆମ ଶରୀରର କ୍ଷୁଦ୍ର ଅଂଶଗୁଡ଼ିକୁ ମନେ ରଖିଛ କି ? ବର୍ତ୍ତମାନ ଏହି ପର୍ଯ୍ୟାୟରେ ତୁମେ ତୁମର ଶୀର (ମୁଣ୍ଡ), ଗ୍ରୀବା (ବେକ) ଚାଳନାକୁ ଧାନଦେଇ ଦେଖ ।

### ଶୀର, ଗ୍ରୀବା ଏବଂ ଚକ୍ଷୁ ଚାଳନା ମାଧ୍ୟମରେ ନିଜ ଭାବ ପରିପ୍ରକାଶ କର

ପିଲାମାନେ ତୁମେ କେବଳ ତୁମର ଶୀର ଏବଂ ଗ୍ରୀବା ଚାଳନା ଦ୍ୱାରା ଭାବର ଆଦାନ ପ୍ରଦାନ କରିପାରିବ କି ? ନାହିଁ କହିବା ଅର୍ଥରେ ତୁମେ ତୁମ ଶୀରକୁ ଡାହାଣରୁ ବାମ ପାର୍ଶ୍ୱକୁ ଚାଳନା କରୁଛ କି ? ହଁ କହିବା ଅର୍ଥରେ ତୁମେ ତୁମ ଶୀରକୁ ଉପର ତଳକୁ ଚଳନା କରୁଛ କି ? ନୀଳ ଆକାଶକୁ ଦେଖିବା ପାଇଁ ଆଶ୍ଚର୍ଯ୍ୟ ଭାବେ ଉପରକୁ ଚାହିଁଛ କି ? କୌଣସି ଗୋଟିଏ ହ୍ରଦରେ ଭାସୁଥିବା ପ୍ଲାଷ୍ଟିକ୍‌କୁ ଦେଖି ଦୁଃଖ ପ୍ରକାଶ କରିବାରେ ମୁହଁ ତଳକୁ କର କି ? ରାସ୍ତାରେ ପଡ଼ିଥିବା ଅଳିଆକୁ ଦେଖି ତୁମେମାନେ କ୍ରୋଧିତ ହେବା ସହିତ ଘୃଣା କରି ମୁଣ୍ଡ ହଲାଇ ନିଜର ରାଗକୁ ପ୍ରଦର୍ଶିତ କର କି ? ଆମେ ଦେଖୁଥିବା ପଶୁମାନେ ମଧ୍ୟ ନିଜ ମନର ଭାବ ପରିପ୍ରକାଶ ପାଇଁ ସେମାନଙ୍କର ଶୀର (ମୁଣ୍ଡ) ଓ ଗ୍ରୀବା (ବେକ) କୁ ବ୍ୟବହାର କରିଥାନ୍ତି କି ? ଆମ ସମାଜର ମଣିଷ ମାନେ କିମ୍ବା ଜୀବଜନ୍ତୁ ମାନେ ସେମାନଙ୍କ ଶରୀର ଓ ଗ୍ରୀବା ଚାଳନା ଦ୍ୱାରା କିପରି ଭାବ ପ୍ରକାଶ କରନ୍ତି ତାହାକୁ ପରିକଳ୍ପନା କର ଏବଂ ସେଗୁଡ଼ିକର କାଳାତ୍ମକ ତଥା ସୁନ୍ଦର ପ୍ରୟୋଗ ଗୁଡ଼ିକୁ ଶିକ୍ଷାଲାଭ କର । ଶୀର ଓ ଗ୍ରୀବାକୁ ଭିନ୍ନ ଭିନ୍ନ ଉପାୟରେ ଚାଳନା କରି ଭାବର ପରିପ୍ରକାଶ ହୋଇପାରିବ ।



ଆଶ୍ଚର୍ଯ୍ୟ ହୋଇ କିପରି ତାରାଙ୍କୁ ଦେଖୁଛ ?



ଯେତେବେଳେ ତୁମେ ଦୁଃଖି ଥାଅ, ସେତେବେଳେ ତୁମେ କ'ଣ ମୁଣ୍ଡକୁ ତଳକୁ କରି ରଖ ?



ତୁମେ କ'ଣ ଇନ୍ଦ୍ରଧନୁର ପଥ ଅନୁସରଣ କରିବ, ଯାହା ତୁମକୁ ଖୁସି କରିଥାଏ ?



ତୁମେ କେବେ ଆଇସ୍‌କ୍ରିମ୍‌କୁ ଖାଇବାରେ ନା କହିବ ?



ଗୋଟିଏ ପକ୍ଷୀ ତା'ର ବେକ କିପରି ହଲାଏ ?



ସିଂହ ପରି ତୁମର ବେକକୁ ନଇଁ ପକାଅ ?



ଗାଈ ପରି ବେକ ହଲାଅ ?







ପିଲାମାନେ, ବର୍ତ୍ତମାନ ତୁମେମାନେ ଆସ ଆମ ଶରୀରର ଭିନ୍ନ ଭିନ୍ନ ଅଙ୍ଗଚାଳନା ସହିତ ଆମେ ଆମ ମନର ଭାବକୁ ମିଶେଇବା । ତୁମେମାନେ ପୂର୍ବରୁ ଏ ବିଷୟରେ ପଢ଼ିଛ ।



https://withteachers.in/

## ନିମ୍ନଲିଖିତ ମୁଣ୍ଡ ଏବଂ ବେକ ଗତିବିଧିକୁ ପାର୍ଶ୍ୱରେ ଥିବା ଉପଯୁକ୍ତ ଭାବ ସହିତ ମେଳ କରାଅ

| | | | |
|---|---|---|---|
| ଗୋଟିଏ ସିଂହ ତା'ର ପ୍ରତିଛବିକୁ ପାଣିରେ ଦେଖୁଛି । |  | ଆଶ୍ଚର୍ଯ୍ୟ |  |
| ସ୍ୱଚ୍ଛ ଆକାଶରେ ଥିବା ତାରାଗୁଡ଼ିକୁ ଖାଲି ଆଖିରେ ଦେଖ । |  | ସାହସିକତା |  |
| ବନ୍ୟ ପ୍ରାଣିମାନେ ସିଂହ ପାଖକୁ ଯିବାକୁ ଚାହୁଁ ନାହାଁନ୍ତି । |  | କ୍ରୋଧ |  |
| ହ୍ରଦରେ ଥିବା ପ୍ଲାଷ୍ଟିକ ବୋତଲଗୁଡ଼ିକୁ ଦେଖୁଛ । |  | ଭୟ |  |
| ଠେକୁଆ ସିଂହ ପାଖକୁ ଯାଉଛି । |  | ଖୁସି |  |
| ସିଂହ କୂଅକୁ ଡେଇଁ ପଡ଼ିବା ପରେ ବନ୍ୟ ପ୍ରାଣିମାନେ ଆନନ୍ଦିତ ହେଉଛନ୍ତି । |  | ଦୁଃଖ |  |

https://withteachers.in/

## କ୍ରିୟାକଳାପ-୧୪.୪ ପଶୁମାନଙ୍କର ଗତିବିଧି



ତୁମେମାନେ ଦେଖିଥିବ ବିଭିନ୍ନ ପଶୁ ମାନଙ୍କର ଗତିବିଧିର ଶୈଳୀ ଭିନ୍ନ ଭିନ୍ନ ଥାଏ । ଯେପରିକି ଚାଲିବା, ଚଢ଼ିବା, ଶୋଇବା, ମୁହଁର ଭାବ ଭଙ୍ଗୀ ପ୍ରକାଶ କରିବା ଇତ୍ୟାଦି । ସେହିପରି ପଞ୍ଚତନ୍ତ୍ର କାହାଣୀରେ ପଶୁମାନଙ୍କ ଚରିତ୍ର ଓ ସେମାନଙ୍କର ବିଭିନ୍ନ ଗତିବିଧି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି । ଆମ ଦେଶରେ ଅନେକ ନୃତ୍ୟ ଅଛି । ଯାହା ପଶୁ ମାନଙ୍କର ଗତିବିଧି ଉପରେ ଆଧାରିତ । ଏହାକୁ ପଶୁନୃତ୍ୟ ମଧ୍ୟ କୁହାଯାଇଥାଏ ।

ଯେପରିକି ; ବାଘ ନୃତ୍ୟ, ମୟୂର ନୃତ୍ୟ, ସିଂହ ନୃତ୍ୟ, ଘୋଡା ନୃତ୍ୟ ଇତ୍ୟାଦି ।








https://withteachers.in/


# ହସ୍ତ ମୁଦ୍ରାରେ ପଶୁ

ପଶୁପକ୍ଷୀ ମାନଙ୍କର ଗତିବିଧି ଜାଣିବା ପୂର୍ବରୁ ତୁମେମାନେ ଜାଣିଛ କି କେତେଗୁଡ଼ିଏ ହସ୍ତମୁଦ୍ରା ପଶୁପକ୍ଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଅଛି । ନିମ୍ନରେ କେତେଗୁଡ଼ିଏ ହସ୍ତମୁଦ୍ରାର ଉଦାହରଣ ଦିଆଗଲା ।



ମତ୍ସ୍ୟ
(Fish)


କୂର୍ମ
(Tortoise)


ବରାହ
(Boar)



ଗରୁଡ଼
(Eagle)



ନାଗବନ୍ଧ
(Snake)



ଭେରୁଣ୍ଡ
(Eagle head)


ମୟୂରି
(Peacock)


ହଂସାସ୍ୟ
(Butterfly)



ତାମ୍ରଚୂଡ଼
(Bird head)


କପିଥ
(Bird)


ସର୍ପଶିର
(Snake / Serpent Head )


ସିଂହମୁଖ
(Lion face)


ଭ୍ରମର
(Bee)


ବ୍ୟାଘ୍ର
(Tiger)

https://withteachers.in/

ବିଭିନ୍ନ ପ୍ରାଣୀମାନଙ୍କ ଅର୍ଥରେ ବ୍ୟବହାର କରିବା ପାଇଁ କାଳ୍ପନିକ ହସ୍ତମୁଦ୍ରାଗୁଡ଼ିକୁ କରିବାକୁ ଚେଷ୍ଟା କର । ହସ୍ତ ମୁଦ୍ରା ସହିତ ପ୍ରାଣୀ ମାନଙ୍କର ଗତି ବିଧିର ଉଦାହରଣ ନିମ୍ନ ତାଲିକାରେ ଦିଆଯାଇଛି ।





ବର୍ତ୍ତମାନ, ତୁମେ ତୁମର ପ୍ରିୟ ପଶୁ ପରି ଚାଲିପାରିବ କି ? ତେବେ ଆସ ଚେଷ୍ଟା କରିବା। ପଞ୍ଚତନ୍ତ୍ର କାହାଣୀରେ ଥିବା ଠେକୁଆ ଆଦି ପଶୁମାନଙ୍କର ଗତିବିଧି ଏବଂ ଅଙ୍ଗଭଙ୍ଗୀ ପରିବେଷଣ କର । ବିଭିନ୍ନ ପ୍ରାଣୀ ମାନଙ୍କର ଗତିବିଧି କେଉଁଭଳି ତାହା ଉପରେ ଗୁରୁତ୍ୱ ଦିଅ । ହସ୍ତମୁଦ୍ରା, ଶୀର ଓ ଗ୍ରୀବାର ଗତିବିଧିକୁ ୪ ମାତ୍ର ବିଶିଷ୍ଟ ତାଳ ସହିତ ଏକାଠି ସଂଯୋଗ କର। ନିଜ ଶୈଳୀରେ ପଶୁମାନଙ୍କ କାହାଣୀ ଉପରେ ଆଧାର କରି ଏକ ନୃତ୍ୟ ସଂରଚନା କର । ପ୍ରତ୍ୟେକ ପ୍ରାଣୀ ପାଇଁ ଅଲଗା ହସ୍ତ ମୁଦ୍ରା ଏବଂ ଅଙ୍ଗଭଙ୍ଗୀ ବ୍ୟବହାର କର ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ପିଲାମାନଙ୍କୁ ବିଭିନ୍ନ ପଶୁର ଗତିବିଧି କରିବାକୁ ପରାମର୍ଶ ଦିଅନ୍ତୁ । ଯଦି ସମ୍ଭବ ୪ ମାତ୍ରା ବିଶିଷ୍ଟ ତାଳରେ ତାଳି ଦେଇ ସଙ୍ଗୀତ ପରିବେଷଣ କରନ୍ତୁ ।



https://withteachers.in/

## ମାନ ନିର୍ଦ୍ଧାରଣ ଅଧ୍ୟାୟ-୧୪ - ନୃତ୍ୟରେ ମୋର ଶରୀର

ଦକ୍ଷତା : ପାଠ୍ୟକ୍ରମ ଲକ୍ଷ୍ୟ ୧ - ଦକ୍ଷତା- ୧.୧; ପାଠ୍ୟକ୍ରମ ଲକ୍ଷ୍ୟ ୨- ଦକ୍ଷତା- ୨.୨, ଦକ୍ଷତା- ୨.୨

| ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
|---|---|---|
| ଗୀତ ବ୍ୟବହାର କରି ଉତ୍ସାହର ସହିତ ନୃତ୍ୟ କର । | | |
| କାର୍ଯ୍ୟ ପାଇଁ କାଳ୍ପନିକ ହସ୍ତ ମୁଦ୍ରାଗୁଡ଼ିକୁ ବ୍ୟବହାର କର । | | |
| ଶୀର ଓ ଗ୍ରୀବାର ବ୍ୟବହାରକୁ ବୁଝିବେ | | |
| ଭାବ ପ୍ରକାଶ କରିବା କ୍ଷେତ୍ରରେ ସହଜ ଅନୁଭବ କରୁଅଛ କି ? | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ________________________________

________________________________________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ________________________

________________________________________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ________________________________________

________________________________________________

https://withteachers.in/

ଅଧ୍ୟାୟ - ୧୫



# ମୋର ନୃତ୍ୟ କାହାଣୀ କହେ

ମୁଁ ଆଶା କରେ ତୁମେମାନେ ପଞ୍ଚତନ୍ତ୍ର କାହାଣୀର ସିଂହ ଓ ଠେକୁଆ ଗପଟିକୁ ପଢ଼ି ଆନନ୍ଦ ଅନୁଭବ କରୁଛ। ଏବେ ଆସ ଏହାକୁ ନେଇ ନୃତ୍ୟ କରିବା ।









https://withteachers.in/

## କ୍ରିୟାକଳାପ-୧୫.୧ ପଶୁ ଭଳି ଖେଳିବା

ପିଲାମାନେ ଆସ ଆମେ ଏବେ ପଶୁ ମାନଙ୍କ ଅଙ୍ଗଭଙ୍ଗୀକୁ ନେଇ ଏକ ଖେଳ ଖେଳିବା । ତୁମେ ପ୍ରଥମେ ପଶୁମାନଙ୍କର କାର୍ଯ୍ୟକଳାପ ଏବଂ ଚାଲିଚଳନକୁ ଭାବିବାକୁ ଚେଷ୍ଟାକର । ତୁମକୁ ସଙ୍ଗେ ସଙ୍ଗେ ତାହା କରିବାକୁ ପଡ଼ିବ । କାରଣ ସେଥିପାଇଁ ତୁମକୁ ଭାବିବାକୁ କୌଣସି ଅତିରିକ୍ତ ସମୟ ଦିଆଯିବ ନାହିଁ ।

ତୁମେ ସମସ୍ତେ ଏବେ ବୃତ୍ତାକାରରେ ଛିଡା ହୁଅ ଏବଂ ଶିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ରୁହ । କିନ୍ତୁ ମନେରଖ, ତୁମେ ଯେତେବେଳେ କୌଣସି ପଶୁକୁ ଦେଖାଉଛ । ସେତେବେଳେ ତୁମେ ପୂର୍ବରୁ ଶିଖିଥିବା ହସ୍ତ ମୁଦ୍ରାର ବ୍ୟବହାର କର । ସେଠାରେ ତୁମେ ହାତୀର ବଡ ବଡ କାନକୁ ଦେଖାଇବା ପାଇଁ ପତାକ ହସ୍ତ କିମ୍ବା ତାର ଶୁଣ୍ଢକୁ ଦେଖାଇବା ପାଇଁ ସିଂହମୁଖ ହସ୍ତର ବ୍ୟବହାର କର ।

### ଉଦାହରଣ ସ୍ୱରୂପ,
### ଶିକ୍ଷକ ସେତେବେଳେ କହିବ "ହାତୀ"

ତୁମେ ସମସ୍ତେ ସଙ୍ଗେ ସଙ୍ଗେ ହାତୀ ହୋଇଯିବ ଏବଂ ହାତୀ ଭଳି ବିଭିନ୍ନ ଅଙ୍ଗରଙ୍ଗୀ ପ୍ରଦର୍ଶନ କରିବ ।

### ଶିକ୍ଷକ ଯେତେବେଳେ କହିବେ ମାଙ୍କଡ

ତୁମେମାନେ ସମସ୍ତେ ସଙ୍ଗେ ସଙ୍ଗେ ପୁଣି ମାଙ୍କଡ ହୋଇଯିବ ଏବଂ ମାଙ୍କଡ ଭଳି ବିଭିନ୍ନ କାର୍ଯ୍ୟକଳାପ ଓ ଅଙ୍ଗୀଭଙ୍ଗୀ ପ୍ରଦର୍ଶନ କରିବ । ଏବେ ତୁମେ କ'ଣ ଭାବୁଛ, ତୁମେ ଯେତେବେଳେ ମାଙ୍କଡ଼ ପରି ଡେଇଁବ କିମ୍ବା ଗତି କରିବ ସେତେବେଳେ ତୁମେ କେଉଁ ହସ୍ତ ମୁଦ୍ରା ବ୍ୟବହାର କରିବ। ମାଙ୍କଡ଼ର ହାତ ଦେଖାଇବା ପାଇଁ ତୁମେ ମୁକୁଳ ହସ୍ତମୁଦ୍ରାକୁ ବ୍ୟବହାର କରିପାରିବ।





https://withteachers.in/

**★ କ୍ରିୟାକଳାପ-୧୫.୨**

## ମୋ ମଧ୍ୟରେ ଲୁଚିଥିବା ପଶୁମାନଙ୍କୁ ଅନୁମାନ କର

**ପ୍ରଥମ ସୋପାନ –** ନିଜକୁ ଛୋଟ ଛୋଟ ଦଳରେ ବିଭକ୍ତ କର ।

**ଦ୍ୱିତୀୟ ସୋପାନ –** ବିଭିନ୍ନ ବଣୁଆ ଜନ୍ତୁ ବିଷୟରେ ଚିନ୍ତା କର ଏବଂ ତୁମ ପସନ୍ଦର ପ୍ରାଣୀ ସମ୍ବନ୍ଧୀୟ ତଥ୍ୟକୁ ଗୋପନ ରଖ। ।

**ତୃତୀୟ ସୋପାନ –** ତୁମ ମାନଙ୍କ ମଧ୍ୟରୁ ଜଣେ ତୁମେ ବାଛିଥିବା ମନୋନୀତ ପଶୁ ପରି ନାଚିବ ସେତେବେଳେ ଅନ୍ୟମାନେ ଅନୁମାନ କରିବେ । ସମସ୍ତେ ନିଜର ପାଳି ଆସିବା ପର୍ଯ୍ୟନ୍ତ ଏହି କାର୍ଯ୍ୟଟିକୁ ଚାଲୁରଖିବେ ।





https://withteachers.in/

### କ୍ରିୟାକଳାପ-୧୫.୩

## ପକ୍ଷୀ ମାନଙ୍କ ଅଭିନୟ

ଭଲକାମ ! ତୁମେ ଭଲ କରିଛ ବର୍ତ୍ତମାନ ଅନ୍ୟ ଏକ ପଞ୍ଚତନ୍ତ୍ର କାହାଣୀକୁ ଅନ୍ତର୍ଭୁକ୍ତ କରି ଏହି କ୍ରିୟାକଳାପଟିକୁ ଅଧିକ ମଜାଳିଆ କରିବା ।



## ଶିକାରୀ ଏବଂ ପକ୍ଷୀସମୂହ :

ଗୋଟିଏ କପୋତ ଥିଲା ଯିଏ ନିଜର ପଲକୁ (ଦଳ) ଶକ୍ତି ଏବଂ ଜ୍ଞାନ ସହିତ ଆଗେଇ ନେଇଥିଲା । ଥରେ ଜଣେ ଶିକାରୀ କପୋତମାନଙ୍କୁ ଧରିବା ପାଇଁ ଭୂମିରେ ଚାଉଳ ବୁଣି ଦେଲା । କପୋତମାନେ ଚାଉଳ ଖାଇବାକୁ ଓହ୍ଲାଇବା ମାତ୍ରେ ଶିକାରୀ ସେମାନଙ୍କୁ ଜାଲରେ ଧରିଲା । କପୋତ ମାନେ ନିରାଶ ହୋଇଗଲେ । ସେମାନଙ୍କର ମନେ ପଡିଗଲା ଯେ ସେମାନଙ୍କର ନେତା କହିଥିଲେ ଯେ ଯଦି ସମସ୍ତେ ଏକାଠି ଉଡିଯାଆନ୍ତି ତେବେ ସେମାନେ ଜାଲ ଉଠାଇ ଉଡ଼ି ପାରିବେ । ଯୋଜନା ଅନୁଯାୟୀ ସେମାନେ । ଜାଲ ସହିତ ଏକତ୍ର ଆକାଶକୁ ଉଡ଼ିଗଲେ ଏବଂ ଶିକାରୀ ସେମାନଙ୍କୁ ଧରି ପାରିଲା ନାହିଁ । ତା'ପରେ ସେମାନେ ଜାଲ କାଟି ନିଜକୁ ମୁକ୍ତ କରିବା ପାଇଁ ମୂଷାର ସାହାଯ୍ୟ ନେଇଥିଲେ ।

### ତୁମେ ଏଥିରୁ କ'ଣ ଶିଖିଲ ?

କାହାଣୀ ଆମକୁ ଏକତାର ଶକ୍ତି ବିଷୟରେ ଶିକ୍ଷାଟିଏ – ଯଦି ତୁମେ ଦଳବଦ୍ଧ ଭାବରେ ଏକାଠି କାମ କରିପାରିବ । ତେବେ ଯେକୌଣସି ବାଧା ବିଘ୍ନକୁ ଦୂର କରିପାରିବ ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ:**

ହିତୋପଦେଶ ଏବଂ ପୁରାଣରୁ କାହାଣୀକୁ ନେଇ ଏହି ସବୁ କାର୍ଯ୍ୟ କରିବାକୁ ଓ ଗତିବିଧିକୁ ଅନୁସନ୍ଧାନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯିବ ।

https://withteachers.in/

ତୁମେ କଳ୍ପନା କରିପାରିବ କି ଯଦି ତୁମର ଡେଣା ଥାନ୍ତା ତେବେ ତୁମେ କିପରି ଉଡ଼ିଥାନ୍ତ ? ଡେଣା କେତେ ବଡ ଏବଂ ପ୍ରଶସ୍ତ ହୋଇଥିବ ? ବର୍ତ୍ତମାନ, ତୁମର ହାତକୁ ଡେଣା ଭାବେ ଅଭିନୟ କର । ପକ୍ଷୀ ପରି ଡେଣା ଫଡ୍ ଫଡ୍ କରିବା ପାଇଁ ତୁମର ବାହୁ ଏବଂ ହାତ ବ୍ୟବହାର କର । ତୁମେ ପୂର୍ବରୁ ଶିଖିଥିବା ଶୀର ଓ ଗ୍ରୀବା ଚାଳନାକୁ ଏଠାରେ ଯୋଡ଼। ଯେପରି ଉଡୁଥିବା ପକ୍ଷୀମାନଙ୍କ ଭଳି ଅଭିନୟ କରିବ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ଛାତ୍ରଛାତ୍ରୀମାନଙ୍କୁ ନୃତ୍ୟ ଗତିର ଅଧିକ ବିକଳ୍ପ ଖୋଜିବାକୁ ଦିଅନ୍ତୁ କିମ୍ବା ଅନ୍ୟ ଗତିବିଧିର କରିବା ପାଇଁ ପରାମର୍ଶ ଦିଅନ୍ତୁ। ତା'ପରେ ଏହି ଦଳ ମଧ୍ୟରେ ପ୍ରତ୍ୟେକଙ୍କୁ ଦିଆଯାଇଥିବା କ୍ରିୟାକଳାପ ଗୁଡ଼ିକୁ ସେମାନେ ନିଜ ଭିତରେ ବଦଳାଇ ପାରିବେ।

ନିଜକୁ ତିନି ଦଳରେ ବିଭକ୍ତ କର, ପ୍ରତ୍ୟେକ ଦଳକୁ ପକ୍ଷୀ ସଂପର୍କିତ ଭିନ୍ନ ଭିନ୍ନ କାର୍ଯ୍ୟକଳାପ ଦିଆଯିବ । ମନେରଖ, ଏହି କାର୍ଯ୍ୟକଳାପ ଗୁଡ଼ିକୁ ନେଇ ତୁମେ ତୁମର ନୃତ୍ୟ ଗତିରେ ପ୍ରଦର୍ଶନ କରିପାରିବ।

**ଉଦାହରଣ ସ୍ୱରୂପ ।**

**ଦଳ ୧ -** ତୁମେ ଉଡ଼ିବା ପରି ଡେଣାକୁ ହଲାଅ ।

**ଦଳ ୨ -** ତଳେ ପଡ଼ିଥିବା ଦାନାକୁ ଉଠାଇବା ପାଇଁ ନିଜର ଡେଣାକୁ ଗତିଶୀଳ କରାଅ ।

**ଦଳ ୩ -** ଘୁରି ବୁଲୁଥିବା ପକ୍ଷୀଭଳି ଡେଣାକୁ ଗତିଶୀଳ କରାଅ ।





https://withteachers.in/

## କ୍ରିୟାକଳାପ-୧୫.୪

ତୁମେମାନେ ଦଳଗତ ଭାବରେ ବିଭିନ୍ନ ଆକାରରେ ପକ୍ଷୀମାନଙ୍କୁ ଉଡୁଥିବାର ଦେଖିଛକି ?

ତୁମେ ଏହାକୁ ମନେ ପକାଇ ଶ୍ରେଣୀରେ ବର୍ଣ୍ଣନା କରିପାରିବ କି ?

ତୁମ ଶ୍ରେଣୀରେ କେତେ ପ୍ରକାରର ଦଳ ଗଠନ କରି ପାରିବ, ତାହା ତୁମେ ଭାବୁଛ କି ?

ତୁମେ ତୁମର ସାଙ୍ଗମାନଙ୍କ ସାହାଯ୍ୟରେ ଏହି ଗଠନ ଗୁଡ଼ିକୁ ପୁନଃ ନିର୍ମାଣ କରିପାରିବ କି ?

- ଦଳ ଗଠନ କର
- ଗୋଟିଏ ଦଳ ଇଂରାଜୀ ବର୍ଣ୍ଣ "V" ଭଳି ସଂଗଠିତ ହେବ ।
- ଅନ୍ୟ ଗୋଟିଏ ଦଳ ଏକ ଗୋଲାକାର ସଂରଚନା ପ୍ରଦର୍ଶନ କରିବେ ।

ପକ୍ଷୀମାନେ କିପରି ଭିନ୍ନଭିନ୍ନ ଆକୃତିରେ ଉଡନ୍ତି ତାହା ଦେଖାଇବା ପାଇଁ ତୁମେମାନେ ଦଳଗତ ଭାବରେ କାର୍ଯ୍ୟ କରିବ। ତୁମ ଦଳ ମଧ୍ୟରେ ତୁମର ଗତିବିଧିକୁ ସମନ୍ୱୟ ଏବଂ ସମାନତାର ସହ ପ୍ରଦର୍ଶନ କର । ଦଳ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା କରିବାକୁ ଚେଷ୍ଟା କର ।







ତୁମେ ବର୍ତ୍ତମାନ ଯାହା କହିଛ ତାହା ନୃତ୍ୟ ସଂରଚନାର ପ୍ରଥମ ଚରଣ ଅଟେ । ଗଠନ ପ୍ରକ୍ରିୟା ସୃଷ୍ଟି କରିବା ଏବଂ ସଠିକ ଗଠନରେ ଠିଆ ହୋଇ ପ୍ରତିପାଦ ଚାଳନା ଯୋଜନା ଭାବରେ ଗତି କରିବାରେ ସାହାଯ୍ୟ କରିଥାଏ। ଉଚ୍ଚତର ଶ୍ରେଣୀରେ ତୁମେ ଏହା ବିଷୟରେ ଅଧିକ ଜାଣିପାରିବ ।

**ବର୍ତ୍ତମାନ ୪-** ମାତ୍ରା ବିଶିଷ୍ଟ ତାଳ ଉପସ୍ଥାପନ କର ଏବଂ ପାଦ ଚାଳନା ସମନ୍ୱୟ ରକ୍ଷାକରି ଅଭ୍ୟାସ କର ।

https://withteachers.in/

| ମାନ ନିର୍ଦ୍ଧାରଣ - ୧୫ - ମୋର ନୃତ୍ୟ କାହାଣୀ କହେ | | |
|---|---|---|
| ଦକ୍ଷତା : ପାଠ୍ୟକ୍ରମ ଲକ୍ଷ୍ୟ ୧ - ଦକ୍ଷତା- ୧.୨; ପାଠ୍ୟକ୍ରମ ଲକ୍ଷ୍ୟ ୨- ଦକ୍ଷତା- ୨.୧, ଦକ୍ଷତା- ୨.୨, ପାଠ୍ୟକ୍ରମ ଲକ୍ଷ୍ୟ ୩- ଦକ୍ଷତା- ୩.୨ | | |
| ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| କାହାଣୀଗୁଡ଼ିକୁ ନୃତ୍ୟକଳା ମାଧ୍ୟମରେ ଉପସ୍ଥାପନା କରିବା ପାଇଁ ଆଗ୍ରହୀ ହେବେ। | | |
| ଦଳ ଗଠନ କରିବା ସହିତ ସହଯୋଗ ମନବୃତ୍ତିକୁ ବୁଝିବେ | | |
| ଅଙ୍ଗଭଙ୍ଗୀ ଏବଂ ତାଳର କଳ୍ପନାଶୀଳ ବ୍ୟବହାର ଗୁଡ଼ିକୁ ଜାଣିବେ। | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________




https://withteachers.in/

## ଅଧ୍ୟାୟ - ୧୬




# ମୋର ନୃତ୍ୟ ସଂରଚନା


ବିଭିନ୍ନ ପ୍ରକାରର ଗତିବିଧି ଗୁଡ଼ିକୁ ଅନୁସନ୍ଧାନ କରିବା। ଆସ ଏବେ, କିଛି ପାଦ ଚାଳନା ଗତିକୁ ଶିଖିବା ଓ ଅଭ୍ୟାସ କରିବ। ଏହି ପାଦ ଚାଳନା ଗୁଡ଼ିକୁ ନେଇ ତୁମେ ତୁମ ନୃତ୍ୟରେ ବ୍ୟବହାର କରିପାରିବ ଏବଂ ନୃତ୍ୟ ସଂରଚନା ବେଳେ ଏହି ପାଦ ଚାଳନାଗୁଡ଼ିକର ସାହାଯ୍ୟ ମଧ୍ୟ ନେଇ ପାରିବ।




ସମ ପାଦ




ଧନୁପାଦ/ପୃଷ୍ଠଧନୁପାଦ



ଗୋଇଠିକୁ ଆଗକୁ ରଖିବା



ପାଦର ପଞ୍ଝଶଙ୍କୁ ଆଗକୁ କରି ଠିଆ ହେବା



ଗୋଇଠିକୁ ପାର୍ଶ୍ୱରେ ରଖିବା

https://withteachers.in/

## କ୍ରିୟାକଳାପ-୧୬.୧

## ତାଳ ଓ ଲୟବଦ୍ଧ ପଦଚାଳନା

ପୂର୍ବ ପୃଷ୍ଠାରେ ଥିବା ପ୍ରତିଛବି ଅନୁଯାୟୀ ପାଦଚାଳନାଗୁଡ଼ିକୁ ଚେଷ୍ଟା କର । ଏକ ଓ ଦୁଇ ମାତ୍ରା ଗଣନ କରିବା ସହିତ ତୁମର ବାମ ଏବଂ ଡାହାଣ ପାଦକୁ ଭୂପୃଷ୍ଠରେ ବାଡ଼େଇବ। ତୁମେ ତୁମର ପଦଚାଳନା ଗୁଡ଼ିକୁ ଅନୁସନ୍ଧାନ କରିବ ।

ବର୍ତ୍ତମାନ ଚାଲନ୍ତୁ ଆମର ପାଦ ବ୍ୟବହାର କରି ଡାହାଣରେ ଦୁଇଟି ଏବଂ ବାମରେ ଦୁଇଟି ପାଦ ଭୂପୃଷ୍ଠରେ ବାଡେଇ ପାଦର ଗୋଇଠି ଏବଂ ପଞ୍ଝାର ଗତି ବ୍ୟବହାର କରି ଡାହାଣ ପାଇଁ ୧ ଏବଂ ବାମ ପାଇଁ ୨ ଗଣନା କରିବା ।

| ସାରଣୀ-୧, ମିଶ୍ରଣ-୧ | | | |
|---|---|---|---|
| ଡାହାଣ ପାଦ | ଡାହାଣ ପାଦ | ବାମ ପାଦ | ବାମ ପାଦ |
| ଏକ | ଏକ | ଦୁଇ | ଦୁଇ |
| ପାଦକୁ ବାଡ଼େଇବା | ପାଦକୁ ବାଡ଼େଇବା | ପାଦକୁ ବାଡ଼େଇବା | ପାଦକୁ ବାଡ଼େଇବା |
| ଗୋଇଠି | ପାଦକୁ ବାଡ଼େଇବା | ଗୋଇଠି | ପାଦକୁ ବାଡ଼େଇବା |
| ପଞ୍ଝା | ପାଦକୁ ବାଡ଼େଇବା | ପଞ୍ଝା | ପାଦକୁ ବାଡ଼େଇବା |
| ପୃଷ୍ଠଧନୁରେ ପଞ୍ଝାକୁ ଭୂମିରେ ବାଡେଇବା | ପାଦକୁ ବାଡ଼େଇବା | ପୃଷ୍ଠଧନୁରେ ପଞ୍ଝାକୁ ଭୂମିରେ ବାଡେଇବା | ପାଦକୁ ବାଡ଼େଇବା |

ପାଦ ଚାଳନାର କ୍ରମ ନଂ-୪ଟିକୁ ପରବର୍ତ୍ତୀ ସମୟରେ ସଂଯୋଗ କରି ପାରିବେ । ସାରଣୀ ୨ ରେ ପାଦଚାଳନାଗୁଡିକର ଅଧିକ ମିଶ୍ରଣ ଦିଆଯାଇଛି ଯାହା ଶ୍ରେଣୀରେ ଅଭ୍ୟାସ କରାଯାଇପାରେ ।

| ସାରଣୀ-୨, ମିଶ୍ରଣ-୧ | | | |
|---|---|---|---|
| ଏକ | ଦୁଇ | ତିନି | ଚାରି |
| ଡାହାଣ ପାଦକୁ ଭୂପୃଷ୍ଠରେ ବାଡେଇବା | ଡାହାଣ ପାଦକୁ ଭୂପୃଷ୍ଠରେ ବାଡେଇବା | ବାମ ପଞ୍ଝା ଡାହାଣ ପାଦର ପଛରେ ବାଡେଇବା (ପୃଷ୍ଠଧନୁ) | ଡାହାଣ ପାଦକୁ ଭୂପୃଷ୍ଠରେ ବାଡେଇବା |

**୪ ନମ୍ବର ପାଦ ଚାଳନାର କୌଶଳ:** ପ୍ରଥମେ ଚୌକ ଭଙ୍ଗୀରେ ଅବସ୍ଥାନ କରି, ୧ ମାତ୍ରା ଉପରେ ଉଭୟ ପାଦ ଦ୍ୱୟକୁ ଏକ ସାଙ୍ଗରେ ଭୂପୃଷ୍ଠରେ ବାଡେଇବେ, ସେହି ଚୌକ ଭଙ୍ଗିରେ, ପରେ ୨ ମାତ୍ରା ଉପରେ ଡାହାଣ ପାଦକୁ ସେହି ସ୍ଥାନରେ ବାଡେଇବେ। ପରେ ବାମ ପାଦକୁ ଉଠାଇ ଡାହାଣ ପାଦର ପୃଷ୍ଠଦେଶରେ ପଞ୍ଝା ଦ୍ୱାରା ଭୂପୃଷ୍ଠକୁ ବାଡେଇବେ ଯେପରି ତାହା ୩ ମାତ୍ରା ଉପରେ ପଡ଼ିବ। ଶେଷରେ ଡାହାଣ ପାଦକୁ ଡାହାଣ ପାର୍ଶ୍ୱକୁ ଚଳନ କରି ଭୂପୃଷ୍ଠରେ ବାଡେଇବେ ସେହି ଚୌକ ଭଙ୍ଗୀରେ ଯାହା ୪ ମାତ୍ରା ଉପରେ ପଡ଼ିବ।

ଏହି ପ୍ରକ୍ରିୟାଟି ପ୍ରଥମେ ତୁମ ଡାହାଣ ପାର୍ଶ୍ୱକୁ ଚଳନ କରି ଆରମ୍ଭ କରିବ।

| ସାରଣୀ-୨, ମିଶ୍ରଣ-୨ | | | |
|---|---|---|---|
| ଏକ | ଦୁଇ | ତିନି | ଚାରି |
| ଉଭୟ ପାଦ | ଡାହାଣ ପାଦ | ବାମ ପାଦ | ଡାହାଣ ପାଦ |
| ପାଦ ବାଡେଇବା | ପାଦ ବାଡେଇବା | ପଞ୍ଝା ବାଡେଇବା | ପାଦ ବାଡେଇବା |

ଏହି ପ୍ରକ୍ରିୟାଟି ପ୍ରଥମେ ତୁମ ବାମ ପାର୍ଶ୍ୱକୁ ଚଳନ କରି ଆରମ୍ଭ କରିବ।

| ଏକ | ଦୁଇ | ତିନି | ଚାରି |
|---|---|---|---|
| ଉଭୟ ପାଦ | ବାମ ପାଦ | ଡାହାଣ ପାଦ | ବାମ ପାଦ |
| ପାଦ ବାଡେଇବା | ପାଦ ବାଡେଇବା | ପଞ୍ଝା ବାଡେଇବା | ପାଦ ବାଡେଇବା |

ଉପରୋକ୍ତ ପ୍ରଦତ୍ତ ସଂଯୋଗ ଗୁଡ଼ିକୁ ଅଭ୍ୟାସ କର । ତୁମେମାନେ ଏଥିରେ କୌଣସି ଢ଼ାଞ୍ଚା ଲକ୍ଷ୍ୟ କରିପାରିଛ କି ଆମେ ଡାହାଣକୁ ଗୋଟିଏ ପଦକ୍ଷେପ ନେଉଛୁ ଏବଂ ବାମରେ ପୁନରାବୃତ୍ତି ମଧ୍ୟ କରିପାରିବ ଏବଂ ପ୍ରଥମେ ବାମ ଡାହାଣ କରିପାରିବ ।



https://withteachers.in/

## କ୍ରିୟାକଳାପ-୧୬.୨ ବୃତ୍ତାକାର ଗତିବିଧି

ନୃତ୍ୟ ହେଉଛି ଆନନ୍ଦର ଏକ ମୃଦୁ ଓ ଘୂର୍ଣ୍ଣନ ପ୍ରକ୍ରିୟା ପରି । ଯଦି ତୁମ ମଧ୍ୟରୁ କେହି ଘୁରିବାକୁ ପସନ୍ଦ କରେ । ଅନ୍ୟଜଣେ ତୁମ ସହିତ ଜଳଭଉଁରୀ ଓ ଚକାଭଉଁରୀ ଭଳି ଘୁରିବ, ଯେପର୍ଯ୍ୟନ୍ତ ତୁମେ ଏକ ଛୋଟ ଘୂର୍ଣ୍ଣିବାତ୍ୟା ଭଳି ଅନୁଭବ ନ କରିଛ ।

ତୁମମାନଙ୍କ ମଧ୍ୟରେ ଜଣେ ଧୀର ଗତିରେ ବୃତ୍ତାକାରରେ ଘୁରିବାକୁ ପସନ୍ଦ କର । ସେତେବେଳେ ଅନ୍ୟମାନେ ହାତ ଧରି ଏକ ଦଳଗତ ଭାବରେ ଏକ ଗୋଲାକାରରେ ଘୁରିପାରିବେ । ନିମ୍ନରେ ଦିଆ ଯାଇଥିବା ଗତିବିଧି ଗୁଡ଼ିକୁ କରିବାକୁ ଚେଷ୍ଟାକର । ଅଥବା ନିଜ ହିସାବରେ ମୁକ୍ତ ଭାବରେ ଚେଷ୍ଟାକର ।





କୁକୁର ତା'ର ନିଜ ଲାଞ୍ଜକୁ ଧରିବାକୁ ଚେଷ୍ଟା କରୁଥିବାର ତୁମେ କେବେ ଦେଖିଛ କି ? ତୁମେ କ'ଣ ଭାବୁଛ ଯେ, କୁକୁର ମଧ୍ୟ ନାଚିବାକୁ ଚେଷ୍ଟା କରୁଛି ? ତୁମେ କ'ଣ ଏହିପରି ସମାନ ଗତିବିଧି କରୁଥିବା ଅନ୍ୟପ୍ରାଣୀ ମାନଙ୍କୁ ଚିହ୍ନି ପାରିବ କି ? ଶ୍ରେଣୀରେ ତୁମର ଚିନ୍ତାଧାରାକୁ ଆଦାନ ପ୍ରଦାନ କର ।

https://withteachers.in/

## ସ୍ତର-୧

ଆସ ଏବେ ପାଦରେ ଗୋଲାକାର ଗତି ବା ଚଳନ କରିବାକୁ ଚେଷ୍ଟା କରିବା



ତୁମେ ଆଣ୍ଠୁରେ ଘୁରି ପାରିବ କି ?



ତୁମେ ଓ ତୁମର ସାଙ୍ଗ ହାତ ଧରି ଏକ ବୃତ୍ତାକାରରେ ଘୁରି ପାରିବ କି ?




ତୁମେ ତୁମ ପାଦର ପଞ୍ଝା ସାହାଯ୍ୟରେ ଘୁରି ପାରିବ କି ?




ତୁମେ ତୁମର ଗୋଇଠି ସାହାଯ୍ୟରେ ଘୁରି ପାରିବ କି ?

## ସ୍ତର-୨


ବର୍ତ୍ତମାନ ତୁମେ ତୁମର ପାଦ ସହିତ ବୃତ୍ତ ତିଆରି କରିବା ଶିଖିଯାଇଛ, ଏହାକୁ ଅଧିକ ବୋଧଗମ୍ୟ (ସହଜ ସୁନ୍ଦର) କରିବା ପାଇଁ ଆସ ଏବେ ହାତର ଚାଳନା କରିବା । ଏଠାରେ ଆଉ ଏକ ଗୋଲ ତିଆରି କର, ଯେଉଁଥିରେ ତୁମ ପସନ୍ଦର ବିଭିନ୍ନ ହସ୍ତ ଚାଳନା କରିବା ସହିତ ତାଳର ଗତିକୁ ମିଶ୍ରଣ କରିପାରିବ। ଯେପରି ନିମ୍ନରେ ଦିଆଯାଇଛି।



ବୃତ୍ତାକାର ଗତିରେ ବୁଲିବା



ଏପାଖରୁ ସେପାଖକୁ ବୁଲିବା



ବସିରହି ହାତ ଦୁଇଟିକୁ ଉପର ଓ ତଳ କରିବା ।



https://withteachers.in/

## ସ୍ତର-୩

ତୁମେମାନେ ଏକାକୀ ବା ଦଳଗତ ଭବରେ ବା ବୃତ୍ତାକାର ଆକୃତିରେ ଘୂରି ପାରିବ । ପାଦ ଏବଂ ହାତର ଗତିବିଧିକୁ ଏକାସାଙ୍ଗରେ ବୁଲାଅ । ଏହିପରି ଯେତେ ସମ୍ଭବ ନୂଆ ପ୍ରକାରର ଗତି ବା ଚଳନ କ୍ରିୟା ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ଚେଷ୍ଟାକର । ତତ୍‌ସହିତ ପରସ୍ପରର ପାଦ ଏବଂ ହାତକୁ ମିଳିତ ଭାବରେ ଭିନ୍ନ ଭିନ୍ନ ପ୍ରକାରର ଆକୃତି ଅନୁସାରେ ଯୋଡ ।

ଆସ ଏହି ବୃତ୍ତାକାର ଗତିବିଧି ସହିତ ତାଳକୁ ମିଶ୍ରଣ କରି ଅଭ୍ୟାସ କରିବାକୁ ଚେଷ୍ଟା କରିବା ।

- ହାତ ଏବଂ ପାଦର ସହାୟତାରେ ବୃତ୍ତାକାର ଭାବେ ବୁଲିବା ବେଳେ ୪ ମାତ୍ରା ବିଶିଷ୍ଟ ତାଳକୁ ଗଣନା କରିବା ।
- ଦୁଇ, ତିନି, ଚାରି ମାତ୍ରା ତାଳ ସହିତ ତାଳିମାରି ବୃତ୍ତାକାରରେ ବୁଲିବା ଆରମ୍ଭ କରିବା ।
- ତୁମେମାନେ ପୂର୍ବପରି ବିଭିନ୍ନ ଆକାରରେ ବୃତ୍ତାକାର ଗଠନ କରି ଠିଆ ହୁଅ । ପୁଣି ତାଳ ସହିତ ସେହି ବୃତ୍ତାକାର ଗଠନକୁ ନେଇ ଚଳନ ତ୍ୱରାନ୍ୱିତ କର ।

ଏହା ନୃତ୍ୟ ସଂରଚନାର ପରବର୍ତ୍ତୀ ପଦକ୍ଷେପ -
ଗତିବିଧି ଓ ତାହାର ସୂଚନା ।





https://withteachers.in/

## କ୍ରିୟାକଳାପ-୧୬.୩

ହାତ ଓ ଗୋଡର ଚଳନ ସମ୍ବନ୍ଧରେ ଜାଣିବାକୁ ଚେଷ୍ଟା କରିବା ପରେ ପୁଣିଥରେ ସେହି ମଜାକୁ ଆନନ୍ଦକୁ ବହୁଗୁଣିତ କରିବା ପାଇଁ ନୃତ୍ୟରେ ବ୍ୟବହାର କରାଯାଉଥିବା ବିଭିନ୍ନ ଉପକରଣ ଗୁଡିକୁ ବ୍ୟବହାର କରିବା। ନିଜେ ପ୍ରସ୍ତୁତ କରିଥିବା ରଙ୍ଗୀନ ଉପକରଣ ଗୁଡ଼ିକୁ ନୃତ୍ୟଶିଳ୍ପୀ ଏବଂ ଦର୍ଶକ ମାନଙ୍କ ପାଇଁ ନୃତ୍ୟକୁ ଅଧିକ ଆକର୍ଷଣୀୟ କରାଯାଇପାରିବ ।

ସମଗ୍ର ବିଶ୍ୱରେ ବହୁବର୍ଷ ଧରି ନୃତ୍ୟରେ ବାଡିର ବ୍ୟବହାର ହୋଇ ଆସୁଅଛି । ତେବେ ଆସ ଆମେ ନିଜେ ନିଜପାଇଁ ଗୋଟିଏ ବାଡି ତିଆରି କରିବା ଏବଂ ତାକୁ ନେଇ ନାଚିବା ।

### ଆବଶ୍ୟକ ସାମଗ୍ରୀ

- ପେନ୍‌ସିଲ୍ କିମ୍ୱା ଛୋଟ ଗୋଲାକାର ବାଡ଼ି
- ବିଭିନ୍ନ ପ୍ରକାରର ରଙ୍ଗୀନ କାଗଜ କିମ୍ୱା କାର୍ଡ଼ଷ୍ଟକ୍
- ଅଠା
- ଚମକପ୍ରଦ ରଙ୍ଗ କିମ୍ୱା ସ୍କେଚ୍‌ପେନ୍
- ଗୋଲ୍‌ଡେନ୍ ଫିତା, ରିବନ୍, ରଙ୍ଗୀନ ସୂତା


### ସୋପାନ - ୧

### ଆସ କାଗଜ ନଳୀ (ଟ୍ୟୁବ୍) ପ୍ରସ୍ତୁତ କରିବା ।

୧. ଗୋଟିଏ ପେନ୍‌ସିଲ୍ ଆଣି ତାର ଚାରି ପାଖରେ କାଗଜର ଏକ ଖଣ୍ଡକୁ ଦୃଢ଼ ଭାବରେ ଗୁଡାଅ, ଯାହା ତୁମ ବାଡିର ମୂଳଦୁଆ ସଦୃଶ ହେବ ।

୨. କାଗଜଟିକୁ ସଂପୂର୍ଣ୍ଣ ରୂପେ ଗୁଡେଇ ସାରିବା ପରେ ସେହି କାଗଜର ଧାରରେ ଅଠା ଦିଅ । ପରବର୍ତ୍ତୀ ପର୍ଯ୍ୟାୟରେ ଯିବା ପୂର୍ବରୁ ଅଠାକୁ ସଂପୂର୍ଣ୍ଣ ଭାବରେ ଶୁଖିବାକୁ ଦିଅ ।







https://withteachers.in/

## ସୋପାନ - ୨

ମାର୍କର କିମ୍ବା ରଙ୍ଗିନ ଖଡିକୁ ବ୍ୟବହାର କରି କାଗଜ ନଳି (ଟ୍ୟୁବ୍)ରେ ବିଭିନ୍ନ ରଙ୍ଗର ଡିଜାଇନ୍ କର ବା ଅଙ୍କନ କର । ଏଥିରେ ତୁମେ ଗାର ଗାର କିମ୍ବା ବିନ୍ଦୁ ବିନ୍ଦୁ ଅଥବା ଅନ୍ୟ କୌଣସି ସୁନ୍ଦର ମଜାଦାର ଆକାର ମଧ୍ୟ ତିଆରି କରିପାରିବ । ବାଡିଟିକୁ କିଛି ଚକ୍‌ମକ୍ ଦେଖାଯିବା ପାଇଁ ଆବଶ୍ୟକ ପଡ଼ିଲେ ନଳରେ (ଟ୍ୟୁବ୍) ଷ୍ଟିକର ମଧ ଲଗାଇ ପାରିବ । ଅତିରିକ୍ତ ସାଜସଜ୍ଜା ପାଇଁ ଟ୍ୟୁବ୍ (ନଳୀ) ଚାରିପାଖରେ ରିବନ୍ କିମ୍ବା ରଙ୍ଗିନ୍ ସୂତା ଗୁଡ଼ାଅ । ସୃଜନଶୀଳ ଭାବେ ବାଡିଟିକୁ ତୁମ ଇଚ୍ଛା ଅନୁସାରେ ରଙ୍ଗ ବେରଙ୍ଗ କରି ସଜାଅ ।









## ପରବର୍ତ୍ତୀ କାର୍ଯ୍ୟକଳାପ

ଯେମିତି ତୁମେ ବାଡି ଗୁଡିକ ତିଆରି କରି ତା'କୁ ଧରି ନୃତ୍ୟ କର, ସେହିଭଳି ତୁମେ ଆହୁରି ଅନେକ ପ୍ରକାରର ରଙ୍ଗିନ୍ ଉପକରଣ ନୃତ୍ୟରେ ବ୍ୟବହାର କରିବା ପାଇଁ ମଧ ତିଆରି କରିପାରିବ । ଯେପରିକି ସୁନ୍ଦର ଫୁଲ, ରିବନ୍, ପତକା ଓ ଅନ୍ୟାନ୍ୟ କେତେକ ଜିନିଷ ମଧ୍ୟ ହୋଇପାରିବ ।

https://withteachers.in/

## କ୍ରିୟାକଳାପ-୧୬.୪ ଅଙ୍ଗଚାଳନା ଓ ତାହାର ଉପାଦାନ

ତୁମେ କରୁଥିବା ପ୍ରତ୍ୟେକ ଅଙ୍ଗଚାଳନାର ଭିନ୍ନ ଭିନ୍ନ ବିଶେଷତା ରହିଛି । ଏହି ସମାନ ଗତିବିଧି ଗୁଡ଼ିକ ଯେପରି କରାଯାଏ, ତାହା ଆଧାରରେ ତୁମେ ଭିନ୍ନତା ଅନୁଭବ କରିବ।

**୧. ଉତ୍ସାହ ପୂର୍ଣ୍ଣ ସଶକ୍ତ ଅଙ୍ଗଚାଳନା :-**

**ଉଦାହରଣ ସ୍ୱରୂପ :** ଜୋରରେ ଚଟାଣରେ ଷ୍ଟମ୍ପ (ଦଳିବା) କରିବା / ପାଦବାଡେଇବା, ଏକ ବଡ ଡ୍ରମ ଉପରେ ପିଟିବା ଆଉ ଉଚ୍ଚକୁ ଡେଇଁବା ।



**୨. ଲାଳିତ ଅଙ୍ଗଚାଳନା**

**ଉଦାହରଣ ସ୍ୱରୂପ,** ଯେତେବେଳେ ତୁମ ମା' ଶୋଇଥିବେ । ସେତେବେଳେ ନିଃଶବ୍ଦରେ ତୁମ ପାଦ ପଞ୍ଝାକୁ ଉଠାଇ ଧୀରେ ଧୀରେ ଆଗକୁ ଚାଲିବ। ସେହିପରି ଯେତେବେଳେ ତୁମେ ଧୀର ଗତିରେ ଯାଇ ଫୁଲଟିକୁ ତୋଳୁଛ କିମ୍ବା ଶୁଘୁଂଛ ସେତେବେଳେ ତୁମେ ତୁମ ପଞ୍ଝାରେ ଚାଲିବ। ଧିରେ ଫୁଲଟିକୁ ଉଠାଅ ଓ ତାକୁ ଶୁଙ୍ଘ। ତାପରେ ପାଦକୁ ଚଟାଣ ଉପରେ ଘୋସାଡି ଘୋସାଡି ଚାଲ ।








https://withteachers.in/

## ପ୍ରାଣୀମାନଙ୍କର ତୀବ୍ର ଅଙ୍ଗଚାଳନା ଏବଂ ଧୀର ଗତିବିଧିକୁ ଚିହ୍ନଟ କରିପାରିବ କି ?

ଗତିବିଧି ଗୁଡିକ ପ୍ରାଣୀମାନଙ୍କ ଚରିତ୍ର ଅନୁଯାୟୀ ହେବା ଆବଶ୍ୟକ । ପଶୁମାନେ ପରିସ୍ଥିତି ଅନୁଯାୟୀ ସେମାନଙ୍କର ଗତିବିଧିକୁ ପରିବର୍ତ୍ତନ କରିପାରିବେ । ଡାହାଣ ପାର୍ଶ୍ୱରେ ଥିବା ସାରଣୀରେ ବିଭିନ୍ନ ପରିସ୍ଥିତିରେ ଉପଯୁକ୍ତ ପଶୁମାନଙ୍କର ଗତିବିଧିକୁ ଠିକ୍ ଚିହ୍ନଟ କରନ୍ତୁ ।




| ପଶୁ | ତୀବ୍ର | ଧୀର |
|---|---|---|
| ୧. ଏକ ସିଂହ ହରିଣକୁ ଗୋଡ଼ାଉଛି ।  | | |
| ୨. ଗୋଟିଏ ମା' ହାତୀ ତା'ର ଛୁଆକୁ ଯତ୍ନ ନେଉଛି ।  | | |
| ୩. ଏକ ହରିଣ ଘାସ ଚରୁଛି ।  | | |
| ୩. ଏକ ମୂଷା ବିଲେଇକୁ ଦେଖି ଦୌଡ଼ି ପଳାଉଛି ।  | | |

https://withteachers.in/

ଆସ ପ୍ରକୃତିରେ ଥିବା ବିଭିନ୍ନ ସତନ୍ତ୍ର ଗତିବିଧି ଗୁଡିକୁ ଦେଖିବା । ଆମ ଚାରିପାଖରେ ଯେଉଁ ଗତିବିଧି ବା ଚଳନ ଗୁଡିକୁ ଦେଖୁ ତା ମଧ୍ୟରୁ କେଉଁଠି ଗତିଶୀଳ ଏବଂ କେଉଁଟି ଶାନ୍ତ ବା ମୃଦୁ ?

ତୁମେମାନେ କେବେ ଲକ୍ଷ କରିଛ କି ଝଡ ଆସିଲେ କିପରି ଗଛ ଗୁଡିକ ପବନ ଦ୍ୱାରା ବଙ୍କା ହେବା ସହିତ ବହୁତ ଧୂଳି ଉଡ଼େ ? ଅନ୍ୟ ପକ୍ଷରେ କିପରି ମୃଦୁ ପବନ ଦ୍ୱାରା ଫୁଲଗଛରେ ଫୁଲମାନେ ଦୋଳି ଖେଳିବା ପରି ଝୁଲିବା ସହିତ ମନରେ ଶାନ୍ତି ଓ ଆନନ୍ଦ ଅନୁଭବ ହୋଇଥାଏ ।







https://withteachers.in/

ଅଗ୍ନିର ଶିଖା ଯେତେବେଳେ ଜଳି ଉପରକୁ ଉଠେ ଏବଂ କଡ଼ କଡ଼ ଶବ୍ଦ କରେ ସେତେବେଳେ ତାହା ଅଧିକ ଶକ୍ତିଶାଳୀ, ହିଂସ୍ର ଏବଂ ରୌଦ୍ର ହୋଇପାରେ । ଅପର ପକ୍ଷରେ ଆମ ପରିବେଶର ଆଖପାଖରେ ଆମେ ଯେତେବେଳେ ଦୀପାଳିଟିଏ ଜାଳୁ ସେତେବେଳେ ତାହା ଶାନ୍ତ ଓ ସ୍ନିଗ୍ଧ ହୋଇପାରେ ।





ବିଜୁଳି ଘଡ଼ଘଡ଼ି ଯୋର୍‌ରେ ମାରିବା ସମୟରେ ଆକାଶ ମଧ୍ୟ ଖୁବ୍ ଭୟଙ୍କର ଜଣାପଡେ କିନ୍ତୁ ସେହି ଆକାଶ ଯେତେବେଳେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ବିଭିନ୍ନ ରଙ୍ଗରେ ରଙ୍ଗୀନ ହୋଇଥାଏ ସେତେବେଳେ ଆମକୁ ଆକାଶ ଶାନ୍ତ ଓ ଶୀତଳ ଅନୁଭବ କରାଏ ।






https://withteachers.in/

## କ୍ରିୟାକଳାପ-୧୬.୫ ଦଳ ତିଆରି କରିବା

ପିଲାମାନଙ୍କୁ ନେଇ ଦୁଇଟି ଦଳ ଗଠନ କର । ଚିତ୍ରରେ ଦିଆଯାଇଥିବା ପଶୁ ଏବଂ ପ୍ରକୃତିକୁ ଆଧାର କରି ପାଞ୍ଚଟି ଲେଖାଏଁ ମୃଦୁ / ଲଳିତ ଏବଂ ତୀବ୍ର ଅଙ୍ଗଚାଳନା ଚୟନ କର। ପ୍ରଥମ ଦଳକୁ ଆଗ ମୃଦୁ ଅଙ୍ଗଚାଳନା ପ୍ରଦର୍ଶନ କରିବାକୁ କୁହ ଏବଂ ତାହାପରେ ଦ୍ୱିତୀୟ ଦଳକୁ ରୌଦ୍ର ଅଙ୍ଗଚାଳନା କରିବାକୁ ନିର୍ଦ୍ଦେଶ ଦିଅ । ଏହାପରେ ସେମାନଙ୍କର କ୍ରିୟାକଳାପକୁ ପରିବର୍ତ୍ତନ () କରି ବିଭିନ୍ନ ରୌଦ୍ର ଏବଂ ଲଳିତ ଅଙ୍ଗ ଚାଳନା ପ୍ରଦର୍ଶନ କର ।











https://withteachers.in/

| ମାନ ନିର୍ଦ୍ଧାରଣ ଅଧ୍ୟାୟ-୧୬ - ମୋର ନୃତ୍ୟ ସଂରଚନା | | |
|---|---|---|
| **ଦକ୍ଷତା : ପାଠ୍ୟକ୍ରମ ଲକ୍ଷ୍ୟ ୩ - ଦକ୍ଷତା- ୩.୧, ଦକ୍ଷତା- ୩.୨** | | |
| **ଶିକ୍ଷଣ ଫଳାଫଳ** | **ଶିକ୍ଷକ/ଶିକ୍ଷୟିତ୍ରୀ** | **ଶିକ୍ଷାର୍ଥୀ** |
| ନୃତ୍ୟରେ ବ୍ୟବହୃତ ପାଦର ବିଭିନ୍ନ ଅଂଶକୁ ଜାଣିବା | | |
| ନୃତ୍ୟର ପଦାଙ୍କ ଅନୁସରଣ କରିବାକୁ ସକ୍ଷମ ହେବା | | |
| ନୃତ୍ୟର ସୋପାନ ଏବଂ ଗତିବିଧିର ଗୁଣ ଲୋକ ଜାଣିବା ପାଇଁ ପ୍ରୟାସ କରିବା | | |
| ପ୍ରୟାସ କରି କଳ୍ପନା ସହିତ ଉପକରଣ ତିଆରି କରିବା ଓ ନୃତ୍ୟରେ ଏହାକୁ ବ୍ୟବହାର କରିବା | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ____________________

____________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ____________________

____________________

https://withteachers.in/

## ଅଧ୍ୟାୟ-୧୭

# ନୃତ୍ୟରେ ଭାବ ଏବଂ ଅଭିବ୍ୟକ୍ତି



ଆମେ ଯାହା ଅନୁଭବ କରୁ ତାକୁ ପ୍ରକାଶ କରିବାକୁ ଭାବ ପରିପ୍ରକାଶ କୁହାଯାଏ । ତୁମ ସହିତ ଏକାଠି ପଢୁଥିବା ତୁମ ସାଙ୍ଗ ମାନଙ୍କ ହାବ ଭାବକୁ ଦିନସାରା ଅନୁଧ୍ୟାନ କର । ସେଥିରୁ ତୁମେ କେତେପ୍ରକାର ଅଭିବ୍ୟକ୍ତି ବା ଠାଣି (ଭାବଭଙ୍ଗୀ) ଗୁଡ଼ିକ ତୁମେ ଦେଖୁଛ ସେସବୁକୁ ତୁମେମାନେ ଚିହ୍ନଟ କରିପାରୁଛ କି ? ଏହି ବିଷୟରେ ଗୋଟିଏ ସୁନ୍ଦର ପ୍ରବାଦଟିଏ ରହିଛି । "ଆମ ମୁହଁଟି ଆମ ମନର ସୂଚକାଙ୍କ ଅଟେ । କାରଣ ଆମ ମନ ଭିତରେ ଯେଉଁଭଳି ଭାବନାଥାଏ ତାହା ଆମ ମୁହଁରେ ପ୍ରତିଫଳିତ ହୋଇଥାଏ । ଏହି ଅଧ୍ୟାୟଟି ତୁମକୁ ବିଭିନ୍ନ ପ୍ରକାରର ଭାବ (Imotion) ଏବଂ ଅଭିବ୍ୟକ୍ତି (Expresion) କୁ ବୁଝିବାରେ ସହାୟକ ହେବ । ସେସବୁକୁ କିଭଳି ନୃତ୍ୟରେ ପ୍ରୟୋଗ କରାଯାଇପାରିବ । ସେ ସମ୍ବନ୍ଧରେ ମଧ୍ୟ ଏକ ବୁଝାମଣା ସୃଷ୍ଟି କରିପାରିବ ।






https://withteachers.in/

## କ୍ରିୟାକଳାପ - ୧୭.୧ ଭାବ (Emotions)

ଆମେ ଆମ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ପରିସ୍ଥିତି ଦେଇ ଗତିକରୁ । ସେହିସବୁ ପରିସ୍ଥିତି ଆମ ମନରେ ଭିନ୍ନ ଭିନ୍ନ ଭାବର ଅନୁଭବ ସୃଷ୍ଟି କରିଥାଏ । ଆଜି ଦିନର ଅଭିଜ୍ଞତାରୁ ତୁମେ ସେହିଭଳି କିଛି ଭାବର ନାମ କହିପାରିବ ?



କ୍ରୋଧ



ଦୁଃଖ

ସେସବୁକୁ ତୁମେ ତୁମର ମୁଖ ଓ ଅଙ୍ଗ ମାଧ୍ୟମରେ କିଭଳି ପରିପ୍ରକାଶ କରିଥିଲ ତାହା ମନେରଖିଛ ? ଏବେ ଆସ ଆମେ ଏହି ଭାବଗୁଡିକୁ ବିଭିନ୍ନ ଇମୋଜୀ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା ।

ଆସ ଏହି ଭାବ ଗୁଡିକୁ ବିଭିନ୍ନ ପ୍ରକାରର ନୃତ୍ୟଭଙ୍ଗୀ ସହାୟତାରେ ପରିପ୍ରକାଶ କରିବା । ଏହି ସମୟରେ ତୁମେ ବ୍ୟବହାର କରୁଥିବ ପଦଚାଳନା । ହସ୍ତଚାଳନା ଏବଂ ହସ୍ତମୁଦ୍ରା ମାନଙ୍କୁ ମନେରଖିଛ କି ? ବର୍ତ୍ତମାନ ତୁମେ ଅନୁଭବ କରୁଥିବା ଭାବ ଗୁଡିକୁ ପରିବେଷଣ କରିବା ପାଇଁ ଏସବୁକୁ ମିଶାଇ ପ୍ରୟୋଗ କର ।



ହସ



ଭୟ

https://withteachers.in/

## ଘଟଣା ବା ପରିସ୍ଥିତି

ଏଠାରେ ଦର୍ଶାଯାଇଥିବା ଘଟଣା ବା ପରିସ୍ଥିତି ଗୁଡିକରେ ତୁମେ କିଭଳି ଅଭିବ୍ୟକ୍ତି ପ୍ରକାଶ କରିବ ତାହା ପାର୍ଶ୍ୱରେ ଦିଆଯାଇଥିବା ଶୂନ୍ୟସ୍ଥାନରେ ଭାବ ପ୍ରକାଶ କରୁଥିବା ଇମୋଜୀ ସହାୟତାରେ ପୂରଣ କର ।




| ଘଟଣା / ପରିସ୍ଥିତି | | ଭାବ |
|---|---|---|
| ଯେତେବେଳେ ତୁମର ବାପା ମା ତୁମକୁ ଏକ ସୁନ୍ଦର ଉପହାର ଦିଅନ୍ତି । |  | |
| ଯେତେବେଳେ କେହି ଜଣେ ପଶୁକୁ ମାରୁଥିବାର ତୁମେ ଦେଖ । |  | |
| ଯେତେବେଳେ ତୁମେ ଆକାଶରେ ଇନ୍ଦ୍ରଧନୁକୁ ଦେଖ । |  | |
| ଯେତେବେଳେ ଦୁଇଟି ଗୁଣ୍ଡୁଚି ମୂଷା ପରସ୍ପର ମଧ୍ୟରେ ଦୌଡାଦୌଡି ହେଉଥିବାର ଦେଖ । |  | |
| ତୁମେ ଯେତେବେଳେ ଶାରୀରିକ ଦୁର୍ବଳତା ଅନୁଭବ କର ଏବଂ ତୁମ ସାଙ୍ଗ ମାନଙ୍କ ସହ ଖେଳିବାକୁ ଯାଇପାରେ ନାହିଁ । |  | |
| ଯେତେବେଳେ ତୁମେ ଆକାଶରେ ବିଜୁଳି ଓ ଘଡଘଡ଼ି ସହିତ ଝଡ ତୋଫାନ ଦେଖ । |  | |



https://withteachers.in/

## କ୍ରିୟାକଳାପ - ୧୭.୨ ପଶୁମାନଙ୍କର ଭାବ





ପିଲାମାନେ ପଞ୍ଚତନ୍ତ୍ର କାହାଣୀରେ ପଶୁମାନେ ଅନୁଭବ କରିଥିବା ଭାବ ଗୁଡିକ ବିଷୟରେ ଆଲୋଚନା କର । ଯେକୌଣସି ଗୋଟିଏ ପଶୁର ମନର ଭାବନାକୁ ପ୍ରଦର୍ଶନ କରିବା ପାଇଁ ତୁମେ ତୁମର ଭାବ ପ୍ରକାଶ ଓ ହସ୍ତ ମୁଦ୍ରାଗୁଡ଼ିକୁ ବ୍ୟବହାର କରିପାରିବ। ଏହାପରେ ତୁମ ଆଗରେ ବସିଥିବା ତୁମ ସାଙ୍ଗମାନଙ୍କୁ ତୁମେ ପରିବେଷଣ କରିଥିବା ଭାବକୁ ଅନୁମାନ କରି କହିବାକୁ କୁହ ।





https://withteachers.in/

| ମାନ ନିର୍ଦ୍ଧାରଣ - ଅଧ୍ୟାୟ ୧୭ - ନୃତ୍ୟରେ ଭାବ ଏବଂ ଅଭିବ୍ୟକ୍ତି | | |
|---|---|---|
| ଦକ୍ଷତା : ପାଠ୍ୟକ୍ରମ ଲକ୍ଷ୍ୟ ୨ - ଦକ୍ଷତା- ୨.୧, ଦକ୍ଷତା- ୨.୨; ପାଠ୍ୟକ୍ରମ ଲକ୍ଷ୍ୟ ୪- ଦକ୍ଷତା- ୪.୨ | | |
| ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ଭିନ୍ନ ଭାବ ଓ ସହାନୁଭୂତି ସମ୍ବନ୍ଧରେ ଜ୍ଞାନ ଅର୍ଜନ କର | | |
| ବିଭିନ୍ନ ଭାବ ସହିତ ପଶୁ ଓ ପ୍ରକୃତି ମାନଙ୍କ ସଂପର୍କ ବୁଝିବାକୁ ଚେଷ୍ଟାକର । | | |
| ଆତ୍ମବିଶ୍ୱାସର ସହିତ ବିଭିନ୍ନ ଭାବକୁ ପ୍ରଦର୍ଶନ କର | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ______________________

______________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ______________________

______________________



https://withteachers.in/

## ଅଧ୍ୟାୟ - ୧୮

# ଆମ ଦେଶର ନୃତ୍ୟ ପରମ୍ପରା

ଆମ ଦେଶର ପ୍ରତ୍ୟେକ ଅଞ୍ଚଳର ଏକ ସ୍ୱତନ୍ତ୍ର ପରମ୍ପରା ଓ ସଂସ୍କୃତି ରହିଛି । ସେହି ଅଞ୍ଚଳର ପରମ୍ପରା ଓ ସଂସ୍କୃତି ଭଳି ସ୍ୱତନ୍ତ୍ର ସଂଗୀତ ଓ ନୃତ୍ୟ ପରମ୍ପରା ମାନ ମଧ୍ୟ ରହିଛି ।






ରାଜସ୍ଥାନର ଚିର୍ମି ନୃତ୍ୟ



ସିକ୍କିମ୍‌ର ଛାମ ନୃତ୍ୟ



ଆନ୍ଧ୍ର ପ୍ରଦେଶର କୋମ୍ମୁ କୋୟା

## ତୁମେ ଜାଣିଛ କି ?

କଳାର ରାଜ୍ୟ ଆମ ଓଡ଼ିଶାରେ ମଧ୍ୟ ଭିନ୍ନ ଭିନ୍ନ ସମୃଦ୍ଧ ନୃତ୍ୟ ଓ ସଂଗୀତ ପରମ୍ପରା ରହିଛି । ଯାହା ଆମମାନଙ୍କୁ ମନୋରଞ୍ଜନ ଦେବା ସହିତ ଶିକ୍ଷା ପ୍ରଦାନ କରୁଚି । ଯଥା :- ସମ୍ବଲପୁର ଜିଲ୍ଲାର ସମ୍ବଲପୁରୀ, ମୟୁରଭଞ୍ଜ ଜିଲ୍ଲାର ଛଉନୃତ୍ୟ, ପୁରୀର ଗୋଟିପୁଅ ଓ ଗଞ୍ଜାମର ବାଘନାଚ ଇତ୍ୟାଦି ।



ପଞ୍ଜାବର ସାମ୍ମି



ସମ୍ବଲପୁରୀ ନୃତ୍ୟ



ଛଉ ନୃତ୍ୟ



ଗୋଟିପୁଅ



ବାଘନାଚ

https://withteachers.in/

## କ୍ରିୟାକଳାପ ୧୮.୧ ଆମ ନୃତ୍ୟ ଓ ଆମ ପ୍ରକୃତି

ଆମଦେଶ ତଥା ରାଜ୍ୟର ବିଭିନ୍ନ ଆଞ୍ଚଳିକ ନୃତ୍ୟ ଗୁଡିକ ଆମ ପ୍ରକୃତି ସହିତ ଜଡ଼ିତ । ଉଦାହରଣ ସ୍ୱରୂପ ତୁମେ ସଂଗୀତ ଶିକ୍ଷା ଗ୍ରହଣ କଲାବେଳେ "ଚତୁର୍ଥ ଶ୍ରେଣୀ ସଙ୍ଗୀତ ବହିରେ ଥିବା ପରିବେଶ ଭିତ୍ତିକ ଗୀତଟି ଏଠାରେ ସଂଯୋକ୍ତ କରିବେ" ଗୀତଟି ଅଭ୍ୟାସ କରିଥିଲ । ସେହି ଗୀତରେ ବିଭିନ୍ନ ବୃକ୍ଷଲତା, ପଶୁପକ୍ଷୀ ଏବଂ ପ୍ରକୃତିର ସୁନ୍ଦର ବର୍ଣ୍ଣନା ରହିଛି କିମ୍ବା ତୁମେ ପ୍ରକୃତିର ବର୍ଣ୍ଣନା ଥିବା ଅନ୍ୟ କୌଣସି ଗୀତକୁ ମଧ୍ୟ ଚୟନ କରିପାର । ଯେମିତିକି "ଫୁଲେ ଫୁଲେ ଢ଼ୋଲେ ଢ଼ୋଲେ" ଭଳି ରବୀନ୍ଦ୍ର ସଂଗୀତରେ ବିଭିନ୍ନ ଫୁଲ ନଦୀ ଏବଂ ପକ୍ଷୀର ବର୍ଣ୍ଣନା ଦେଖିବାକୁ ମିଳେ ।

ବିଭିନ୍ନ ଲାଳିତ ଓ ତୀବ୍ର ଅଙ୍ଗଚାଳନା ସହିତ ହସ୍ତମୁଦ୍ରା ଏବଂ ଭାବର ଅଭିବ୍ୟକ୍ତି ଉପଯୋଗ କରି ଗୀତର ତାଳେତାଳେ ନୃତ୍ୟ ପରିବେଷଣ କର ।






**ଶିକ୍ଷକଙ୍କ ପାଇଁ ଟିପ୍ପଣୀ:**

ସଂଗୀତ ଶ୍ରେଣୀରୁ ପ୍ରକୃତି ସହିତ ସଂପର୍କ ଥିବା ଏକ ଗୀତ ଚୟନ କରି ପିଲାମାନଙ୍କୁ ପ୍ରଦାନ କର । ପ୍ରକୃତି ସମ୍ବନ୍ଧିତ ଗୀତ ଚୟନ କରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କର ।



https://withteachers.in/

## କ୍ରିୟାକଳାପ -୧୮.୨ ଆମର ଆଞ୍ଚଳିକ ନୃତ୍ୟ ପରମ୍ପରା

ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ପାଇଁ ସମଗ୍ର ଭାରତ ବର୍ଷରେ ଏପରିକି ବିଶ୍ୱରେ ମଧ୍ୟ ସୁନାମ ଅର୍ଜନ କରିଚି । ଆମ ରାଜ୍ୟରେ ଭିନ୍ନ ଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାରର ଆଞ୍ଚଳିକ ନୃତ୍ୟଶୈଳୀ ପାରମ୍ପରିକ ତଥା ଲୋକ ସଂଗୀତ ଏବଂ ଲୋକ ନାଟକ ତଥା ପାରମ୍ପରିକ ଲୋକନାଟକ ଦେଖାଯାଏ । ତୁମେ ତୁମ ଅଞ୍ଚଳରେ ପରିବେଷଣ କରାଯାଉଥିବା ତୁମର ମୌଳିକ ଲୋକନାଟକ ଲୋକ ସଂଗୀତ ଏବଂ ଲୋକନୃତ୍ୟ ଗୁଡିକ ବିଷୟରେ ଜାଣିବାକୁ ଚେଷ୍ଟାକର । ସେହି ଲୋକନୃତ୍ୟ ଗୁଡିକରେ କିଭଳି ସଂଗୀତ ବ୍ୟବହାର କରାଯାଏ ତାହା କୁହ । ତୁମ ଅଞ୍ଚଳର ଲୋକନୃତ୍ୟ ଗୁଡିକର ଚିତ୍ର ଓ ପ୍ରତିଛବିଗୁଡ଼ିକ ବ୍ୟବହାର ତୁମେ ଦେଖିଛ କି ?

ବର୍ତ୍ତମାନ ତୁମେ ତୁମ ଅଞ୍ଚଳର ଏକ ଲୋକ ନୃତ୍ୟକୁ ବାଛିବ ଓ ତାହାକୁ ଅଭ୍ୟାସ କରିବା ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :**

ପିଲାମାନଙ୍କୁ ନେଇ ଆପଣଙ୍କ ଅଞ୍ଚଳର ଏକ ପାରମ୍ପରିକ ନୃତ୍ୟ ପରିବେଷଣ କରନ୍ତୁ । ଯଦ୍ୱାରା ସେମାନେ ସେହି ନୃତ୍ୟ ଶୈଳୀର ବିଭିନ୍ନ ଉପାଦାନ ମାନଙ୍କୁ ଜାଣିପାରିବେ ଓ ବୁଝିପାରିବେ । ଏହି ନୃତ୍ୟ ବିଷୟରେ ଆପଣ ଶ୍ରେଣୀରେ ପିଲାମାନଙ୍କ ସହିତ ଆଲୋଚନା କରନ୍ତୁ । ପିଲାମାନଙ୍କୁ ଏ ସମ୍ବନ୍ଧରେ ସେମାନଙ୍କ ମତାମତ ପ୍ରଦାନ କରିବାକୁ କୁହନ୍ତୁ । ତତ୍‌ସହିତ ସେମାନଙ୍କର ମନୋଭାବ ଜାଣିବାକୁ ଚେଷ୍ଟାକରନ୍ତୁ ।



https://withteachers.in/

| ମାନ ନିର୍ଦ୍ଧାରଣ - ଅଧ୍ୟାୟ ୧୮- ଆମ ଦେଶର ନୃତ୍ୟ ପରମ୍ପରା | | |
|---|---|---|
| ଦକ୍ଷତା : ପାଠ୍ୟକ୍ରମ ଲକ୍ଷ୍ୟ ୪ - ଦକ୍ଷତା- ୪.୧, ଦକ୍ଷତା- ୪.୨ | | |
| ଶିକ୍ଷଣ ଫଳାଫଳ | ଶିକ୍ଷକ/ଶିକ୍ଷୟିତ୍ରୀ | ଶିକ୍ଷାର୍ଥୀ |
| ଉଦାହରଣ ସହିତ ଭାରତର ନୃତ୍ୟ ଶୈଳୀ ବିଷୟରେ ଜାଣିବେ। | | |
| ନୃତ୍ୟ ବିଷୟରେ ସକ୍ରିୟ ଭାବରେ ଆଲୋଚନା କରିବେ । | | |
| ନୃତ୍ୟ ଶିଖିବାକୁ ଏବଂ ପରିବେଷଣ କରିବାକୁ ଆଗ୍ରହୀ ହେବେ । | | |

ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ : ________________

________________

ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ମତାମତ : ________________

________________

ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ : ________________

________________



https://withteachers.in/

## ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ବ୍ୟକ୍ତିଗତ | ଦଳଗତ |
|---|---|---|
| ୧ | ପାଦର ବିଭିନ୍ନ ଅଂଶ ବ୍ୟବହାର କରି ଗୋଟିଏ ସଂପୂର୍ଣ୍ଣ ପାଦଚାଳନା ଦେଖାଅ । | ଦଳଗତ ଭାବରେ ପଶୁମାନଙ୍କର ଚଳନ ସମ୍ବନ୍ଧୀୟ ଦୃଶ୍ୟ ସଂରଚନା କର । |
| ୨ | ତୁମ ମନ ପସନ୍ଦର ଗୋଟିଏ ଭାବକୁ ଚୟନ କର । ଏହାକୁ କୌଣସି ଏକ ପଶୁ କିମ୍ବା ପ୍ରକୃତି ସହିତ ଯୋଡ଼ି ହସ୍ତମୁଦ୍ରାକୁ ବ୍ୟବହାର କରି ପରିବେଷଣ କର । | ଦଳଗତ ନୃତ୍ୟ ସଂଯୋଜନା ଓ ପାଦଚାଳନା |

https://withteachers.in/

https://withteachers.in/

# ଟିପ୍ପଣୀ

https://withteachers.in/

# ଟିପ୍ପଣୀ



https://withteachers.in/

# ଟିପ୍ପଣୀ

https://withteachers.in/